
# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 3/2024 Page 16 ₹ 7.00 | BALASORE

୫୦ଶ ଭାଗ ୨୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 250 ମୂଲ୍ୟ₹୭/-





KP GROUP Quality Since 1965
KAMLA PASAND®
Anokha Swad
KP GROUP Quality Since 1965
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : f YouTube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩/୨୦୨୪ | Bhubaneswar, Saturday, August 3/2024 | ପୃଷ୍ଠା-୧



## ଦୁନିଥ ୱେଲ୍ଲାଲାଗେ ପ୍ଲେୟର ଅଫ୍ ଦି ମ୍ୟାଚ

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଶ୍ରୀଲଙ୍କାର ଦୁନିଥ ୱେଲାଲାଗେ।

୧୪

୦୨

## ଚକ୍ରାନ୍ତ ଯୋଜନା କରୁଛି ଇଡି: ରାହୁଲ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଇଡି ଚକ୍ରାନ୍ତ ଯୋଜନା ଚଳାଇଥିବା ସେ କହିଛନ୍ତି।



# ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଅ

### ଏନ୍‌ଇଇଟି-ୟୁଜି ଅନିୟମିତତା ମାମଲା

**ନୂଆଦିଲ୍ଲୀ,୨।୮**

ଏନ୍‌ଇଇଟି-ୟୁଜି ଅନିୟମିତତା ମାମଲାରେ ବିବାଦ ଘେରରେ ରହିଥିବା ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ ପରୀକ୍ଷା ବ୍ୟବସ୍ଥାରେ ରହିଥିବା ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶ୍ନପତ୍ର ଲିକ୍ ଏବଂ ଅସାଧୁ ଉପାୟ ରୋକିବା ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଇବା ସହ ପ୍ରଯୁକ୍ତିର ଉପଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତ ବର୍ଷ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଗତ ମେ' ୫ରେ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସହ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ଭବିଷ୍ୟତରେ ପରୀକ୍ଷା ପରିଚାଳନାରେ ଏଭଳି ତ୍ରୁଟିବିଚ୍ୟୁତିକୁ ଦୂର କରିବାକୁ ସର୍ବୋଚ୍ଚ ଅଦାଲତ ଏନ୍‌ଟିଏକୁ କହିବା ସହ ପରୀକ୍ଷାରେ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ନିମନ୍ତେ ୭ଟି ପଦକ୍ଷେପ ନେବାକୁ



ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସ୍ଥାଗତ ଭାବେ ପ୍ରଶ୍ନପତ୍ର ଲିକ୍ ହୋଇଥିବାର ପ୍ରମାଣ ନ ଥିବାରୁ ସାନି ଏନ୍‌ଇଇଟି-ୟୁଜି ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଏହାର ପରିବହନ, ଗଚ୍ଛିତ ରଖିବା ସ୍ଥାନ ଆଦିରେ ଯାଞ୍ଚ ବ୍ୟବସ୍ଥାକୁ ଜୋର୍‌ଦାର କରିବା, ବିଭିନ୍ନ ସ୍ତରରେ ଛାତ୍ରୀଛାତ୍ରଙ୍କ ପରିଚୟ ଯାଞ୍ଚ ବ୍ୟବସ୍ଥା ବଢ଼ାଇବା, ପରୀକ୍ଷାର୍ଥୀଙ୍କ ସ୍ଥାନରେ ଅନ୍ୟ ବ୍ୟକ୍ତି ପରୀକ୍ଷା ଦେଉଥିବାରୁ ଏହାକୁ ରୋକିବା ପାଇଁ ପ୍ରଯୁକ୍ତିର ଉପଯୋଗ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏନ୍‌ଇଇଟି-ୟୁଜି ପେପର ଲିକ୍ ଓ ଅନ୍ୟାନ୍ୟ ଅନିୟମିତତାର ଅନୁଧ୍ୟାନ ପାଇଁ କେନ୍ଦ୍ର ସରକାର ଇସ୍ରୋର ପୂର୍ବତନ ମୁଖ୍ୟ କେ. ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ଗଠନ କରିଥିବା ବିଶେଷଜ୍ଞ କମିଟି ରିପୋର୍ଟ ଦାଖଲ କରିବା ସମୟସୀମାକୁ ଖଣ୍ଡପୀଠ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସମଗ୍ର ପରୀକ୍ଷା ପ୍ରକ୍ରିୟାର ଅନୁଧ୍ୟାନ କରି ଏହାକୁ ଅଧିକ ପ୍ରଭାବୀ କରିବା ନିମନ୍ତେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ, ସେଥିପାଇଁ ପ୍ରସ୍ତାବ ଦେବାକୁ କମିଟିକୁ କୁହାଯାଇଥିଲା। ପରୀକ୍ଷା ପ୍ରକ୍ରିୟାକୁ ସୁଦୃଢ଼ କରାଇବା ପାଇଁ ୭ଟି ପଦକ୍ଷେପ ଉପରେ କମିଟି ବିଚାର କରିବାକୁ କୁହାଯାଇଥିଲା। ସେଗୁଡ଼ିକ ହେଲା ମୂଲ୍ୟାୟନ କମିଟି, ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ପିଓ), ପରୀକ୍ଷା କେନ୍ଦ୍ର ମଞ୍ଜୁରୀ ପ୍ରକ୍ରିୟାର ସମୀକ୍ଷା, ପରୀକ୍ଷା କେନ୍ଦ୍ରଗୁଡ଼ିକୁ ସିସିଟିଭି ପର୍ଯ୍ୟବେକ୍ଷଣରେ ରଖିବା, ପ୍ରଶ୍ନପତ୍ର ଲିକ୍ ନ ହେବା ପାଇଁ ସୁରକ୍ଷିତ ଲଜିଷ୍ଟିକ୍ ବ୍ୟବସ୍ଥା ସୁନିଶ୍ଚିତ କରିବା ଏବଂ ଅଭିଯୋଗ ସମାଧାନର ସୁଦୃଢ଼ ବ୍ୟବସ୍ଥା। ପ୍ରଶ୍ନପତ୍ର ପରିବହନରେ ଖୋଲା ଇ-ରିକ୍ସା ବଦଳରେ ରିଅଲ ଟାଇମ୍ ଲକ୍ ବ୍ୟବସ୍ଥା ଥିବା ନିବୁଜ ଗାଡ଼ି ବ୍ୟବହାର୍ଯ୍ୟତା ଉପରେ ବିଚାର କରିବାକୁ ସିଜେଆଇ ବିଶେଷଜ୍ଞ କମିଟିକୁ କହିଛନ୍ତି। ☞ପୃଷ୍ଠା-୬

### ସୁପ୍ରିମକୋର୍ଟଙ୍କ ପରାମର୍ଶ

- ପ୍ରଶ୍ନପତ୍ର ପରିବହନକୁ ସୁରକ୍ଷିତ କର
- ଗଚ୍ଛିତ ରଖିବା ସ୍ଥାନର ଯାଞ୍ଚ
- ପରୀକ୍ଷା କେନ୍ଦ୍ର ଆବଣ୍ଟନ ପ୍ରକ୍ରିୟାର ସମୀକ୍ଷା
- ପରିଚୟ ଯାଞ୍ଚକୁ ବଢ଼ାଅ
- ଅଭିଯୋଗ ସମାଧାନ ବ୍ୟବସ୍ଥାର ସୁଦୃଢ଼ୀକରଣ କର

**ଆଜିର ସମ୍ପାଦକୀୟ** ଗୌବାଙ୍କ ରେକର୍ଡ

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ୮୫ ପ୍ଲଟ୍ | ପୃଷ୍ଠା-୩

### ଅଲିମ୍ପିକ୍ସରେ ୫୨ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା ଭାରତ



ପ୍ୟାରିସ୍ ଅଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ପୁରୁଷ ହକି ମ୍ୟାଚରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଦଳ। **(ରିପୋର୍ଟ : ଖେଳ ପୃଷ୍ଠା)**

# ଶ୍ରେଣୀଗୃହରୁ ଭିଡ଼ିଆଣି ୨ ଛାତ୍ରଙ୍କୁ ମାଡ଼

### ସ୍କୁଲରେ ଛୁଆଁ ଅଛୁଆଁ ଭେଦଭାବକୁ ନେଇ ଅଶାନ୍ତି

**ନୟାଗଡ଼,୨।୮(ଲୋକନାଥ ମିଶ୍ର)**

ଛୁଆଁ ଅଛୁଁଆ ଭେଦଭାବକୁ ନେଇ ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଛିପଡ଼ାସ୍ଥିତ ଗୋଟିଏ କ୍ୟାମ୍ପସରେ ଥିବା ଚନ୍ଦ୍ରଶେଖର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସର କିଛିଦିନ ହେଲା ଅଶାନ୍ତ ହୋଇପଡ଼ିଛି। କେତେଜଣ ସବର୍ଣ୍ଣ ଏବଂ ଅସବର୍ଣ୍ଣ ଛାତ୍ର ଓ ଅଣଛାତ୍ର ମୁହାଁମୁହିଁ ହୋଇଆସିଛନ୍ତି। ଜୁଲାଇ ୨୪ ତାରିଖରେ ସବର୍ଣ୍ଣ ଛାତ୍ରଙ୍କ ମାଡ଼ରେ ୨ ସ୍କୁଲର ୧୦ଜଣ ଅସବର୍ଣ୍ଣ ଛାତ୍ର ଆହତ ହୋଇଥିଲେ। ଏହି ବିବାଦର ସମାଧାନ ହୋଇଥିଲେ ହେଁ ଅସନ୍ତୋଷ କୁହୁଳୁଥିଲା। ଶୁକ୍ରବାର ପୂର୍ବାହ୍ନରେ କେତେଜଣ ଅସବର୍ଣ୍ଣ ଛାତ୍ର ଓ ଅଣଛାତ୍ର ମିଶି ୨ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ଶ୍ରେଣୀଗୃହରୁ ଭିଡ଼ି ଆଣି ଗୋଡ଼େଇ ପିଟିଛନ୍ତି। ଏଥିରେ ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ବାଡତିଆ ଓ ଅନୀଲ ସାହୁ ଗୁରୁତର ଆହତ ହୋଇଛନ୍ତି। ଏନେଇ ନୟାଗଡ଼ ସଦର ଥାନାରେ ଅଭିଯୋଗ ହୋଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକଙ୍କ ସମ୍ମୁଖରେ ମାରପିଟ ହୋଇଥିଲା। ମାରପିଟ ଅଟକାଇବାକୁ ଯାଇ ଶିକ୍ଷକ ମଧ୍ୟ ମାଡ଼ ଖାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଆହତ ୨ ଛାତ୍ରଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ☞ପୃଷ୍ଠା-୬






# ରାଜ୍ୟରେ ପାନୀୟ ଜଳ ମାନ ନିର୍ଦ୍ଧାରଣ ବ୍ୟବସ୍ଥା ଦିଗହରା

ଜଗତ୍‌ସିଂହପୁର, ୨।୮
(ପ୍ରମୋଦ କୁମାର ନାୟକ)

■ କର୍ମଚାରୀ ଅଭାବ, ଆଉଟ୍‌ସୋର୍ସିଂ ଉପରେ ଭରସା
■ ସଂକ୍ରମିତ ପାଣି ପିଇ ପ୍ରତିବର୍ଷ ମୃତ୍ୟୁମୁଖରେ ପଡୁଛନ୍ତି ଲୋକେ

ଜଳ ହିଁ ଜୀବନ। ତେବେ ଅଧିକାଂଶ ରୋଗର କାରଣ ହେଉଛି ପାଣି। ତେଣୁ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। କେନ୍ଦ୍ର ସରକାର ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ଜଳ ଜୀବନ ମିଶନ ମାଧ୍ୟମରେ ପ୍ରତିବର୍ଷ ଅନେକ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଆସୁଛନ୍ତି। ଉନ୍ନତମାନର ପରୀକ୍ଷାଗାର ସହ ଏଥିରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏକକ ପାନୀୟ ଜଳ ନିୟମାବଳୀ ଅନୁଯାୟୀ, ପ୍ରତି ପରୀକ୍ଷାଗାରରେ ୮ ଜଣ କର୍ମଚାରୀ ନିଯୁକ୍ତି ପାଇଁ ପରାମର୍ଶ ଦେଉଛନ୍ତି। ଯେଉଁଥିରେ ଜଣେ ରସାୟନବିତ୍, ଜଣେ ଜୀବାଣୁ ତତ୍ତ୍ୱବିତ୍, ୨ ଜଣ ପରୀକ୍ଷାଗାର ସହାୟକ, ଜଣେ ପରୀକ୍ଷାଗାର ପରିଚାଳକ, ଜଣେ ଡାଟା ଏଣ୍ଟ୍ରି ଅପରେଟର ଓ ୨ ଜଣ କ୍ଷେତ୍ର ସହାୟକ ରହିବା କୁହାଯାଇଛି। ବାସ୍ତବରେ କିନ୍ତୁ ଏଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି।

ସମ୍ପ୍ରତି ଜିଲାସ୍ତରୀୟ ପାନୀୟ ଜଳ ମାନ ନିର୍ଦ୍ଧାରଣ ପାଇଁ ପ୍ରତିଷ୍ଠା କରାଯାଇଥିବା ପରୀକ୍ଷାଗାରଗୁଡ଼ିକରେ ମାତ୍ର ଜଣେ ଲେଖାଏ ସ୍ଥାୟୀ କର୍ମଚାରୀ ଅର୍ଥାତ୍ କନିଷ୍ଠ ପରୀକ୍ଷାଗାର ସହାୟକ ନିଯୁକ୍ତି ପାଇଛନ୍ତି। କିନ୍ତୁ କଳାହାଣ୍ଡି, ଜଗତ୍‌ସିଂହପୁର ଓ ବାଲେଶ୍ୱର ଜିଲାରେ ଏହି ପଦବୀ ଖାଲି ପଡ଼ିଥିବାବେଳେ ନବରଙ୍ଗପୁର, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲାରେ ନିଯୁକ୍ତ କନିଷ୍ଠ ପରୀକ୍ଷାଗାର ସହାୟକଙ୍କୁ ଷ୍ଟେଟ ଲାବରେଟୋରିକୁ ନିଆଯାଇଛି। କନିଷ୍ଠ ପରୀକ୍ଷାଗାର ସହାୟକଙ୍କ ବାଦ୍ ଅନ୍ୟ ୨ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ସେହିପରି ଉପଜିଲାସ୍ତର ପରୀକ୍ଷାଗାରରେ ମଧ୍ୟ ୩ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ଏହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଅର୍ଥାତ୍ ସରକାରୀ ପାନୀୟ ଜଳ ଯୋଗାଣ ପଏଣ୍ଟଗୁଡ଼ିକରେ ପ୍ରତିବର୍ଷ ଥରେ ରାସାୟନିକ ପରୀକ୍ଷା ଓ ୨ ଥର ଜୀବାଣୁ ପରୀକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନାହିଁ। କିନ୍ତୁ ସରକାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନ ନେବା ଚିନ୍ତାର କାରଣ ହୋଇଛି।

ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳରେ ଥିବା ପାନୀୟ ଜଳ ଉତ୍ସଗୁଡ଼ିକ ନିରାପଦ କି ସଂକ୍ରମିତ ତାହା ଜାଣି ପ୍ରତିକାର ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ପ୍ରତି ଜିଲାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା (ଆର୍‌ଡବ୍ଲ୍ୟୁଏସ୍ଏସ୍) କାର୍ଯ୍ୟାଳୟ କାମ କରୁଛି। ରାଜ୍ୟର ୩୦ ଜିଲା ଓ ୪୬ ସବ୍‌ଡିଭିଜନ ମୁଖ୍ୟାଳୟରେ ପାନୀୟ ଜଳର ମାନ ନିର୍ଦ୍ଧାରଣ ପାଇଁ ପରୀକ୍ଷାଗାର ଖୋଲାଯାଇଛି। ହେଲେ ପରୀକ୍ଷାଗାରଗୁଡ଼ିକରେ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନାହାନ୍ତି, ଯେଉଁ କାରଣରୁ ସରକାରୀ ପାନୀୟ ଜଳ ଯୋଗାଣ ପଏଣ୍ଟଗୁଡ଼ିକରେ ପର୍ଯ୍ୟାୟକ୍ରମେ ଜଳର ଗୁଣବତ୍ତା ନିରୀକ୍ଷଣ ଓ ପର୍ଯ୍ୟାଲୋଚନା ହୋଇପାରୁନାହିଁ। ଏଭଳିସ୍ଥଳେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଫ୍ଲୋରାଇଡ୍, କ୍ଲୋରାଇଡ୍, ଲୌହ, ଭାରି ଧାତୁ ଓ ଜୀବାଣୁଯୁକ୍ତ ପ୍ରଦୂଷିତ ପାଣି ପିଇ ପ୍ରତିବର୍ଷ ବହୁ ଲୋକ ହଇଜା, କାମଳ, ଫ୍ଲୋରେସିସ୍ ଓ ଟାଇଫଏଡ୍ ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିସହ ଅନେକେ ମୃତ୍ୟୁମୁଖରେ ପଡୁଥିବା ମଧ୍ୟ ନଜିର ଅଛି। ୨୦୧୫ରେ କେନ୍ଦ୍ର ସରକାରଙ୍କ ଏଜି ପକ୍ଷରୁ ପରୀକ୍ଷାଗାରଗୁଡ଼ିକୁ ପୂର୍ଣ୍ଣ ଆଧୁନିକୀକରଣ ସହ ଆବଶ୍ୟକ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାର ଗୁରୁତ୍ୱ ଉପଲବ୍ଧି କରି ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସଚିବସ୍ତରୀୟ ବୈଠକ ଡାକି କାର୍ଯ୍ୟରତ କନିଷ୍ଠ ପରୀକ୍ଷାଗାର ସହାୟକମାନଙ୍କ ପଦବୀର ନାମ ଜଳ ବିଶ୍ଳେଷକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ପାଇଁ କ୍ୟାଡର ରୁଲ୍ସ ଲାଗୁ ନେଇ ତ୍ୱରିତ ପ୍ରସ୍ତାବ ଦେବାକୁ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥାର ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ମଧ୍ୟ କ୍ୟାଡର ରୁଲ୍ସ ସହ ଆବଶ୍ୟକ ପଦବୀ ସୃଷ୍ଟି କରି ରାଜ୍ୟର ଲାବରେଟୋରି ସଞ୍ଚାଳନ ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାପରେ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା ତ୍ୱରିତ ପ୍ରସ୍ତାବ ପଠାଇଥିଲା। ଅନୁରୂପ ଭାବେ ୨୦୨୦ ଓ ୨୦୨୩ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ପରୀକ୍ଷାଗାର ପରିଚାଳନା ପାଇଁ କ୍ୟାଡର ରୁଲ୍ସ କାର୍ଯ୍ୟକାରୀ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଆଉଟ୍‌ସୋର୍ସିଂ କର୍ମଚାରୀମାନେ ମଧ୍ୟ ଦୀର୍ଘବର୍ଷ କାମ କରି ସ୍ଥାୟୀ ନିଯୁକ୍ତି ନ ପାଇ ଦୁଃଖରେ ଅଛନ୍ତି।

ଏ ପ୍ରସଙ୍ଗରେ ଓଡ଼ିଶା ରାଜ୍ୟ ଜଳ ବିଶ୍ଳେଷକ ସଂଘ ପକ୍ଷରୁ ସମ୍ପାଦକ ଅମରେନ୍ଦ୍ର ସେନାପତି କହିଛନ୍ତି, ଅତୀତରେ ଏ ବିଷୟରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ମାତ୍ର କୌଣସି ପ୍ରତିକାର ହୋଇପାରିନାହିଁ। ଏବେ ନୂଆ ସରକାର ଆସିଥିବାରୁ ସେମାନଙ୍କ ଦାବି ପୂରଣ ହୋଇପାରିବ ବୋଲି ଆଶା। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜୟନାରାୟଣ ସିଂଙ୍କୁ ତାଙ୍କ ମୋବାଇଲ ଫୋନ୍‌ରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇ ନ ଥିଲା।

## ଦୁର୍ଘଟଣାରେ ବାଇକ୍ ସହ ଜଳିଗଲେ ଚାଳକ



### ଆଇସିୟୁରେ ଗୁରୁତର ଆରୋହୀ

ଗୋପାଳପୁର, ୨।୮
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧୀନ କନିଷି ଗ୍ରାମ ନିକଟ ୧୬ ନଂ. ଜାତୀୟ ରାଜପଥରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଏକ ବାଇକ୍ ସହ ଚାଳକ ଜଳିଯାଇଥିବା ବେଳେ ଅନ୍ୟ ଜଣେ ଆରୋହୀ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ କେ. ନୂଆଗାଁ ଥାନା ଅଧୀନ ବୃନ୍ଦାବନଚନ୍ଦ୍ରପୁର ଗ୍ରାମର ଅଜିତ କୁମାର ସାହୁ। ଗୁରୁତର ଆରୋହୀ ସେହି ଗ୍ରାମର ରତ୍ନାକର ପାଣିଗ୍ରାହୀ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଗୁରୁବାର ରାତିରେ ଅଜିତ ଓ ରତ୍ନାକର ମିଶି ଗୋଟିଏ ବାଇକ୍‌ରେ ବ୍ରହ୍ମପୁର ବଡ଼ ମେଡିକାଲ ଅଭିମୁଖେ ବାହାରିଥିଲେ। ଜାତୀୟ ରାଜପଥର କନିସି ଗ୍ରାମ ନିକଟରେ କୌଣସି ଏକ ଗାଡି ସହ ଅଜିତ୍‌ଙ୍କ ବାଇକ ଧକ୍କା ହୋଇଥିଲା। ଧକ୍କା ଏତେ ଜୋର ହୋଇଥିଲା ଯେ, ବାଇକରେ ନିଆଁ ଲାଗି ଯାଇଥିଲା। ବାଇକ୍ ସହ ଚାଳକ ଅଜିତ ମଧ୍ୟ ଜଳି ଜଳୁଥିବା ବେଳେ ପଛରେ ବସିଥିବା ରତ୍ନାକର ରାସ୍ତା ମଝିରେ କଚାଡ଼ି ହୋଇ ପଡି ଗୁରୁତର ହୋଇଥିଲେ। ଖବରପାଇ ଗୋଳନ୍ଥରା ଥାନା ପୋଲିସ ଓ କନିଷି ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମୃତାହତଙ୍କୁ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ଶରୀରର ୭୦ ଭାଗରୁ ଉର୍ଦ୍ଧ୍ୱ ପୋଡି ହୋଇ ଯାଇଥିବାରୁ ଘଟଣାସ୍ଥଳରେ ଅଜିତଙ୍କର ମୃତ୍ୟୁ ଘଟିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ରତ୍ନାକର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ପୋଲିସ ମୃତଦେହକୁ ଜବତ କରି ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୩୦୮/୨୪ ପ୍ରକାରେ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଆ, ପୁଅ ମୃତ



ମୃତକଙ୍କ ପରିବାର ଲୋକଙ୍କୁ ତହସିଲଦାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଜୟପୁର/ବୋରିଗୁମ୍ମା, ୨।୮
(ପବନ ପାଣିଗ୍ରାହୀ/ବିଜୟ ସାହୁ)

ବିଦ୍ୟୁତ୍ ଆଘାତରେ ମା'ପୁଅଙ୍କ ମୃତ୍ୟୁ ଘଟିବା ପରି ଅଭାବନୀୟ ଘଟଣା କୋରାପୁଟ ଜିଲା ଜୟପୁର ବ୍ଲକ୍ ବୋରିଗୁମ୍ମା ଥାନା ଅଞ୍ଚଳରେ ଘଟିଛି। ଏହି ବ୍ଲକ୍ ଅନ୍ତର୍ଗତ ଜୟନ୍ତୀଗିରି ଗ୍ରାମରେ ଦୁର୍ଯ୍ୟୋଧନ ଅମନାତ୍ୟଙ୍କ ପରିବାର ବାସ କରନ୍ତି। ଶୁକ୍ରବାର ସକାଳେ ଦୁର୍ଯ୍ୟୋଧନ ଶୌଚ ହୋଇ ନିଜ ଗାମୁଛାରେ ପୋଛିହୋଇ ଓଦା ଗାମୁଛା ଶୁଖାଇବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସେ ଛଟପଟ ହେଉଥିବା ବେଳେ ତାଙ୍କ ମାଆ ରାମା ଅମନାତ୍ୟ ପୁଅକୁ ବିଦ୍ୟୁତ୍ ଆଘାତରୁ ରକ୍ଷାକରିବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡି ଛଟପଟ ହେଉଥିଲେ। ଏହି ସମୟରେ ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଛାତ ଉପରକୁ ଆସି ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ପାଟି ଶୁଣି ପରେ ପରିବାର ଲୋକେ ପହଞ୍ଚି ଦୁର୍ଯ୍ୟୋଧନ, ତାଙ୍କ ମା' ଓ ସ୍ତ୍ରୀଙ୍କୁ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁର୍ଯ୍ୟୋଧନ ଓ ତାଙ୍କ ମା'ଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ହୃଦୟ ବିଦାରକ ଘଟଣା ନେଇ ଜୟନ୍ତୀଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରେଡ୍‌କ୍ରସ୍ ପକ୍ଷରୁ ଦୁର୍ଯ୍ୟୋଧନଙ୍କ ପରିବାରକୁ ତହସିଲଦାର ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଆଜିଠୁ ବର୍ଷା ପ୍ରଭାବ କମିବ

ଭୁବନେଶ୍ୱର, ୨।୮ (ଅସମାପିକା ସାହୁ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶୁକ୍ରବାର ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଗୁରୁବାର ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଏବଂ ଦକ୍ଷିଣ ବାଂଲାଦେଶ ନିକଟରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ସକାଳ ସାଢ଼େ ୫ଟାରେ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଏବଂ ପାର୍ଶ୍ୱବର୍ତ୍ତୀ ଝାଡ଼ଖଣ୍ଡର ପାଖାପାଖି ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନରୁ ବାୟୁମଣ୍ଡଳରେ ୭.୬ କି.ମି. ଉଚ୍ଚତା ଯାଏ ଲମ୍ବିଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବା ସହ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଶୁକ୍ରବାର ପଶ୍ଚିମ ଓଡ଼ିଶାର କିଛି ଜିଲାରେ ବର୍ଷା ହୋଇଥିବା ଜଣାପଡ଼ିଛି। ଟିଟିଲାଗଡ଼ରେ ସର୍ବାଧିକ ୧୪.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ମାଲକାନଗିରିରେ ୧୦.୮, ରାଉରକେଲାରେ ୭, ନବରଙ୍ଗପୁରରେ ୪, କେନ୍ଦୁଝରଗଡ଼ରେ ୩.୨ମି.ମି. ବର୍ଷା ହୋଇଛି। ଲଘୁଚାପ କ୍ଷେତ୍ର ଓଡ଼ିଶାଠାରୁ ଯଥେଷ୍ଟ ଦୂରରେ ରହିଥିବାରୁ ଏବଂ ଧୀରେ ଧୀରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ଆହୁରି ଦୂରେଇ ଯାଉଥିବାରୁ ଶନିବାରଠାରୁ ବର୍ଷାର ପ୍ରଭାବ କମିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## କନିଷ୍ଠ ଶିକ୍ଷକ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି ସ୍ୱତନ୍ତ୍ର ବିଏଡ୍ ଯୋଗ୍ୟତାଧାରୀ

**ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ**

ଭୁବନେଶ୍ୱର, ୨।୮ (ଅସମାପିକା ସାହୁ)

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ନିଯୁକ୍ତିରେ ସ୍ୱତନ୍ତ୍ର ବିଏଡ୍ କରିଥିବା ପ୍ରାର୍ଥୀ ବଞ୍ଚିତ ହେଉଛନ୍ତି। ୨୦୨୩ ମସିହାରେ ବାହାରିଥିବା କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ମନୋନୀତ ପ୍ରାର୍ଥୀଙ୍କ କାଗଜପତ୍ର ଯାଞ୍ଚ ବେଳେ ସ୍ୱତନ୍ତ୍ର ବିଏଡ୍‌ଧାରୀ ଯୋଗ୍ୟ ନୁହନ୍ତି ବୋଲି କୁହାଯାଉଛି। ରାଜ୍ୟର ବିଭିନ୍ନ ଜିଲାରୁ ଏଭଳି ଅଭିଯୋଗ ଆସିଛି। କନିଷ୍ଠ ଶିକ୍ଷକ ଆଶାୟୀଙ୍କ କହିବାନୁସାରେ, ସ୍ୱତନ୍ତ୍ର ବିଏଡ୍ ପାଠ ପଢ଼ିଥିବା ବହୁତ ବିଦ୍ୟାର୍ଥୀ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ଏଥିରେ ମନୋନୀତ ହୋଇଥିବା ଆଶାୟୀମାନଙ୍କର ପରବର୍ତ୍ତୀ ପର୍ଯ୍ୟାୟରେ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ଦର୍ଶାଯାଇଛି, ତୁମେ ଦୁଇବର୍ଷିଆ ସ୍ୱତନ୍ତ୍ର ଶିକ୍ଷାରେ ବିଏଡ୍ କରିଥିବାରୁ ତୁମକୁ କନିଷ୍ଠ ଶିକ୍ଷକ ନିଯୁକ୍ତିରୁ ବାଦ୍ ଦିଆଯାଉଛି। ଏଭଳି କିଛି ଜିଲାର ଆଶାୟୀଙ୍କୁ କୁହାଯାଇ ଯାଞ୍ଚ ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ଆଗରୁ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ବିଏଡ୍ ତାଲିମକୁ ଗ୍ରହଣ କରାଯାଉ ନ ଥିଲା। ବର୍ତ୍ତମାନ କନିଷ୍ଠ ଶିକ୍ଷକ ନିଯୁକ୍ତିରେ ମଧ୍ୟ ଏହାକୁ ଗ୍ରହଣ କରାଯାଉନାହିଁ। ତେବେ ଲକ୍ଷାଧିକ ଟଙ୍କା ଦେଇ ପାଠ ପଢ଼ି ଆମେ କ'ଣ କରିବୁ ବୋଲି ନିଯୁକ୍ତିରୁ ବଞ୍ଚିତ ବହୁ କନିଷ୍ଠ ଶିକ୍ଷକ ଆଶାୟୀ ଏଭଳି ଅଭିଯୋଗ ଆଣିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଜଣେ ଆଶାୟୀ କହିଛନ୍ତି, ୨୦୧୫ ମସିହା ପରଠାରୁ ସ୍ୱତନ୍ତ୍ର ବିଏଡ୍ ପାଠ୍ୟକ୍ରମ ଭାରତୀୟ ପୁନଃବାସ ପରିଷଦର ଗାଇଡ୍‌ଲାଇନ ଅନୁସାରେ ୨ ବର୍ଷିଆ କୋର୍ସ ଭାବେ ଚାଲିଛି। ଓଡ଼ିଶାର ଅନେକ ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନରେ ଏହି ପାଠ୍ୟକ୍ରମ ଚାଲୁଛି। ପ୍ରାୟ ୧୨ଟି ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନରେ ସ୍ୱତନ୍ତ୍ର ବିଏଡ୍‌ରେ ପ୍ରତିବର୍ଷ ୩୦୦ରୁ ଅଧିକ ପିଲା ନାମ ଲେଖାଉଛନ୍ତି। କିନ୍ତୁ ଏବେ ସ୍ୱତନ୍ତ୍ର ବିଏଡ୍ ପିଲାଙ୍କୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଯୋଗ୍ୟ ନ କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ଆଶାୟୀ ଜଣକ କହିଛନ୍ତି। ସେପଟେ ଏହାର ସମାଧାନ ପାଇଁ ଆଶାୟୀ ପ୍ରାର୍ଥୀମାନେ ଶିକ୍ଷା ବିଭାଗକୁ ଅବଗତ କରାଇଛନ୍ତି। କିନ୍ତୁ ଏଯାଏ କୌଣସି ସୁଫଳ କିମ୍ବା ପ୍ରତିଶ୍ରୁତି ମିଳି ନ ଥିବାରୁ ଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କୁ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ କଟକ ସହର ସମ୍ବାଦପତ୍ର ବିକ୍ରେତା ସଂଘର ପୀତାମ୍ବର ବେହେରା, ଗଗନ ବିହାରୀ ପରିଡ଼ା, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଯେନା, ଶିବପ୍ରସାଦ ନାୟକ, ପତିତପାବନ ପଣ୍ଡା, ରତ୍ନାକର ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖ ଶୁକ୍ରବାର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ଧରିତ୍ରୀର ପ୍ରସାରଣ ବିଭାଗ ପକ୍ଷରୁ ଅରବିନ୍ଦ ପାଠୀ ଓ ବିଜୟ କୁମାର ଧଳ ଉପସ୍ଥିତ ଅଛନ୍ତି।


## 'ଚକ୍ରବ୍ୟୂହ' ବକ୍ତବ୍ୟରୁ ଇଡିର ଚଢ଼ାଉ ଯୋଜନା

### ତଦନ୍ତକାରୀ ସଂସ୍ଥା ଆସିଲେ ଚା, ବିସ୍କୁଟ ଖୁଆଇବି: ରାହୁଲ

ନୂଆଦିଲ୍ଲୀ, ୨।୮

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଚକ୍ରବ୍ୟୂହ' ବକ୍ତବ୍ୟ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କ ବିରୋଧରେ ଚଢ଼ାଉ କରିବା ପାଇଁ ଯୋଜନା ଚଳାଇଛି। ରାହୁଲ ଶୁକ୍ରବାର ସକାଳେ ଏପରି ଦାବିକରି ଚହଳ ସୃଷ୍ଟି କରିଛନ୍ତି।

ରାହୁଲ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ତାଙ୍କ ଚକ୍ରବ୍ୟୂହ ବକ୍ତବ୍ୟକୁ ୨ ଜଣରୁ ଜଣଙ୍କୁ ପସନ୍ଦ ଆସିନାହିଁ। ତାଙ୍କ ବିରୋଧରେ ଇଡି ଚଢ଼ାଉ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ତଦନ୍ତକାରୀ ସଂସ୍ଥାର ଭିତିରି ସୂତ୍ରରୁ ଜଣାପଡ଼ିଛି। ସେମାନଙ୍କୁ ଖୋଲା ହୃଦୟରେ ଅପେକ୍ଷା କରିଛନ୍ତି। ଆସିଲେ ଚା' ଓ ବିସ୍କୁଟ୍ ଖୁଆଇବେ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଇତିମଧ୍ୟରେ ଭାଜପା ସରକାର ବିରୋଧୀଙ୍କୁ ରାଜନୈତିକ ସ୍ତରରେ ହଇରାଣ କରିବା ପାଇଁ ଇଡି, ସିବିଆଇ ଏବଂ ଆୟକର ବିଭାଗ ଭଳି ଏଜେନ୍ସିର ଦୁରୁପଯୋଗ କରୁଥିବା କଂଗ୍ରେସ ଏମ୍‌ପି ମାନିକମ୍ ଟେଗୋର ସମାଲୋଚନା କରିଛନ୍ତି। ଏହା ଉପରେ ଏକ ମୁଲତବୀ ପ୍ରସ୍ତାବ ଆଣିବା ପାଇଁ ସେ ନୋଟିସ ଦାଖଲ କରିଛନ୍ତି। ଲୋକ ସଭାରେ ଭାଜପାର ଆସନ ସଂଖ୍ୟା ୩୦୩ରୁ ୨୪୦କୁ ଖସିବା ଏବଂ ଟିଡିପି ଏବଂ ଜେଡିୟୁ ଉପରେ ନିର୍ଭରଶୀଳ ହେବା ସତ୍ତ୍ୱେ ସରକାର ଗଣତାନ୍ତ୍ରିକ ସିଦ୍ଧାନ୍ତଗୁଡ଼ିକୁ ଜଳାଞ୍ଜଳି ଦେଇ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ଭୟଭୀତ କରାଇବା ପାଇଁ ଏଭଳି ଏଜେନ୍ସିଗୁଡ଼ିକୁ ନିୟୋଜିତ କରୁଛନ୍ତି। କ୍ଷମତାର ଏଭଳି ଦୁରୁପଯୋଗ ଅଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଅଖଣ୍ଡତା ଉପରେ ବିପଦ ସୃଷ୍ଟି କରୁଛି ବୋଲି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟିର ନାଗୌର ଏମ୍‌ପି ହନୁମାନ ରାମଦେବ ବେନିୱାଲ କହିଛନ୍ତି, ରାହୁଲଙ୍କ କଥା ସତ। କେନ୍ଦ୍ର ଏଜେନ୍ସିଗୁଡ଼ିକର ଅପବ୍ୟବହାର କରୁଛି। ଆପ୍ ଏମ୍‌ପି ସଞ୍ଜୟ ସିଂ କହିଛନ୍ତି, ରାହୁଲ ପାର୍ଲାମେଣ୍ଟ ଭିତରେ ସରକାରଙ୍କ ମୁଖା ଖୋଲୁଥିବାରୁ ତାଙ୍କ ବିରୋଧରେ ଇଡି, ସିବିଆଇକୁ ଲଗାଯାଉଛି। ବିରୋଧୀଙ୍କ କଣ୍ଠରୋଧ ଏବଂ ସରକାରଗୁଡ଼ିକର ପତନ ଘଟାଇବା ପାଇଁ ଇଡି, ସିବିଆଇ



କାର୍ଯ୍ୟ କରୁଛନ୍ତି। ସମୟ ବଦଳିଗଲାଣି। ଭାଜପା ୨୪୦କୁ ଖସିଆସିଲାଣି। ଏହି ଧାରା ଜାରି ରହିଲେ ସେମାନେ ୨୪କୁ ଖସିଆସିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକଥା ଜାଣି ରଖିବା ଉଚିତ ବୋଲି ସଞ୍ଜୟ କହିଛନ୍ତି। ଅନ୍ୟପକ୍ଷେ ୱାୟନାଡ୍ ଭୂସ୍ଖଳନ ପରେ ସ୍ଥାନୀୟ ଏମ୍‌ପି ଭାବେ ଉତ୍ତରଦାୟିତ୍ୱରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ରାହୁଲ ଏଭଳି କଥା କହୁଥିବା ଭାଜପା ସମାଲୋଚନା କରିଛି।

### କ'ଣ କହିଥିଲେ ରାହୁଲ

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଲୋକ ସଭାରେ ବଜେଟ ୨୦୨୪-୨୫ ବିତର୍କରେ ଭାଗନେଇ କହିଥିଲେ, ଇଣ୍ଡିଆ ବ୍ଲକ୍ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ର ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ସହ ଜାତିଗତ ଜନଗଣନା କରାଇବ। ଅନେକ ହଜାର ବର୍ଷ ପୂର୍ବେ ହରିୟାଣାର କୁରୁକ୍ଷେତ୍ରରେ ୬ ଜଣ ବ୍ୟକ୍ତି ଚକ୍ରବ୍ୟୂହରେ ଫସାଇ ଯୁବକ 'ଅଭିମନ୍ୟୁ'ଙ୍କୁ ହତ୍ୟା କରିଥିଲେ। ଚକ୍ରବ୍ୟୂହରେ ହିଂସା ଓ ଭୟ ରହିଥାଏ। ଚକ୍ରବ୍ୟୂହକୁ ପଦ୍ମବ୍ୟୂହ ବୋଲି ମଧ୍ୟ କୁହାଯାଇଥାଏ ବୋଲି ରାହୁଲ କହିଥିଲେ। ଏହା ଉପରେ ଭାଜପା ଏମ୍‌ପି ଅନୁରାଗ ଠାକୁର କହିଥିଲେ, ଦେଶ ପାଇଁ କଂଗ୍ରେସ ପ୍ରଥମେ ଦେଶ ବିଭାଜନ, ଦ୍ୱିତୀୟରେ ଚାଇନାକୁ ଉପହାର, ତୃତୀୟରେ ଏମର୍ଜେନ୍ସି, ଚତୁର୍ଥରେ ବୋଫର୍ସ ଦୁର୍ନୀତି ଭଳି ଅନେକ ଚକ୍ରବ୍ୟୂହ ବିଛାଇଥିଲା। କଂଗ୍ରେସର ଚକ୍ରବ୍ୟୂହରୁ ପ୍ରଧାନମନ୍ତ୍ରୀ ମୋଦି ଦେଶକୁ ମୁକ୍ତ କରିଛନ୍ତି।

ପ୍ରୟାଣର ନବମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...
ପଦ୍ମିନୀ ରଥ



ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫
ଶୁଭାରମ୍ଭ
ସଂକଳ୍ପ A promise to help ନିଃଶୁଳ୍କ ଜନଔଷଧ ସେବା
'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୦୩.୦୮.୨୦୨୪ (ଶନିବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ପୂର୍ବାହ୍ନ ୧୧.୩୦ ଘଟିକା
ସ୍ଥାନ: ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ: ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ
ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ
DRIEMS UNIVERSITY
SRI DURGA CONDEV [P] LTD.
PADMINI care
PRAMOD HOTELS & RESORTS




# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପର୍ବତାରୋହୀ ବିଭାରାଣୀ

## ସାହସିକ କାର୍ଯ୍ୟ ଯୁବ ସମାଜ ପାଇଁ ପ୍ରେରଣା ହେବ: ମୁଖ୍ୟମନ୍ତ୍ରୀ

**ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୮(ଅନିଲ ଦାସ)



ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ବତାରୋହୀ ବିଭାରାଣୀ ପାତ୍ର ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ତାଙ୍କର ଆଗାମୀ ପର୍ବତାରୋହଣ ଅଭିଯାନ ପାଇଁ ଆଶୀର୍ବାଦ ଗ୍ରହଣ କରିଛନ୍ତି। ଆସନ୍ତା ଅଗଷ୍ଟ ୬ ତାରିଖରେ ସେ ରୁଷିଆ ଓ ୟୁରୋପର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲବ୍ରସ ଆରୋହଣ ପାଇଁ ଅଭିଯାନ ଆରମ୍ଭ କରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇବା ସହିତ ସଫଳ ଆରୋହଣ ପାଇଁ ଆଶୀର୍ବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭାରାଣୀଙ୍କର ସାହସିକ କାର୍ଯ୍ୟ ଯୁବ ସମାଜ ପାଇଁ ଏକ ବଡ଼ ପ୍ରେରଣା ହେବ। ସଫଳତାର ସହ ୟୁରୋପ ଓ ରୁଷିଆର ଉଚ୍ଚତମ ଶୃଙ୍ଗ ଆରୋହଣ କରି ସେ ନିଜ ପାଇଁ ଓ ସାରା ରାଜ୍ୟ ଲାଗି ନିଶ୍ଚୟ ସୁନାମ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି।

ସୂଚନାଯୋଗ୍ୟ, ବିଭାରାଣୀ ତାଳଚେରର ନିକଟସ୍ଥ ମେରାମୁଣ୍ଡଳୀର ଜଣେ ପର୍ବତାରୋହୀ। ସେ ୨୦୧୯ରେ ଲେହ୍ ଲଦାଖର ମାଉଣ୍ଟ ଷ୍ଟକ୍ କଙ୍ଗ୍ରି ଓ ୨୦୨୩ରେ ଆଫ୍ରିକାର ମାଉଣ୍ଟ କିଲିମାନଜାରୋ ଆରୋହଣ କରିଛନ୍ତି। ଏଥିସହିତ ୨୦୧୯ରେ ସେ ଆବୁଧାବୀ ଅନ୍ତର୍ଜାତୀୟ ୟୁଥ ଲିଡର ଭାବେ ମଧ୍ୟ ସମ୍ମାନିତ ହୋଇଛନ୍ତି। ସେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ଏହି ସାକ୍ଷାତ୍କାର ସମୟରେ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ।

# ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ୮୫ ପ୍ଲଟ୍

**ବାଲେଶ୍ୱରର ୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ**

- ଜଳେଶ୍ୱରରେ ୮୦, ପୁରୀ ଡେଲାଙ୍ଗରେ ୪, ପଶ୍ଚିମବଙ୍ଗରେ ଗୋଟିଏ ପ୍ଲଟ୍
- ଘରୁ ମିଳିଲା ନଗଦ ୧୧.୭୦ ଲକ୍ଷ, ସୁନା ବିସ୍କୁଟ୍, ବିପୁଳ ଅଳଙ୍କାର

ବାଲେଶ୍ୱର,(ମାନସ ବିଶ୍ୱାଳ)/ ଜଳେଶ୍ୱର, (ରବିନାରାୟଣ ପାତ୍ର)/ ଭୁବନେଶ୍ୱର,୨୮(ସତ୍ୟଜିତ୍ ରାଉତ)









ସରକାରୀ ବାବୁମାନେ କ୍ଷମତା ବଳରେ ବେଆଇନ ଭାବେ ଠୁଳ କରୁଛନ୍ତି ଅଚଳାଚଳ ସମ୍ପତ୍ତି। ମାଳମାଳ ପ୍ଲଟ୍, ବହୁତଳ ବିଶିଷ୍ଟ କୋଠା, ସୌଖୀନ ଗାଡ଼ି, ବହୁମୂଲ୍ୟର ଅଳଙ୍କାର; ଏମିତି ଆହୁରି କେତେ କ'ଣ। ଭିଜିଲାନ୍ସ ଚଢ଼ାଉ ବେଳେ ଏଭଳି ଆଉ ଜଣେ ଦୁର୍ନୀତିଖୋର ସରକାରୀ ବାବୁଙ୍କ କଳା ସାମ୍ରାଜ୍ୟ ପଦାକୁ ଆସିଛି। ସେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ। ପୂର୍ବରୁ ସେ ବାଲେଶ୍ୱର ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ (ଏସ୍.ଇ) ଥିବାବେଳେ ଗୁରୁବାର ପାଦୋନ୍ନତି ପାଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ହୋଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ପ୍ରଭାସଙ୍କ ଘର ସମେତ ବାଲେଶ୍ୱରର ୭ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚବେଳେ ଭିଜିଲାନ୍ସ ପ୍ରଭାସଙ୍କ ୮୫ଟି ପ୍ଲଟ୍, ବହୁତଳ ବିଶିଷ୍ଟ ଏକାଧିକ କୋଠା, ସୁନା ବିସ୍କୁଟ ସମେତ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଚଢ଼ାଉ ହେଉଥିବା ସ୍ଥାନ ମଧ୍ୟରେ ଜଳେଶ୍ୱର ବଡ଼ବଜାରସ୍ଥିତ ପୈତୃକଘର, ବାଲିଆପାଳ ମହିଁଷାମୁଣ୍ଡାସ୍ଥିତ ଶ୍ୱଶୁର ଘର, ବାଲେଶ୍ୱର ସରକାରୀ ଆଇଟିଆଇ ଛକ ନିକଟ ଇରିଗେଶନ୍ କଲୋନୀସ୍ଥିତ ସରକାରୀ କ୍ୱାର୍ଟର୍ସ, ବାଲେଶ୍ୱର ଜଳସେଚନ ଡିଭିଜନ୍‌ର ଅଫିସ ଚାମ୍ବର ଓ ପ୍ରଭାସଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଜଣେ ଠିକାଦାରଙ୍କ ଘର ଆଦି ରହିଛି।

ଭିଜିଲାନ୍ସ ଦେଇଥିବା ରିପୋର୍ଟ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଠାବ ହୋଇଥିବା ପ୍ରଭାସଙ୍କ ୮୫ଟି ପ୍ଲଟ୍ ମଧ୍ୟରୁ କେବଳ ଜଳେଶ୍ୱରରେ ରହିଛି ୮୦ ପ୍ଲଟ୍। ବାକି ୫ଟି ପ୍ଲଟ୍ ମଧ୍ୟରୁ ପୁରୀ ଜିଲା ଡେଲାଙ୍ଗରେ ୪ ଓ ପଶ୍ଚିମବଙ୍ଗ ସୁନାକଣିଆରେ ଗୋଟିଏ ରହିଛି। ଏସବୁ ପ୍ଲଟ୍‌କୁ ପ୍ରଭାସ ବିଭିନ୍ନ ସମୟରେ ନିଜ ସହ ପରିବାର ସଦସ୍ୟଙ୍କ ନାଁରେ କିଣିଛନ୍ତି। ପଞ୍ଜୀକୃତ ସେଲ୍ ଡିଡ୍ ଅନୁଯାୟୀ ମୋଟ୍ ପ୍ଲଟଗୁଡ଼ିକର ମୂଲ୍ୟ ୨.୦୭ କୋଟି ରହିଥିବାବେଳେ ଏସବୁର ବଜାର ମୂଲ୍ୟ ବହୁ ଅଧିକ ହେବ। ସେହିପରି ଜଳେଶ୍ୱରସ୍ଥିତ ୧୨ ହଜାର ୫୦୦ ବର୍ଗଫୁଟରେ ଥିବା ୫ ମହଲା କୋଠା, ଜଳେଶ୍ୱର ଗୋବରା ଘାଟସ୍ଥିତ ୬୧୫୧ ବର୍ଗଫୁଟରେ ନୂଆକରି ନିର୍ମାଣ ହୋଇଥିବା ଆର୍‌ସିସି ରୁଫ୍ ବିଶିଷ୍ଟ କୋଠା ସହ ପାଚେରି, ମାର୍କେଟ୍ କମ୍ପ୍ଲେକ୍ସ ଓ ଶ୍ରମିକ ଆଶ୍ରୟସ୍ଥଳ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ଘରୁ ନଗଦ ୧୧ ଲକ୍ଷ ୭୦ ହଜାର ୯୮୦ ଟଙ୍କା, ଗୋଟିଏ ସୁନା ବିସ୍କୁଟ ସମେତ ୩୩୪.୫୫ ଗ୍ରାମ୍‌ର ସୁନା ଅଳଙ୍କାର, ଗୋଟିଏ ଚାରିଚକିଆ ଯାନ (ଟାଟା ଇଣ୍ଡିକା) ଓ ଗୋଟିଏ ଦୁଇ ଚକିଆ ଯାନ (ହୋଣ୍ଡା ଆକ୍ଟିଭା) ଏବଂ ୬.୬୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ହିସାବକୁ ନେଇଛି ଭିଜିଲାନ୍ସ। ଏଥିସହ ୬୮ ଲକ୍ଷ ୨ ହଜାର ୭୭୯ ଟଙ୍କାର ବ୍ୟାଙ୍କ, ପୋଷ୍ଟାଲ, ଜୀବନବୀମା ଜମା ରହିଥିବା ଭିଜିଲାନ୍ସ ସୂଚନା ଦେଇଛି। ଭିଜିଲାନ୍ସ ଟିମ୍ ପକ୍ଷରୁ ପ୍ରଭାସଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଯାଞ୍ଚରେ ଭିଜିଲାନ୍ସର ୨ଜଣ ଅତିରିକ୍ତ ଏସ୍‌ପି, ୪ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର. ୭ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

**ଗୋଟିଏ ଜିଲାରେ ୧୫ରୁ ଊର୍ଦ୍ଧ୍ୱ ବର୍ଷ**

ପ୍ରଭାସ କନିଷ୍ଠ ଯନ୍ତ୍ରୀ ଭାବେ ବାଲେଶ୍ୱର ଜିଲାରେ କାର୍ଯ୍ୟ ଆରମ୍ଭ କରିଥିଲେ। କିଛିବର୍ଷ ତଳେ ପ୍ରଭାସ ଏସ୍‌ଡିଓରୁ ପଦୋନ୍ନତି ପାଇ ସେହି ବାଲେଶ୍ୱର ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ହୋଇଥିଲେ। ଗୋଟିଏ ଜିଲାରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ନିର୍ବାଚନ ସମୟରେ ତାଙ୍କର ବି ବଦଳି ହୋଇ ନ ଥିଲା। ଫଳରେ ଏସବୁ ବିପୁଳ ସମ୍ପତ୍ତି ଠୁଳ କରିବାରେ ସେ ସୁଯୋଗ ପାଇଥିଲେ। ପୂର୍ବରୁ ସେ ଲାଞ୍ଚ ନେବା, ଠିକାଦାର ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଏତେସବୁ ଦୁର୍ନୀତି ସତ୍ତ୍ୱେ ଗୁରୁବାର ତାଙ୍କର କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ୍ ପ୍ରୋଜେକ୍ଟର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାବେ ପଦୋନ୍ନତି ହୋଇଥିଲା। ପ୍ରଭାସ ଏବେ ଭିଜିଲାନ୍ସ ଫାଶରେ ପଡ଼ିବା ପରେ ସ୍ଥାନୀୟ ଲୋକେ ଓ ଠିକାଦାରମାନେ ଏହା ତାଙ୍କ କର୍ମର ଫଳ ବୋଲି କହିଛନ୍ତି।

# ୫ ତାରିଖରେ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତା ଅଗଷ୍ଟ ୫ ତାରିଖରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୂର୍ବାହ୍ନ ୧୧ ଟାରୁ ଅଭିଯୋଗ ଶୁଣାଣି ହେବ। ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ସେହିଦିନ ସକାଳ ୮ ଘଡ଼ିକାରୁ ୧୨ ଘଡ଼ିକା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହେବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଉକ୍ତ ଅଭିଯୋଗ ଶୁଣାଣି ସ୍ଥାନରେ ଉପରୋକ୍ତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ପଞ୍ଜୀକରଣ କରାଇ ଅଭିଯୋଗଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ରଥଯାତ୍ରା ଓ ବିଧାନସଭା ଚାଲୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।

# ମହାନଦୀ ମୁହାଣରେ ଫସିଲା ବୋଟ୍: ବିପଦରେ ୭ ମତ୍ସ୍ୟଜୀବୀ

ପାରାଦୀପ,୨୮(ଶରତ ରାଉତ)

ପାରାଦୀପ ନେହେରୁ ବଙ୍ଗଳା ନିକଟସ୍ଥ ମହାନଦୀ ମୁହାଣରେ ଶୁକ୍ରବାର ଏକ ମାଛଧରା ବୋଟ୍ ଫସିଯାଇଛି। ଉକ୍ତ ବୋଟ୍‌ର ନାମ 'ଶ୍ରୀକ୍ଷେତ୍ର ଭରସା'। ସେଥିରେ ୭ ଜଣ ମତ୍ସ୍ୟଜୀବୀ ଅଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଅପରପକ୍ଷେ ସେଠାକୁ ଅନ୍ୟ ବୋଟ୍, ମେରାଇନ ବୋଟ୍ କିମ୍ବା କୋଷ୍ଟଗାର୍ଡ ଜାହାଜ ପହଞ୍ଚିପାରୁନାହିଁ।

'ଶ୍ରୀକ୍ଷେତ୍ର ଭରସା' ବୋଟ୍ ଶୁକ୍ରବାର ସମୁଦ୍ର ମଧ୍ୟରେ ଥିବାବେଳେ (ଷ୍ଟିଅରିଂ) ସୁକାନୀ ଖରାପ ହୋଇଯାଇଥିଲା। ତାକୁ ଆଉ ଏକ ବୋଟ୍(ଗୋପାଳଜୀଉ) ରଶିରେ ବାନ୍ଧି ମାଛଧରା ବନ୍ଦର ଭିତରକୁ ଆଣୁଥିଲା। ହେଲେ ମୁହାଣ ପାଖରେ ରଶି ଛିଣ୍ଡିଯାଇଥିଲା। ଫଳରେ ଟାଣୁଥିବା ବୋଟ୍ ଆଉ ପଛକୁ ଫେରିପାରି ନ ଥିଲା ଏବଂ 'ଶ୍ରୀକ୍ଷେତ୍ର ଭରସା' ବୋଟ୍ ପଛକୁ ଭାସିଯାଇ ସମୁଦ୍ରରେ କରେଣ୍ଟ (ଅନ୍ତଃସ୍ରୋତ) ଥିବା ବାଲିରେ ବିପଦପୂର୍ଣ୍ଣ ଅବସ୍ଥାରେ ଅଟକିଯାଇଛି ବୋଲି ଓସ୍ମା(ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ସଭାପତି ଶ୍ରୀକାନ୍ତ ପରିଡ଼ା କହିଛନ୍ତି। ଉକ୍ତ ବାଲିରେ କରେଣ୍ଟ ଥିବାରୁ ସେଠାରେ ଅନ୍ୟ କୌଣସି ବୋଟ୍ ପହଞ୍ଚିପାରୁନାହିଁ। ରାତି ପ୍ରାୟ ୨ଟା ବେଳକୁ ସମୁଦ୍ରରେ ଅଧିକ ଜୁଆର ଆସିଲେ ଅନ୍ୟ ଦୁଇଟି ବୋଟ୍ ସେଠାରେ ପହଞ୍ଚି ରଶିରେ 'ଶ୍ରୀକ୍ଷେତ୍ର ଭରସା' ବୋଟ୍‌କୁ ଟାଣିଆଣିବେ। ଯଦି ବୋଟ୍ ଆସିବାରେ ଅସୁବିଧା ହୁଏ ତେବେ ମତ୍ସ୍ୟଜୀବୀମାନଙ୍କୁ ନେଇଆସିବେ ବୋଲି ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ଏବେ ମହାନଦୀ ବନ୍ୟାଜଳ ସମୁଦ୍ରରେ ମିଶୁଛି। ଏହାଦ୍ୱାରା ମୁହାଣରେ ପ୍ରବଳ କରେଣ୍ଟ ପ୍ରବାହିତ ହେଉଛି।

**ଉଦ୍ଧାର ପାଇଁ ପ୍ରୟାସ ଜାରି**

# ମ୍ୟାଲେରିଆ ଆକ୍ରାନ୍ତ ଛାତ୍ରଙ୍କ ମୃତ୍ୟୁ

ରାୟଗଡ଼ା,୨୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ ଭୋଇମଡ଼ା ଆଶ୍ରମ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଲେ ଜାକ୍ସନ ମାଣ୍ଡାଙ୍ଗି(୧୦)। ଗତ ୩୦ତାରିଖରେ ଜାକ୍ସନଙ୍କୁ ଜ୍ୱର ହେବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ରେଖାପଦର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ପ୍ରାଥମିକ ଚିକିତ୍ସା କରି କୋଲନରା ଏବଂ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ଜାକ୍ସନଙ୍କୁ ଗୁରୁବାର ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ଜାକ୍ସନଙ୍କ ମୃତ୍ୟୁ ଘଟିଛି। ହଷ୍ଟେଲରେ ରହିବା ସମୟରେ ଚିକିତ୍ସା କରା ନ ଯିବାରୁ ଜାକ୍ସନଙ୍କ ମୃତ୍ୟୁ ହୋଇଥିବା ନେଇ ଚର୍ଚ୍ଚା ଚାଲିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ ପାଇଁ କୋଲନରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ରାୟଗଡ଼ା ଜିଲାରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଅନ୍ୟ ୨ ଶିଶୁଙ୍କ ମୃତ୍ୟୁ ଘଟିଛି।

# ପାଣ୍ଠି ବିନିଯୋଗର ତଥ୍ୟ ରଖିଲେ ୮ ଜିଲାର ଜିଲାପାଳ

**ଡିଏମ୍ଏଫ୍ ଟ୍ରଷ୍ଟର କାର୍ଯ୍ୟକାରିତା, ତଦାରଖ ପାଇଁ ରାଜ୍ୟସ୍ତରୀୟ ବୈଠକ**

ଭୁବନେଶ୍ୱର,୨୮(ସୁନିତ୍ ମିଶ୍ର)

ଖଣିଜ ସମୃଦ୍ଧ ଜିଲାଗୁଡ଼ିକରେ ରହିଥିବା ଜିଲା ଖଣିଜ ପାଣ୍ଠି ଟ୍ରଷ୍ଟ(ଡିଏମ୍ଏଫ୍)ର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟସ୍ତରୀୟ ତଦାରଖ ଓ ସମୀକ୍ଷା କମିଟିର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଅନୁଗୋଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା ଆଦି ୮ଟି ଡିଏମ୍ଏଫ୍ ଜିଲା ରହିଛି। ବୈଠକରେ ବିଭିନ୍ନ ଡିଏମ୍ଏଫ୍ ଜିଲାକୁ ବର୍ଷୱାରି ପାଣ୍ଠି, ବିଭିନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଆବଣ୍ଟନ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରକଳ୍ପ କାର୍ଯ୍ୟକାରିତା ବାବଦରେ ଅର୍ଥ ବିନିଯୋଗ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଛି। ଡିଏମ୍ଏଫ୍ ଜିଲାର ବିଭିନ୍ନ ଅଞ୍ଚଳରେ ରାସ୍ତା, ସେତୁ, ସୌଧ ନିର୍ମାଣ, ଶିକ୍ଷା, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ରାସ୍ତା ସଂଯୋଗୀକରଣ, ଜୀବିକାନିର୍ବାହ କାର୍ଯ୍ୟକ୍ଷମ, ଜଳସେଚନ, ମହିଳା, ଶିଶୁ, ବୟସ୍କ ଓ ଭିନ୍ନକ୍ଷମଙ୍କ କଲ୍ୟାଣ, ଶକ୍ତି, ପରିବେଶ, ଦକ୍ଷତା ବିକାଶ, ଗୃହ ନିର୍ମାଣ ଆଦି କ୍ଷେତ୍ରରେ ଅର୍ଥ ବିନିଯୋଗ କରାଯାଉଛି। ବିଭିନ୍ନ କ୍ଷେତ୍ରରେ ଅର୍ଥ ବିନିଯୋଗ ଓ କାର୍ଯ୍ୟ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଛନ୍ତି।

ବୈଠକରେ ଆଭାସି ମାଧ୍ୟମରେ ଯୋଗଦେଇଥିବା ଡିଏମ୍ଏଫ୍ ଜିଲାର ଜିଲାପାଳମାନେ ଏହି ପାଣ୍ଠି ଉପଯୋଗରେ କିପରି କାର୍ଯ୍ୟ କରାଯାଉଛି ସେନେଇ ତଥ୍ୟ ଉପସ୍ଥାପନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଏ ସମ୍ପର୍କରେ ସବିଶେଷ ଆଲୋଚନା କରିବା ସହ ଡିଏମ୍ଏଫ୍ ପାଣ୍ଠିର ଠିକ୍ ଉପଯୋଗ ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କୁ ବାର୍ଷିକ ପ୍ରଗତିଶୀଳ ଯୋଜନା ପ୍ରସ୍ତୁତି କରି ସେହି ଅନୁସାରେ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖଣି ସମୃଦ୍ଧ ଡିଏମ୍ଏଫ୍ ଜିଲାରେ ବହୁବିଧ କ୍ଷେତ୍ରରେ ଗୁଣାତ୍ମକ ଭିତ୍ତିଭୂମି ବିକାଶ ଓ ସେବା ପ୍ରଦାନ ସହ ଲୋକମାନଙ୍କ ଜୀବନଧାରଣ ମାନରେ ଯେପରି ଉନ୍ନତି ଘଟିବ, ସେମାନେ ଯେପରି ଜୀବିକାର୍ଜନର ସୁବିଧା ପାଇବେ ଏବଂ ଏହା ଯେପରି ନିରନ୍ତର ବିକାଶ ଲକ୍ଷ୍ୟ ସାଧନରେ ସହାୟକ ହେବ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଡିଏମ୍ଏଫ୍‌ର ଗଠନ, ଅର୍ଥ ବ୍ୟବସ୍ଥା, ଯୋଜନା, କାର୍ଯ୍ୟ ଯୋଜନାର ଅନୁମୋଦନ, ପ୍ରକଳ୍ପର ପ୍ରଶାସନିକ ମଞ୍ଜୁରୀ, ଟ୍ରଷ୍ଟର କାର୍ଯ୍ୟକାରିତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଶିଷ୍ଟ ସାମ୍ବାଦିକ ପ୍ରଦୀପ ମହାପାତ୍ରଙ୍କ ବିୟୋଗ

ବ୍ରହ୍ମପୁର,୨୮(ସ୍ୱାଧୀନ ଶେଖର ପାଢ଼ୀ)

ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପୂର୍ବତନ ଏଚ୍‌ଓଡି ଡ. ପ୍ରଦୀପ ମହାପାତ୍ରଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୬୯ ବର୍ଷ ହୋଇଥିଲା। ଗତ ସୋମବାର ସେ ଅସୁସ୍ଥ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ମରଶରୀର ବ୍ରହ୍ମପୁର ଭୀମରାଓ ପେଟାସ୍ଥିତ ନିଜସ୍ୱ ବାସଭବନକୁ ଆସିବା ପରେ ବହୁ ଖବରଦାତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗେଟବଜାର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

**ମୁଖ୍ୟମନ୍ତ୍ରୀଙ୍କ ଶୋକ**



ପ୍ରଦୀପ ମହାପାତ୍ର

ପ୍ରଫେସର ମହାପାତ୍ରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ପୋଷ୍ଟ କରି ସେ କହିଛନ୍ତି, ପ୍ରଫେସର ଡ. ପ୍ରଦୀପ ମହାପାତ୍ରଙ୍କ ଦେହାନ୍ତ ଖବର ଶୁଣି ମର୍ମାହତ। ଅବସର ପରେ ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତ ମହାପାତ୍ର ସକ୍ରିୟ ରହି ଅନେକ ଲେଖା ଓ ପୁସ୍ତକ ରଚନା କରିଥିଲେ। ତାଙ୍କର ଦେହାବସାନ ଯୋଗୁ ସାମ୍ବାଦିକତା କ୍ଷେତ୍ରରେ ଅପୂରଣୀୟ କ୍ଷତି ହୋଇଛି। ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଡ. ମହାପାତ୍ର ଓଡ଼ିଶାର ପ୍ରଥମ ରଙ୍ଗୀନ ଓଡ଼ିଆ ପତ୍ରିକା 'ଜନନୀ'ର ପ୍ରତିଷ୍ଠାତା ଥିଲେ। ବ୍ରହ୍ମପୁରରୁ ସାମ୍ବାଦିକତାରୁ କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ସାମ୍ବାଦିକତା ପାଠ ପଢାଉଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ଦୀର୍ଘବର୍ଷ ଧରି ଅଧ୍ୟାପନା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୨୦୧୪ରେ ସେ ଅବସର ନେଇଥିଲେ। ବ୍ରହ୍ମପୁରର ବୁଢ଼ୀ ଠାକୁରାଣୀ ଯାତ୍ରାଠାରୁ ଆରମ୍ଭ କରି ସହରର ଇତିହାସ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସ୍ତମ୍ଭ ଲେଖି ଲୋକପ୍ରିୟ ହୋଇ ପାରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗଣେଶ ସେଠୀ, ହୃଷୀକେଶ ପାଣିଗ୍ରାହୀ, ସହକାରୀ ପ୍ରାଧ୍ୟାପକ ଡ. ବନ୍ଦିତା ପଣ୍ଡା ପ୍ରମୁଖ ଡ. ପଣ୍ଡାଙ୍କ ଶେଷଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଅଶାନ୍ତ ସମୁଦ୍ରରେ ଅଟକିଛି ଶତାଧିକ ଟ୍ରଲର

ଭୋଗରାଇ,୨୮(ପ୍ରଦୀପ ଦାସ)

ଘୂର୍ଣ୍ଣିବଳୟ ପ୍ରଭାବରେ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ୨ ଦିନ ହେଲା ବିକ୍ଷିପ୍ତ ବର୍ଷା ଲାଗିରହିଛି। ଏଥି ସହିତ ଝଟକା ବତାସ ଏବଂ ଅମାବାସ୍ୟା ଜୁଆର ସାଥୀ ହେବାରୁ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। ଏଭଳିସ୍ଥିତିରେ ଦୀଘା ଉପକୂଳ ଉତ୍ତାଳ ହେବା ସହିତ ଗଭୀର ସମୁଦ୍ରକୁ ଶତାଧିକ ଟ୍ରଲରରେ ମାଛ ଧରିବାକୁ ଯାଇଥିବା ହଜାରେରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ କୂଳକୁ ନ ଫେରି ସେଠାରେ ଲଙ୍ଗର ପକାଇ ଅଟକିଥିବା ଦୀଘା ମୁହାଁଣ ମତ୍ସ୍ୟଜୀବୀ ସଂଘ ସୂଚନା ଦେଇଛି।



ତାଳସାରୀ ବେଳାଭୂମିରେ ଅଟକି ଥିବା ଡଙ୍ଗା।

**ପର୍ଯ୍ୟଟକଙ୍କୁ ସମୁଦ୍ର ମନା**

କେତେକ ଟ୍ରଲରରେ ମାଛ ଭର୍ତ୍ତିଥିବାରୁ ମତ୍ସ୍ୟଜୀବୀମାନଙ୍କ ସହିତ ଯୋଗାଯୋଗ କରାଯାଉଥିବା ସଂଘ କର୍ମକର୍ତ୍ତା କହିଛନ୍ତି। ଅପରପକ୍ଷରେ ବୁଧବାର ଅମାବସ୍ୟା ତିଥି ଥିବାବେଳେ ସମୁଦ୍ରର ଉତ୍ତାଳ ଢେଉ କୂଳ ଆଡ଼କୁ ମାଡ଼ିଆସି ତଟ ସୁରକ୍ଷା ପଥର ବନ୍ଧରେ ମାଡ଼ ହେଉଛି। ଜୁଆରପାଣି କୂଳବାସୀଙ୍କୁ ଶଙ୍କିତ କରୁଛି। ସମୁଦ୍ର ଅଶାନ୍ତ ଥିବାରୁ ପର୍ଯ୍ୟଟକଙ୍କୁ ସମୁଦ୍ରକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ପ୍ରତିକୂଳ ପାଗ ଯୋଗୁ ଉଦୟପୁର, ତାଳସାରୀ, ରଣସିଂପୁର, କୀର୍ତ୍ତନିଆ, ଡଗରା, ଚୌମୁଖ ପ୍ରଭୃତି ମତ୍ସ୍ୟ ଅବତରଣ କେନ୍ଦ୍ରରେ ଡଙ୍ଗାଗୁଡ଼ିକ କୂଳରେ ସୁରକ୍ଷିତ ଭାବେ ରହିଛି ବୋଲି ଭାରପ୍ରାପ୍ତ ମତ୍ସ୍ୟ ଅଧିକାରୀ ଅନନ୍ତ ଜେନା କହିଛନ୍ତି।

କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଝାସ ଦିଏ- ସେତିକି ବେଳେ। -ଶ୍ରୀଅରବିନ୍ଦ

-ଗୃହିଣାଂ ଚିତାଉ ଲାଗି, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ



# ଗୌବାଙ୍କ ରେକର୍ଡ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

କ୍ୟାବିନେଟ୍ ସଚିବ ରାଜୀବ ଗୌବା ଅଗଷ୍ଟ ଶେଷରେ ଅବସର ନେବେ। ଏହି ପଦବୀରେ ସବୁଠୁ ଅଧିକ ଦିନ ରହିବାରେ ସେ ରେକର୍ଡ କରିବାକୁ ଯାଉଛନ୍ତି। ଝାଡ଼ଖଣ୍ଡ କ୍ୟାଡରର ୧୯୮୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଗୌବା ପ୍ରମୁଖ ଶୀର୍ଷ ଦାୟିତ୍ୱରେ ପାଞ୍ଚବର୍ଷ ପୂରା କରିବାକୁ ଯାଉଛନ୍ତି। କ୍ୟାବିନେଟ୍ ସଚିବ ପଦବୀରେ ତାଙ୍କ ପୂର୍ବରୁ ପ୍ରଦୀପ କୁମାର ସିହ୍ନା ଚାରିବର୍ଷ ୭୯ ଦିନ କାର୍ଯ୍ୟ କରିଥିବାବେଳେ ସ୍ୱାଧୀନ ଭାରତର ଦ୍ୱିତୀୟ କ୍ୟାବିନେଟ୍ ସଚିବ ୱାଇ.ଏନ୍. ସୁକଥାନକରଙ୍କ କାର୍ଯ୍ୟକାଳ ଏହାଠାରୁ ଗୋଟିଏ ଦିନ କମ୍ ଥିଲା। ଗୌବାଙ୍କ କାର୍ଯ୍ୟକାଳ ଶେଷ ହୋଇ ଆସୁଥିବାରୁ ଏହି ପଦବୀ ଦୌଡ଼ରେ ୧୯୮୭ ବ୍ୟାଚ୍‌ର ତିନିଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଏବର ଅର୍ଥ ସଚିବ ଟି.ଭି. ସୋମନାଥନ୍ (ତାମିଲନାଡୁ କ୍ୟାଡର), ଗୁଜରାଟର ମୁଖ୍ୟ ଶାସନ ସଚିବ ରାଜ କୁମାର ଏବଂ ଜଳଶକ୍ତି ସଚିବ ଭିନି ମହାଜନ (ପଞ୍ଜାବ କ୍ୟାଡର) ରହିଥିବା ଜଣାପଡ଼ିଛି। ଏଥିସହ ୧୯୮୯ ବ୍ୟାଚ୍‌ର ଏସ୍.କ୍ରିଷ୍ଣନ (ତାମିଲନାଡୁ କ୍ୟାଡର) ଅପ୍ରତ୍ୟାଶିତ ଭାବେ ଉଭା ହୋଇଛନ୍ତି। କିନ୍ତୁ ସୋମନାଥନ୍ ଏହି ଦୌଡ଼ରେ ଆଗରେ ଥିବାଭଳି ଜଣାଯାଉଛି। ଆର୍ଥିକ କ୍ଷେତ୍ରରେ ତାଙ୍କର ବିଚକ୍ଷଣ ବୁଦ୍ଧି ଓ ନିଷ୍ଠା ଏବଂ ସଚ୍ଚୋଟତା ପାଇଁ ସେ ଜଣାଶୁଣା। ଏହି ନିଯୁକ୍ତି ଦୌଡ଼ରେ ଆଉଜଣେ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ରାଜ କୁମାର। ପ୍ରତିରକ୍ଷା ଉତ୍ପାଦନ ସଚିବ ପଦବୀରେ କୁମାରଙ୍କ କାର୍ଯ୍ୟକାଳ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଥିଲା ଏବଂ ସେ ବର୍ତ୍ତମାନ ଗୁଜରାଟର ମୁଖ୍ୟ ଶାସନ ସଚିବ ଭାବରେ କାର୍ଯ୍ୟ କରୁଛନ୍ତି। ତୃତୀୟ ପ୍ରତିଯୋଗୀ ହେଲେ ପଞ୍ଜାବର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଏବକାର ପାନୀୟ ଜଳ ଓ ପରିମଳ ସଚିବ ଭିନି ମହାଜନ। ସେ ଭାରତର ପ୍ରଥମ ମହିଳା କ୍ୟାବିନେଟ୍ ସଚିବ ଭାବରେ ଇତିହାସ ସୃଷ୍ଟି କରିପାରନ୍ତି। ତେବେ ଏହି ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରୁ କିଏ ଶେଷରେ ଗୌବାଙ୍କ ଉତ୍ତରାଧିକାରୀ ହେବେ କିମ୍ବା ମୋଦି ଅନ୍ୟ କାହାକୁ ନିଯୁକ୍ତି ଦେଇ ଆମକୁ ଆଶ୍ଚର୍ଯ୍ୟଚକିତ କରିବେ, ତାହା ଦେଖିବାକୁ ବାକି ରହିଲା।

### ସବୁଜ ନିର୍ବାଚନ

ଉତ୍ତରପ୍ରଦେଶ କ୍ୟାଡରର ୨୦୦୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଡ. ହୀରା ଲାଲ ହେଉଛନ୍ତି ଲୋକପ୍ରିୟ ପୁସ୍ତକ 'ଡାଇନାମିକ ଡିଏମ୍'ର ଲେଖକ। ପଞ୍ଜାବର ଆନନ୍ଦପୁର ସାହିବରେ ଏକ ଅଭୂତପୂର୍ବ ଯୋଜନାର ନେତୃତ୍ୱ ନେଇ ସବୁଜ ନିର୍ବାଚନ ପାଇଁ ଏକ ଉଲ୍ଲେଖନୀୟ ମାନଦଣ୍ଡ ସ୍ଥାପନ କରିଛନ୍ତି। ଏହି ପଦକ୍ଷେପ କେବଳ ନିର୍ବାଚନ ପରିଚାଳନା ସମ୍ପର୍କିତ ନୁହେଁ ବରଂ ତାହାର ଲକ୍ଷ୍ୟ ହେଉଛି ନିର୍ବାଚନକୁ କିଭଳି ପରିବେଶ ସଚେତନାଧର୍ମୀ ଏବଂ ସ୍ଥାୟୀ କରାଯାଇପାରିବ। ନିର୍ବାଚନ ପ୍ରକ୍ରିୟାରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ ଉପରେ ଧ୍ୟାନ ଦିଆଯିବା ସହ ନାଗରିକ ଦାୟିତ୍ୱ ଏବଂ ପରିବେଶର ଯତ୍ନ କିପରି ମିଳିତ ଭାବେ ନିଆଯାଇପାରିବ ତାହା ଡ. ହୀରା ଲାଲ ଦର୍ଶାଇଛନ୍ତି। କାଗଜ ବ୍ୟବହାର ହ୍ରାସ କରିବା, ଡିଜିଟାଲ ଅଭିଯାନକୁ ପ୍ରୋତ୍ସାହିତ କରିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟଗୁଡ଼ିକ ସୁନିଶ୍ଚିତ କରିବା ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏହି ସବୁ କାର୍ଯ୍ୟ ଯଦିଓ ସରଳ, ତଥାପି ପ୍ରାକୃତିକ ସମ୍ପଦ ଉପରେ ଚାପକୁ ହ୍ରାସ କରିବାରେ ସେଗୁଡ଼ିକର ପ୍ରଭାବ ଉଲ୍ଲେଖନୀୟ। ଆନନ୍ଦପୁର ସାହିବର ଢାଞ୍ଚାକୁ ଅନ୍ୟ ନିର୍ବାଚନମଣ୍ଡଳୀଗୁଡ଼ିକ ମଧ୍ୟ ଗ୍ରହଣ କରିପାରିବେ, ଯାହା ଏକ ନିର୍ବାଚନୀ ପ୍ରଭାବ ସୃଷ୍ଟି କରିବ ଏବଂ ତାହା ଦେଶବ୍ୟାପୀ ନିର୍ବାଚନା ପରିଚାଳନାରେ ପରିବର୍ତ୍ତନ ଆଣିପାରିବ। ଏହା କେବଳ ଗୋଟିଏ ସହର କିମ୍ବା ଗୋଟିଏ ନିର୍ବାଚନର କଥା ନୁହେଁ, ବରଂ ଭବିଷ୍ୟତ ପିଢ଼ି ପାଇଁ ଏକ ଉଦାହରଣ ସୃଷ୍ଟି କରିବ। ସବୁଜ ନିର୍ବାଚନ ପାଇଁ ଡ. ହୀରା ଲାଲଙ୍କ ଦୃଷ୍ଟିକୋଣ ପରିବେଶ ଉପଯୋଗୀ ତଥା ଦାୟିତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ।

### ଜାଲ୍ ଡକ୍ୟୁମେଣ୍ଟ

ପୂଜା ଖେଡ୍‌କରଙ୍କ ଜାଲିଆତି କାର୍ଯ୍ୟ ଏବେ ଆଲୋଡନ ସୃଷ୍ଟି କରିଛି। ବାସ୍ତବରେ ଏହା ଆମ ଅମଲାତନ୍ତ୍ରର ଏକ ଖରାପ ଛବିକୁ ପ୍ରକାଶ କରୁଛି। ଆଇଏଏସ୍ ପ୍ରୋବେସନର୍ ପୂଜା ଖେଡ୍‌କରଙ୍କ ପଦବୀ ପାଇବାକୁ ଜାତି ଏବଂ ଆର୍ଥିକ ସ୍ଥିତି ସମ୍ପର୍କିତ ଜାଲ୍ ଡକ୍ୟୁମେଣ୍ଟ ବ୍ୟବହାର କରିଥିବା ଖବର ପ୍ରଚାର ହେବା ପରଠାରୁ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଏହି ଭଳିଆ କାହାଣୀ ସବୁ ଦେଖିବାକୁ ମିଳୁଛି। ଏଥିରୁ ଜଣାପଡ଼ିଛି, ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସଂରକ୍ଷଣ କୋଟାର ଅପବ୍ୟବହାର କରି ଆସୁଛନ୍ତି। ବର୍ତ୍ତମାନ ଉତ୍ତରପ୍ରଦେଶର ଅଭିଷେକ ସିଂଙ୍କ ପରି ବାବୁ ଏବଂ ଗୁଜରାଟର ଚାରିଜଣ ଅଧିକାରୀ ତଦନ୍ତ ପରିସରରେ ଅଛନ୍ତି। ୨୦୨୦-୨୦୨୨ ମଧ୍ୟରେ ଛତିଶଗଡ଼ରେ ପରୀକ୍ଷାଗୁଡ଼ିକରେ ହୋଇଥିବା ପକ୍ଷପାତିତାକୁ ନେଇ ସିବିଆଇ ଅନୁସନ୍ଧାନ ଚଳାଇଥିବାବେଳେ ରାଜସ୍ଥାନରେ ଅନିୟମିତତା ପାଇଁ ୧ ଲକ୍ଷରୁ ଅଧିକ ନିଯୁକ୍ତି ଉପରେ ସମୀକ୍ଷା କରାଯାଉଛି। ତରବରିଆ ଭାବେ କରାଯାଇଥିବା ରିପୋର୍ଟରେ ଦୁର୍ଭାଗ୍ୟବଶତଃ କିଛି ବାସ୍ତବ ଏବଂ ଯୋଗ୍ୟ ପ୍ରାର୍ଥୀଙ୍କ ଉପରେ ଭୁଲ୍‌ରେ ଅଭିଯୋଗ ଅଣାଯାଇଛି। ଏହି ସମସ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାରୁ ଚୟନ ପ୍ରକ୍ରିୟା ଉପରେ ସନ୍ଦେହ ବଢ଼ିବାରେ ଲାଗିଛି, ବିଶେଷକରି ଏନ୍‌ଇଇଟି ପରୀକ୍ଷାକୁ ନେଇ ଏବେ ଖୋଳତାଡ଼ ଚାଲିଥିବାରୁ ଏହା ସୃଷ୍ଟି ହେବା ସ୍ୱାଭାବିକ। ଏସବୁ ଅବ୍ୟବସ୍ଥା ସାମ୍ନାକୁ ଆସିବା ପରେ ବିଶେଷକରି ଭିନ୍ନକ୍ଷମ ବର୍ଗରେ ବାବୁମାନଙ୍କ ଚୟନ ପ୍ରକ୍ରିୟାରେ ଅଧିକ ଯାଞ୍ଚ ଓ ସ୍ୱଚ୍ଛତା ଅଣାଯିବା ଦରକାର। ଏବେ ସିଭିଲ ସର୍ଭିସର ସ୍ୱଚ୍ଛତା ବିପଦରେ। ତ୍ୱରିତ୍ ପଦକ୍ଷେପ ନ ନେଲେ ଜନସାଧାରଣଙ୍କ ବିଶ୍ୱାସ କମିଚାଲିବ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | | 7 | |
| | | 6 | 7 | | | 2 | | |
| | | | 5 | 6 | | 4 | 3 | |
| | 5 | | 8 | | | | | 9 |
| | | 7 | | | 9 | | | 2 |
| | | | | | | | 6 | |
| | | | 6 | 3 | | 8 | | |
| 6 | | | | | 4 | | | 3 |
| | | | | 5 | | | 1 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 3 | 8 | 9 | 2 | 5 | 7 | 6 |
| 2 | 9 | 7 | 3 | 5 | 6 | 8 | 4 | 1 |
| 5 | 8 | 6 | 7 | 1 | 4 | 9 | 2 | 3 |
| 3 | 1 | 4 | 5 | 2 | 8 | 7 | 6 | 9 |
| 6 | 5 | 8 | 9 | 3 | 7 | 4 | 1 | 2 |
| 9 | 7 | 2 | 6 | 4 | 1 | 3 | 5 | 8 |
| 7 | 2 | 1 | 4 | 8 | 3 | 6 | 9 | 5 |
| 8 | 6 | 5 | 2 | 7 | 9 | 1 | 3 | 4 |
| 4 | 3 | 9 | 1 | 6 | 5 | 2 | 8 | 7 |

ଗତକାଲିର ଉତ୍ତର

# ବନୀକରଣ ଓ ବନବାସ୍ତବତା



**ଡ. ପ୍ରଫୁଲ୍ଲ କୁମାର ସାହୁ**

ଦିନେ ଏହି ପୃଥିବୀ ଥିଲା ନିବିଡ଼ ନିରନ୍ଧ୍ର ଅରଣ୍ୟାନୀରେ ପରିପୂର୍ଣ୍ଣ। ମାତ୍ର ଜଙ୍ଗଲ ଉପରେ ଅତ୍ୟାଚାର ବଢ଼ିବା ପରେ ବିଗିଡ଼ିବାକୁ ଲାଗିଲା ସୁସ୍ଥ ସୁନ୍ଦର ପରିବେଶ। ସଭ୍ୟତା ଆରମ୍ଭରେ ଜଙ୍ଗଲ କ୍ଷୟର କାରଣ ଥିଲା ଚାଷର ବିସ୍ତାର। ମଣିଷ କୃଷିକାର୍ଯ୍ୟ ଶିଖିବା ପରେ ଆବଶ୍ୟକ ହେଲା ଚାଷ ଜମି। ଏଇଠୁ ଆରମ୍ଭ ହେଲା ଜଙ୍ଗଲ ଜମିକୁ ଚାଷ ଜମିରେ ପରିଣତ କରିବାର ପ୍ରକ୍ରିୟା। ଜନସଂଖ୍ୟା ବଢ଼ିବା ସହିତ ଅଧିକରୁ ଅଧିକ ଚାଷଜମି ଆବଶ୍ୟକ ହେଲା ସତ, କିନ୍ତୁ ସେ ସମୟରେ ମଣିଷକୁ ଗ୍ରାସ କରି ନ ଥିଲା ଅତ୍ୟଧିକ ଭୋଗ ଲାଳସା। ବଞ୍ଚିବା ପାଇଁ ଯେତିକି ଆବଶ୍ୟକ ପ୍ରକୃତିଠାରୁ ସେତିକି ସଂଗ୍ରହ କରୁଥିଲା। ବିଶେଷକରି ବୃକ୍ଷର ସହିଷ୍ଣୁତା ଗୁଣ ମଧ୍ୟରେ ସେ ଦେଖିଥିଲା ବିଶ୍ୱ ପ୍ରକୃତିର ମୌଳିକ ପର୍ଯ୍ୟାୟ। ଆରମ୍ଭ ହେଲା ଧାର୍ମିକ ଭାବନା ନେଇ ବୃକ୍ଷ ରୋପଣ କରିବାର ପରମ୍ପରା। ବିଶେଷକରି ଗାଁ ମୁଣ୍ଡରେ ବର ଅଶ୍ୱତ୍ଥ ଗଛ ଲଗେଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖ ମାସରେ ତା' ମୂଳରେ ଢାଳୁଥିଲେ ପାଣି। ମାତ୍ର ଶିଳ୍ପ ସଭ୍ୟତାର ବିକାଶ ପରେ ମଣିଷର ଜୀବନ ବଞ୍ଚିବା ଶୈଳୀ ବଦଳିବା ସହିତ ଆରମ୍ଭ ହେଲା ପରିବେଶ ପ୍ରଦୂଷଣ।

ଲାଭ ଓ ଲୋଭ ଶିଳ୍ପାୟନର ମୂଳକଥା ହୋଇଥିବାରୁ ପ୍ରକୃତି ସହିତ ମିତ୍ରତା କରି ବଞ୍ଚିବା ପରିବର୍ତ୍ତେ ଚାଲିଲା ପ୍ରକୃତିର ଦୋହନ କରି ଆଗକୁ ବଢ଼ିବାର ପ୍ରତିଯୋଗିତା। ମଣିଷର ଏହି ଅପରିଣାମଦର୍ଶିତା ପାଇଁ ଧ୍ୱଂସ ପାଇଲା ହଜାର ହଜାର ହେକ୍ଟର ସବୁଜ ବନାନୀ। ଜଳବାୟୁ ବଦଳିବା ସାଙ୍ଗକୁ ଋତୁଚକ୍ରରେ ଆସିଲା ବିଭ୍ରାଟ। ଚିନ୍ତା ପ୍ରକଟ କଲେ ପରିବେଶ ବିଜ୍ଞାନୀ। ଏହାକୁ ଦୃଷ୍ଟିରେ ରଖି ଜଙ୍ଗଲ ସୁରକ୍ଷା ପାଇଁ ସ୍ୱାଧୀନ ଭାରତରେ ତିଆରି ହେଲା କଠୋର ଆଇନ। ଏଥିସହିତ ସାମାଜିକ ବନୀକରଣ ପାଇଁ କାର୍ଯ୍ୟକାରୀ ହେଲା ଅନେକ ଯୋଜନା। ମାତ୍ର ସବୁ ସଜାଗ ଓ ସତର୍କତା ସତ୍ତ୍ୱେ ବି ବଢ଼ି ଚାଲିଲା ଜଙ୍ଗଲ କ୍ଷୟ। କେଉଁଠି ବନବିଭାଗ ଓ ଜଙ୍ଗଲ ତସ୍କରଙ୍କ ମଧୁଚନ୍ଦ୍ରିକାରେ ଜଙ୍ଗଲ ସଫା ହେଲା ତ ଅନ୍ୟ କେଉଁଠି ବନାଗ୍ନିରେ ଧ୍ୱଂସ ପାଇଲା ଶହ ଶହ ହେକ୍ଟର ଜଙ୍ଗଲ। ଜଙ୍ଗଲ କ୍ଷୟର ସବୁଠାରୁ ବଡ଼ କାରଣ ହୋଇ ଉଭା ହେଲା ବିକାଶମୂଳକ କାର୍ଯ୍ୟକ୍ରମ। ବୋଧହୁଏ ସରକାରଙ୍କ ଦୃଷ୍ଟିରେ ବିକାଶ ଓ ଜଙ୍ଗଲ ପରସ୍ପର ଶତ୍ରୁ। କହିବାର ତାତ୍ପର୍ଯ୍ୟ ସରକାର ଚାହିଁଲେ ପୁରାତନ ବୃକ୍ଷକୁ ସୁରକ୍ଷା ଦେବା ପାଇଁ ବଦଳିଯାଇ ପାରନ୍ତା ବିଭିନ୍ନ ପ୍ରକଳ୍ପର ନକ୍ସା। ବୁଲେଇ ଦେଇ ହୁଅନ୍ତା ରାସ୍ତାର ଗତି। କି ପରିବେଶ ପ୍ରସଙ୍ଗଠାରୁ ସରକାରଙ୍କ ପାଇଁ ଅଧିକ ଗୁରୁତ୍ୱ ବହନ କରେ ରାଜନୈତିକ ଲାଭକ୍ଷତିର ହିସାବ। କୁହାଯାଏ ଜଙ୍ଗଲର ଦୁର୍ଭାଗ୍ୟ ହେଉଛି ତା'



ତଳେ ସାଇତା ହୋଇ ରହିଥିବା ମୂଲ୍ୟବାନ ଖଣିଜ ସଂପଦର ଭଣ୍ଡାର। ସେତକ ଲୁଟିନେବା ପାଇଁ ସରକାର ତଥା ବଡ଼ବଡ଼ ଶିଳ୍ପସଂସ୍ଥା ପକ୍ଷରୁ ଚାଲେ କେତେ ପ୍ରକାର ଫନ୍ଦି ଫିକର। ସେମାନଙ୍କ ଦୃଷ୍ଟିରେ ଜଙ୍ଗଲ ଜୀବଜଗତର ଜୀବନ ନାଡିକା ନୁହେଁ, ବରଂ ବସ୍ତୁ ଆବଶ୍ୟକତା ପୂରଣର ଏକ ଶ୍ରେଷ୍ଠ ଭଣ୍ଡାର। ଆମର ଏହି ପରିବେଶ ବିରୋଧୀ ମନୋଭାବ ଯୋଗୁ ଜଙ୍ଗଲ କ୍ଷୟର କଳା ତାଲିକାରେ ଅନେକ ଆଗରୁ ଆମ ଦେଶର ନାମ ଯୋଡ଼ି ହୋଇ ସାରିଛି ଏବଂ ବ୍ରାଜିଲ ଓ ଇଣ୍ଡୋନେସିଆ ତଳକୁ ଭାରତର ସ୍ଥାନ ଏବେ ତୃତୀୟ। ତଥ୍ୟ କହେ ଗତ ୩୦ ବର୍ଷ ଭିତରେ ଭାରତ ନିପାତ କରିସାରିଛି ୬ ଲକ୍ଷ ୬୮ ହଜାର ୪୦୦ ହେକ୍ଟର ଜଙ୍ଗଲ।

ଜଙ୍ଗଲ ହେଉଛି ଏକ ଜଟିଳ ପରିସଂସ୍ଥା। ତାକୁ ସୁରକ୍ଷା ଦେବାରେ ସରକାର ବିଫଳ ହେବା ପରେ ବଢ଼ିଛି ସାମାଜିକ ବନୀକରଣର ଗୁରୁତ୍ୱ। ଏହା ପ୍ରାକୃତିକ ଜଙ୍ଗଲର ପ୍ରତିସ୍ଥାପନ ନୁହେଁ ସତ, ପାରିବେଶିକ ଆବଶ୍ୟକତା ଦୃଷ୍ଟିରୁ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଅଭିଯାନ। ମାତ୍ର ତା'ର ଦିଶାହୀନ ପରିଚାଳନା କଥା ଭାବିଲେ ମନରେ ଭରିଯାଏ ନୈରାଶ୍ୟ। କହିବାର ତାତ୍ପର୍ଯ୍ୟ ଆମେ ଗଛ ଲଗେଇବା କ'ଣ ପାଇଁ? ଭାଗବତରେ ଲେଖା ଅଛି - 'ଜଳପବନ ଲାଗି ଦେହ, ଏଥୁ ଅଧିକ ଥିଲେ କହ'। ଅର୍ଥାତ ଜୀବନ ବଞ୍ଚିବାର ଅପରିହାର୍ଯ୍ୟ ଆବଶ୍ୟକତା ହେଉଛି ପବନ ଓ ପାଣି। ଯେଉଁ ପାଣି ପବନ ବିନା ଆମର ଜୀବନ ଧାରଣ ଅସମ୍ଭବ, ତାକୁ ପାଇବାର ମାଧ୍ୟମ ହେଉଛି ବୃକ୍ଷ। ଏହାକୁ ଦୃଷ୍ଟିରେ ରଖି ଆମେ ଏମିତି କିସମର ଗଛ ଲଗେଇବା ଦରକାର, ଯିଏ ଆମକୁ ପ୍ରଚୁର ପରିମାଣର ଅମ୍ଳଜାନ ଦେବ ଏବଂ ଉପଯୋଗୀ ସାବ୍ୟସ୍ତ ହେବ ବୃଷ୍ଟିପାତ ପାଇଁ। ପୃଥିବୀରେ ବୃକ୍ଷ ହିଁ ମଙ୍ଗଳମୟ ଶିବଙ୍କର ଅମୃତ ଅବତାର। ବିଶ୍ୱର କଲ୍ୟାଣ ପାଇଁ ଶିବ ଯେପରି ହଳାହଳ ଗରଳ ପାନ କରି ନୀଳକଣ୍ଠ ସାଜିଥିଲେ, ବୃକ୍ଷ ସେମିତି ଜୀବଜଗତର ମଙ୍ଗଳ ପାଇଁ ବାୟୁମଣ୍ଡଳରୁ ଶୋଷି ନିଏ ଅଙ୍ଗାରକାମ୍ଳ ରୂପକ ଗରଳ। ତେଣୁ ବନୀକରଣ ଜରିଆରେ ଏମିତି ବୃକ୍ଷ ରୋପଣ କରିବା ଆବଶ୍ୟକ, ଯେଉଁ ବୃକ୍ଷ ପାଖରେ ଥିବ ବାୟୁମଣ୍ଡଳରୁ ସର୍ବାଧିକ ବିଷ ଶୋଷି ନେବାର ସାମର୍ଥ୍ୟ। ଚାରା ରୋପଣ ପରିପ୍ରେକ୍ଷୀରେ ମନେପଡ଼ିଯାଏ ପିଲାଦିନେ ଛବି ବହିରେ ପଢ଼ିଥିବା ପ୍ରସଙ୍ଗ-'ଗଛ ଲଗାଇବି କାହା ପାଇଁ'? କହିବାର କଥା ଏମିତିକା ଗଛ ଲଗେଇବା ଆବଶ୍ୟକ, ଯାହା ବିଳମ୍ବରେ ହେଲେ ମଧ୍ୟ ଅଜାଡ଼ି ଦେବ ଅଜସ୍ର ଫଳ। ଆମ ପୂର୍ବଜମାନେ ରାସ୍ତା କଡ଼ରେ ବର ଓ ଅଶ୍ୱତ୍ଥ ଭଳି ଗଛ ଲଗାଉଥିଲେ, ଯାହା ଛାଇ ତଳେ ବସି କ୍ଳାନ୍ତି ମେଣ୍ଟାଇ ପାରେ ପଥିକ। ବିଡମ୍ବନାର ବିଷୟ ବୃକ୍ଷର ଉପରୋକ୍ତ ଉପଯୋଗିତାକୁ ଉପେକ୍ଷା କରି ବନୀକରଣ ପାଇଁ ପ୍ରସ୍ତୁତ ହେଉଛି ଚାରା। କାରଣ ଦାୟିତ୍ୱରେ ଥିବା ଅଧିକାରୀମାନେ ଏମିତି ଚାରାଗଛ ରୋପଣ କରିବାକୁ ଚାହାନ୍ତି, ଯାହାକୁ ଗୋରୁ ଛେଳି ଖାଇବେନି ଏବଂ ବଢ଼ି ପାରୁଥିବ ସହଳ। ବିଶେଷଜ୍ଞଙ୍କ ମତରେ ସହଳ ବଢ଼ି ପାରୁଥିବା ଗଛ ଗୁଡିକ ଭୂତଳ ଜଳ ଶୋଷିବାରେ ପ୍ରବୀଣ। ପ୍ରଶ୍ନ ଉଠେ ବନବିଭାଗ ଅଧିକାରୀମାନେ ଏକଥା ଜାଣି ସୁଦ୍ଧା ସେଭଳି ଚାରା ନିର୍ଣ୍ଣୟ କରନ୍ତି କାହିଁକି?

ପ୍ରାକୃତିକ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ବନ ବିଭାଗର ବିଫଳତା ହିଁ ଦର୍ଶାଏ ସେ ବିଭାଗରେ ଆଉ ଦକ୍ଷ ଅଧିକାରୀ ନାହାନ୍ତି ବା ପରିସ୍ଥିତି ଚାପରେ ସେମାନେ ଏବେ ନିଷ୍ପ୍ରଭ ଓ ନିର୍ବାକ। ଏକଥା ସତ୍ୟ ଯେ ବନ ସମ୍ପଦର ସୁରକ୍ଷା କେବଳ ବନ କର୍ମଚାରୀଙ୍କ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ଜନ ସଂପୃକ୍ତି ଆବଶ୍ୟକ। ଜନସମ୍ପର୍କ ପାଇଁ ଲୋଡ଼ା ଜନ ସଚେତନତା। ଏ ଦିଗରେ ଆଦୌ ଉତ୍ସାହଜନକ ନୁହେଁ ବନବିଭାଗର ପ୍ରୟାସ। କାରଣ ସଫଳତା ଯେଉଁଠି ଲକ୍ଷ୍ୟ ନୁହେଁ, ସେଠାରେ କି ଗୁରୁତ୍ୱ ବହନ କରେ ଜନ ସଂପୃକ୍ତି ଓ ସହଯୋଗ? ସାମାଜିକ ବନୀକରଣ ଦାୟିତ୍ୱ ପ୍ରାୟତଃ ସେହିମାନଙ୍କ ଉପରେ ନ୍ୟସ୍ତ, ଯେଉଁମାନଙ୍କ ପାଖରେ ଅଛି ପ୍ରାକୃତିକ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ବିଫଳତାର ଦୀର୍ଘ ଅଭିଜ୍ଞତା। ଅଥଚ ଏମାନଙ୍କୁ ଜଣାଅଛି ଆଇନକୁ ଆଖିଠାର ମାରି ସବୁଜୀକରଣ ପଇସାରେ ମଉଜ କରିବାର ଚମତ୍କାର କଳା। ଜଙ୍ଗଲ ବିଭାଗ କହେ ଗୋଟିଏ ଗଛ କାଟିଲେ ତା' ବଦଳରେ ଅନ୍ୟୂନ ଦଶଟି ଗଛ ଲାଗିବା ଉଚିତ। ତେବେ ରାସ୍ତା କଡ଼ରୁ କଟାଯାଇଥିବା ଗୋଟିଏ ଗୋଟିଏ ମହାଦ୍ରୁମ ବଦଳରେ ଦଶ ଦଶଟି କନିଅର ଗଛ ଲଗେଇବା କ'ଣ ଯଥେଷ୍ଟ?

କେବଳ ବନ ବିଭାଗ ନୁହେଁ, ଗଣମାଧ୍ୟମରେ ଛାଇ ଯାଉଛି ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ହେଉଥିବା ବୃକ୍ଷରୋପଣ ଦୃଶ୍ୟ। ମାତ୍ର ଫଟୋ ଉଠିବା ପରେ କେତେ ଗଛ ବଞ୍ଚିଲା ଓ ଆଉ କେତେ ଗଛ ଯତ୍ନ ଅଭାବରୁ ମଲା ବା ଛେଳି ଗୋରୁଙ୍କ ପାଟିରେ ଗଲା, ସେ ହିସାବ ନ ଥାଏ କାହାରି ପାଖରେ। ତଥ୍ୟ କହେ ବିଗତ କୋଡ଼ିଏ ବର୍ଷ ମଧ୍ୟରେ ଓଡ଼ିଶାରେ ଯେତେ ଲକ୍ଷ ହେକ୍ଟର ବନୀକରଣ ହୋଇଛି, ତାହା ରାଜ୍ୟର ସମୁଦାୟ ସ୍ଥଳଭାଗଠାରୁ ଅଧିକ। ଅଥଚ ଗୋଦରା କୋଡ଼େ ଯେତେ ମାଡ଼େ ସେତେ ନ୍ୟାୟରେ ସବୁଜିମା ପରିବର୍ତ୍ତେ ବଢୁଛି ଶୁଷ୍କ ଓ ନିର୍ଜୀବ ପରିବେଶ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଦୀର୍ଘସ୍ଥାୟୀ ଲକ୍ଷଣର ରୋଗ




**ଡ. ସତ୍ୟକାମ ମହାପାତ୍ର**

ମନୁଷ୍ୟର ଶରୀର ଓ ମନ ପରସ୍ପର ସହିତ ଅତ୍ୟନ୍ତ ନିବିଡ଼ ଭାବେ ଜଡ଼ିତ। ସୁସ୍ଥ ଜୀବନ ନିମନ୍ତେ ଉଭୟ ମନ ଓ ଶରୀର ମଧ୍ୟରେ ଠିକ୍ ସମନ୍ୱୟ ରହିବା ଜରୁରୀ। ଯେତେବେଳେ ଏହି ସମନ୍ୱୟରେ କୌଣସି ଅସୁବିଧା ଦେଖାଦିଏ, ସେତେବେଳେ ବିନା ଶାରୀରିକ ରୋଗରେ ମଧ୍ୟ ଶାରୀରିକ ଲକ୍ଷଣମାନ ଦେଖାଯାଇଥାଏ, ଯାହାକୁ ସୋମାଟୋଫର୍ମ ରୋଗ ବୋଲି କୁହାଯାଏ। ଏହା ଏକ ପ୍ରକାର ମାନସିକ ରୋଗ। ସୋମାଟୋଫର୍ମ ଶବ୍ଦ ଗ୍ରୀକ୍ ଶବ୍ଦ ସୋମାରୁ ଆସିଛି, ଯାହାର ଅର୍ଥ ଶରୀର। ଏହି ରୋଗରେ ଦୀର୍ଘ ଦିନ (ବର୍ଷ ବର୍ଷ) ପର୍ଯ୍ୟନ୍ତ ବିଭିନ୍ନ ଶାରୀରିକ ଲକ୍ଷଣ ଲାଗି ରହିଥାଏ। ଏଥିରେ ବ୍ୟକ୍ତିର ମନରେ ସର୍ବଦା ନିଜ ଶରୀର ନେଇ ଚିନ୍ତା ଲାଗି ରହିଥାଏ। ଏ ରୋଗ ସମ୍ବନ୍ଧରେ ଲୋକଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି। ଲୋକମାନେ ଏହାକୁ ଏକ ମାନସିକ ସମସ୍ୟା ବୋଲି ମାନିବାକୁ ସହଜରେ ରାଜି ହୁଅନ୍ତି ନାହିଁ।

ସୋମାଟୋଫର୍ମ ରୋଗର ଲକ୍ଷଣ ସାଧାରଣତଃ ୩୦ ବର୍ଷ ବୟସରୁ ଧୀରେ ଧୀରେ ଆରମ୍ଭ ହୋଇଥାଏ। ନାନାପ୍ରକାର ଶାରୀରିକ ଲକ୍ଷଣ ଦୀର୍ଘ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ। ଏଥିରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୋଇଥାଏ। ଶାରୀରିକ ବ୍ୟଥା ଏହି ରୋଗର ଏକ ପ୍ରମୁଖ ଲକ୍ଷଣ। ହାତ ଗୋଡ଼ ବ୍ୟଥା, ପେଟ ବ୍ୟଥା, ଅଣ୍ଟାପିଠି ଦରଜ ହେବା, ବେକ ଓ କାନ୍ଧ ବିନ୍ଧା ଓ ଦରଜ ହେବା, ମୁଣ୍ଡ ବିନ୍ଧା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହେ। ପେଟ ଜନିତ ସମସ୍ୟା ଯେମିତିକି ପେଟରେ ଗ୍ୟାସ ହେବା, ପେଟ ଫୁଲିବା, ପତଳା ଝାଡ଼ା ହେବା, ବାନ୍ତି ହେବା, ବଦହଜମି ହେବା, ଅଧିକ ଦିନ ପର୍ଯ୍ୟନ୍ତ କୋଷ୍ଠକାଠିନ୍ୟ ଲାଗି ରହିବା ଆଦି ଦେଖାଯାଇଥାଏ। କେତେକ ବ୍ୟକ୍ତିଙ୍କଠାରେ ସ୍ନାୟୁଜନିତ ସମସ୍ୟା ଯଥା ଚଲାବୁଲା କରିବାରେ ଅସୁବିଧା ହେବା, କୌଣସି ଅଙ୍ଗପ୍ରତ୍ୟଙ୍ଗ ଚଳପ୍ରଚଳରେ ଅସୁବିଧା ହେବା, ମୁଣ୍ଡ ବୁଲାଇବା, ହାତ ଗୋଡ଼ ଝିମ୍ ଝିମ୍ ହେବା ସମସ୍ୟା ଆଦି ଦେଖାଯାଇଥାଏ। ଅନେକ ରୋଗୀଙ୍କଠାରେ ପରିସ୍ରା ସମ୍ବନ୍ଧୀୟ ସମସ୍ୟା ଯଥା ବାରମ୍ବାର ପରିସ୍ରା ଲାଗିବା, ପରିସ୍ରା କରିବାରେ ଅସୁବିଧା ଲାଗିବା ଆଦି ଦେଖାଯାଇଥାଏ। ରୋଗୀକୁ କମ୍ କାମରେ ଅଧିକ ହାଲିଆ ଲାଗିଥାଏ। କେତେକ ରୋଗୀ ଅଜବ ପ୍ରକାରର ଲକ୍ଷଣମାନ କହିଥାନ୍ତି। ଯେମିତିକି ପେଟରୁ ଗ୍ୟାସ ମୁଣ୍ଡକୁ ଚଢ଼ିଯାଉଛି, କେତେବେଳେ ଦେହ ଅତ୍ୟଧିକ ଥଣ୍ଡା ଲାଗୁଛି ତ କେତେବେଳେ ଗରମ ଲାଗୁଛି, ମୁଣ୍ଡ ଏବଂ ଦେହ ଜଳାପୋଡ଼ା ହେଉଛି ବୋଲି ବାରମ୍ବାର ଡାକ୍ତରଙ୍କୁ କହିଥାନ୍ତି। ଏସବୁ ସମସ୍ୟା ଯୋଗୁ ରୋଗୀର ସାମାଜିକ, ପାରିବାରିକ ଓ ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ପଡ଼ିଥାଏ। ଯେତେବେଳେ କୌଣସି କାରଣରୁ ବ୍ୟକ୍ତି ଉପରେ ମାନସିକ ଚାପ ପଡ଼େ କିମ୍ବା ସେ ଅଧିକ ଭାବପ୍ରବଣ ହୋଇଉଠେ ସେତେବେଳେ ସୋମାଟୋଫର୍ମ ରୋଗର ଲକ୍ଷଣ ବଢ଼ିଯାଇଥାଏ।

ରୋଗୀ ଏସବୁ ସମସ୍ୟା ଯୋଗୁ ଅତ୍ୟଧିକ ବ୍ୟସ୍ତ ହୋଇପଡ଼ିଥାଏ। ଛୋଟ ଛୋଟ ଶାରୀରିକ ଲକ୍ଷଣକୁ ଗମ୍ଭୀର ରୋଗ ବୋଲି ମନେ ମନେ ଭାବି ଚିନ୍ତିତ



ହୋଇପଡ଼େ। ରୋଗୀ ଶରୀରର ନାନା ପ୍ରକାରର ପରୀକ୍ଷା ନିରୀକ୍ଷା ଯଥା ମସ୍ତିଷ୍କର ସିଟି ସ୍କାନ, ପେଟର ଅଲ୍ଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି, ଏକ୍ସ-ରେ, ବିଭିନ୍ନ ରକ୍ତ ପରୀକ୍ଷା ବାରମ୍ବାର କରାଇଥାଏ। ମାତ୍ର ସମସ୍ତ ପରୀକ୍ଷା ନିରୀକ୍ଷା ପ୍ରାୟତଃ ଠିକ୍ ଥାଏ। ସମସ୍ତ ପ୍ରକାରର ଅନୁସନ୍ଧାନ ପରେ ମଧ୍ୟ ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ କାରଣ ମିଳି ନ ଥାଏ। ଡାକ୍ତରଙ୍କ ସାନ୍ତ୍ୱନା ପରେ ମଧ୍ୟ ରୋଗୀ ଆଶ୍ୱସ୍ତି ଲାଭ କରି ନ ଥାଏ। ସେ ବାରମ୍ବାର ଗୋଟେ ପରେ ଗୋଟେ ଡାକ୍ତର ବଦଳାଇ ଚାଲିଥାଏ ଏବଂ ଅନେକ ପ୍ରକାରର ଅଯଥା ପରୀକ୍ଷା ନିରୀକ୍ଷା କରାଇ ବହୁ ଖର୍ଚ୍ଚାନ୍ତ ହୋଇଥାଏ। ମାତ୍ର ଏସବୁ ସତ୍ତ୍ୱେ ରୋଗର ଉପଶମ ମିଳି ନ ଥାଏ। ଅନେକ ରୋଗୀ ନିଜ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ମୁଖ୍ୟତଃ ମଦ ଓ ସିଗାରେଟ ସେବନ କରିଥାନ୍ତି, ଯାହା ଫଳରେ ରୋଗର ଲକ୍ଷଣ ଓଲଟା ଆହୁରି ବଢ଼ି ଯାଇଥାଏ। ଦୀର୍ଘ ଦିନ ପର୍ଯ୍ୟନ୍ତ ସୋମାଟୋଫର୍ମ ରୋଗ ଲାଗି ରହିଲେ ଅନିଦ୍ରା, ଅବସାଦ ବା ଡିପ୍ରେସନ ଏବଂ ଆଙ୍ଗ୍‌ଜାଇଟି ରୋଗ ଆଦି ଆରମ୍ଭ ହୋଇପାରେ। ଏହି ରୋଗ ଚିହ୍ନଟ ହେବାରେ ସାଧାରଣତଃ ବହୁତ ବିଳମ୍ବ ହୋଇଥାଏ ଏବଂ ଡେରିରେ ଚିକିତ୍ସା ଆରମ୍ଭ କଲେ ରୋଗ ଠିକ୍ ହେବାରେ ଅଧିକ ସମୟ ଲାଗିଥାଏ। ଏ ରୋଗରେ ମସ୍ତିଷ୍କରେ କେତେକ ନିର୍ଦ୍ଦିଷ୍ଟ ନ୍ୟୁରୋଟ୍ରାନ୍ସମିଟରର ମାତ୍ରାରେ ପରିବର୍ତ୍ତନ ଦେଖାଯାଇଥାଏ। କେତେକ ବ୍ୟକ୍ତିଙ୍କଠାରେ କୌଣସି କାରଣରୁ ମାନସିକ ଚାପ ପଡ଼ିଲେ ସୋମାଟୋଫର୍ମ ରୋଗ ଆରମ୍ଭ ହୋଇ ପାରେ।

ସୋମାଟୋଫର୍ମ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ବୁଝିବାକୁ ହେବ ଯେ, ଏହି ରୋଗର ଲକ୍ଷଣ ଶାରୀରିକ ହେଲେ ମଧ୍ୟ ଏହାର କାରଣ ମାନସିକ ଅଟେ। ତେଣୁ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ କରିବା ଜରୁରୀ। ରୋଗୀମାନେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ପାଇଁ ସାଧାରଣତଃ କୁଣ୍ଠାବୋଧ କରନ୍ତି। ମାତ୍ର ଧୈର୍ଯ୍ୟ ଧରି ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଇଲେ ଦୀର୍ଘ ଦିନର ଜ୍ୱ ସମସ୍ୟାରେ ଖୁବ୍ ଶୀଘ୍ର ସୁଧାର ଦେଖାଯାଇଥାଏ। ଏଥି ନିମନ୍ତେ ନିର୍ଦ୍ଦିଷ୍ଟ ଔଷଧ ଏବଂ ମନସ୍ତାତ୍ତ୍ୱିକ ଚିକିତ୍ସା (କାଉନସେଲିଙ୍ଗ) ଉଭୟ ଦରକାର ପଡ଼ିଥାଏ। କଗନିଟିଭ ବିହେଭିରାଲ ଥେରାପି (ସିବିଟି) ନାମକ ମନସ୍ତାତ୍ତ୍ୱିକ ଚିକିତ୍ସା ପଦ୍ଧତି ଏହି ରୋଗ ନିମନ୍ତେ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏଥିସହିତ ଜୀବନଶୈଳୀରେ ଠିକ୍ ପରିବର୍ତ୍ତନ ଓ ମାନସିକ ଚାପର ଉପଯୁକ୍ତ ମୁକାବିଲା ନିମନ୍ତେ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ। ନିୟମିତ ଶାରୀରିକ ବ୍ୟାୟାମ ଓ ଯୋଗ ଅଭ୍ୟାସ କରିବା, ସୁଷମ ଖାଦ୍ୟ ଖାଇବା ଓ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଉଚିତ। ରୋଗୀମାନେ ନିଜ ଦେହ ବିଷୟରେ କମ୍ ଚିନ୍ତା କରି ନିଜକୁ ସର୍ବଦା କାର୍ଯ୍ୟ ବ୍ୟସ୍ତ ରଖିବା ଉଚିତ। ଏଥିସହିତ ଡାକ୍ତରଙ୍କ ସହ ନିୟମିତ ବ୍ୟବଧାନରେ ପରାମର୍ଶ କରିବା ଅତ୍ୟନ୍ତ ଜରୁରୀ ଅଟେ।

**କଟକ, ମୋ- ୮୮୯୫୨୯୩୯୯୭**

## ଏଇ ଭାରତରେ

ପେସାରେ ନର୍ସ, କିନ୍ତୁ ସାପ ଉଦ୍ଧାର କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଛତିଶଗଡ଼ ରାୟପୁରର ଅଜିତା ପାଣ୍ଡେ। ସେ ୧୦ ବର୍ଷ ମଧ୍ୟରେ ଅନେକ ହଜାର ସାପ ଉଦ୍ଧାର କରିସାରିଲେଣି। ଲୋକମାନଙ୍କଠାରୁ କଲ୍ ପାଇବା କ୍ଷଣି ସେହି ସ୍ଥାନରେ ସେ ପହଞ୍ଚି ଯାଉଛନ୍ତି। କେବଳ କୋଭିଡ୍ ସମୟରେ ସେ ଲୋକଙ୍କ ଘରେ ପହଞ୍ଚି ୯୮୪ଟି ସାପ ଉଦ୍ଧାର କରିପାରିଥିଲେ। ଅଜିତାଙ୍କୁ ୧୮ ବର୍ଷ ବୟସ ହୋଇଥିବା ବେଳେ ସେ ପ୍ରଥମେ ସାପ ଧରିଥିଲେ। ପରେ ଶିକ୍ଷା ଶେଷ କରି ନର୍ସ ଭାବେ ଚାକିରି କରି ତାଙ୍କର ସେହି ପସନ୍ଦକୁ ଜାରି ରଖିଛନ୍ତି। ସାପ ଧରିବା ଲାଗି ସେ ତାଙ୍କ ବିଭାଗରୁ ଅନୁମତି ମଧ୍ୟ ନେଇଛନ୍ତି ଓ ଏହି କାର୍ଯ୍ୟ ପାଇଁ ସେ କାହାଠାରୁ ଅର୍ଥ ନେଉନାହାନ୍ତି। ସେ ଜଙ୍ଗଲ ବିଭାଗ ଅଧିକାରୀ, ପଶୁଙ୍କ ପାଇଁ କାମ କରୁଥିବା ଏନ୍‌ଜିଓ ସହିତ ଯୋଗାଯୋଗ ରକ୍ଷା କରି ବିଭିନ୍ନ ପ୍ରକାର ସାପଙ୍କ ଆଚରଣ ସମ୍ପର୍କରେ ଜାଣି ପାରିଛନ୍ତି। ଏହା ବ୍ୟତୀତ ପ୍ରତୀକ୍ଷା ସ୍ନେକ୍ ସେଲ, ୱାଇଲ୍ଡ ଲାଇଫ କଞ୍ଜରଭେଶନ ସୋସାଇଟି ଏବଂ ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ସହ ଜଡ଼ିତ ରହି ଏହି ସାପ ଉଦ୍ଧାର କାର୍ଯ୍ୟ ସହଜରେ କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩ ଅଗଷ୍ଟ ୧୯୭୫**

- ରାଜ୍ୟର ଅନ୍ୟତମ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ମହାପାତ୍ରଙ୍କ ୮୪ ବର୍ଷ ବୟସରେ ପରଲୋକ।
- ଉତ୍ତର ପ୍ରଦେଶ ଚାମୋଲି ଜିଲାର ଯୋଶୀମଠ ନିକଟରେ ଘଟିଥିବା ମୋଟର ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ।
- ସିରିଆରେ ସନ୍ତ୍ରାସବାଦୀ କାର୍ଯ୍ୟ କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଫାଶୀ।

## ଚିରନ୍ତନୀ

ଚଳିଯାଏ ଯାନ, ଜନ କରି ନାନା ଶବଦ
ପଥ ପୂରି ଉଚ୍ଛୁଳଇ କେତେ ହସ ଆମୋଦ
ଗତିର ଆଘାତେ ଚଳେ ଅବିରାମ ଜଗତ
ଏ ଘରେ ଲୁଚଇ ମୋର ମରମର ଦରଦ!
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭିତ୍ତିଭୂମିର ବିକାଶ ହେଉ

ମହାଶୟ,

ବିଜେଡି ସରକାରଙ୍କ ୨୪ ବର୍ଷର ଦୀର୍ଘ ଶାସନ କାଳରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କ ପାଇଁ ମାଳ ମାଳ ଜନହିତକର ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହା ଯୋଗୁ ସରକାରଙ୍କ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଥିଲେ। ଏହାଛଡ଼ା ଆର୍ଥିକ ସ୍ଥିରତା ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସହ ୨୦୧୫-୧୬ଠାରୁ ୨୦୨୩-୨୪ ଦୀର୍ଘ ୮ ବର୍ଷ ଧରି ରାଜ୍ୟର ଆର୍ଥିକ ଅଭିବୃଦ୍ଧି ୭ରୁ ୮% ରହିଥିଲା। ଏହା ବ୍ୟତୀତ ଜାତୀୟ ହାରଠାରୁ ଅଧିକ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲାରେ ଓଡ଼ିଶା ସମଗ୍ର ଦେଶରେ ୨୩ମ ସ୍ଥାନ ଅଧିକାର କରିଥିଲା। ଏ ସବୁ ସତ୍ତ୍ୱେ ବିଜେଡିର ଶାସନ କାଳ ମଧ୍ୟରେ ରାଜ୍ୟର ଦୀର୍ଘ ମିଆଦୀ ବିକାଶ ଓ ରାଜ୍ୟବାସୀଙ୍କୁ ରୋଜଗାରକ୍ଷମ ତଥା ସ୍ୱାବଲମ୍ବୀ କରିବାର ସମ୍ଭାବନାକୁ ସୁନିଶ୍ଚିତ କରିବା ପାଇଁ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସେପରି କିଛି ଆଖିଦୃଶିଆ କାମ କରାଯାଇପାରିନାହିଁ। ଏହି ଅଭାବ ପୂରଣ ପାଇଁ ବର୍ତ୍ତମାନର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମହିଳା ବିଜେଡି ପକ୍ଷରୁ ବିକ୍ଷୋଭ

ବାରିପଦା,୨।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ): ରାଜ୍ୟସଭା ସଦସ୍ୟା ପଦ ଓ ବିଜେଡି ଦଳରୁ ମମତା ମହାନ୍ତଙ୍କ ଇସ୍ତଫା ପରେ ମୟୂରଭଞ୍ଜ ଜିଲ୍ଲାବ୍ୟାପି ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଜୁ ମହିଳା ଜନତା ଦଳ ପକ୍ଷରୁ ଶୁକ୍ରବାର ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଗୋଲେଇଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି ପକ୍ଷରୁ ରାଜ୍ୟସଭା ସଭ୍ୟ ଭାବେ ମମତା ମହାନ୍ତଙ୍କୁ ପଦ ଦେଇଥିବା ବେଳେ ସେ କିନ୍ତୁ ବିଜେଡି ତାଙ୍କୁ ଉପେକ୍ଷା କରିଥିବା କହିଛନ୍ତି। ଏ ନେଇ ବିଜେଡି ମହିଳା ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିଜର ସ୍ୱାର୍ଥ ସାଧନ ପାଇଁ ବିଜେଡି ଦଳ ତଥା ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ଏବଂ କୁଡୁମୀ ସମ୍ପ୍ରଦାୟପ୍ରତି ମମତା ବିଶ୍ୱାସଘାତକତା କରିଛନ୍ତି ବୋଲି ମହିଳାମାନେ ସମ୍ମିଳିତ ଭାବରେ ପ୍ରତିବାଦ କରିଥିଲେ। ବିଜେଡି ଦଳ ତରଫରୁ ମମତାଙ୍କୁ କୌଣସି ପ୍ରକାର ଅଣଦେଖା କରାଯାଇନାହିଁ। ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ନିନ୍ଦା ପ୍ରକାଶ ପାଇଛି। ମମତାଙ୍କ ବିରୋଧରେ ନାରାବାଜି କରିବା ସହିତ ଏ ପ୍ରକାର ହୀନ ରାଜନୀତି କେବଳ ନିଜର ସ୍ୱାର୍ଥ ସାଧନ ପାଇଁ ବୋଲି ବିଜେଡିର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। କୌଣସି କାରଣ ନ ଥାଇ ବିଜେଡିରୁ ଇସ୍ତଫା ଦେବା ଘଟଣାକୁ ବିଜେଡି ତୀବ୍ର ନିନ୍ଦା କରିଛନ୍ତି।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ



ବୈଠକରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କ ସହ ଅଧିକାରୀମାନେ।

## ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ

ବାରିପଦା,୨।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ) ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ନେଇ ଏକ ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ବ୍ଲକ, ତହସିଲ ତଥା ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ସରକାରୀ ଯୋଜନା ଏବଂ ଏହାର ଅଗ୍ରଗତି ବିଷୟରେ ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀମାନେ ନିଜ ଅଞ୍ଚଳରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଏବଂ ବିଭାଗ ଦ୍ୱାରା ଅନୁମୋଦିତ କାର୍ଯ୍ୟଗୁଡ଼ିକର ବିବରଣୀ ଦେବା ସହ ଏହାର ଅଗ୍ରଗତି ବିଷୟରେ ବିଶଦ ବିବରଣୀ ଦେଇଥିଲେ। ସେହି ପରିପ୍ରେକ୍ଷୀରେ ବିଧାୟିକା ସମସ୍ତ ତଥ୍ୟକୁ ଆଲୋଚନା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ଜଳସେଚନ, କୃଷି, ପର୍ଯ୍ୟଟନ, ରାଜସ୍ୱ, ପ୍ରାକୃତିକ ବିପର୍ଯ୍ୟୟ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ, ସାମାଜିକ ସୁରକ୍ଷା, ଶିଶୁ ବିକାଶ, ସୂଚନା ଓ ଲୋକ ସମ୍ପର୍କ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟ ବିଷୟରେ ଅବଗତ ହୋଇ ଆହୁରି କାର୍ଯ୍ୟକାରିତାକୁ ବଢ଼ାଇବା ପାଇଁ ବିଧାୟିକା ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପରିଚାଳନା କରିଥିଲେ। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଅଧୀନ କୁଲିଅଣା, ଶ୍ୟାମାଖୁଣ୍ଟା, ବାଙ୍ଗିରିପୋଷି ବ୍ଲକ ଓ ତହସିଲ, ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ସହ ବାରିପଦା ବନଖଣ୍ଡ ବିଭାଗ ଅଧିକାରୀ ଏ. ଉମା ମହେଶ, ବାରିପଦା ପିଏ ଆଇଟିଡିଏ ପ୍ରଣୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୮୫ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି

ବାରିପଦା,୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ) ମୟୂରଭଞ୍ଜ ଜିଲ୍ଲାରେ ଥିବା ହାଇସ୍କୁଲଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପୂରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ୫୩୫ଟି ଉଚ୍ଚ ବିଦ୍ୟାଳୟରେ ଖାଲି ଥିବା ୭୫୬ଟି ଶିକ୍ଷକ ପଦବୀ ପୂରଣ ନିମନ୍ତେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୮୫ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି। ଜିଲ୍ଲାର ୨୮୦ ସରକାରୀ ହାଇସ୍କୁଲରେ ୪୦୫ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ସେମାନଙ୍କ ମଧ୍ୟରେ ୭୨ ପ୍ରଧାନଶିକ୍ଷକ, ୨୪ ଟିଜିଟି ଆର୍ଟସ, ୫୧ ଟିଜିଟି ପିସିଏମ୍, ୫୭ ଟିଜିଟି ସିବିଜେଡ୍, ୨୭ କ୍ଲାସିକାଲ, ୬୯ ହିନ୍ଦୀ, ୪୩ ପିଇଟି ଓ ୬୨ ଜୁନିଅର ଆସିଷ୍ଟାଣ୍ଟ ଶିକ୍ଷକ ପଦ ଖାଲି ଥିଲା। ସେହିପରି ଜିଲ୍ଲାର ପୂର୍ଣ୍ଣ ଅନୁଦାନପ୍ରାପ୍ତ ୪୪ଟି ହାଇସ୍କୁଲରେ ୧୦୮ଟି ଖାଲି ପଦବୀ ମଧ୍ୟରେ ୫ ପ୍ରଧାନ ଶିକ୍ଷକ, ୨୬ ଟିଜିଟି ଆର୍ଟସ, ୨୧ ଟିଜିଟି ପିସିଏମ୍, ୧୭ ଟିଜିଟି ସିବିଜେଡ୍, ୧୬ ସଂସ୍କୃତ, ୧୭ ହିନ୍ଦୀ ଓ ୬ ପିଇଟି ଶିକ୍ଷକ ପଦ ଥିଲା। ୨୦୧ ବ୍ଲକଗ୍ରାଣ୍ଟ ହାଇସ୍କୁଲରେ ୨୩୩ଟି ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ଏଣୁ ସମସ୍ତ ୫୩୫ ହାଇସ୍କୁଲରେ ଖାଲି ପଡ଼ିଥିବା ସମୁଦାୟ ୭୫୬ଟି ଶିକ୍ଷକ ପଦ ପୂରଣ ପାଇଁ ଦାବି ହେଉଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ମାଧ୍ୟମରେ ଆବେଦନ ଗ୍ରହଣ କରାଯାଇଥିଲା। ଆବେଦନକାରୀଙ୍କ ମଧ୍ୟରୁ ୧୮୫ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ନିମନ୍ତେ ଜିଲ୍ଲାପାଳଙ୍କ ଅନୁମୋଦନ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ନିଯୁକ୍ତି ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଉଚ୍ଚ ବିଦ୍ୟାଳୟରେ ୮, ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୭୦ ଏବଂ ବ୍ଲକଗ୍ରାଣ୍ଟ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୦୭ଜଣଙ୍କୁ ନିଯୁକ୍ତି ମିଳିଛି। ଆବଶ୍ୟକ ସ୍ଥଳେ ନିକଟସ୍ଥ ବିଦ୍ୟାଳୟରୁ କେତେଜଣ ଶିକ୍ଷକଙ୍କୁ ସପ୍ତାହକୁ ୩ଦିନ ଶିକ୍ଷାଦାନ ନିମନ୍ତେ ଅସ୍ଥାୟୀ ବଦଳି ନିର୍ଦ୍ଦେଶ ହୋଇଥିବା ଜଣାପଡ଼ିଛି। ତେବେ ଖାଲି ପଡ଼ିଥିବା ବାକି ପଦବୀରେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ନେଇ ପ୍ରକ୍ରିୟା ଜାରି ରହିଛି ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ଠିକ୍ ମାର୍ଗରେ ଅଗ୍ରସର ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ମୋରଡ଼ା, ୨।୮ (ସ୍ମାରକ ମାଜୀ)



କଲେଜ ପ୍ରତିଷ୍ଠା ଦିବସରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ରାସଗୋବିନ୍ଦପୁର ବ୍ଲକ ଅଧୀନ ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ। ମନ୍ତ୍ରୀ ମହାବିଦ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆଦିବାସୀ ନୃତ୍ୟର ତାଳେ ତାଳେ ପାଛୋଟି ନିଆଯାଇଥିଲା। ଏହି ଅବସରରେ ମନ୍ତ୍ରୀ ନୂତନ ସ୍ମାର୍ଟ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଛାତ୍ରୀଛାତ୍ରୀଙ୍କୁ ପରାମର୍ଶ ଦେଇ କହିଥିଲେ, ନିଶା ସେବନଠାରୁ ଦୂରରେ ରହି ଠିକ୍ ମାର୍ଗରେ ଅଗ୍ରସର ହେବା ଆବଶ୍ୟକ। ଭଲ ମଣିଷ ହେବା ପାଇଁ ଭଲ ଓ ବଡ଼ ହୃଦୟଟିଏ ଦରକାର। ମହାବିଦ୍ୟାଳୟ ପରିସରରେ ଏକ ଅଡିଟୋରିୟମ ଏବଂ ଓଡ଼ିଆରେ ପିଜି ବିଭାଗ ଖୋଲାଯିବା ନେଇ ମନ୍ତ୍ରୀ ଘୋଷଣା କରିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷା କବିତା ମଞ୍ଜରୀ ଦଣ୍ଡପାଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର କାନ୍ଦ୍ରା ସୋରେନ, ପରିଚାଳନା କମିଟି ସଭାପତି ପ୍ରଭାସ ଚନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ବିଭାଗର ଛାତ୍ରୀ ସିଦ୍ଧି ମେହେତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଅବନୀକାନ୍ତ ଗିରି ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ସାଧନା ରାଉତ ମଞ୍ଚ ପରିଚାଳନା କରିଥିଲେ।

# ଡକାୟତି ମାମଲା: ୨ ଦୋଷୀଙ୍କୁ ୩ ବର୍ଷ ଜେଲ

ମୋରଡ଼ା,୨।୮(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଜେଏମ୍ଏଫ୍‌ସି କୋର୍ଟରେ ଏକ ଡକାୟତି ମାମଲାର ରାୟ ପ୍ରକାଶ ଯାଇଛି। ବିଚାରପତି ଶ୍ରୁତି ପଟ୍ଟନାୟକ ୨ ଅଭିଯୁକ୍ତ ଅଶୋକ ସିଂ ଓ କମଳାକାନ୍ତ ଗୋଛାୟତଙ୍କୁ ଦୋଷୀ ସାବ୍ୟସ୍ତକରି ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ଏକ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୨୦୨୩ ମାର୍ଚ୍ଚ ୨୫ରେ ରାସଗୋବିନ୍ଦପୁର ଥାନା ଅଧୀନ ବଧି ଗ୍ରାମର ଲକ୍ଷ୍ମଣ ରାମ ସ୍ତ୍ରୀ ଓ ପିଲାଙ୍କ ସହ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ମୋରଡ଼ା ଥାନା ଅଧୀନ ମସର୍ଦା ଗ୍ରାମ ନିକଟରେ ଅଶୋକ, କମଳାକାନ୍ତ ଓ ଜଣେ ନାବାଳକ ତାଙ୍କୁ ଅଟକାଇ ଲକ୍ଷ୍ମଣଙ୍କ ନିକଟରୁ ବାଇକ୍, ମୋବାଇଲ ଓ ୧ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଲକ୍ଷ୍ମଣ ମୋରଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୦୪/୨୩) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଘଟଣାରେ ୨୪ ଜଣ ସାକ୍ଷୀ, ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ବିଚାରପତି ଉକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ଏପିପି ସମ୍ବିତ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦୋଷୀ ସାବ୍ୟସ୍ତ ହୋଇଥିବା ଅଶୋକ ସିଂ ବୈଶିଙ୍ଗା ଥାନା ଅଧୀନ ଏକ ବିଦ୍ୟାଳୟରୁ ଚୋରି ମାମଲାରେ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ।

# ବଡ଼ସାହି ବିଧାୟକ ହେଲେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବୈଶିଙ୍ଗା,୨।୮(ରତନ ଦାଶ)- ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ସନାତନ ବିଜୁଳିଙ୍କୁ ନୂଆ ଦାୟିତ୍ୱ ମିଳିଛି। ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ଲଗାତାର ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଚିଠି ନଂ. ଏଲ୍ଏମ୍ ୨୭/୨୦୨୪/୩୭୪୧ ମୂଳେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରୂପେ ସେ ଚୟନ ହୋଇଥିବା ଜଣାଯାଇଛି। ଏହି କମିଟିରେ ତାଙ୍କ ସହ ଅନ୍ୟ ୧୧ଜଣ ବିଧାୟକ ସଦସ୍ୟ ଭାବେ ଚୟନ ହୋଇଛନ୍ତି। ବଡ଼ସାହି ନିର୍ବାଚନମଣ୍ଡଳୀର ଦ୍ୱିତୀୟ ଥର ବିଧାୟକ ଭାବେ ଦାୟିତ୍ୱ ସହ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାର ଗୁରୁଦାୟିତ୍ୱ ମିଳିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।


## ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ., ଆସିକା (ଗଞ୍ଜାମ)

### ବିଜ୍ଞାପନ

ଏତଦ୍ୱାରା ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ., ଆସିକାର ସମସ୍ତ "କ" ଓ "ଖ" ଶ୍ରେଣୀ ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି କି, ସମିତିର ବାର୍ଷିକ ସାଧାରଣ ସଭା ଆସନ୍ତା ତା.୧୪.୦୮.୨୦୨୪ ରିଖ ବୁଧବାର ଅପରାହ୍ନ ଘ. ୧୨.୧୫ ମି. ସମୟରେ ସମିତିର ମୁଖ୍ୟ କାର୍ଯ୍ୟାଳୟ ପରିଷଦର ଆସିକାଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଅଛି। ଉକ୍ତ ସାଧାରଣ ସଭାରେ ନିମ୍ନଲିଖିତ ବିଷୟଗୁଡ଼ିକ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ। ଅତଏବ ଉକ୍ତ ସଭାରେ ସମିତିର ସମସ୍ତ "କ" ଓ "ଖ" ଶ୍ରେଣୀ ସଭ୍ୟ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ। "କ" ଶ୍ରେଣୀ ସଭ୍ୟଙ୍କ ତରଫରୁ ପ୍ରତିନିଧିତ୍ୱ କରିବା ସକାଶେ ସଂପୃକ୍ତ ସମିତିର ନିର୍ଦ୍ଧାରଣର ଏକକିତା ନକଲ ଏହି କାର୍ଯ୍ୟାଳୟକୁ ଆଗୁଆ ପ୍ରେରଣ କରିବା ପାଇଁ ଅନୁରୋଧ।

**ଆଲୋଚ୍ୟ ବିଷୟ :**

୧. ଗତ ସାଧାରଣ ଅଧିବେଶନର ନିର୍ଦ୍ଧାରଣଗୁଡ଼ିକ ପଠନ ଓ ଦୃଢ଼ୀକରଣ।
୨. ସମିତିର ୨୦୨୩-୨୪ ମସିହାର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ସମିତିର ୨୦୨୨-୨୩ ଓ ୨୦୨୩-୨୪ ମସିହାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା କରିବା ଉପରେ ଆଲୋଚନା।
୪. ସମିତିର ୨୦୨୩-୨୪ ସାଲ୍‌ର ଜମା ଖର୍ଚ୍ଚ ପଠନ ଓ ଦୃଢ଼ୀକରଣ।
୫. ସମିତିର ୨୦୨୩-୨୪ ମସିହାର ଅତିରିକ୍ତ ବଜେଟ ଉପରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ।
୬. ସମିତିର ୨୦୨୫-୨୬ ମସିହାର ବାର୍ଷିକ ବଜେଟ ଅଟକଳ ଉପରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ।
୭. ଅନ୍ୟାନ୍ୟ ସଭାପତିଙ୍କ ଅନୁମତିକ୍ରମେ।

ସ୍ୱା/- ଶ୍ରୀ ଅଲେଖନାଥ ପ୍ରଧାନ, ଭାରପ୍ରାପ୍ତ ସମ୍ପାଦକ — ସ୍ୱା/- ଶ୍ରୀ କାର୍ତ୍ତିକେଶ୍ୱର ପରିଡ଼ା, ସଭାପତି

## କାର୍यपालक अभियंता का कार्यालय, पथ निर्माण विभाग, पथ प्रमण्डल, बोकारो

### ई–प्रोक्युरमेंट सूचना

(एफ 2 फॉर्म ऑफ कॉन्ट्रेक्ट आधारित अल्पकालीन ई–निविदा)

ई–निविदा प्रसंग संख्या–RCD/BOKARO/981/F.Y. 2024-2025(2nd Call)

दिनांक–01.08.2024

| | | |
|---|---|---|
| 1. | कार्य का नाम | पथ प्रमण्डल, बोकारो अन्तर्गत बहादुरपुर – कसमार – पेटरवार – पश्चिम बंगाल बोर्डर पथ के चैनेज 22.050 कि0मी0 में अवस्थित गवई नदी पर उच्चस्तरीय सेतु निर्माण (पहुँच पथ निर्माण सहित) का अवशेष कार्य, वर्ष 2024–25 |
| 2. | प्राक्कलित राशि (रूपये में) | 1,24,08,745.00 (एक करोड़ चौबीस लाख आठ हजार सात सौ पैंतालीस) रूपये मात्र |
| 3. | कार्य पूर्ण होने की अवधि | 4(चार) माह। |
| 4. | वेबसाईट पर निविदा प्रकाशन होने की तिथि एवं समय | 07.08.2024, 12.00 बजे दोपहर। |
| 5. | बिड प्राप्ति की अंतिम तिथि एवं समय | 21.08.2024, 12.00 बजे दोपहर तक। |
| 6. | निविदा आमंत्रित करने वाले कार्यालय का नाम एवं पता | कार्यालय, कार्यपालक अभियंता, पथ निर्माण विभाग, पथ प्रमण्डल, बोकारो |
| 7. | प्रोक्युरमेंट पदाधिकारी का सम्पर्क संख्या | 06542–265569 |
| 8. | ई–प्रोक्युरमेंट सेल का हेल्पलाईन संख्या | 0651–2403007 |

नोटः–प्राक्कलित राशि घट बढ़ सकती है।
विस्तृत ब्यौरा के लिए वेबसाईट http://jharkhandtenders.gov.in पर देखा जा सकता हैं।

कार्यपालक अभियंता,
पथ निर्माण विभाग, पथ प्रमण्डल, बोकारो।

PR.NO.331548 Road(24-25):D

## ଭାରତ ସରକାର
## ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ
### ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରୋତ୍ସାହନ ବିଭାଗ

ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି), ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଉକ୍ତ ବିଭାଗ ଅଧୀନସ୍ଥ ସଂଲଗ୍ନ କାର୍ଯ୍ୟାଳୟ ଲବଣ ଆୟୁକ୍ତ ସଂଗଠନ (ଏସସିଓ)ରେ ସହକାରୀ ଲବଣ ଆୟୁକ୍ତ (ଏଏସସି), ଗ୍ରୁପ୍ 'ଏ' ଗେଜେଟେଡ୍ (ବେତନ ସ୍ତର-୧୧)ର ଦୁଇଟି ପଦବୀ (ସ୍ୱଳ୍ପମିଆଦୀ ଠିକା ସମେତ)ରେ ମୁମ୍ବାଇ/ଜୟପୁରଠାରେ ଡେପୁଟେଶନ୍ ଭିତ୍ତିରେ ନିୟୋଜନ ଲାଗି ଉପଯୁକ୍ତ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

୮ ବର୍ଷର ନିୟମିତ ସେବା ସହିତ କେନ୍ଦ୍ର/ରାଜ୍ୟ ସରକାର/ଅର୍ଦ୍ଧ ସରକାରୀ/ବୈଧାନିକ ସ୍ୱୟଂଶାସିତ ସଂଗଠନର ସ୍ତର ୭ ଓ ଅଧିକ ସ୍ତରର ଅଧିକାରୀମାନେ ଆବେଦନ କରିବାକୁ ଯୋଗ୍ୟ ହେବେ ।

କେନ୍ଦ୍ର/ରାଜ୍ୟ ସରକାର/ଅର୍ଦ୍ଧ ସରକାରୀ/ବୈଧାନିକ ସ୍ୱୟଂଶାସିତ ସଂଗଠନର ଅଧିକାରୀମାନେ ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ମାଷ୍ଟର ଡିଗ୍ରୀ ଅଥବା ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଇଞ୍ଜିନିୟରିଂ/ଟେକ୍ନୋଲୋଜି ଅଥବା ସମତୁଲ୍ୟ ଡିଗ୍ରୀ ହାସଲ କରିଥିବା ଆବଶ୍ୟକ ।

ସବିଶେଷ ଯୋଗ୍ୟତା, ଅଭିଜ୍ଞତା, ଡେପୁଟେଶନ୍ ଅବଧି https://dpiit.gov.inରେ 'ପ୍ରକାଶନ' → 'ଚାକିରି' ଟ୍ୟାବ୍ (https://dpiit.gov.in/jobs/filling-two-02-posts-assistant-salt-commissioner-salt-commissioner%E2%80%99s-organization-sco-mumbai) ଅଧୀନରେ ତଥା http://www.saltcomindia.gov.inରେ ଦେଖାଯାଇପାରିବ ।

ଆବେଦନ ଦାଖଲ କରିବାର ଶେଷ ତାରିଖ ନିଯୁକ୍ତି ଖବରରେ ଏହି ବିଜ୍ଞାପନ ପ୍ରକାଶନ ତାରିଖଠାରୁ ୬୦ ଦିନ ହେବ । ଆବେଦନପତ୍ର ନିମ୍ନଲିଖିତ ଠିକଣାରେ ଏବଂ ଇ-ମେଲ ଦ୍ୱାରା ମଧ୍ୟ ପଠାଯାଇପାରିବ:-

**ଅଣ୍ଡର ସେକ୍ରେଟାରୀ, ଲବଣ ବିଭାଗ, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରୋତ୍ସାହନ ବିଭାଗ, ବାଣିଜ୍ୟ ଭବନ, ଇଷ୍ଟ ୱିଙ୍ଗ, ୧ମ ମହଲା, ୧୬-ଏ ଆକବର ରୋଡ୍, ନୂଆଦିଲ୍ଲୀ-୧୧୦୦୧୧, ଇମେଲ୍:- salt-section@gov.in**

ଏହି ପଦବୀଗୁଡ଼ିକ ଅସ୍ଥାୟୀ ଅଟେ, ଯାହା ବୃଦ୍ଧି କିମ୍ବା ହ୍ରାସ ହୋଇପାରେ ।

CBC 05201/11/0008/2425

## ଯୋଗପତ୍ର

ଏହା ଭାରତୀୟ ରେଳବାଇ ଅଧିନିୟମ, ୧୯୮୯ର ଧାରା ୧୧୩ ଅଧୀନରେ ପୂର୍ବରୁ **ତା୩୧।୦୭।୨୦୨୪ରିଖ**ରେ ପ୍ରକାଶିତ ସର୍ବସାଧାରଣ ବିଜ୍ଞପ୍ତି ସଂକ୍ରାନ୍ତରେ । ରେଳ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ନିକାୟଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସେମାନେ ଚାହିଁଲେ **ତା୩୦।୦୭।୨୦୨୪ରିଖରେ ଚକ୍ରଧରପୁର ଡିଭିଜନର ରାଜଖରସୁଆଁ-ବଡ଼ାବାମ୍ବୋ ମଧ୍ୟରେ କିମି ନଂ.୨୯୯/୩ଏ'ଠାରେ ଟ୍ରେନ୍ ନଂ. ୧୨୮୧୦ ହାଓଡା-ସିଏସ୍ଏମ୍‌ଟି ମେଲ୍‌ର ପାର୍ଶ୍ୱ ଧକ୍କା** ସଂକ୍ରାନ୍ତରେ ଯେକୌଣସି ସୂଚନାକୁ ନିମ୍ନଲିଖିତ ଠିକଣା/ଇମେଲ୍ ଆଇଡିରେ ପଠାଇପାରିବେ/ଶେୟାର୍ କରିପାରିବେ। **ରେଳପଥ ସୁରକ୍ଷା ଆୟୁକ୍ତ, ଦକ୍ଷିଣ ପୂର୍ବ ମଣ୍ଡଳ, ନ୍ୟୁ କୋଇଲାଘାଟ ବିଲ୍ଡିଂ (୧୨ତମ ମହଲା), ୧୪, ଷ୍ଟ୍ରାଣ୍ଡ ରୋଡ୍, କୋଲକାତା-୭୦୦୦୦୧, ଇମେଲ୍:** crssec@er.railnet.gov.in, **ଫୋନ୍:** ୦୩୩-୨୨୪୮୪୫୮।

(PR-445/C) — **ମୁଖ୍ୟ ସୁରକ୍ଷା ଅଧିକାରୀ, ଦ.ପୂ. ରେଳପଥ**

**ଦକ୍ଷିଣ ପୂର୍ବ ରେଳପଥ** — ହର୍ଷର ସହିତ ଆମେ ସେବାରତ

## ଏସ୍ଏଲ୍ଆର୍/ଏଲ୍‌ବିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

### ଭ୍ରମ ସଂଶୋଧନ

ଏହି ଖବରକାଗଜରେ ତା୦୨।୦୮।୨୦୨୪ରିଖରେ ଉପରଦର୍ଶିତ ଶୀର୍ଷକ ଅଧୀନରେ ପ୍ରକାଶିତ ବିଜ୍ଞାପନ ସନ୍ଦର୍ଭରେ ଦସ୍ତଖତକର୍ତ୍ତାଙ୍କୁ ସିନିୟର ଡିଭିଜନାଲ ମ୍ୟାନେଜର/ଆଦ୍ରା ପରିବର୍ତ୍ତେ **"ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର"** ଭାବେ ପଢ଼ାଯିବା ଆବଶ୍ୟକ । ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

**ଦକ୍ଷିଣ ପୂର୍ବ ରେଳପଥ**

## IN THE DEBTS RECOVERY TRIBUNAL: CUTTACK
C-71, SECTOR-7, CDA, CUTTACK-753014
O.A. No. 91/2023

State Bank of India .....Applicant
Vs.
Malati Singh & others .....Defendants

1. **Smt. Malati Singh,** aged about 40 yrs., W/o- Saroj Kumar Singh, At: Plot No. 3316, Chakeisihani, near Ganesh Temple, PO: Rasulgarh, Bhubaneswar-751010.

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 91/23** in the Debts Recovery Tribunal, Cuttack for recovery of **Rs.26,94,774.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through Advocates or authorized agents and show cause on **25.09.2024 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **30th day of month July of 2024.**

By orders of this Tribunal
Sd/- (NIKHILA RANJAN PATI),
Registrar,
Debts Recovery Tribunal

## IN THE DEBTS RECOVERY TRIBUNAL : CUTTACK
C-71, SECTOR-7, CDA, CUTTACK-753014
O.A. NO:- 126 / 2024

State Bank of India ...Applicant
Vs
Sweta Marketing & others ...Defendants

1. M/s. Sweta Marketing a partnership firm having its registered office at Spectrum Kalimani Residency, Digmurthy Street. Berhampur-760001, represented by its Partners Smt. K. Soudamini.
2. Smt. K. Soudamini, aged about 67 yrs. W/o: K. Sivanarayan Subudhi.
3. Sri K. Goutam Subudhi, aged about 44 yrs. S/o: K. Sivanarayan Subudhi.

All of Desi Behera Street, PO/PS: Bada Bazar, Berhampur, Dist.: Ganjam-760009

**Summons by paper publication for showing canse as to why reliefs prayed for should not be granted**

Take notice that the applicant has instituted an **OA No. 126/24** in the Debts Recovery Tribunal, Cuttack for recovery of **Rs.1,76,86,512.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this tribunal in person or through an advocates or authorized agents in show cause within **27/09/2024 at 10.30 A.M.** positively as to why the reliefs prayed for should not be granted.

Take notice that in case of your default, the original application will be heard and dispoed off exparte in your absence.

Given under my hand and seal of this Tribunal on this 29th day of July 2024.

Sd/- Nikhila Ranjan Pati
Registrar
Debts Recovery Tribunal, Cuttack

## OFFICE OF EXECUTIVE OFFICER, Manjhiaon Nagar Panchayat
### Request for Proposal/E-Procurement Notice
REQUEST FOR PROPOSAL NO.UDD/MNP/04/2024-25 (2nd Call)Date:01.08.2024

Request for Proposal are invited on behalf of **MANJHIAON NAGAR PANCHAYAT (MNP)**, Jharkhand for work on DBOT basis from reputed and eligible companies / firm/ Consortium/Joint Ventures having sound Technical and Financial capability for the following works:

| No. | Description of Package | Estimated Capital & O&M Cost (Rs. in lac) | Earnest Money(Rs. in lac) | Tender Fee (Rs.) | Completion Period) |
|---|---|---|---|---|---|
| 1 | Door to Door Collection & Source Segregation of Municipal Solid Waste, setting up & operation of Material Recovery facility, Transfer Station & Transportation Facility, Developing & Operating a Wet & Dry Waste Processing Facility and Engineered Sanitary Landfill Facility in municipal area as per SWM Rules 2016 & SBM 2.0 guidelines, for Manjhiaon Nagar Panchayat in Jharkhand, on a long -term Design, Build, Operate and Transfer (DBOT) basis with 20 years O&M | 902.03 & 4677.42 | 9.02 | 25,000/- | 16 Month Construction & 20 Yrs. O&M |
| 2 | Issue of RFP | 07.08.2024 | | | |
| 3 | Last date for receiving queries | 16.08.2024 | | | |
| 4 | Pre bid meeting | 16.08.2024 | | | |
| 5 | Proposal due date | 27.08.2024 By 3:00 PM | | | |
| 6 | Opening of technical bid | 29.08.2024 By 4:00 PM | | | |
| 7 | Official Inviting Tender | MANJHIAON NAGAR PANCHAYAT | | | |
| 8 | Mobile Number | 7004403551 | | | |
| 9 | E-mail | nagarpanchayatmanzhiaon@gmail.com | | | |
| 10 | Helpline Number of E-Procurement Cell | 7004403551/8409053313 | | | |

Only e-tenders are acceptable.Further details can be seen on website http://jharkhandtenders.gov.in

Executive Officer
Manjhiaon Nagar Panchayat

PR 331587 Urban Development(24-25)D

## यूनियन बैंक ऑफ इंडिया / Union Bank of India
भारत सरकार का उपक्रम / A Government of India Undertaking

### କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ଫୋନ୍.: ୦୬୭୪-୨୫୪୧୯୩୬/୨୫୩୮୫୦୨/୨୬, ଇ-ମେଲ୍: crld.robhubaneshwar@unionbankofindia.bank

### ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ" ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୮.୨୦୨୪ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**କୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ଓ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ଷ୍ଟେସନ୍ ସ୍କୋୟାର ଶାଖା, ଫ୍ଲାଟ୍ ନଂ.: ୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର, ପିନ୍-୭୫୧୦୦୧, ଫୋନ୍ ନଂ.: ୯୭୭୭୬୬୬୫୪୩, ଇ-ମେଲ୍: ubin0903337@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) **ମେସର୍ସ ଓଡ଼ି ପ୍ଲାଷ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସଚ୍ଚିଦାନନ୍ଦ ଦାସ,** ସା: ପ୍ଲଟ୍ ନଂ.: ୫୮/ଇ, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ପାତ୍ରପଡା, ଭୁବନେଶ୍ୱର, ପିନ୍ - ୭୫୧୦୦୯ | ୩୦.୦୬.୨୦୨୪ ସୁଦ୍ଧା ଟ.୧,୪୪,୧୮,୦୦୦/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧:** କାରଖାନା ଜମି ଏବଂ ଗୃହ ସହିତ କଳକବ୍ଜା ଓ ଯନ୍ତ୍ରପାତିର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ୍ ନଂ.: ୫୮/ଇ, ରେଭେନ୍ୟୁ ଖାତା ନଂ.: ୫୦୩, ରେଭେନ୍ୟୁ ପ୍ଲଟ୍ ନଂ.: ୫୪ (ଅଂଶ), ଜମିର ମୋଟ କ୍ଷେତ୍ର: ଏକର ୦.୧୧୫ ଡିସିମିଲି, ସା: ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ମୌଜା: ଭଗବାନପୁର, ତହସିଲ: ଭୁବନେଶ୍ୱର, ଥାନା: ତମାଣ୍ଡୋ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୯

ସଂରକ୍ଷିତ ମୂଲ୍ୟ: ଟ.୯୧,୪୦,୬୫୬/- / ଅମାନତ ଜମା: ଟ.୯,୧୪,୦୬୫/- / ବିଡ୍ ବୃଦ୍ଧି ପରିମାଣ: ଟ.୯୦,୦୦୦/-

ଇ-ନିଲାମ ତାରିଖ ଏବଂ ସମୟ : ତା.୨୯.୦୮.୨୦୨୪ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://ebkray.in

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବ୍‌ସାଇଟ୍ : https://ebkray.in ଦେଖନ୍ତୁ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/auction-property/view-auction-property.aspx and www.unionbankofindia.co.inକୁ ଅନୁଧ୍ୟାନ କରନ୍ତୁ, ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖାରେ ଯୋଗାଯୋଗ କରନ୍ତୁ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ୧୫ ଦିନିଆ ବିକ୍ରୟ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୮.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଜ୍ଞାନ, ଭୂଗୋଳ ଏବଂ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ବରମୁଣ୍ଡା, ସମୟ: ସକାଳ ୯ଟା।
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧର୍ମବିହାର, ସମୟ: ସକାଳ ୯ଟା।
- ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୮, ସମୟ: ସକାଳ ୯ଟା।
- ଅର୍ଗସ ନ୍ୟୁଜ୍ ପକ୍ଷରୁ ଏଜୁକେଶନ ନେକ୍ସ୍ଟ -୩ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ମେ ଫେୟାର କନଭେନଶନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆଇଏନ୍‌ଟିୟୁସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଦ ନରେନ୍ଦ୍ର ପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ମେଫେୟାର ହୋଟେଲ ଆଣ୍ଡ ରିସର୍ଟ୍ସ, ଲୋଟସ୍ ବାଙ୍କୁଏଟ୍ ହଲ୍, ସମୟ: ମଧ୍ୟାହ୍ନ ୧୨ଟା।
- ମିଶନ ଡ୍ରିମ୍ସ ପକ୍ଷରୁ ମିସ୍, ମିଷ୍ଟର, ମିସେସ ଇଣ୍ଡିଆ-୨୦୨୪ ସଂକ୍ରାନ୍ତ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ସମୟ: ଅପରାହ୍ନ ୪ଟା।
- ୟୁସିସିଆଇଏଲ୍ ଲେଡିଜ୍ ଫୋରମ ପ୍ରତିଷ୍ଠା ଦିବସ-୨୦୨୪, ସ୍ଥାନ: ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍, କନଫରେନ୍ସ ହଲ୍, ହୋଟେଲ କ୍ରାଉନ୍ ନିକଟ, ସମୟ: ଅପରାହ୍ନ ୪ଟା ୩୦।
- ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଦାଶ ବେନହୁରଙ୍କ ୭୧ତମ ଜନ୍ମଦିନ ଅବସରରେ 'ବେନହୁର ବିଶେଷ' କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟକ 'ଭୁତିଆର ହତିଆର', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ଶନିଶ୍ଚରଙ୍କ ବାର୍ଷିକ ଜନ୍ମୋତ୍ସବ ପାଳନ ଅବସରରେ ଗୋ ପୂଜା, ସୂର୍ଯ୍ୟ ପୂଜା, ହୋମଯଜ୍ଞ ଏବଂ ଭଜନ ସମାରୋହ, ସ୍ଥାନ: ନହରକଣ୍ଟା ସ୍ଥିତ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## କଟକ

- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ୬୫ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଟକ-ଭୁବନେଶ୍ୱର ଦ୍ୱୈତନଗରୀ ଗଣେଶ ପୂଜା କମିଟି ପକ୍ଷରୁ ଗଣେଶ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ୍ ହଲ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ରକ୍ତଦାନ ଶିବିର, ସ୍ଥାନ: କଲେଜ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସ ପରିସର, ବାଲିଗୁଆଲି, ସମୟ: ସକାଳ ୯ଟା।
- ବାର୍ଷିକ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ପୁରୀ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଖୋର୍ଦ୍ଧା

- ମହିଳା ସଙ୍ଗଠନ କୁଦିଆରୀ ଏବଂ ଗୋପବନ୍ଧୁ ମହିଳା ଚାଷୀ ଉତ୍ପାଦକ କମ୍ପାନୀ ଲି. ପକ୍ଷରୁ ଚାରାରୋପଣ, ସ୍ଥାନ: କୁଦିଆରୀ, ଜଟଣୀ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଅଲ୍ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ(ନୂତନ ପେନସନ ଭୁକ୍ତ)ର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଖଇରା ଶିକ୍ଷକ ସଂଘ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ନୀଳମଣି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା ୩୦।
- ୧୪ତମ ଜଉ କଣ୍ଢେଇ ବାହାଘର ଉତ୍ସବ-୨୦୨୪, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଜଉ କଣ୍ଢେଇ ବାହାଘର ଉତ୍ସବ ଉପଲକ୍ଷେ ସମ୍ପର୍କ ଯାତ୍ରା, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଜଉ କଣ୍ଢେଇ ବାହାଘର ବିବାହ କାର୍ଯ୍ୟକ୍ରମ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ରାତି ୮ଟା।

## ଭଦ୍ରକ

- ଟୋଲ୍‌ପ୍ଲାଜା କର୍ମଚାରୀଙ୍କ ଧାରଣା, ସ୍ଥାନ: ଭଣ୍ଡାରିପୋଖରୀ ଟୋଲ୍‌ଗେଟ୍, ସମୟ: ସକାଳ ୮ଟା।
- ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ଉତ୍ସବ- ୨୦୨୪, ସ୍ଥାନ: ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ କ୍ରୀଡ଼ାବିତ୍ ଖଗେଶ୍ୱର ଜେନାଙ୍କ ସ୍ମୃତିସଭା, ସ୍ଥାନ: ବାଲିକଲୋନୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଶ୍ରୀ କାଳୀ ଏବଂ ଶନିଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ବଣିଆପଙ୍କ, ହାଟଡ଼ିହୀ, ସମୟ: ସକାଳ ୬ଟା।
- ଶନିଗ୍ରହଙ୍କ ମନ୍ଦିରରେ ମେଳା, ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ମୋଟରାଗଡିଆ, ହାଟଡ଼ିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ବେଦ ପାଠ, ପୂଜା, ଭଜନ, କୀର୍ତ୍ତନ, ସ୍ଥାନ: ହାବଳେଶ୍ୱର, ହାଟଡିହୀ, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦ ରୁ ମଧ୍ୟାହ୍ନ ୧୨ ଟା ୩୦।
- ବିଧାୟକଙ୍କ ବିଭିନ୍ନ ପଞ୍ଚାୟତ ପରିଦର୍ଶନ, ସ୍ଥାନ: ହାଟଡିହୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ମେଗା ପ୍ରୋଜେକ୍ଟର ଶୁଭ ଉଦ୍‌ଘାଟନ,ସ୍ଥାନ: ଧନପୁର ଓଏଲ ଫାର୍ମ ନର୍ସରୀ,ବେତନଟୀ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ଉଦଳା ମହିଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ଓ କୃଷକ ସଶକ୍ତୀକରଣକୁ ନେଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମୀକ୍ଷା ବୈଠକ,ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ, ସ୍ଥାନ: ଦକ୍ଷିଣପୁର ଘାଇପାର୍ଶ୍ୱ ଭଗବାନପୁର, ସମୟ: ସକାଳ ୮ଟା ୩୦।

## ଗଜପତି

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ କମ୍ୟୁନିକେଶନକୁ ନେଇ ଜାତୀୟ କର୍ମଶାଳା, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ରାୟଗଡା ଗସ୍ତ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- କନିଷ୍ଠ ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତୀୟ ଡିଏଲ୍ଏସ୍‌ଇ ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କୋରାପୁଟ

- କନିଷ୍ଠ ଶିକ୍ଷକ ପଦବୀ ନେଇ ଜିଲାସ୍ତରୀୟ ଚୟନ କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୩ଟା ୩୦।
- କୋରାପୁଟରେ ଡିଜିଟାଲ କ୍ରପ ସର୍ଭେ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି

- କୌଶଳ ରଥ ଅଭିଯାନ, ସ୍ଥାନ: ମାଥିଲି ଆଇଟିଆଇ, ସମୟ: ସକାଳ ୯ଟା ।

## ସମ୍ବଲପୁର

- କୌଶଳ ରଥ ପରିକ୍ରମା, ସ୍ଥାନ: ଧନକଉଡା ବ୍ଲକ, ସମୟ: ସକାଳ ୮ଟା।
- ଓଡ଼ିଆ ସାମ୍ବାଦିକତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବଡବଜାରସ୍ଥିତ ଆଞ୍ଚଳିକ ଆର୍ଟ ଗେଲେରୀ, ସମୟ: ପୂର୍ବାହ୍ନ ୧୧ଟା।
- ଡା.ସନାତନ ବେହେରା ସ୍ମାରକୀ ଫୁଟବଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

## ରାଉରକେଲା

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସେକ୍ଟର--୧୯ ଆପୋଲୋ ହସ୍ପିଟାଲ୍, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ: ଚ୍ୟାମ୍ବର ଅଫ କମର୍ସ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା କର୍ମଶାଳା,ସ୍ଥାନ: ସେକ୍ଟର--୪,ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଲାବତୀ ସରକାରୀ ମହିଳା କଲେଜରେ ପ୍ରବେଶ ଉତ୍ସବ ପାଳନ,ସ୍ଥାନ: ସେକ୍ଟର-୨,ସମୟ: ପୂର୍ବାହ୍ନ ୧୧ଟା।
- ବାସନ୍ତୀ ବିଦ୍ୟାପୀଠରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୁକ୍ତା, ଅମ୍ବାଭୋନା, ସମୟ: ସକାଳ ୮ଟା।
- ମାହେଶ୍ୱରୀ ସେନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଲହଣ୍ଡା କମ୍ୟୁନିଟି ହଲ, ଅତାବିରା, ସମୟ: ସକାଳ ୯ଟା।
- ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତାର ଶୁଭାରମ୍ଭ, ସ୍ଥାନ: ଅତାବିରା ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ) କେଶବନଗର, ବରଗଡ଼, ସମୟ: ସକାଳ ୯ଟା।
- ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ହିନ୍ଦୀ ବିଭାଗ) ମାଧବ ନଗର, ବରଗଡ଼, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ସାଧାରଣ ପରିଷଦ ବୈଠକ, ସ୍ଥାନ: ସୋହେଲା ପଞ୍ଚାୟତ ସମିତି ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଧାରଣଜ୍ଞାନ ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କର୍ଲାଜୁରୀ, ଭଟଲି, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବାଞ୍ଜିପାଲି ପ୍ରାଥମିକ ବିଦ୍ୟାଳୟ, ଅତାବିରା, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- ନବମ ବ୍ଲକସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଡବନ୍ଧ. ହରଭଙ୍ଗା,ସମୟ : ପୂର୍ବାହ୍ନ ୧୦ଟା।
- ମସିଣାଗୋରା ଶିଶୁ ମନ୍ଦିରରେ ବୃକ୍ଷରୋପଣ, ସ୍ଥାନ:ମସିଣାଗୋରା ଶିଶୁ ମନ୍ଦିର ପରିସର, କନ୍ଧମାଳ , ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରାଥମିକସ୍ତରୀୟ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ମନ୍ଦାକିନୀ ବାଳିକା ଉନ୍ନିତ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମଧ୍ୟ ଇଂରାଜୀସ୍ତରୀୟ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ମନ୍ଦାକିନୀ ବାଳିକା ଉନ୍ୟତି ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଉଚ୍ଚ ବିଦ୍ୟାଳୟସ୍ତରୀୟ, ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ପୁରୁଣାଗଡ ମଞ୍ଚମୁଖୀ ମନ୍ଦିର, ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବନ୍ଦନା ଅଭ୍ୟାସ କର୍ମଶାଳା, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଏଫଏ-୧ ପରୀକ୍ଷା, ସ୍ଥାନ: ଅମରପାଲି ହାଇସ୍କୁଲ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଶିବ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ପୀଠରେ ପୂଜାର୍ଚ୍ଚନା, ସ୍ଥାନ: ଅମରପାଲି ହନୁମାନ ପୀଠ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ତରଭା ଶନିଶ୍ଚର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ହନୁମାନ ଚାଳିଶା ପାଠ, ସ୍ଥାନ: ଲୁଡୁରପଙ୍କ ହନୁମାନ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଗ୍ରାମବାସୀଙ୍କ ସ୍ୱତନ୍ତ୍ର ବୈଠକ, ସ୍ଥାନ: ସହରସ୍ଥିତ ବୁଡାପଡ଼ା ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମ ଦେବୀ ପୂଜନ, ସ୍ଥାନ: ସହରସ୍ଥିତ ଭାଗିପାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଫୁଟବଲ ପ୍ରତିଯୋଗିତାର ୧୩ତମ ମ୍ୟାଚ, ସ୍ଥାନ: ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## ଅନୁଗୋଳ

- ବିଜ୍ଞାନ ମେଳା, ସ୍ଥାନ ; ନାଲ୍‌କୋନଗର ସରସ୍ୱତୀ ବିଦ୍ୟା ମନ୍ଦିର, ସମୟ: ସକାଳ ୯ ଟାରୁ ଅପରାହ୍ନ ୪ଟା।
- ନୂତନ ଭଡା ବଣ୍ଟନ ଓ ବିଶ୍ରାମଗୃହ ଭୂମି ପୂଜନ, ସ୍ଥାନ: କଣିହାଁ ବ୍ଲକ ପବିତ୍ରନଗର +୩ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ ଟା।
- ୮୭ ତମ ତାଳଚେର ପ୍ରଜାମଣ୍ଡଳ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣିହାଁ ବ୍ଲକ ଗାନ୍ଧୀ ସ୍ମୃତି ପୀଠ, ସମୟ: ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- ଉଦୟବଟ ଧାମ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠାତା ଗୁରୁଦେବ ଭଗବାନ ଦାସଙ୍କ ଚର୍ତୁବିଂଶତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଉଦୟବଟ ଧାମ, ଦୋଛକି, ଭିତରଗଡ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଅଳପୁଆ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମଧୁବନ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ବିଇଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା,ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜାରକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାସନଗର ବାର ଅସୋସିଏଶନ ପକ୍ଷରୁ ନ୍ୟୁ କ୍ରିମିନାଲ ଲ' ସେମିନାର, ସ୍ଥାନ: ଯାଜପୁର ରୋଡ ରୟାଲ କଳିଙ୍ଗ କନଫରେନ୍ସ ହଲ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ, ସ୍ଥାନ: କୁମ୍ଭାରପଡ଼ା କଲେଜ, ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଆଶା ପ୍ରଶିକ୍ଷଣ ଶିବିର, ସ୍ଥାନ: ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ଦୀର୍ଘଦିନର ଶତ୍ରୁତା କାରଣରୁ ଦୁଶ୍ଚିନ୍ତା ସୃଷ୍ଟିହେବ। ସାହାଯ୍ୟ ପାଉଥିବା ଲୋକଟି ସାମାନ୍ୟ ସ୍ୱାର୍ଥହାନି ହେତୁ କୁତ୍ସାରଟନା କରିପାରେ। ଭୁଲ୍ ବୁଝାମଣାଜନିତ ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ବିବାଦୀୟ ପରିସ୍ଥିତି ସହ ପରିବହନ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**ବୃଷ** ସକାଳୁ ଆତ୍ମୀୟଙ୍କ ପାରିବାରିକ ସମସ୍ୟା ସମାଧାନ ସକାଶେ ଚିନ୍ତା ବଢ଼ିଯିବ। କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ରୋହିଣୀ ନକ୍ଷତ୍ର ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରାଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ, ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ** ମୃଗଶିରା ନକ୍ଷତ୍ର ସକାଶେ ସମ୍ପର୍କୀୟମାନେ ଅର୍ଥ ସମସ୍ୟା ସୃଷ୍ଟି କରିପାରନ୍ତି। ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତ ରହିପାରନ୍ତି। ପରିବାରରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବାରେ ସମର୍ଥ ହେବେ। କୌଣସି କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡ଼ିବ।

**କର୍କଟ** ଆଜି ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ତଥାପି ଅପରାହ୍ନରେ ଅଶ୍ଳେଷା ନକ୍ଷତ୍ରର ଅଫିସିଆଲି ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆମଦାନୀ କାରବାର, ବ୍ୟବସାୟିକ କାରବାରରେ ଉନ୍ନତି ହେବ। ରାଜନୈତିକ ସ୍ଥିତି କିମ୍ବା ଆଇନ, ଅଦାଲତ ସମ୍ବନ୍ଧୀୟ କେତେକ ଦୁଶ୍ଚିନ୍ତା ମନକୁ ବିଷାଦିତ କରିବ।

**ସିଂହ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ସୁଧାରିବା ପାଇଁ କିଛି କରିବାକୁ ପଡ଼ିପାରେ। ପ୍ରିୟଜନଙ୍କ ଡାକରା ପାଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ରର ସହକର୍ମୀ ମନରେ ବିଶ୍ୱାସ ଜନ୍ମାଇବାରେ କାମ ହାସଲ କରିବାରେ ସମର୍ଥ ହେବେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା** ଚିତ୍ରା ନକ୍ଷତ୍ର ସକାଶେ ଆଜି କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବେ। ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଦୀର୍ଘଦିନରୁ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ନିକଟରୁ ଦୂରେଇ ରହିବା ଭଲ। ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ହେତୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** ସକାରାତ୍ମକ ଚିନ୍ତାଧାରା ସଫଳତା ପ୍ରଦାନ କରିବ। ସମସ୍ୟା ମଧ୍ୟରେ କାମଗୁଡ଼ିକ ସନ୍ତୋଷଜନକ ହେବ ନାହିଁ। ଋଣ ପରିଶୋଧ ପାଇଁ ବ୍ୟାକୁଳ ହେବେ କାରଣ ନିଜ ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ସ୍ୱାତୀ ନକ୍ଷତ୍ର ପାଇଁ ପରିବାରର କେତେକ ସମସ୍ୟା ମନକୁ ଆନ୍ଦୋଳିତ କରିବ।

**ବିଛା** ପ୍ରତ୍ୟେକ କାମ ସମସ୍ୟା ବିଜଡିତ ରହୁଥିବାରୁ ମାନସିକ ଗ୍ଲାନି ଅନୁଭବ କରିବେ। କର୍ମକ୍ଷେତ୍ରରେ ଅସମାହିତ କର୍ମ ସକାଶେ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ରର ଏକ ସାଧାରଣ ଘଟଣାକୁ କେନ୍ଦ୍ରକରି ସାଙ୍ଗସାଥୀଙ୍କ ସହ ଉଚ୍ଚବାଚ ଘଟିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ।

**ଧନୁ** ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। କୌଣସି ଲୋକ ବିଷୟରେ ନ ଜାଣି ତହାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ବିଭିନ୍ନ ପ୍ରତିବନ୍ଧକ ହେତୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। କୌଣସି କ୍ଷେତ୍ରରେ ଅତ୍ୟଧିକ ଭାବପ୍ରବଣ ହୋଇ କାମ କରିବା ଠିକ୍ ହେବନି।

**ମକର** ଆଜି ଯେଉଁ କାମରେ ହାତଦେବେ ସେଥିରେ ଅବଶ୍ୟ ସଫଳତା ମିଳିବ। ଆନୁଷ୍ଠାନିକ କାମରେ ସନ୍ଦେହ ଓ ଭୁଲ୍ ବୁଝାମଣା ଜନିତ ସମସ୍ୟା ସୃଷ୍ଟି ହୋଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇ ଯିବାର ଅନୁଭବ କରିପାରନ୍ତି। ଶ୍ରବଣା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଆଜି ଶତଭିଷା ନକ୍ଷତ୍ର ସକାଶେ କାମ ଅସୁବିଧା ଭିତରେ ସମ୍ପନ୍ନ ହେବ। କଳା, ସାହିତ୍ୟ ଓ ସଙ୍ଗୀତାଦିରୁ ପ୍ରଶଂସିତ ହେବେ କିନ୍ତୁ ଭାଇ କିମ୍ବା ବନ୍ଧୁଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଦେଶପ୍ରାପ୍ତ ହୋଇ ଆଗାମୀ କାଲିର କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ରେବତୀ ନକ୍ଷତ୍ର ଆଜି ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

ଆଜି ଅଗଷ୍ଟ ୩ ତାରିଖ, ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା, ଶନିବାର, ଅମାବାସ୍ୟାର ନିଶାପାଳନ, ଗୃହିଣାଂ ଚିତାଉଲାଗି, ରାଶିନକ୍ଷତ୍ର-ଦିବା ଘ.୧୨।୦୦ ମି. ପର୍ଯ୍ୟନ୍ତ ପୁନର୍ବସୁ/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୧୬ ଗତେ ଘ.୦୧।୦୯ ମଧ୍ୟେ ଘ.୦୨।୨୮ ଗତେ ଘ.୦୪।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୧୬ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଶ୍ରେଣୀଗୃହରୁ ଭିଡ଼ିଆଣି ...

ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ମାରପିଟ ଘଟଣା ସିସିଟିଭିରେ କଏଦ୍ ହୋଇଛି। ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦ ଧୀରେ ଧୀରେ ଉଗ୍ରରୂପ ନେଉଥିବାରୁ ସ୍କୁଲରେ ପୋଲିସ ମୁତୟନ ହୋଇଛନ୍ତି। ଅପରପକ୍ଷେ ଘଟଣାକୁ ନେଇ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ରାଜଶ୍ରୀ ପଟ୍ଟନାୟକ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ମାଛିପଡ଼ା ସ୍କୁଲରେ ଛୁଆଁ ଅଛୁଆଁ ଭେଦଭାବ ରଖି ପ୍ରଧାନ ଶିକ୍ଷକ ଓ ସଂସ୍କୃତ ଶିକ୍ଷକଙ୍କ ନିର୍ଦ୍ଦେଶରେ ସବର୍ଣ୍ଣ ଛାତ୍ରମାନେ ଜୁଲାଇ ୨୪ ତାରିଖରେ ଅସବର୍ଣ୍ଣ ଛାତ୍ରମାନଙ୍କୁ ମାରପିଟ କରିଥିବା ନେଇ ଅସବର୍ଣ୍ଣଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ସ୍କୁଲ ପରିସରରେ ସବର୍ଣ୍ଣ ଛାତ୍ରଙ୍କ ମାଡ଼ରେ ୧୦ ଅସବର୍ଣ୍ଣ ଛାତ୍ର ଆହତ ହୋଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଏହାକୁ ନେଇ ବିବାଦ ଉଗ୍ରରୂପ ନେଇଥିଲା। ଅସବର୍ଣ୍ଣ ଛାତ୍ରମାନଙ୍କ ଅଭିଭାବକମାନେ ସ୍କୁଲକୁ ଯାଇ ମାରପିଟ ଘଟଣାର ତଦନ୍ତ କରିବାକୁ ଦାବି କରିବା ସହ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିବାଦର ସମାଧାନ କରିଥିଲେ ହେଁ ଅସବର୍ଣ୍ଣ ଛାତ୍ରମାନେ ସ୍କୁଲକୁ ଆସୁ ନ ଥିଲେ। ଏଭଳିସ୍ଥଳେ ପୁଣି ଶୁକ୍ରବାର ମାରପିଟ ଘଟଣା ଶିକ୍ଷା ଓ ପୋଲିସ ବିଭାଗର ମୁଣ୍ଡବ୍ୟଥାର କାରଣ ପାଲଟିଛି।

ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀର ପ୍ରଧାନ ଥାନାରେ କରିଥିବା ଅଭିଯୋଗ ଅନୁସାରେ, ଜୁଲାଇ ୨୪ ତାରିଖର ଘଟଣାକୁ ନେଇ ଶୁକ୍ରବାର ସ୍କୁଲ ଭିତରେ ୨ ସବର୍ଣ୍ଣ ଛାତ୍ରଙ୍କୁ ମାରପିଟ କରାଯାଇଛି। ବେଲବଣି ଗାଁ ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ, ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ରାହୁଲ ନାୟକ ଓ ସୁରେଶ ଚନ୍ଦ୍ର ନାୟକଙ୍କ ସମେତ ୨୦ଜଣ ଯୁବକ ମିଳିତ ହୋଇ ସ୍କୁଲ ପରିସରକୁ ପ୍ରବେଶ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ପାଟିତୁଣ୍ଡ କରିଥିଲେ। ପରେ ବିଦ୍ୟାଳୟରେ ପାଠ ପଢୁଥିବା ଶୁଭମ ଓ ଅନୀଲଙ୍କୁ ଶ୍ରେଣୀଗୃହରୁ ଘୋଷାଡ଼ି ନେଇ ସେମାନେ ପିଟିଥିଲେ। ଘଟଣାସ୍ଥଳରେ ଶିକ୍ଷକ ଶରତ କୁମାର ବେହେରା, ସନ୍ନ୍ୟାସୀ ପ୍ରଧାନ, ବାଳକୃଷ୍ଣ ସାହୁ, ଉପ୍ରା ମଇ ବିଦ୍ୟାଳୟର ପୂର୍ବତନ ସଭାପତି ସୁରେଶ କୁମାର ସାହୁ, ଗ୍ରାମ୍ୟ କମିଟିର ସଭ୍ୟ ବ୍ରଜ କିଶୋର ସାହୁ ଆକ୍ରମଣକାରୀଙ୍କୁ ମାରପିଟ ନେଇ ବାରଣ କରୁଥିଲେ ହେଁ ସେମାନେ କିଛି ଶୁଣି ନ ଥିଲେ ବୋଲି ପ୍ରଧାନ ଶିକ୍ଷକ ଏତଲାରେ ଦର୍ଶାଇଛନ୍ତି।

ଘଟଣା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରେ ଜୁଲାଇ ୨୪ରେ ଛୁଆଁ ଅଛୁଆଁ ଭେଦଭାବକୁ ନେଇ ସୃଷ୍ଟ ବିବାଦକୁ ସମାଧାନ କରାଯାଇଥିଲା। ତେବେ କାହିଁକି ପୁଣି ବିବାଦ ହେଲା ବୁଝାପଡୁନି। ଶୁକ୍ରବାର ମାରପିଟ ସମ୍ପର୍କରେ ପ୍ରଧାନ ଶିକ୍ଷକ ଅବଗତ କରାଇବା ପରେ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇ ଯୋଗାଯୋଗରେ ରହିବାକୁ କହିଥିଲି। ହେଲେ ପ୍ରଧାନ ଶିକ୍ଷକ ମୋ ଫୋନ ଉଠାଉନାହାନ୍ତି। ଏପରିକି ଗଣ୍ଡଗୋଳ ବିଷୟରେ ସନ୍ଧ୍ୟା ସୁଦ୍ଧା କୌଣସି ସୂଚନା ଦେଇନାହାନ୍ତି। ଅନ୍ୟପକ୍ଷେ ଏହି ଘଟଣାରେ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ରିପୋର୍ଟ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟର ସୂଚନା ଅନୁସାରେ, ପ୍ରଧାନ ଶିକ୍ଷକଙ୍କ ଅଭିଯୋଗ ପରେ ନୟାଗଡ଼ ସଦର ଥାନାରେ ଦଫା ୧୨୬(୨), ୩୨୯(୪), ୧୧୫(୨)୧୦୯/୩୫୧(୨) /୩(୫)ରେ ନଂ. ୧୮୦/୨୪ରେ ମାମଲା ରୁଜୁ ହୋଇଛି। ୬ଜଣ ନାବାଳକଙ୍କୁ ଅଟକ ରଖାଯାଇ ଶୂନ୍ୟ ସହନଶୀଳ ନୀତି ଆପଣେଇ ତଦନ୍ତ କରାଯାଉଛି। ଆହତଙ୍କ ଚିକିତ୍ସା ପାଇଁ ପୋଲିସର ଏକ ଟିମ୍ ଗଠନ କରାଯାଇଛି। ଭଲ ଚିକିତ୍ସା ଯୋଗାଇଦେବାକୁ ସିଡିଏମ୍‌ଓଙ୍କୁ ଅନୁରୋଧ କରାଯାଇଛି। ମାମଲାର ତଦନ୍ତକାରୀ ଅଧିକାରୀ ସଦର ଥାନା ଆଇଆଇସି ବିଜୟା ସାହୁ ରହିଛନ୍ତି। ସବର୍ଣ୍ଣ ଅସବର୍ଣ୍ଣ ମାମଲା ହୋଇଥିବାରୁ ଜଣେ ଡିଏସ୍‌ପିଙ୍କୁ ଏହାର ତଦନ୍ତ ଭାର ଦିଆଯାଇଛି।

### ପରୀକ୍ଷାକେନ୍ଦ୍ରରେ ସିସିଟିଭି ...

ଖଣ୍ଡପୀଠରେ ସିଜେଆଇଙ୍କ ସମେତ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା ରହିଥିଲେ। ବିବାଦ ଘେରରେ ରହିଥିବା ଚଳିତବର୍ଷର ଏନ୍‌ଇଇଟି-ୟୁଜି ପରୀକ୍ଷାକୁ ବାତିଲ କରିବା ଓ ସାନି ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ଜୁଲାଇ ୨୩ରେ ସୁପ୍ରିମକୋର୍ଟ ମନା କରିଦେଇଥିଲେ। ଏନେଇ ଖଣ୍ଡପୀଠ ଶୁକ୍ରବାର ସବିଶେଷ କାରଣ ଦର୍ଶାଇଛନ୍ତି। ପରୀକ୍ଷାରେ ପ୍ରଣାଳୀଗତ ଲିକ୍ କିମ୍ବା ଅସାଧୁ ଉପାୟ ଅବଲମ୍ବନର ଯଥେଷ୍ଟ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ। ତେଣୁ ପରୀକ୍ଷାର ସାଧୁତାରେ ସାଲିସ୍ କରାଯାଇଥିବା ଅଭିଯୋଗ ସିଦ୍ଧ ହେଉନାହିଁ। ସେହିପରି ସୋସିଆଲ ମିଡିଆ କିମ୍ବା ଇଣ୍ଟରନେଟ୍ ଜରିଆରେ ପ୍ରଶ୍ନପତ୍ରର ବ୍ୟାପକ୍ ପ୍ରଘଟ ହୋଇଥିବାର ପର୍ଯ୍ୟାପ୍ତ ତଥ୍ୟ ଅଦାଲତଙ୍କ ପାଖରେ ନାହିଁ। ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ମାଧ୍ୟମ ବ୍ୟବହାର କରାଯାଇ ଛାତ୍ରୀଛାତ୍ରଙ୍କୁ ଉତ୍ତର ଜଣାଇଦିଆଯାଇଥିବାର ମଧ୍ୟ ପ୍ରମାଣ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

ହଜାରିବାଗ ଏବଂ ପାଟନାରେ ହୋଇଥିବା ପ୍ରଶ୍ନପତ୍ର ଲିକ୍‌ରୁ ଯେଉଁ ଛାତ୍ରୀଛାତ୍ର ଉପକୃତ ହୋଇଥିଲେ, ସିବିଆଇ ସେମାନଙ୍କୁ ଚିହ୍ନଟ କରିଛି। ଉକ୍ତ ଛାତ୍ରୀଛାତ୍ରଙ୍କୁ ସଙ୍କୋଚ ପରୀକ୍ଷାର୍ଥୀଙ୍କଠାରୁ ବାଦ୍ ଦିଆଯାଇପାରିବ। ତେଣୁ ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ପୁଣିଥରେ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦିଆଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

## ନାବାଳିକାଙ୍କୁ ଉଦ୍ଧାର କରି ପୋଲିସ ଜିମାଦେଲେ

ଆନନ୍ଦପୁର,୨।୮
(ସୁଶାନ୍ତ କୁମାର ସାହୁ)

ଆନନ୍ଦପୁର ବ୍ଲକ୍ ବାଲିପଶି ଛକରୁ ଜଣେ ନାବାଳିକାଙ୍କୁ ଲୋକେ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ମାମୁଙ୍କ ନିର୍ଯାତନା ସହି ନ ପାରି ନାବାଳିକା ଜଣକ ଘରକୁ ପଳାଇଆସିଥିବା କହିଛନ୍ତି। ଏବେ ସେ ପୋଲିସ ହେପାଜତରେ ଅଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର। ସେ ମା'ବାପାଙ୍କ ମାଡ଼, ଗାଳି ସହ୍ୟ ନ କରିପାରି ଯାଜପୁର ଜିଲାସ୍ଥିତ ମାମୁଙ୍କ ଘରେ ରହୁଥିଲେ। ସେଠାରେ ମାମୁ ତାଙ୍କୁ ଗାଈ ଚରାଇବା କାର୍ଯ୍ୟରେ ନିୟୋଜିତ କରିଥିଲେ। ଶୁକ୍ରବାର ଗାଈ ଚଳାଇବାକୁ ନ ଯିବାରୁ ମାମୁ ମାଡ଼ ମାରିବାରୁ ଘରୁ ଲୁଚି ପଳାଇ ଆସିଥିଲେ। ସନ୍ଧ୍ୟା ୬ଟା ସମୟରେ ବାଲିପଶି ଛକଠାରେ ଚମର୍ଦାର କୁଶ ପଲେଇ ଦେଖି ତାଙ୍କୁ ଘରକୁ ନେଇଥିଲେ। ପରେ ପୋଲିସ ପହଞ୍ଚି ନାବାଳିକାଙ୍କୁ ଥାନା ନେଇଥିବା ଜଣାପଡ଼ିଛି।

**ମଧ୍ୟପ୍ରାଚ୍ୟରେ ବଢୁଛି ଉତ୍ତେଜନା**

## ତେଲ୍ ଆଭିଭ୍‌କୁ ଏୟାର ଇଣ୍ଡିଆ ବିମାନସେବା ସ୍ଥଗିତ

ନୂଆଦିଲ୍ଲୀ,୨।୮(ପି.ଟି.)

ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢୁଥିବାରୁ ଏୟାର ଇଣ୍ଡିଆ ତେଲ୍ ଆଭିଭ୍‌କୁ ଏହାର ସମସ୍ତ ବିମାନ ସେବା ଅଗଷ୍ଟ ୮ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ଉକ୍ତ ଏୟାରଲାଇନ୍ସ ମଧ୍ୟପ୍ରାଚ୍ୟ ସ୍ଥିତି ଉପରେ ନଜର ରଖିଛି ଏବଂ ଉପରୋକ୍ତ ସମୟ ପାଇଁ ଯେଉଁ ଯାତ୍ରୀମାନଙ୍କର ଯାତ୍ରା ବୁକିଂ ନିଶ୍ଚିତ କରାଯାଇଥିଲା, ସେମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ଯାତ୍ରା ତାରିଖ ପରିବର୍ତ୍ତନ ଏବଂ ବାତିଲ ଦେୟ ଉପରେ ଗୋଟିଏ ଥର ଛାଡ଼ କରାଯିବ ବୋଲି ଏୟାର ଇଣ୍ଡିଆ କହିଛି। ଯାତ୍ରୀମାନଙ୍କୁ ଅଧିକ ସୂଚନା ପ୍ରଦାନ ଲାଗି ଏୟାର ଇଣ୍ଡିଆ ଫୋନ୍ ନମ୍ବର ମଧ୍ୟ ସେୟାର କରିଛି। ଇରାନ ରାଜଧାନୀ ତେହେରାନରେ ହମାସ୍ ପଲିଟିକାଲ ବ୍ୟୁରୋ ମୁଖ୍ୟ ଇସ୍ମାଇଲ ହାନିୟେଙ୍କ ହତ୍ୟା ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। କତାରରେ ରହୁଥିବା ହାନିୟେ ଇରାନର ନବନିର୍ବାଚିତ ରାଷ୍ଟ୍ରପତି ମାସୌଦ ପେଜେଶ୍କିଆନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ବୁଧବାର ତେହେରାନ ଯାଇଥିବାବେଳେ ଇସ୍ରାଏଲ୍ ସେନା ଆକ୍ରମଣରେ ନିହତ ହୋଇଥିଲେ। ଏହାର ଦିନକ ପୂର୍ବରୁ ଲେବାନନ୍‌ରେ ଇସ୍ରାଏଲ୍ ସେନା ଆକ୍ରମଣରେ ହେଜବୋଲ୍ଲା କମାଣ୍ଡର ଫୁଆଦ ଶୁକରଙ୍କ ମୃତ୍ୟୁ ଘଟିଥିଲା।

# ନାସା ହାତରେ ୧୮ ଦିନ

## ସୁନୀତାଙ୍କ ମହାକାଶ ଯାତ୍ରାକୁ ୮ ସପ୍ତାହ ବିତିଲା


ସୁନୀତା ୱିଲିୟମ୍ସଙ୍କ ସହ ବୁଚ୍ ୱିଲମୋର।


ଆଇଏସ୍ଏସ୍‌ର ହାର୍ମୋନି ମୋଡ୍ୟୁଲରେ ବୋଇଂର ଷ୍ଟାରଲାଇନର ସିଏସ୍‌ଟି-୧୦୦ ସ୍ପେସକ୍ରାଫ୍ଟ।

ୱାଶିଂଟନ,୨।୮

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ତାଙ୍କ ସହଯୋଗୀ ବୁଚ୍ ୱିଲମୋର ଗତ ଜୁନ୍ ୫ରେ ଫ୍ଲୋରିଡାର କେପ୍ କାନାଭେରାଲ ସ୍ପେସ୍ ଷ୍ଟେସନ୍‌ରୁ ବୋଇଂର ଷ୍ଟାରଲାଇନର ଏୟାରକ୍ରାଫ୍ଟରେ ମହାକାଶ ଯାତ୍ରା କରିଥିଲେ। ବୋଇଂର କମର୍ସିଆଲ କ୍ରୁ କାର୍ଯ୍ୟକ୍ରମ ପାଇଁ ଏହି ମିଶନକୁ ଏକ ମାଇଲଖୁଣ୍ଟ ରୂପେ ବିବେଚନା କରାଯାଉଛି। ତେବେ ଉକ୍ତ ମହାକାଶଯାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ୮ ସପ୍ତାହ ପରେ ମଧ୍ୟ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେସନ୍ (ଆଇଏସ୍ଏସ୍)ରୁ ଉଭୟେ ଫେରିପାରି ନାହାନ୍ତି। ଆଇଏସ୍ଏସ୍‌ରେ ଦୀର୍ଘ ୫୭ ଦିନ ଧରି ଫସିରହିଥିବା ଦୁଇ ମହାକାଶଚାରୀଙ୍କୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ପାଇଁ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ହାତରେ ଆଉ ମାତ୍ର ୧୮ ଦିନ ରହିଛି। ଏହି ସ୍ୱଳ୍ପ ଅବଧି ଭିତରେ ଯାନ୍ତ୍ରିକ ତ୍ରୁଟିକୁ ସୁଧାରି ଉଭୟଙ୍କୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରାଇବା କ୍ରୁ-୯ ମିଶନ ପାଇଁ ଜରୁରୀ ହୋଇପଡ଼ିଛି। ଏଥିପାଇଁ ଇଞ୍ଜିନିୟରମାନେ ଅକ୍ଲାନ୍ତ ଉଦ୍ୟମ ଚଳାଇଛନ୍ତି। ଏପରି କି ଏହି ଆହ୍ୱାନପୂର୍ଣ୍ଣ ସମୟରେ ସ୍ପେସେକ୍ସ ଡ୍ରାଗନ୍ କ୍ୟାପ୍ସୁଲକୁ ମିଶନରେ ସାମିଲ କରିବା ସମେତ ଅନ୍ୟ ବିକଳ୍ପଗୁଡ଼ିକ ଉପରେ ମଧ୍ୟ ନାସା ଚିନ୍ତା କରୁଛି। ଜୁନ୍ ୧୩ରେ ଆଇଏସ୍ଏସ୍‌ରେ ପହଞ୍ଚିଥିବା ଷ୍ଟାରଲାଇନର ଏୟାରକ୍ରାଫ୍ଟ ମିଶନର ସପ୍ତାହେ ପରେ ସୁନୀତା ଓ ୱିଲମୋରଙ୍କୁ ନେଇ ପୃଥିବୀକୁ ଫେରିବା ସ୍ଥିର ହୋଇଥିଲା। ତେବେ ମହାକାଶଯାନ ଆଇଏସ୍ଏସ୍‌ର ନିକଟତ ହେବା ବେଳକୁ ଏହାର ୨୮ ଥ୍ରଷ୍ଟର ମଧ୍ୟରୁ ୫ଟି ହଠାତ୍ ବନ୍ଦ ହୋଇଯାଇଥିଲା। ଏହାର ସର୍ଭିସ୍ ମୋଡ୍ୟୁଲର ୫ଟି ସ୍ଥାନରେ ହିଲିୟମ୍ ଲିକ୍ ହେଉଥିବା ଜଣାପଡ଼ିଥିଲା। ସ୍ପେସକ୍ରାଫ୍ଟରେ ଥ୍ରଷ୍ଟର ଓ ହିଲିୟମ୍ ସିଷ୍ଟମ୍‌ରେ ସମସ୍ୟା ଯୋଗୁ ଦୁହିଁଙ୍କ ପ୍ରତ୍ୟାବର୍ତ୍ତନ ବିଳମ୍ବିତ ହୋଇଛି। ନାସାର କମର୍ସିଆଲ କ୍ରୁ ପ୍ରୋଗ୍ରାମ ମ୍ୟାନେଜର ଷ୍ଟିଭ୍ ଷ୍ଟିଚ୍ କହିଛନ୍ତି, ସୁନୀତା ଓ ୱିଲମୋରଙ୍କ ଫେରିବା ତାରିଖ ସ୍ଥିର ହୋଇନାହିଁ। ପୃଥିବୀର ବାୟୁମଣ୍ଡଳ ଦେଇ ଭୂପୃଷ୍ଠରେ ସୁରକ୍ଷିତ ଅବତରଣ କରିବା ପାଇଁ ଥ୍ରଷ୍ଟର ଓ ହିଲିୟମ୍ ସିଷ୍ଟମ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇ ସିଷ୍ଟମ୍ ଭଲ ଭାବେ କାର୍ଯ୍ୟ ନ କଲେ ମହାକାଶଚାରୀ ଦ୍ୱୟଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇପାରେ। କ୍ରୁ-୯ ମିଶନ ଆସନ୍ତା ୧୮ ତାରିଖ ପୂର୍ବରୁ ଲଞ୍ଚ ହୋଇପାରିବ ନାହିଁ। ଏହାର ଲଞ୍ଚ ବେଳେ ମିଶନରେ ନାସା ମହାକାଶଚାରୀ ଜେନା କାର୍ଡମ୍ୟାନ୍, ନିକ୍ ହେଗ୍ ଏବଂ ଷ୍ଟିଫାନେ ୱିଲସନ୍‌ଙ୍କ ସହ ରୋସ୍‌କୋସମୋସ୍ କୋସ୍‌ମୋନଟ୍ ଆଲେକ୍‌ଜାଣ୍ଡାର ଗୋର୍ବୁନୋଭ୍ ଏକ ସ୍ପେସେକ୍ସ ଡ୍ରାଗନ୍ ସ୍ପେସକ୍ରାଫ୍ଟରେ ଆଇଏସ୍ଏସ୍‌କୁ ଯିବେ। ସେତେବେଳେ ଷ୍ଟାରଲାଇନର ଥିବା ସ୍ଥାନକୁ ଖାଲି କରାଯିବା ଜରୁରୀ ହୋଇପଡ଼ିବ। ଷ୍ଟାରଲାଇନର ଅଚଳ ହୋଇ ପଡ଼ିରହିଲେ ନାସା ବିକଳ୍ପ ବ୍ୟବସ୍ଥା କରି ଦୁହିଁଙ୍କୁ ଫେରାଇ ଆଣିବା ଲାଗି ଏକ ସ୍ପେସେକ୍ସ ଡ୍ରାଗନ୍ କ୍ୟାପ୍ସୁଲ ବ୍ୟବହାର କରିପାରେ।

## କୋଚିଂ ସେଣ୍ଟରରେ ମୃତ୍ୟୁ ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର

ନୂଆଦିଲ୍ଲୀ,୨।୮(ପି.ଟି.)

ଦିଲ୍ଲୀର ଓଲ୍ଡ ରାଜେନ୍ଦ୍ର ନଗରସ୍ଥିତ କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ପାଣି ପଶି ୩ ଜଣ ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁ ହୋଇଥିଲା। ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଏହି ମାମଲାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଛନ୍ତି। ସିବିଆଇ ତଦନ୍ତର ତଦାରଖ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରିବା ନିମନ୍ତେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଚିଂ ସେଣ୍ଟରରେ ପାଣି ପଶିବା ଘଟଣାରେ ପୋଲିସ ଓ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି)କୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ଛାତ୍ରୀଛାତ୍ରମାନେ କିପରି କୋଚିଂ ସେଣ୍ଟରରୁ ବାହାରି ନ ପାରିଲେ, ତାହା ଖୋଜି ବାହାର କରିବାରେ ସେମାନେ ବିଫଳ ହୋଇଥିବା ଖଣ୍ଡପୀଠ କହିଛନ୍ତି। ଉକ୍ତ ଅଞ୍ଚଳରେ ଡ୍ରେନ୍‌ଗୁଡ଼ିକ କାର୍ଯ୍ୟ କରୁ ନ ଥିବା ସମ୍ପର୍କରେ କମିଶନରଙ୍କୁ ଜଣାଯାଇ ନ ଥିଲା କାହିଁକି ବୋଲି ଏମ୍‌ସିଡି ଅଧିକାରୀଙ୍କୁ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ପୋଲିସ୍‌କୁ ତାଚ୍ଛଲ୍ୟ କରି ଅଦାଲତ କହିଥିଲେ, ସେହି ରାସ୍ତା ଦେଇ ଏସ୍‌ୟୁଭି ଚଳାଇ ଯାଇଥିବା ଡ୍ରାଇଭରଙ୍କୁ ଯେପରି ଗିରଫ କଲ, ବେସ୍‌ମେଣ୍ଟରେ ପଶିଥିବା ବର୍ଷାଜଳର ତୁମେ ଚାଲାଣ କାଟିନାହଁ। ସୂଚନାଯୋଗ୍ୟ, ଡ୍ରାଇଭର ମନୁଜ କାଠୁରିଆ ଏସ୍‌ୟୁଭି ଚଳାଇଯିବାରୁ ଗେଟ୍ ଖୋଲିଯାଇ ବର୍ଷା ଓ ଡ୍ରେନ୍ ପାଣି କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ପଶିଥିବା ଅଭିଯୋଗ ହୋଇଥିଲା।

## ଏସ୍ଆଇଟି ତଦନ୍ତ ଆବେଦନ ଖାରଜ

**ଇଲେକ୍ଟୋରାଲ ବଣ୍ଡ ଯୋଜନା**

ନୂଆଦିଲ୍ଲୀ,୨।୮(ପି.ଟି.)

ଅଦାଲତଙ୍କ ତତ୍ତ୍ୱାବଧାନରେ ଇଲେକ୍ଟୋରାଲ ବଣ୍ଡ ଯୋଜନାର ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଦ୍ୱାରା କରାଇବା ପାଇଁ ହୋଇଥିବା ଆବେଦନଗୁଡ଼ିକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ମାମଲା ସହ ସମ୍ପୃକ୍ତ ନ ଥିବା ପ୍ରସଙ୍ଗରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ଇଲେକ୍ଟୋରାଲ ବଣ୍ଡ ଜରିଆରେ ଚାନ୍ଦା ଦେଇଥିବା ବ୍ୟକ୍ତି ବା ସଂସ୍ଥା ଏହା ବଦଳରେ ଫାଇଦା ପାଇଥିବା ଅଭିଯୋଗ ଉପରେ ଖଣ୍ଡପୀଠ କହିଥିଲେ, ଏହା ଅନୁମାନ ଉପରେ ପର୍ଯ୍ୟବସିତ। ଆବେଦନକାରୀମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବା ପୂର୍ବରୁ ଆଇନରେ ଉପଲବ୍ଧ ଅନ୍ୟ ପ୍ରତିକାର ବ୍ୟବସ୍ଥାର ସୁଯୋଗ ନେଇନାହାନ୍ତି। ତେଣୁ ବର୍ତ୍ତମାନ ସ୍ଥିତିରେ ଏଥିରେ ହସ୍ତକ୍ଷେପ କରିବା ଅପରିପକ୍ୱ ଏବଂ ଅନୁପଯୁକ୍ତ ହେବ ବୋଲି ଖଣ୍ଡପୀଠ କହିଥିଲେ। ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁଯାୟୀ, ନାଗରିକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ସେମାନେ ସିଧାସଳଖ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ। ତେବେ ଆପରାଧିକ କାର୍ଯ୍ୟ ସହ ସମ୍ପୃକ୍ତ ମାମଲାଗୁଡ଼ିକ ଅନୁଚ୍ଛେଦ ୩୨ ଅଧୀନରେ ଆସୁନାହିଁ। ଏଥିପାଇଁ ଆଇନରେ ସମାଧାନ ଉପଲବ୍ଧ ଥିଲା ବୋଲି ଅଦାଲତ କହିଛନ୍ତି।

# ଉଦ୍ଧାର କାର୍ଯ୍ୟରେ ପାଗ ପ୍ରତିବନ୍ଧକ



ସେନାର ସନ୍ଧାନୀ କୁକୁର ସହାୟତାରେ ନିଖୋଜ ଲୋକଙ୍କୁ ଠାବ ପାଇଁ ଉଦ୍ୟମ ଚାଲିଛି।

ଥିରୁଭାନନ୍ତପୁରମ୍,୨।୮

**୪ ଜଣଙ୍କୁ ଜୀବନ୍ତ ଉଦ୍ଧାରକଲେ ସେନା ଯବାନ**

କେରଳର ୱାୟନାଡ୍ ଜିଲାରେ ହୋଇଥିବା ପ୍ରଳୟଙ୍କରୀ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ଶୁକ୍ରବାର ୩୦୮ରେ ପହଞ୍ଚିଛି। ଚତୁର୍ଥ ଦିନରେ ସେନା ଯବାନମାନେ ଭୂସ୍ଖଳନ ସ୍ଥଳରୁ ୪ ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଛନ୍ତି। ପ୍ରତିରକ୍ଷା ବିଭାଗ ଜନସମ୍ପର୍କ ଅଧିକାରୀଙ୍କ ସୂଚନା ଅନୁଯାୟୀ ଭେଲାରିମାଲାର ଜନ୍ କେ.ଜେ, ଜୋମୋଲ ଜନ୍, କ୍ରିଷ୍ଟିନ୍ ଜନ୍ ଏବଂ ଆବ୍ରାହାମ୍ ଜନ୍‌ଙ୍କୁ ନିରାପଦର ସହ ଉଦ୍ଧାର କରାଯାଇ ନିକଟବର୍ତ୍ତୀ ରିଲିଫ୍ କ୍ୟାମ୍ପ୍‌କୁ ନିଆଯାଇଛି। ପ୍ରଥମେ ଏହି ପରିବାରକୁ ହେଲିକପ୍ଟର ଯୋଗେ ଅନ୍ୟତ୍ର ନେବା ପାଇଁ ଯୋଜନା ହୋଇଥିଲା। ତେବେ ନିରାପଦ ରୁଟ୍‌ରେ ସେମାନେ ରିଲିଫ୍ କ୍ୟାମ୍ପ୍‌କୁ ଯିବାକୁ ରାଜି ହୋଇଥିଲେ।

ଏବେ ମଧ୍ୟ ପ୍ରାୟ ୩୦୦ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ସ୍ଥଳସେନା, ନୌସେନା, ତଟସୁରକ୍ଷା ବାହିନୀ, ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବାବେଳେ ତାମିଲନାଡୁରୁ ଆଉ ୪ଟି ତାଲିମପ୍ରାପ୍ତ କୁକୁରକୁ ମଧ୍ୟ ରେସ୍କ୍ୟୁ ଅପରେଶନରେ ସାମିଲ କରାଯାଇଛି। ଏଥିସହିତ ପ୍ରତି ଟିମ୍‌ରେ ସ୍ଥାନୀୟ ଅଞ୍ଚଳର ୩ ଜଣ ଏବଂ ଜଣେ ବନ କର୍ମଚାରୀଙ୍କୁ ନିଆଯାଇଛି। ତେବେ ପ୍ରତିକୂଳ ପାଗ, ରାସ୍ତାଘାଟ ଓ ବ୍ରିଜ୍ ନଷ୍ଟ ହୋଇଥିବାରୁ ଠିକଣା ସ୍ଥଳରେ ପହଞ୍ଚିବାରେ ସମସ୍ୟା ଏବଂ ଆବଶ୍ୟକ ଉପକରଣର ଅଭାବ ଯୋଗୁ ଉଦ୍ଧାର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଲାଗି ରହିଥିବା ସତ୍ତ୍ୱେ ୪୦ଟି ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

ଉଦ୍ଧାର ହେଉଥିବା ଲୋକମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ ୱାୟନାଡ୍‌ର ହସ୍ପିଟାଲଗୁଡ଼ିକରେ ଆଇସିୟୁ ପ୍ରସ୍ତୁତ ରଖାଯାଇଥିବା କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି। ଏଥିସହ ମଞ୍ଜେରୀ ମେଡିକାଲ କଲେଜ ଏବଂ କୋଝିକୋଡ୍ ମେଡିକାଲ କଲେଜ ସମେତ ଅନ୍ୟ ହସ୍ପିଟାଲରେ ପହଞ୍ଚାଇବା ପାଇଁ ହେଲିକପ୍ଟର ବ୍ୟବସ୍ଥା ମଧ୍ୟ ରହିଛି। ଶୁକ୍ରବାର ସୁଦ୍ଧା ୧୯୯ ମୃତଦେହର ବ୍ୟବଚ୍ଛେଦ ସରିଥିବାବେଳେ ୧୩୦ଟିର ଡିଏନ୍ଏ ନମୁନା ନିଆଯାଇଛି। ନିଖୋଜ ବ୍ୟକ୍ତିମାନଙ୍କ ଉଦ୍ଧାର ପାଇଁ ରେସ୍କ୍ୟୁ ଟିମ୍ ଜିପିଏସ୍ ଏବଂ ଡ୍ରୋନ୍ ଫଟୋର ସହାୟତା ନେଉଛି। ସେନା ୧୯୦ ଫୁଟ୍ ଲମ୍ବ ବେଲି ବ୍ରିଜ୍ ନିର୍ମାଣ କରିଥିବାରୁ ଉଦ୍ଧାର କାର୍ଯ୍ୟ ସହଜ ହୋଇଛି।

# ଚାଇଲ୍ଡ ଶେଲ୍ଟରରେ ୧୩ ପିଲାଙ୍କ ମୃତ୍ୟୁ: ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨।୮

ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଥିବା ଆଶା କିରଣ ଶେଲ୍ଟର ହୋମ୍‌ରେ ଗତ ୨୦ ଦିନ ମଧ୍ୟରେ ୧୩ ଜଣ ପିଲାଙ୍କର ସନ୍ଦେହଜନକ ସ୍ଥିତିରେ ମୃତ୍ୟୁ ଘଟିଲାଣି। ଏହାର ତଦନ୍ତ ଜଣେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଦିଲ୍ଲୀ ମନ୍ତ୍ରୀ ଆତିଶୀ ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ କରାଇ ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଦିଲ୍ଲୀ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ଶେଲ୍ଟର ହୋମ୍‌ରେ ଚଳିତବର୍ଷ ଜାନୁଆରୀରୁ ଇତିମଧ୍ୟରେ ୨୭ ଜଣ ପ୍ରାଣ ହରାଇଲେଣି। ପିଲାମାନଙ୍କୁ ଅବହେଳା କରାଯିବା ଏବଂ ସେଠାରେ ରହିବା ପାଇଁ ନିମ୍ନମାନର ସ୍ଥିତି ନିମନ୍ତେ ଏତେ ସଂଖ୍ୟାରେ ପିଲାଙ୍କ ଜୀବନ ଯାଇଥିବା ଭାଜପା ଅଭିଯୋଗ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଗତବର୍ଷ ତୁଳନାରେ ଚଳିତବର୍ଷ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ। ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍‌ଡିଏମ୍ କହିଛନ୍ତି। ଉକ୍ତ ରିପୋର୍ଟ ପରେ ପିଲାମାନଙ୍କୁ ଯୋଗାଇଦିଆଯାଉଥିବା ପାନୀୟ ଜଳର ମାନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଶେଲ୍ଟର ହୋମ୍‌କୁ ଏକ ଫ୍ୟାକ୍ଟ-ଫାଇଣ୍ଡିଂ ଟିମ୍ ପଠାଇଥିବାବେଳେ ଅବହେଳା ଅଭିଯୋଗ ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାରଙ୍କୁ ସମାଲୋଚନା କରିଛି। ଆଶା କିରଣ ଶେଲ୍ଟର ହୋମ୍ ବହୁ ବର୍ଷ ହେଲା ସବୁ ଆଶା ହରାଇଥିବା ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷ ରେଖା ଶର୍ମା କହିଛନ୍ତି।


**यूनियन बैंक ऑफ इंडिया Union Bank of India**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଇମେଲ୍: crld.robhubaneshwar@unionbankofindia.bank
**ଓଏମ୍‌ସି କ୍ୟାମ୍ପସ ଶାଖା**

**ଡିମାଣ୍ଡ ନୋଟିସ୍**

ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅଧୀନ

ପ୍ରାପ୍ତେଷୁ,
**ଋଣଗ୍ରହୀତା:** (୧)ମେସର୍ସ ଏସ୍.କେ.ଡି ଆସୋସିଏଟ୍ସ, ସତ୍ତ୍ୱାଧିକାରୀ: ଶ୍ରୀ ସୁଭେନ୍ଦୁ କୁମାର ଦାସ, ଠିକଣା: ପ୍ଲଟ ନଂ.୨୩୩୫/୪୦୬୧/୫୧୫୪, ରୁମ୍ ନଂ.ଏ-୧, ଜଗତପୁର, କଟକ, ଓଡ଼ିଶା-୭୫୪୦୨୧।
**ଜାମିନ୍‌ଦାର/ବନ୍ଧକଦାତା:** (୨) ଶ୍ରୀ ସୁଭେନ୍ଦୁ କୁମାର ଦାସ, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ଦାସ, ଠିକଣା: ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା-୭୫୪୨୦୦।
(୩) ଶ୍ରୀ କୃଷ୍ଣ ଚନ୍ଦ୍ର ଦାସ, ପିତା: ଶ୍ରୀ ମହନି ଦାସ, ଠିକଣା: ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା-୭୫୪୨୦୦।
ମହାଶୟ/ମହାଶୟା,
**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨)ସହିତ ଧାରା ୧୩(୩) ଅନୁସାରେ ନୋଟିସ୍।**
ତା.୨୦.୦୭.୨୦୨୪ ରିଖରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨)ଅନୁସାରେ **ଓଏମ୍‌ସି କ୍ୟାମ୍ପସ ଶାଖା**, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଆପଣଙ୍କ ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବା ନିମନ୍ତେ ଆପଣଙ୍କ ଅନ୍ତିମ ଜ୍ଞାତ ଠିକଣାରେ ନୋଟିସ୍ ପଠାଯାଇଥିଲା, କିନ୍ତୁ ତାହା ପ୍ରାପ୍ତ ହୋଇନଥିଲା। ତେଣୁ ଏହି ଖବରକାଗଜ ପ୍ରକାଶନ ମାଧ୍ୟମରେ ଆମେ ଡିମାଣ୍ଡ ନୋଟିସ୍ ଜାରି କରିଅଛୁ। ଆପଣଙ୍କ ଋଣ ଆକାଉଣ୍ଟ ତା.୨୮.୦୬.୨୦୨୪ରେ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଅଛି। ଆପଣ ଋଣ ସୁବିଧା ଗ୍ରହଣ କରିବା ସମୟରେ ବ୍ୟାଙ୍କ ସହିତ ଆପଣ ଋଣ ଦସ୍ତାବିଜ୍ କାର୍ଯ୍ୟକାରୀ କରିଛନ୍ତି। ଋଣଆକାଉଣ୍ଟର ବକେୟା ଦେୟ ଓ ସୁରକ୍ଷିତ ବନ୍ଧକ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ର.ନଂ. | ଋଣର ପ୍ରକାର | ୩୦.୦୬.୨୦୨୪ରିଖ ସୁଦ୍ଧା ବକେୟା ପରିମାଣ | ପ୍ରୟୋଗ ହୋଇନଥିବା ସୁଧ | ଅନ୍ୟାନ୍ୟ ଖର୍ଚ୍ଚ | ସମୁଦାୟ ବକେୟା ପରିମାଣ |
|---|---|---|---|---|---|
| ୧ | ଓଭର ଡ୍ରାଫ୍ଟ | ଟ.୪୯,୩୯,୨୮୮.୯୧ | ଟ.୬୧,୯୧୦.୦୦ | ୦.୦୦ | ଟ.୫୦,୦୧,୧୯୮.୯୧ |

ସମୁଦାୟ: ପଚାଶ ଲକ୍ଷ ଏକ ହଜାର ଏକ ଶହ ଅଠାନବେ ଟଙ୍କା ଏକାନବେ ପଇସା ମାତ୍ର

**ବନ୍ଧକ ସ୍ଥାବର ସମ୍ପତ୍ତି ନିମ୍ନରେ ପ୍ରଦାନ କରାଗଲା:**
**ଶ୍ରୀ କୃଷ୍ଣ ଚନ୍ଦ୍ର ଦାସଙ୍କ ନାମରେ ଥିବା ବାସପୋଯୋଗୀ ଜମି ଯାହାର ଖାତା ନଂ.୭୬୭/୧୦୦୭, ପ୍ଲଟ ନଂ.୧୦୩୪/୩୯୯୦, ମୌଜା: ଶ୍ରୀବନ୍ତପୁର, ତହସିଲି: ବାରଙ୍ଗ ନଂ.୨୬୬, ଥାନା: କଟକ ସଦର, ଜିଲ୍ଲା: କଟକ, ଏରିଆ: ଏ୦.୧୨୦ ଡିସିମିଲି ଯାହାକି ୫୨୨୬ ବର୍ଗଫୁଟ, ଚାରିପାର୍ଶ୍ୱରେ: ଉତ୍ତର- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ସାଧାରଣ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୧୦୩୪ର ବଳକା ଅଂଶ, ପୂର୍ବ- ପ୍ଲଟ ନଂ.୧୦୩୫, ପଶ୍ଚିମ- ପ୍ଲଟ ନଂ.୧୦୩୨।**
ଆପଣ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ଏହି ବିଜ୍ଞପ୍ତି ପ୍ରକାଶନର ୬୦ଦିନ ମଧ୍ୟରେ ଟ.୫୦,୦୧,୧୯୮.୯୧ (ପଚାଶ ଲକ୍ଷ ଏକ ହଜାର ଏକ ଶହ ଅଠାନବେ ଟଙ୍କା ଏକାନବେ ପଇସା ମାତ୍ର)ସହିତ ପରବର୍ତ୍ତି ସୁଧ ଏବଂ ତତ୍ ସମ୍ବନ୍ଧୀୟ ଖର୍ଚ୍ଚ ପଇଠ କରନ୍ତୁ। ଯଦି ଆପଣମାନେ ଏହା ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ସୁରକ୍ଷିତ ଋଣଦାତା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪)ର ସମସ୍ତ କ୍ଷମତା ପ୍ରୟୋଗ କରିବାକୁ ବାଧହେବେ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ୱା ହସ୍ତାନ୍ତର କରିପାରିବେ ନାହିଁ। ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେସୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।
ତାରିଖ: ୦୩.୦୮.୨୦୨୪
ସ୍ଥାନ: ଭୁବନେଶ୍ୱର
ଆପଣଙ୍କ ବିଶ୍ୱସ୍ତ
ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ

**यूनियन बैंक ऑफ इंडिया Union Bank of India**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଇମେଲ୍: crld.robhubaneshwar@unionbankofindia.bank
**ବାଲୁଖଣ୍ଡ ଶାଖା**

**ଡିମାଣ୍ଡ ନୋଟିସ୍**

ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅଧୀନ

ପ୍ରାପ୍ତେଷୁ,
**ଋଣଗ୍ରହୀତା/ବନ୍ଧକଦାତା:** (୧)ଶ୍ରୀ ମାନସ କୁମାର ରଥ, ପିତା: ଶ୍ରୀ ସୁରେଶ ଚନ୍ଦ୍ର ରଥ, ଠିକଣା: ବେହେରା ସାହି, ସିଟି ରୋଡ, ପେଣ୍ଠକଟା, ପୁରୀ-୭୫୨୦୦୨।
**କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର:** (୨) ଶ୍ରୀମତୀ ସ୍ନେହଲତା ପ୍ରହରାଜ, ସ୍ୱା: ଶ୍ରୀ ସୁରେଶ ଚନ୍ଦ୍ର ରଥ, ଠିକଣା: ବେହେରା ସାହି, ସିଟି ରୋଡ, ପେଣ୍ଠକଟା, ପୁରୀ-୭୫୨୦୦୨।
(୩) ଶ୍ରୀ ସୁରେଶ ଚନ୍ଦ୍ର ରଥ, ଠିକଣା: ବେହେରା ସାହି, ସିଟି ରୋଡ, ପେଣ୍ଠକଟା, ପୁରୀ-୭୫୨୦୦୨।
ମହାଶୟ/ମହାଶୟା,
**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨)ସହିତ ଧାରା ୧୩(୩) ଅନୁସାରେ ନୋଟିସ୍।**
ତା.୨୩.୦୭.୨୦୨୪ ରିଖରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨)ଅନୁସାରେ **ବାଲୁଖଣ୍ଡ ଶାଖା**, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଆପଣଙ୍କ ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବା ନିମନ୍ତେ ଆପଣଙ୍କ ଅନ୍ତିମ ଜ୍ଞାତ ଠିକଣାରେ ନୋଟିସ୍ ପଠାଯାଇଥିଲା, କିନ୍ତୁ ତାହା ପ୍ରାପ୍ତ ହୋଇନଥିଲା। ତେଣୁ ଏହି ଖବରକାଗଜ ପ୍ରକାଶନ ମାଧ୍ୟମରେ ଆମେ ଡିମାଣ୍ଡ ନୋଟିସ୍ ଜାରି କରିଅଛୁ। ଆପଣଙ୍କ ଋଣ ଆକାଉଣ୍ଟ ତା.୨୯.୦୫.୨୦୨୪ରେ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଅଛି। ଆପଣ ଋଣ ସୁବିଧା ଗ୍ରହଣ କରିବା ସମୟରେ ବ୍ୟାଙ୍କ ସହିତ ଆପଣ ଋଣ ଦସ୍ତାବିଜ୍ କାର୍ଯ୍ୟକାରୀ କରିଛନ୍ତି। ଋଣଆକାଉଣ୍ଟର ବକେୟା ଦେୟ ଓ ସୁରକ୍ଷିତ ବନ୍ଧକ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ର.ନଂ. | ଋଣର ପ୍ରକାର | ୩୦.୦୬.୨୦୨୪ରିଖ ସୁଦ୍ଧା ବକେୟା ପରିମାଣ | ସୁଧ ବକେୟା ପରିମାଣ | ଅନ୍ୟାନ୍ୟ ଖର୍ଚ୍ଚ | ସମୁଦାୟ ବକେୟା ପରିମାଣ |
|---|---|---|---|---|---|
| ୧ | ଗୃହ ଋଣ | ଟ.୧,୦୦,୯୭୯.୬୪ | ଟ.୬୧.୦୦ | ୦.୦୦ | ଟ.୧,୦୧,୦୪୦.୬୪ |
| ୨ | ଗୃହ ଋଣ | ଟ.୪,୧୨,୭୫୮.୦୭ | ଟ.୧୨,୩୬୫.୦୦ | ଟ.୨୦୦.୦୦ | ଟ.୪,୨୫,୩୨୩.୦୭ |
| ସମୁଦାୟ ବକେୟା ରାଶି | | ଟ.୫,୧୩,୭୩୭.୭୧ | ଟ.୧୨,୪୨୬.୦୦ | ଟ.୨୦୦.୦୦ | ଟ.୫,୨୬,୩୬୩.୭୧ |

ସମୁଦାୟ: ପାଞ୍ଚ ଲକ୍ଷ ଛବିଶି ହଜାର ତିନି ଶହ ତେଷଠି ଟଙ୍କା ଏକସ୍ତୋରି ପଇସା ମାତ୍ର

**ବନ୍ଧକ ସ୍ଥାବର ସମ୍ପତ୍ତି ନିମ୍ନରେ ପ୍ରଦାନ କରାଗଲା:**
**ଶ୍ରୀ ମାନସ କୁମାର ରଥଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୦/୩୧୦, ଖାତା ନଂ.୮୭/୬୭, ଏରିଆ: ଏ୦.୦୧୩.୩୭ ଡିସିମିଲି, ମୁନିସିପାଲିଟି ହୋଲ୍ଡିଂ ନଂ.୨୪୨୨/୨, ମୌଜା: ବାଲୁଖଣ୍ଡ, ଥାନା: ପୁରୀ ଟାଉନ୍ (ବର୍ତ୍ତମାନ ମେରାଇନ୍ ଥାନା), ଚାରିପାର୍ଶ୍ୱରେ: ଉତ୍ତର- ମହେଶ୍ୱର ମିଶ୍ରଙ୍କ ସମ୍ପତ୍ତି, ଦକ୍ଷିଣ- ରାସ୍ତା, ପୂର୍ବ- ଧନୀ ବେହେରାଙ୍କ ସମ୍ପତ୍ତି, ପଶ୍ଚିମ- ମହେଶ୍ୱର ମିଶ୍ରଙ୍କ ସମ୍ପତ୍ତି।**
ଆପଣ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ଏହି ବିଜ୍ଞପ୍ତି ପ୍ରକାଶନର ୬୦ଦିନ ମଧ୍ୟରେ ଟ.୫,୨୬,୩୬୩.୭୧ (ପାଞ୍ଚ ଲକ୍ଷ ଛବିଶି ହଜାର ତିନି ଶହ ତେଷଠି ଟଙ୍କା ଏକସ୍ତୋରି ପଇସା ମାତ୍ର)ସହିତ ପରବର୍ତ୍ତି ସୁଧ ଏବଂ ତତ୍ ସମ୍ବନ୍ଧୀୟ ଖର୍ଚ୍ଚ ପଇଠ କରନ୍ତୁ। ଯଦି ଆପଣମାନେ ଏହା ପରିଶୋଧ କରିବାରେ ବିଫଳ ହୁଅନ୍ତି ତେବେ ସୁରକ୍ଷିତ ଋଣଦାତା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪)ର ସମସ୍ତ କ୍ଷମତା ପ୍ରୟୋଗ କରିବାକୁ ବାଧହେବେ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ୱା ହସ୍ତାନ୍ତର କରିପାରିବେ ନାହିଁ। ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେସୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।
ତାରିଖ: ୦୩.୦୮.୨୦୨୪
ସ୍ଥାନ: ଭୁବନେଶ୍ୱର
ଆପଣଙ୍କ ବିଶ୍ୱସ୍ତ
ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENT REQUIREMENT**
Petrol Pump Manager / Building Care Taker for Pattamundai.
CONTACT : 9778855101 / 9937651881
BESCO DEVELOPERS PVT. LTD.

ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା: ୧୦,୦୦୦/- ଏବଂ ରହିବା ଓ ଖାଇବା ମାଗଣା।
ଯୋଗାଯୋଗ: 7809525452

**REQUIRED**
Office Assistant (2)
Marketing Executive (5)
4-Weeler Driver (2)
COMPETETIVE SALARY
CONTACT US
+91 93375 59575
hr@emoment.in
eMoment.in
WALK-IN INTERVIEW
DCB-324, 3rd Floor,DLF Cyber City
Chandaka Industrial Estate, PatiaBhubaneswar, Odisha 751024

इंस्टीट्यूट ऑफ बैंकिंग पर्सोनेल सिलेक्शन ®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाइट देखने हेतु स्कैन करें Scan to visit Website

**ସିଆର୍‌ପି ପିଓ/ଏମ୍‌ଟି-XIV ଏବଂ ସିଆର୍‌ପି ଏସ୍‌ପିଏଲ୍-XIV**
**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି (୨୦୨୫-୨୬ର ଖାଲିପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XIV) ଏବଂ ସ୍ପେଶାଲିଷ୍ଟ ଅଫିସରଙ୍କ ନିଯୁକ୍ତି (୨୦୨୫-୨୬ର ଖାଲିପଦବୀ ପାଇଁ ସିଆର୍‌ପି ଏସ୍‌ପିଏଲ୍-XIV) ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା**

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ପାଇଁ କର୍ମଚାରୀଙ୍କ ନିଯୁକ୍ତି ଓ ଚୟନ ଲାଗି ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ନିମନ୍ତେ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅକ୍ଟୋବର ୨୦୨୪ ଏବଂ ନଭେମ୍ବର, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ପାହ୍ୟା ପଦବୀରେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆସନ୍ତା ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ପି) ପାଇଁ ଅନ୍ ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ନଭେମ୍ବର, ୨୦୨୪ ଓ ଡିସେମ୍ବର, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| କାର୍ଯ୍ୟକ୍ରମ | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
|---|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୮।୨୦୨୪ରୁ ୨୧।୦୮।୨୦୨୪ | ୦୧।୦୮।୨୦୨୪ରୁ ୨୧।୦୮।୨୦୨୪ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପେଠ (ଅନ୍‌ଲାଇନ୍) | ୦୧।୦୮।୨୦୨୪ରୁ ୨୧।୦୮।୨୦୨୪ | ୦୧।୦୮।୨୦୨୪ରୁ ୨୧।୦୮।୨୦୨୪ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ • | ସେପ୍ଟେମ୍ବର ୨୦୨୪ | —— |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | ଅକ୍ଟୋବର ୨୦୨୪ | ନଭେମ୍ବର ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ପରୀକ୍ଷାଫଳ | ନଭେମ୍ବର ୨୦୨୪ | ନଭେମ୍ବର/ ଡିସେମ୍ବର ୨୦୨୪ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | ନଭେମ୍ବର ୨୦୨୪ | ଡିସେମ୍ବର ୨୦୨୪ |
| ପରୀକ୍ଷାଫଳ ଘୋଷଣା - ମେନ୍ ପରୀକ୍ଷା | ଡିସେମ୍ବର ୨୦୨୪/ ଜାନୁଆରୀ ୨୦୨୫ | ଜାନୁଆରୀ/ ଫେବୃଆରୀ ୨୦୨୫ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ ଫେବୃୟାରୀ ୨୦୨୫ | ଫେବୃୟାରୀ/ମାର୍ଚ୍ଚ ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୫ | ଏପ୍ରିଲ ୨୦୨୫ |

• ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୧।୦୮।୨୦୨୪
ନିର୍ଦ୍ଦେଶକ

## ସଂକ୍ଷେପରେ

### ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ,୨।୮ (ସନାତନ ରାଉତ)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦବଜାର ଉଚ୍ଚ ବିଦ୍ୟାଳୟ ସ୍କୁଲ ଲିଗାଲ୍ ଲିଟେରାସି କ୍ଲବରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହମ୍ମଦ ଅଖତାର ଖାନ୍, ଭଦ୍ରକ ନିଶା ନିବାରଣ କେନ୍ଦ୍ରର ସହକାରୀ ପରିଚାଳକ ଡ. ତାପସ କୁମାର ମହାନ୍ତି, ସଂଯୋଜକ ସନ୍ତୋଷ କୁମାର ନାୟକ, ଆନନ୍ଦବଜାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ବିଶ୍ୱାଳ, ଶିକ୍ଷକ ସତ୍ୟସୁନ୍ଦର ସ୍ୱାଇଁ, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ନିଶା ନିବାରଣ, ମାନବ ଚାଲାଣ (ଦାଦନ) ଓ ଯୌନ ଅପରାଧରୁ ପିଲାମାନଙ୍କ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାଟ୍ୟ ନିର୍ଦ୍ଦେଶକ, ବାଦ୍ୟଶିଳ୍ପୀଙ୍କ ପରଲୋକ



ଅମୂଲ୍ୟ କୁମାର ନାୟକ।

ତିହିଡ଼ି,୨।୮ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ଓ ବାଦ୍ୟଶିଳ୍ପୀ ଅମୂଲ୍ୟ କୁମାର ନାୟକ(୭୮)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ଗତ କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ବିଭିନ୍ନ ନାଟକର ନିର୍ଦ୍ଦେଶନା ଦେବା ସହ ଜଣେ ମଞ୍ଚ ଅଭିନେତା ଭାବେ ପରିଚିତ ଥିଲେ। ଏହାବ୍ୟତୀତ ବଂଶୀ, ଗୀଟାର, ସାହାନାଇ, ଢୋଲକ, ତବଲା ବାଦନରେ ସେ ବେଶ୍ ଧୂରୀଣ ଥିଲେ। ତିହିଡ଼ିକୁ ବାଦ୍ ଦେଲେ ବାସୁଦେବପୁର, ଧାମରା ଓ ସୋରରେ ନିର୍ଦ୍ଦେଶନା ଓ ବାଦ୍ୟଶିଳ୍ପୀ ଭାବେ ସେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲେ। ସେ ତିହିଡ଼ିର କଳିଙ୍ଗ କଳାକାର ସଂଘର ଜଣେ ବରିଷ୍ଠ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ସଂଘର କର୍ମକର୍ତ୍ତାମାନେ ଶୋକବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ।

### ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ମୃତ୍ୟୁ

ହାଟଡ଼ିହୀ,୨।୮ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ସ୍ୱାମୀଙ୍କ ସହ ବାଇକ୍‌ରେ ବସି ଯାଉଥିବା ସମୟରେ ଖସିପଡ଼ି ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଆମ୍ବୋ ଗାଁର ଶଙ୍କର୍ଷଣ ଜେନାଙ୍କ ସ୍ତ୍ରୀ ସଞ୍ଜୁଲତା। ସୂଚନା ଅନୁଯାୟୀ, ଶଙ୍କର୍ଷଣ କୌଣସି କାମରେ ବାଇକ ଯୋଗେ ସଞ୍ଜୁଲତାଙ୍କୁ ସାଙ୍ଗରେ ନେଇ ଛେନାପଦି ଛକକୁ ଯାଉଥିଲେ। ସୁଲଣ ରାସ୍ତାରେ ସଞ୍ଜୁଲତାଙ୍କ ପିନ୍ଧା ଶାଢ଼ିର କାନି ବାଇକ୍ ଚକରେ ଫସିଯାଇଥିଲା। ଫଳରେ ସେ ବାଇକ୍‌ରୁ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଜୋକ ବାହାରିବା ଘଟଣା: ମଧ୍ୟାହ୍ନଭୋଜନ ନ ଖାଇ ଫେରାଇଦେଲେ

ବାସୁଦେବପୁର,୨।୮ (ନାରାୟଣ ପ୍ରସାଦ ବାରିକ୍)



ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଦିବାକର ମିଶ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନରୁ ମଲା ଜୋକ ବାହାରିଥିଲା। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନଭୋଜନ ଯୋଗାଣକାରୀ ସଂସ୍ଥା ପକ୍ଷରୁ ଦିଆଯାଇଥିବା ମଧ୍ୟାହ୍ନଭୋଜନ ଛାତ୍ରୀଛାତ୍ର ନ ଖାଇ ଫେରାଇ ଦେଇଛନ୍ତି।

ମଧ୍ୟାହ୍ନଭୋଜନ ନେଇ ଆସିଥିବା ଗାଡ଼ି ବିଦ୍ୟାଳୟରେ ପହଞ୍ଚିବା ପରେ ଅଭିଭାବକ ଓ ଗ୍ରାମବାସୀ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ପରେ ଏବିଇଓ ଅମିୟ ମହାଲିକ ବିଦ୍ୟାଳୟରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଶିକ୍ଷକ, ଅଭିଭାବକ ଓ ବିଦ୍ୟାଳୟ କମିଟି ସହ ଆଲୋଚନା କରିଥିଲେ। ଉକ୍ତ ସଂସ୍ଥାଠାରୁ ଛାତ୍ରୀଛାତ୍ର ଆଉ ମଧ୍ୟାହ୍ନଭୋଜନ ଖାଇବେ ନାହିଁ ବୋଲି ଗ୍ରାମବାସୀ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଦୀର୍ଘ ସମୟ ପରେ ଖାଦ୍ୟ ନେଇ ଆସିଥିବା ଗାଡ଼ି ବିଦ୍ୟାଳୟ ପରିସରରୁ ବାହାରକୁ ଯାଇଥିଲା। ଦୀର୍ଘ ସମୟ ଗାଡ଼ିଟି ଅଟକ ରହିଥିବାରୁ ଅନ୍ୟ କେତେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଧାର୍ଯ୍ୟ ସମୟରେ ପହଞ୍ଚିପାରି ନ ଥିଲା। ଫଳରେ କେତେକ ବିଦ୍ୟାଳୟରେ ବିଳମ୍ବରେ ମଧ୍ୟାହ୍ନଭୋଜନ ଦିଆଯାଇଥିବା ବେଳେ ବଣ୍ଟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି।

## ଭଡ଼ାଘରୁ ମହିଳାଙ୍କ ମୃତଦେହ ଜବତ

ବାସୁଦେବପୁର,୨।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ସହର ନିକଟସ୍ଥ ଜାଫରପୁର ଗ୍ରାମ ବିଦ୍ୟୁତ୍‌ମାର୍ଗ ରାସ୍ତାପାର୍ଶ୍ୱରେ ଥିବା ଏକ ଭଡ଼ାଘରୁ ଜଣେ ମହିଳାଙ୍କ ମୃତଦେହ ଶୁକ୍ରବାର ଅପରାହ୍ନରେ ପୋଲିସ ଜବତ କରିଛି। ମୃତଦେହ ପାଖରୁ କିଛି ଔଷଧ ପ୍ୟାକେଟ ମିଳିଥିବା ବେଳେ ମହିଳାଙ୍କ ଠିକ୍ ପରିଚୟ ଜାଣିବା ପାଇଁ ପୋଲିସ ତାଙ୍କ ଫୋନ୍‌କୁ ଆଧାର କରି ଅନୁସନ୍ଧାନ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଉକ୍ତ ମହିଳା ଗତ ୩ ମାସ ଧରି ନିଜକୁ ପ୍ରମିଳା ବେହେରା ପରିଚୟ ଦେଇ ଉମାକାନ୍ତ ପୋଥାଳଙ୍କ ଘର ଭଡ଼ା ନେଇ ଏକା ରହି ଆସୁଥିଲେ। ଉକ୍ତ କୋଠରି ଗତ ଦୁଇଦିନ ବନ୍ଦ ରହିଥିବା ବେଳେ ଶୁକ୍ରବାର ସେହି ଘରୁ ଦୁର୍ଗନ୍ଧ ବାହାରିଥିଲା। ଏନେଇ ଉମାକାନ୍ତ ପୋଲିସକୁ ଖବର ଦେଇଥିଲେ। ଉକ୍ତ ଘରର ଖୋଲାଥିବା ଝରକା ବାଟେ ମହିଳା ଜଣକ ତଳେ ମରି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ବାସୁଦେବପୁର ଥାନା ପୋଲିସ ପହଞ୍ଚି କବାଟ ତାଡ଼ି ଘର ଭିତରୁ ମୃତଦେହ ଜବତ କରିଥିଲା। ଘର ମାଲିକମାନେ ସମ୍ପୂର୍ଣ୍ଣ ତଥ୍ୟ ନ ରଖି ଭଡ଼ା ଦେଉଥିବାରୁ ଏପରି ଅଘଟଣ ବେଳେ ପ୍ରକୃତ ପରିଚୟ, ଠିକଣା ମିଳିବା କଷ୍ଟକର ହେଉଛି। ପ୍ରଶାସନ ପକ୍ଷରୁ ଏନେଇ ଭଡ଼ା ଦେଉଥିବା ମାଲିକମାନଙ୍କୁ ତାଗିଦା କରିବାକୁ ଦାବି ହୋଇଛି।

## ଭଦ୍ରକ ସହରରୁ ଜବରଦଖଲ ଉଚ୍ଛେଦ ଜାରି



ଭଦ୍ରକ,୨।୮ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ସହରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ଦ୍ୱିତୀୟ ଦିନରେ କଚେରି ବଜାର ଫଳ ମାର୍କେଟ୍, ସାଇ ସୁଇଟସ୍ କମ୍ପ୍ଲେକ୍ସ, ଗୋଲ୍ଡେନ ଜୁଏଲେରୀ ସାମ୍ନା ଅଞ୍ଚଳରେ ଜେସିବି ଲଗାଇ ଉଚ୍ଛେଦ କରାଯାଇଛି। ଜିଲା ପ୍ରଶାସନ ଓ ପୌରପାଳିକାର ମିଳିତ ସହଯୋଗରେ ଜବରଦଖଲ ଉଚ୍ଛେଦ ଚାଲିଛି। ଗୋଟିଏ ପଟେ ଉଚ୍ଛେଦ ଚାଲିଥିବା ବେଳେ ଅନ୍ୟପଟେ ଦୋକାନୀମାନେ ତରବରିଆ ଭାବେ ଦୋକାନ ଖାଲି କରିବା ପାଇଁ ସମସ୍ତ ସାମଗ୍ରୀକୁ ବୋହି ନେଉଥିବା ଦେଖାଯାଇଥିଲା। ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲେ ମଧ୍ୟ ଦ୍ୱିତୀୟ ଦିନରେ ଶୃଙ୍ଖଳାର ସହ ଉଚ୍ଛେଦ ପ୍ରକ୍ରିୟା ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା।

ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଓ ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲା।

## 'ପ୍ରକୃତି, ପରିବେଶ ମଧ୍ୟରେ ସନ୍ତୁଳନ ପାଇଁ ସବୁଜବନାନୀ ଆବଶ୍ୟକ'

ଭଦ୍ରକ,୨।୮ (ସନାତନ ରାଉତ)

ପ୍ରକୃତି ଓ ପରିବେଶ ମଧ୍ୟରେ ସନ୍ତୁଳନ ପାଇଁ ସବୁଜବନାନୀ ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ଅଧିକରୁ ଅଧିକ ଚାରାରୋପଣ କରି ସବୁଜ ବନାନୀ ସୃଷ୍ଟି କରିବା ଦରକାର। ନଚେତ୍ ମଣିଷ ସମାଜକୁ ଅନେକ କ୍ଷତି ସହିବାକୁ ପଡ଼ିବ ବୋଲି ଶୁଭମ୍ ସଙ୍ଗଠନ ପକ୍ଷରୁ ଆୟୋଜିତ ପରିବେଶ ସଚେତନତା, ଚାରାରୋପଣ ଓ ପୁରସ୍କାର ବିତରଣ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବନ ମହୋତ୍ସବ ଉପଲକ୍ଷେ ଭଦ୍ରକ ବ୍ଲକର ଆନନ୍ଦ ବଜାର ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ ମଧୁସ୍ମିତା ଦାସ, ମୁଖ୍ୟବକ୍ତା ପରିବେଶବିତ୍ ବୈକୁଣ୍ଠ ନାଥ ସାହୁ ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାହୁ, ବିଷ୍ଣୁପୁରବିନ୍ଧା ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ସବୁଜ ବନାନୀ ସୃଷ୍ଟିର ଆବଶ୍ୟକତା ଉପରେ କହିଥିଲେ।

ଏହି ଅବସରରେ ପରିବେଶ ସୁରକ୍ଷା ସଚେତନତା ପାଇଁ ବିଦ୍ୟାଳୟର ଖେଳ ଶିକ୍ଷକ ଅକ୍ଷୟ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟରେ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନର ସଂଯୋଜକ ଆନନ୍ଦ ଚନ୍ଦ୍ର ପଲ୍ଲାଇଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ୭୫ତମ ବନ ମହୋତ୍ସବ ଉପଲକ୍ଷେ ୭୫ଟି ଗଛ ଲଗାଯାଇଛି। ସଙ୍ଗଠନର ସଭାପତି ହୃଷୀକେଶ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନରେନ୍ଦ୍ର କୁମାର ସାମଲ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରଣବ ଲେଙ୍କା, ରାମଚନ୍ଦ୍ର ରାଉତ, ମନୋଜ ସାଆନ୍ତ, ଗୋବର୍ଦ୍ଧନ ପାତ୍ର, ନନ୍ଦ କିଶୋର ସାହୁ, ଶରତ ପାତ୍ର, କଳିଙ୍ଗ ମଲ୍ଲିକ, କିରଣ ସାହୁ, ସତ୍ୟସୁନ୍ଦର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରାଦ୍ଧବାର୍ଷିକୀରେ ଅମରଙ୍କୁ ଶ୍ରଦ୍ଧାଞ୍ଜଳି




ଭଦ୍ରକ,୨।୮ (ରବିନାରାୟଣ ଖିଲାର)

ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଦିବଂଗତ ଖବରଦାତା ଅମର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟ ଆୟୋଜିତ ସଭାରେ ଘନଶ୍ୟାମ ଲେଙ୍କା ବେଦପାଠ, ଖବରଦାତା ଅଶୋକ କୁମାର ନାୟକ ଅତିଥି ପରିଚୟ ଓ ଆଇନଜୀବୀ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଗରଦପୁର ଓଡ଼ିଶା ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ଓ ଅନ୍ତେବାସୀଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଭଜନ ଗାନ କରାଯାଇଥିଲା। ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଶେଖର ମହାପାତ୍ର, ସମ୍ପାଦକ ନିର୍ମାଲ୍ୟ ମହାନ୍ତି, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ସାମାଜିକ କର୍ମୀ କିଶୋର ମହାପାତ୍ର, ଡା. ଆର୍.କେ. ନାୟକ, ଡା. ହରେକୃଷ୍ଣ ନାୟକ, ଶିକ୍ଷାବିତ୍ ଶୈଳେନ୍ଦ୍ର ମହାପାତ୍ର, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାଚରଣ ଦାସ, ଆଇନଜୀବୀ ନିରାକାର ଜେନା, ଗ୍ରନ୍ଥକାର ଡ. ପ୍ରଫୁଲ୍ଲ ସାହୁ, ଡ. ଶଶଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। କଥାକାର ପବିତ୍ର ପାଣିଗ୍ରାହୀ, ଜିଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ମହାପାତ୍ର, କ୍ରୀଡ଼ାବିତ୍ ଉପେନ୍ଦ୍ର ବାରିକ, ସାହିତ୍ୟିକ ବସନ୍ତ ଦାଶ, ପିସିସି ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଡା. ବେଣୁଧର ସ୍ୱାଇଁ, ଡା. ସଙ୍ଗୀତା ବଳ, ଡା. ସଂଘମିତ୍ରା ମହାନ୍ତି, ଶିଶୁ ସାହିତ୍ୟିକ ଶଶଧର ମହନୀ, ନାଟ୍ୟଶ୍ରୀ ନିର୍ମଳ ରାଉତ, କବୟିତ୍ରୀ ଗୀତାରାଣି ଆଇଚ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୯ ଛୁଇଁଲା

### ଚୁପ୍ ବସିଛି ବ୍ଲକ ପ୍ରଶାସନ

ଚାନ୍ଦବାଲି,୨।୮ (କିଷାନ ପାତ୍ର)

ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଶୁକ୍ରବାର ସୁଦ୍ଧା ଚାନ୍ଦବାଲି ବ୍ଲକରେ ୯ଜଣ ଚିହ୍ନଟ ହୋଇଥିବା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଶୋକ କୁମାର ମିଶ୍ର ସୂଚନା ଦେଇଛନ୍ତି। ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ବିଭିନ୍ନ ୱାର୍ଡରେ ଫଗିଂ ଗ୍ୟାସ୍ ପ୍ରୟୋଗ କରାଯାଉଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ସଚେତନତା ନେଇ କୌଣସି କାର୍ଯ୍ୟକ୍ରମ ହାତକୁ ନିଆଯାଇ ନାହିଁ। ବଡ଼ଓସ୍ତିଆ ପଞ୍ଚାୟତରେ ପୂର୍ବରୁ ଦୁଇଜଣ ଚିହ୍ନଟ ହୋଇଥିବା ବେଳେ ଗୁରୁବାର ଆଉ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।



ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବିଶୋଧନ କରାଯାଉଛି।

ସେହିପରି ମତୋ, ନାନ୍ଦପୁର ଓ ତେନ୍ତୁଲିଡିହ ପଞ୍ଚାୟତରେ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ୫ଜଣଙ୍କୁ ଚିହ୍ନଟ କରାଯାଇଥିଲା।

ତେବେ ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ ପକ୍ଷରୁ କୌଣସି ସଚେତନତା କାର୍ଯ୍ୟକ୍ରମ କିମ୍ବା ବିଶୋଧନ କରାଯାଇ ନାହିଁ। ପ୍ରଶାସନ ଚୁପ୍ ବସିଥିବା ଅଭିଯୋଗ ହେଉଛି। ଜନ୍ମେଞ୍ଜୟ ନନ୍ଦଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ପକାଇବା ସହ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ନେଇ ସାମାଜିକ କର୍ମୀ ପ୍ରଫୁଲ୍ଲ ଦାସ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସ୍ଥାୟୀ ଅଟୋ ଷ୍ଟାଣ୍ଡ ଦାବି

ଧାମନଗର,୨।୮ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଏନ୍‌ଏସି ଅଧୀନ ଉପନିବନ୍ଧକ କାର୍ଯ୍ୟାଳୟ ସାମ୍ନାରେ ଥିବା ସରକାରୀ ଜାଗାରେ ଦୀର୍ଘଦିନ ଧରି ଧାମନଗର ରୟାଲ ଗୁଡ ଅଟୋ ସଂଘ ପକ୍ଷରୁ ବ୍ୟବହୃତ ସ୍ଥାନକୁ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଜୋର୍ ଜବରଦସ୍ତ ଆବଦ୍ଧ ଯୋଗୁ ଗାଡ଼ି ରଖି ହେଉନାହିଁ। ଏନେଇ ସଂଘ ପକ୍ଷରୁ ତହସିଲଦାର ଓ ଧାମନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଧାମନଗର ଉପନିବନ୍ଧକ କାର୍ଯ୍ୟାଳୟ ସାମ୍ନାରେ ଥିବା ଏକ ସରକାରୀ ଜାଗାକୁ ଦୀର୍ଘବର୍ଷ ଧରି ସ୍ଥାନୀୟ ଅଟୋ ଚାଳକ ସଂଘ ପକ୍ଷରୁ ଗାଡ଼ି ରଖି ବ୍ୟବହାର କରିଆସୁଥିଲେ। ଗୁରୁବାର ପୂର୍ବାହ୍ନରେ ଜଣେ ସ୍ଥାନୀୟ ବ୍ୟକ୍ତି ଅଟୋ ରହୁଥିବା ସ୍ଥାନରେ ଜୋର ଜବରଦସ୍ତ ଲୁହା ବାଡ଼ ବସାଇ ଆବଦ୍ଧ କରି ଦେଇଛନ୍ତି। ଅଟୋ ଚାଳକମାନେ ଗାଡ଼ି କେଉଁଠି ରଖିବେ, ସେନେଇ ଏବେ ଚିନ୍ତାରେ ପଡ଼ି ଯାଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଅଟୋ ଚାଳକ ସଂଘର ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଓ ଗାଡ଼ି ଚାଳକ ଧାମନଗର ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ତଦନ୍ତ ସହ ସ୍ଥାୟୀ ଅଟୋଷ୍ଟାଣ୍ଡ ପାଇଁ ଏକ ଉପଯୁକ୍ତ ସରକାରୀ ଜମି ଚିହ୍ନଟ ଲାଗି ସେମାନେ ଦାବି କରିଛନ୍ତି। ସଂଘର ସଭାପତି ଉଦୟ ନାଥ ସାହୁଙ୍କ ସହ ସେକ ରମଜାନ, ଅମର କୁମାର ଜେନା, ସେକ୍ ନିଜାମୁଦ୍ଦିନ, ମିର କାଦର୍, ଘନଶ୍ୟାମ ପରିଡ଼ା ପ୍ରମୁଖ ସଦସ୍ୟ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ବକେୟା ମୋଟରଯାନ କର ପୈଠ ଲାଗି ସଚେତନତା ଶିବିର



ଶିବିରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ ଓ ଗାଡ଼ି ମାଲିକ।

ଭଦ୍ରକ,୨।୮ (ସନାତନ ରାଉତ)

ଭଦ୍ରକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଭଦ୍ରକ ବ୍ଲକ ଅଫିସରେ ଏକକାଳୀନ ବକେୟା ମୋଟର ଯାନ କର ପୈଠ ପାଇଁ ପ୍ରଚାର ପ୍ରସାର ଉପଲକ୍ଷେ ଶୁକ୍ରବାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୨୨ ଜୁଲାଇ ୩୧ ପର୍ଯ୍ୟନ୍ତ ଗାଡ଼ିର ମୋଟର ଯାନ କର ଦେଇ ନ ଥିଲେ ବି ବର୍ତ୍ତମାନ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଏକକାଳୀନ ଟିକସ ପୈଠ ପାଇଁ ରିହାତି ଯୋଜନାର ସୁଯୋଗ ନେଇପାରିବେ। ଏହି ଯୋଜନାରେ ଯଦି ଗାଡ଼ି ମାଲିକ ଟିକସ ପୈଠ କରି ଗାଡ଼ିକୁ ପୁନଃ ଚଳାଇବା ପାଇଁ ଚାହାନ୍ତି, ତେବେ ତାଙ୍କୁ ଜରିମାନା ଛାଡ଼ କରାଯିବାର ସୁଯୋଗ ରହିଛି। ଏହି ସୁଯୋଗ ନେବା ପାଇଁ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିବାକୁ ହେବ ବୋଲି ସୂଚନା ଦିଆଯାଇଛି। ସହାୟକ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀମାନେ ଶିବିରରେ ଉପସ୍ଥିତ ଗାଡ଼ି ମାଲିକମାନଙ୍କୁ ଉକ୍ତ ଯୋଜନା ବିଷୟରେ ଅବଗତ କରାଇଥିଲେ।

## ୮ କୋଟିର ରାସ୍ତାରୁ ବାଦ୍ ପଡ଼ିଛି ଅର୍ଜୁନବିନ୍ଧା

- ଶୋଚନୀୟ ରାସ୍ତା ଯୋଗୁ ଦୁର୍ଦ୍ଦଶାରେ ଗ୍ରାମବାସୀ
- ଜିଲାପାଳଙ୍କ ଅନୁଧ୍ୟାନ ପରେ ବି ନିଆଯାଇନି ପଦକ୍ଷେପ

ତିହିଡ଼ି, ୨।୮ (ସଞ୍ଜିତ ବଳ)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ଅର୍ଜୁନବିନ୍ଧା-କେଳାସାହି ରାସ୍ତା ୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ମାତ୍ର ଅର୍ଜୁନବିନ୍ଧା ଗାଁକୁ ବାଦ୍ ଦେଇ ୧ କିଲୋମିଟର ଛାଡ଼ି ରାସ୍ତା ନିର୍ମାଣ କରାଯାଇଛି। ଫଳରେ ଉକ୍ତ ଗ୍ରାମ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇଥିବା ବେଳେ ଖାଲରେ ପାଣି ଜମି ରହୁଛି। ଏଥିପାଇଁ ଗ୍ରାମବାସୀ, ରାସ୍ତାରେ ଯାତାୟାତ କରୁଥିବା ବାରସର ଓ ଗୋବିନ୍ଦପୁର ପଞ୍ଚାୟତବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଚାନ୍ଦବାଲି ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ସମ୍ପର୍କରେ ସୋମବାର ଅଭିଯୋଗ ହେବା ପରେ ସେହିଦିନ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହାର ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନ ସମୟରେ ଉପସ୍ଥିତ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦୀପକ ପାଣିଗ୍ରାହୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏଯାଏ ସମସ୍ୟାର ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ଅର୍ଜୁନବିନ୍ଧା ଗ୍ରାମ ରାସ୍ତାରେ ପାଣି ଜମି ରହିଛି।

ଅର୍ଜୁନବିନ୍ଧା-ମଧୁପୁର ରାସ୍ତା ୨ ପର୍ଯ୍ୟାୟରେ ନିର୍ମାଣ ପାଇଁ ୧୬ କୋଟି ଟଙ୍କା ଅନୁଦାନ ମିଳିଥିଲା। ପ୍ରଥମ ପର୍ଯ୍ୟାୟରେ ଅର୍ଜୁନବିନ୍ଧା-କେଳାସାହି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଅର୍ଜୁନବିନ୍ଧା ଗ୍ରାମ ରାସ୍ତାକୁ ବାଦ୍ ଦେଇ ଗ୍ରାମଠାରୁ କିଛି ଦୂରରୁ ରାସ୍ତା ନିର୍ମାଣ ଆରମ୍ଭ କରିଥିଲେ। ନିର୍ମାଣ କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇସାରିଲାଣି। ବାଦ୍ ପଡ଼ିଥିବା ଅର୍ଜୁନବିନ୍ଧା ଗ୍ରାମ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ବିପଦସଙ୍କୁଳ ହୋଇପଡ଼ିଛି। ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ପାଣି ଜମି ରହୁଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ବର୍ଷେରୁ ଊର୍ଦ୍ଧ୍ୱ କାଳ ଗ୍ରାମବାସୀ ଦୁର୍ଦ୍ଦଶା ଭୋଗିବା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ପଦକ୍ଷେପ ନିଆ ନ ଯିବାରୁ ସୁରେନ୍ଦ୍ର ସାହୁ, ସଦାନନ୍ଦ ତ୍ରିପାଠୀ, ରାଧାକାନ୍ତ ମହାଲିକ, ମାଧବାନନ୍ଦ ଦାସ, ଦୀପକ ଗୋଚ୍ଛାୟତ, ବାବାଜୀ ମହାଲିକ, ଘନଶ୍ୟାମ ସାହୁ, ଭାଗୀରଥି ନାୟକ, ଅଶୋକ ଗୋଚ୍ଛାୟତ ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ଡମ୍ବରୁଧର ମଣ୍ଡଳ କହିଛନ୍ତି, ଉକ୍ତ ରାସ୍ତାରେ ଜମି ରହିଥିବା ପାଣି ଶୁଖାଯାଇ ମରାମତି କରାଯିବ। ପରେ ଜମି ଅଧିଗ୍ରହଣ କରାଯାଇ ଅର୍ଜୁନବିନ୍ଧାଠାରୁ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ।

**ନାବାଳକଙ୍କ ଆତ୍ମହତ୍ୟା**

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ରେଙ୍ଗାଳବେଡ଼ା ଗ୍ରାମରେ ୧୦ ବର୍ଷ ନାବାଳକ ଆତ୍ମହତ୍ୟା କରିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୮/୨୪) ରୁଜୁ ହୋଇଛି। ବାପା ମାନସିକ ବିକୃତି ହୋଇଥିବା ବେଳେ ମା' ମାଗି ଯାଚି ଘର ଚଳାନ୍ତି। ନାବାଳକ ଦାରିଦ୍ର୍ୟର ତାଡନା ସହି ନ ପାରି ଗୁରୁବାର ଜୀବନ ହାରିଥିବା ପ୍ରାଥମିକ ତଦନ୍ତରେ ଜଣାପଡ଼ିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।



## ସଂକ୍ଷେପରେ

### କଳିକା କେନ୍ଦ୍ରର ଦିଦିଙ୍କୁ ଗିରଫ ଦାବି

#### ମୋରମ କ୍ୱାରିରେ ବୁଡ଼ି ଶିଶୁ ମୃତ୍ୟୁ ଘଟଣା

ହାଟଡିହୀ,୨।୮(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମୃତ ପଡ଼ିଆରିପଲ୍ଲୀ ପଞ୍ଚାୟତ ଆତୁରିକଣା ଗାଁରେ ବେଆଇନ ମୋରମ କ୍ୱାରିରେ ବୁଡ଼ି ଜୁଲାଇ ୩୦ରେ ୩ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଉକ୍ତ ମୃତ୍ୟୁ ପାଇଁ କଳିକା କେନ୍ଦ୍ରର ଦିଦିଙ୍କୁ ଦାୟୀ କରି ଶୁକ୍ରବାର କେତେ ଜଣ ମହିଳା ସୋସୋ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ୩ ବର୍ଷ ପାର ହୋଇଥିବାରୁ ମୃତ ଶିଶୁମାନେ କଳିକା କେନ୍ଦ୍ରର ନୁହଁନ୍ତି ବୋଲି ଦିଦି କହିବାରୁ ବିବାଦ ଦେଖାଦେଇଛି। ପୋଲିସ ବୁଝାସୁଝା କରିବା ପରେ ମହିଳାମାନେ ଶାନ୍ତ ପଡ଼ିଥିଲେ। ବେଆଇନ ମୋରମ ଖନନ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଭୟରେ ଘଟଣାର ମୋଡ଼ ପରିବର୍ତ୍ତନ ପାଇଁ ପ୍ରୟାସ କରାଯାଉଥିବା କୁହାଯାଇଛି।

### ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଚମ୍ପୁଆ,୨।୮(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜ୍ଞାନବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଅଚାର୍ଯ୍ୟ ଧରଣୀଧର ଦାସଙ୍କ ତତ୍ତ୍ୱାବଧାନରେ ଜ୍ଞାନବିଜ୍ଞାନ ମେଳାରେ ୩୦୭ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଖିଳ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କଳାକାର ମହାନ୍ତ ଓ ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ଦେବାଶିଷ ସାହୁ, ଶୁଚିସ୍ମିତା ସେଠୀ ଓ ଶାନ୍ତନୁ ଗିରୀ ଯୋଗଦେଇଥିବା ବେଳେ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

## କେନ୍ଦୁଝର

# ଗୋଚରଜମିରୁ ପ୍ରଧାନମନ୍ତ୍ରୀ ଆବାସ ଉଚ୍ଛେଦ

### କୁଡ଼ିଆ ଭାଙ୍ଗିବା ଦାବିରେ ତହସିଲଦାରଙ୍କୁ ଘେରିଲେ

ପାଟଣା,୨।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ମୂଷାଖୋରୀ ପଞ୍ଚାୟତ ମୂଷାନାଳୀ ଗ୍ରାମର ଏକ ଗୋଚର ପ୍ଲଟ୍‌ରେ ନିର୍ମାଣ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉକ୍ତ ସ୍ଥାନରେ ଥିବା ଝୁମ୍ପୁଡ଼ିକୁ ମଧ୍ୟ ଭାଙ୍ଗିବା ଦାବିରେ ଗ୍ରାମବାସୀ ତହସିଲ ଓ ପୋଲିସକୁ ଅଟକ ରଖିଥିଲେ। ଫଳରେ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯେ, ଉକ୍ତ ଜମିରେ ଗ୍ରାମର ମହାନ୍ତ ସମ୍ପ୍ରଦାୟର ଲୋକ କାଳୀ ପୂଜାର ଗୋଠାନ ପୂଜା କରି ଆସୁଛନ୍ତି। ସର୍ବସାଧାରଣ ବ୍ୟବହୃତ ହେଉଥିବା ଗୋଚରଜମିକୁ ଦଖଲ କରି ଗ୍ରାମର ଜନୈକ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କରିଥିଲେ। ଏହାକୁ ଉଚ୍ଛେଦ ଦାବିରେ ଜୁଲାଇ ୧୬ରେ ଗ୍ରାମର



ଭଙ୍ଗାଯାଇଥିବା ଆବାସ ଘର।

ଶତାଧିକ ମହିଳା ଓ ପୁରୁଷ ପାଟଣା ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏ ନେଇ ଶୁକ୍ରବାର ତହସିଲଦାର ଲୀଳାବତୀ ନାୟକ ଓ ପାଟଣା ପୋଲିସ ପହଞ୍ଚି ଜେସିବି ସାହାଯ୍ୟରେ ନିର୍ମାଣାଧୀନ ଅବାସ ଗୃହକୁ ଉଚ୍ଛେଦ କରିଥିଲେ। ପରେ ଉକ୍ତ ଗୋଚର ପ୍ଲଟ୍‌ରେ ହୋଇଥିବା ଖପର ଝୁମ୍ପୁଡି ଘରକୁ ମଧ୍ୟ ଉଚ୍ଛେଦ ଦାବିରେ ଲୋକେ ଜିଦ୍ ଧରିଥିଲେ। ଶତାଧିକ ମହିଳା, ପୁରୁଷ ଝୁମ୍ପୁଡ଼ି ଭାଙ୍ଗିବା ଜିଦ୍‌ରେ ଦିନ ୨ଟା ୩୦ରୁ ଅପରାହ୍ନ ୪ ଟା ୩୦ ପର୍ଯ୍ୟନ୍ତ ତହସିଲଦାରଙ୍କ ସହ ଗାଡ଼ିକୁ ଅଟକ ରଖିଥିଲେ। ଝୁମ୍ପୁଡି ଘର ଉଚ୍ଛେଦ ପାଇଁ ଆଉ ଏକ ଦରଖାସ୍ତ ଦେଲେ ଉଚ୍ଛେଦ ହେବ ବୋଲି ପ୍ରତିଶ୍ରୁତି ପରେ ଉତ୍ୟକ୍ତ ଲୋକେ ତହସିଲଦାରଙ୍କ ଗାଡ଼ି ଛାଡ଼ିଥିଲେ। ଉଚ୍ଛେଦ କାର୍ଯ୍ୟରେ ରାଜସ୍ୱ ପରିଦର୍ଶକ ବନମାଳୀ ନାଏକ, ମୂଷାଖୋରୀ ରାଜସ୍ୱ ନିରୀକ୍ଷକ ରଞ୍ଜିତା ଜେନା, ପାଟଣା ନିରୀକ୍ଷକ ଶ୍ରୀଧର ନାଏକ, ଟାଙ୍ଗରପଡ଼ାର ନିରୀକ୍ଷକ ସତ୍ୟବ୍ରତ ସାହୁ, ଡୁମୁରୁରିଆ ନିରୀକ୍ଷକ ମଳୟ ନାୟକ, ଅମିନ ସୁରେଶ ନାଏକଙ୍କ ସମେତ ପାଟଣା ପୋଲିସ ସାମିଲ ଥିଲା।

## ତାଲା ଭାଙ୍ଗି ୮୦ ହଜାର ନେଇଗଲେ

### ଏକ ସପ୍ତାହରେ ୩ ଚୋରି

ପାଟଣା,୨।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ପୁଟୁଲିଆ ଗ୍ରାମରେ ଦୁର୍ବୃତ୍ତ ଜନୈକ ବ୍ୟବସାୟୀଙ୍କ ଘର ତାଲା ଭାଙ୍ଗି ୮୦ ହଜାର ଟଙ୍କା ନେଇଯାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସମାନ ଢଙ୍ଗରେ ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଏକ ସପ୍ତାହରେ ୩ ଘରୁ ଚୋରି ହୋଇଛି। କୌଣସି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାରୁ ଲୋକେ ଭୟଭିତ ଅବସ୍ଥାରେ ରହିଛନ୍ତି। ପ୍ରକାଶ ଯେ, ମଧ୍ୟପ୍ରଦେଶ ରାଜ୍ୟ ନିମଚ ଜିଲା ରତନଗଡ଼ ଥାନା ଆଲୋରୀ ଘୱାଡ଼ା ଗ୍ରାମର ରାକେଶ ଚରଣ ପୁଟୁଲିଆ ଗ୍ରାମର ବିରବର ମହାନ୍ତଙ୍କ ଘରେ ଭଡ଼ାରେ ରହି ୧୨ ବର୍ଷ ହେବ ତାର୍ପଲିନ, କମ୍ବଳ, ରେନ କୋର୍ଟ, ଗ୍ରାଇଣ୍ଡର, ଟର୍ଚ୍ଚ ଆଦି ଫେରି ବ୍ୟବସାୟ କରୁଛନ୍ତି। ଶୁକ୍ରବାର ୮ ଜଣ ସହଯୋଗୀ ବ୍ୟବସାୟ କରିବାକୁ ଯାଇଥିଲେ। ରାକେଶ ବାଇକରେ ପାଟଣାରୁ ପେଟ୍ରୋଲ ପକାଇ ସେହି ବାଟ ଦେଇ ଫେରିବା ବେଳେ ଘର ଗେଟ୍‌ର ତାଲା ଖୋଲାଥିବା ଦେଖିଥିଲେ। ଭିତରକୁ ଯାଇ କବାଟ ତାଲା ଭଙ୍ଗା ଯାଇଥିବା ଓ ଘରେ ବ୍ୟାଗରେ ଥିବା ୮୦ ହଜାର ଟଙ୍କା ନ ଥିବା ଦେଖିଥିଲେ। ଏ ନେଇ ଅଭିଯୋଗ ପରେ ପାଟଣା ପୋଲିସ ଏକ ମାମଲା(ନଂ. ୨୭୨/୨୪)ରୁଜୁ କରି ତଦନ୍ତ କରୁଥିବା ଏସ୍‌ଆଇ ଲକ୍ଷ୍ମଣ ମାଝୀ କହିଛନ୍ତି। ସମାନ ଢଙ୍ଗରେ ଗତ ସୋମବାର ପିପିଲିଆ ଗାଁର ଗହ୍ଳା ମହାନ୍ତଙ୍କୁ ୪୦ ହଜାର ଟଙ୍କା, ସୁନା ଗହଣା ଓ ତୁରୁମୁଙ୍ଗା ଥାନା ଡେଣ୍ଡୁଆ ଗ୍ରାମର ହୀରା ଲାଲ ମହାନ୍ତଙ୍କ ଘରୁ ୫୦ ହଜାର ଓ ସୁନା ଅଳଙ୍କାର ଦୁର୍ବୃତ୍ତ ନେଇଯାଇଛନ୍ତି।

## ରକ୍ତ କିଣାବିକା ଅଭିଯୋଗ, ୩ ଜଣଙ୍କୁ ନୋଟିସ

### ଜିଲା ମୁଖ୍ୟ ଚିକିତ୍ସାଳୟ

କେନ୍ଦୁଝର,୨।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ କିଣାବିକା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ଜଣେ ରୋଗୀଙ୍କୁ ରକ୍ତ ଦେବା ପାଇଁ ୩ ହଜାର ଟଙ୍କା ଦଲାଲ ନେଇଥିବା ଅଭିଯୋଗ ହୋଇଛି। ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ନୋଟିସ ଦେଇ ଛାଡ଼ିଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଜୁଲାଇ ୨୯ରେ ବଡ଼ବିଲ ଅଞ୍ଚଳର ଜଣେ ରୋଗୀ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ତାଙ୍କର ରକ୍ତର ଆବଶ୍ୟକତା ଥିବାରୁ ଦଲାଲ ପ୍ରଥମେ ମାଗଣାରେ ରକ୍ତ ଦେବାକୁ କହିଥିଲେ। ପରେ ରକ୍ତ ଦେବା ପରେ ଟଙ୍କା ଦାବି କରିଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରାକରି ଛାଡ଼ିଦେଇଥିଲା। ରୋଗୀଙ୍କ ଭଉଣୀ ଗୀତା ମୁଣ୍ଡା କହିଛନ୍ତି, ତାଙ୍କ ଭାଇଙ୍କ ରକ୍ତ ଦରକାର ହେବାରୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। କେତେଜଣ ଆସି ତାଙ୍କ ନମ୍ବର ନେଇ ରକ୍ତ ଯୋଗାଡ଼ ହେଲେ ଜଣାଇବେ କହିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ବିନା ପଇସାରେ ରକ୍ତ ଦେବେ ବୋଲି କହିଲେ। ରକ୍ତ ଦେବା ପରେ ୫ ହଜାର ୫ଶହ ଟଙ୍କା ଦାବି କରିଥିଲେ। ଟଙ୍କା ଦେଇପାରିବେ ନାହିଁ ବୋଲି କହିବାରୁ ୩ ହଜାର ଟଙ୍କା ମାଗିଥିଲେ। ପିଛା ନ ଛାଡ଼ିବାରୁ ୩ ହଜାର ଦେବାକୁ ପଡ଼ିଲା ବୋଲି ଗୀତା କହିଛନ୍ତି। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ଜଣାପଡ଼ିବା ପରେ କେତେଜଣ ସାମାଜିକ କର୍ମୀ ମାଗଣାରେ ରକ୍ତ ଯୋଗାଇଦେଇଥିଲେ। ଟାଉନ ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି, ଅଭିଯୁକ୍ତଙ୍କୁ ନୋଟିସ କରାଯାଇ ଘଟଣାର ତଦନ୍ତ ଚାଲିଛି।

## ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ମୃତ୍ୟୁ

ହାଟଡ଼ିହୀ,୨।୮(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ସ୍ୱାମୀଙ୍କ ସହ ବାଇକ୍‌ରେ ବସି ଯାଉଥିବା ସମୟରେ ଖସିପଡ଼ି ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଆମ୍ୱୋ ଗାଁର ଶଙ୍କର୍ଷଣ ଜେନାଙ୍କ ସ୍ତ୍ରୀ ସଞ୍ଜୁଲତା। ଶଙ୍କର୍ଷଣ କୌଣସି କାମରେ ବାଇକ ଯୋଗେ ସଞ୍ଜୁଲତାଙ୍କୁ ସାଙ୍ଗର ନେଇ ଛେନାପଦି ଛକକୁ ଯାଉଥିଲେ। ସୁଲଣ ରାସ୍ତାରେ ସଞ୍ଜୁଲତାଙ୍କ ଶାଢ଼ିର କାନି ଚକରେ ଫସିଯାଇଥିଲା। ସେ ବାଇକ୍‌ରୁ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ମାମଲା (ନଂ.୨୩୧/୨୦୨୪) ରୁଜୁ ହୋଇଛି।

## ବେଲେଶ୍ୱର ବେଦ ପାଠଶାଳାକୁ ମାନ୍ୟତା ପ୍ରଦାନ ପାଇଁ ଅନୁରୋଧ

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ କେନ୍ଦୁଝର ଏମ୍‌ପି

କେନ୍ଦୁଝର,୨।୮(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଶିକ୍ଷା ସମ୍ପର୍କିତ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଛନ୍ତି। ଏହି ଅବସରରେ ଭାରତୀୟ ସଭ୍ୟତା, ସଂସ୍କୃତି ଓ ଗୁରୁ ଶିଷ୍ୟ ପରମ୍ପରାକୁ ନେଇ କାର୍ଯ୍ୟ କରୁଥିବା ଘଟଗାଁ ବ୍ଲକ୍ ଢେଙ୍କିକୋଟ ବେଲେଶ୍ୱର ବେଦ ପାଠଶାଳାକୁ ମାନ୍ୟତା ଦେବାକୁ ଅନୁରୋଧକରି ଏକ ପତ୍ର ପ୍ରଦାନ କରିଛନ୍ତି। ଗୁରୁ-ଶିଷ୍ୟ ପରମ୍ପରାକୁ ପୁଣି ଥରେ ଉଜ୍ଜୀବିତ କରିବା ପାଇଁ କରାଯାଉଥିବା ଏହି ପ୍ରଚେଷ୍ଟାକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଥିଲେ। ତାଙ୍କର ଅନୁରୋଧକୁ ମନ୍ତ୍ରଣାଳୟ ବିଚାର କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବେଲେଶ୍ୱର ବେଦ ପାଠଶାଳା ୨୦୨୨ରେ ପ୍ରତିଷ୍ଠା ହୋଇଥିଲା। ଭାରତର ପ୍ରାଚୀନ ଋଷି ମୁନିଙ୍କ ଦ୍ୱାରା ପ୍ରଦତ୍ତ ମହାନ୍ ବୈଦିକ ଜ୍ଞାନର ସଂରକ୍ଷଣ କରିବା ସହ ପରବର୍ତ୍ତୀ ପିଢ଼ିକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରୁଥିବା ଏହି ବେଦ ପାଠଶାଳା ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ସମାଜ ଦ୍ୱାରା ଦିଆଯାଉଥିବା ଦାନରେ ଚାଲିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ମାନ୍ୟତା ଓ ସହଯୋଗ ମିଳିଲେ ବେଦ ବିଦ୍ୟାଳୟ ଭଲ ଭାବେ କାର୍ଯ୍ୟ କରିପାରିବ ବୋଲି ଏମ୍‌ପି ପତ୍ରରେ ଉଲ୍ଲେଖ କରିଛନ୍ତି।

## ବାଲେଶ୍ୱର

### ବିଧାନସଭା ବିଭାଗୀୟ ସମ୍ପର୍କିତ ସ୍ଥାୟୀ କମିଟିରେ ବିଧାୟିକା ସୁବାସିନୀ



ବାଲେଶ୍ୱର,୨।୮(ମାନସ ବିଶ୍ୱାଳ)- ବାଲେଶ୍ୱର ଜିଲା ବସ୍ତା ବିଧାୟିକା ସୁବାସିନୀ ଜେନା ବିଧାନସଭା ବିଭାଗୀୟ ସମ୍ପର୍କିତ ସ୍ଥାୟୀ କମିଟିର ସଦସ୍ୟା ଭାବରେ ମନୋନୀତ ହୋଇଛନ୍ତି। ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ଥାୟୀ କମିଟିର ସଦସ୍ୟା ଭାବରେ ସେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଉପରୋକ୍ତ ବିଭାଗଗୁଡ଼ିକ ଦ୍ୱାରା ବସ୍ତା ଓ ବାଲିଆପାଳବାସୀଙ୍କ ସମେତ ବାଲେଶ୍ୱର ଜିଲା ତଥା ରାଜ୍ୟବାସୀ କିପରି ଉପକୃତ ହୋଇପାରିବେ ସେଥିପ୍ରତି ଧ୍ୟାନଦେବେ ବୋଲି ବିଧାୟିକା ଜେନା ପ୍ରକାଶ କରିଛନ୍ତି।

# 'ଜଉକଣ୍ଢେଇ ବାହାଘର ଏକ ସମ୍ପର୍କର ଉତ୍ସବ'

### ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାଲେଶ୍ୱରୀ ଲୋକ ମହୋତ୍ସବ ଜଉ କଣ୍ଢେଇ ବାହାଘର ଉଦ୍‌ଘାଟିତ

ବାଲେଶ୍ୱର,୨।୮(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାଲେଶ୍ୱରୀ ଲୋକ ମହୋତ୍ସବ ଜଉ କଣ୍ଢେଇ ବାହାଘର ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଲୋକ ସଂସ୍କୃତି ଓ କଳାର ଏହି ମହାନ ଗଣପର୍ବକୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ମାଟି ବାଲେଶ୍ୱରର ସାହିତ୍ୟ ସଂସ୍କୃତି ଓ କଳାର ଅବଦାନ ପାଇଁ ଧନ୍ୟ ହୋଇଛି। ଜଉ କଣ୍ଢେଇ ବାହାଘର ମାଧ୍ୟମରେ ଯେଉଁ ସାମାଜିକ ଦାୟିତ୍ୱ ଓ ସେବା କରାଯାଉଛି ତାହା ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ବ୍ୟାସ କବି ଫକୀର ମୋହନଙ୍କ ଭୂମିରେ ତାଙ୍କରି ପ୍ରସିଦ୍ଧ ଗଳ୍ପର ନାୟକ ଚନ୍ଦ୍ରମଣି ଓ ନାୟିକା ସୁଲୋଚନା ଏ ବର୍ଷର ବର ଓ କନ୍ୟା ହୋଇଥିବାରୁ ଏହି ଜଉକଣ୍ଢେଇ ବାହାଘରର ମହତ୍ତ୍ୱ ବହୁଗୁଣିତ ହୋଇଛି। ସେ ବର ଚନ୍ଦ୍ରମଣି ଓ କନ୍ୟା ସୁଲୋଚନାଙ୍କ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମାତାପିତାଙ୍କୁ ଶୁଭେଚ୍ଛା ଜଣେଇଥିଲେ ଓ ଜଉ କଣ୍ଢେଇ ବାହାଘର ସମିତିର ସମସ୍ତ ସଦସ୍ୟଙ୍କର ଅକ୍ଳାନ୍ତ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଜଉକଣ୍ଢେଇ ବାହାଘର ଏକ ସମ୍ପର୍କର ଉତ୍ସବ। ଏହି ଉତ୍ସବ ପ୍ରେମ ଓ ଭଲପାଇବାର ସନ୍ଦେଶ ଦିଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗ ଦେଇଥିଲେ।

ଜଉ କଣ୍ଢେଇ ବାହାଘର ଉତ୍ସବର କାର୍ଯ୍ୟକାରୀ ସଭାପତି ଡ.ଉପେନ୍ଦ୍ର ପ୍ରସାଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ କଥା ରଖିଥିଲେ ଶିଳ୍ପୀ କେଶୁ ଦାସ। ସମ୍ପାଦକ ଡ. କୁମାର ଗୋପାଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସୁଶ୍ରୀ ବେହେରା ମଞ୍ଚ ଆହ୍ୱାନ କରିଥିବା ବେଳେ ରଘୁନାଥ ଲେଙ୍କା ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନୃତ୍ୟାଙ୍ଗନା ସୁଜାତା ମହାପାତ୍ରଙ୍କର ନୃତ୍ୟ ଗ୍ରୁପର ଓଡ଼ିଶୀ, ସମ୍ବଲପୁରର ମୋହିନୀ ଛଉ ନୃତ୍ୟ, ଗୁରୁ ନନ୍ଦ କୁମାର ଦାସଙ୍କର ଗ୍ରୁପର ସାମୁହିକ ବାଦ୍ୟ ଓ ସରସ୍ୱତୀ ଶିଶୁମନ୍ଦିର ପିଲାଙ୍କର ନୃତ୍ୟ ସମସ୍ତଙ୍କର ମନ ମୋହିଥିଲା। ଉଲ୍ଲେଖନୀୟ ଯେ, ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ଧାଡ଼ିକି ଧାଡି ଦୋକାନ ସହ ମୀନା ବଜାର ମେଳା ଆସନ୍ତା ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଲାଗିବ। ପ୍ରତ୍ୟେହ ସନ୍ଧ୍ୟା ୫ରୁ ରାତି ୧୧ଟା ଯାଏ ଏହି ମେଳା ଖୋଲା ରହିବ ବୋଲି ଜଣାପଡ଼ିଛି।

## ଭିକ୍ଷା ବୃତ୍ତିକରି ଚଳୁଥିବା ବୃଦ୍ଧଙ୍କ ମୃତ୍ୟୁ

### ମୃତଦେହ ହୋଇପାରୁନି ଚିହ୍ନଟ

ବାଲେଶ୍ୱର,୨।୮(ମାନସ ବିଶ୍ୱାଳ)- ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଦୀର୍ଘଦିନ ଧରି ଭିକ୍ଷା ବୃତ୍ତି କରି ଚଳିଆସୁଥିବା ଜଣେ ବୃଦ୍ଧ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସହଦେବଖୁଣ୍ଟା ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି ଏବଂ ଚିହ୍ନଟ ପାଇଁ ଫ୍ରିଜର୍‌ରେ ରଖାଯାଇଛି। ସେହିପରି ମାନସିକ ବିକୃତି ଯୋଗୁ ବାଲେଶ୍ୱର ସହର ଆନନ୍ଦବଜାର ଅଞ୍ଚଳର ସ୍ୱର୍ଗତ ମଙ୍ଗଳ ସୋରେନ୍‌ଙ୍କ ସ୍ତ୍ରୀ ସରସ୍ୱତୀ ସୋରେନ୍ ଦୀର୍ଘଦିନ ଧରି ଘର ଛାଡ଼ି ଆନନ୍ଦବଜାର ଓଭରବ୍ରିଜ୍ ତଳେ ରହୁଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ସହଦେବଖୁଣ୍ଟା ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

ନୀଳଗିରି,୨।୮(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି-ଉଦଳା ୧୯ନଂ. ରାଜ୍ୟ ରାଜପଥର ଭାଲୁକାଶୁଣି ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ନନ୍ଦକୁମାର ଥାନା ଅଞ୍ଚଳର ସୀତାଂଶୁ ଆଚାର୍ଯ୍ୟଙ୍କ ପୁଅ ତାପସ। ସେ ଉଦଳାରୁ ନୀଳଗିରି ଅଭିମୁଖେ ଆସୁଥିବା ସମୟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ନୀଳଗିରି ପୋଲିସ ବାଇକ୍ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

# ଅତିଥି ଶିକ୍ଷକରେ ଚାଲିଛି ବିଦ୍ୟାଳୟ

### ଅନ୍ଧାରରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭାଗ୍ୟ

ବାଲିଆପାଳ,୨।୮(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ମଧୁପୁରା ପଞ୍ଚାୟତ ହାସିମପୁର ଉଦୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଏବେ ବିନା ଶିକ୍ଷକରେ ଚାଲିଛି। ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭାଗ୍ୟ ଏବେ ଅନ୍ଧାରରେ। ମାତ୍ର ଦୁଇଜଣ ଅତିଥି ଶିକ୍ଷକରେ ଚାଲିଛି ବିଦ୍ୟାଳୟ। ଏନେଇ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ପ୍ରମାଦ ଗଣିଲେଣି। ବିଗତ ସରକାର ଏହି ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ବିଜ୍ଞାନାଗାର ସହିତ ବିଦ୍ୟାଳୟକୁ ରଙ୍ଗବେରଙ୍ଗରେ ବାହାରକୁ ବେଶ ଚିକ୍‌ଣ କରିପକାଇଲେ। ମାତ୍ର ଶିକ୍ଷକ ପଦବୀ ପୂରଣ ଲାଗି ଗୁରୁତ୍ୱ ଦେଲେ ନାହିଁ।

୧୯୮୪ରୁ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ନିଜର ରେକର୍ଡ ବଜାୟ ରଖିଆସିଛି। ସବୁବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଏହି ବିଦ୍ୟାଳୟର ଫଳାଫଳ ବ୍ଲକରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ଏଠାରେ ଦଶମ, ନବମ ଓ ଅଷ୍ଟମକୁ ମିଶାଇ ପିଲା ସଂଖ୍ୟା ୩୦୦ରୁ ଅଧିକ। ମାତ୍ର ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ଅଷ୍ଟମରେ ଚଳିତବର୍ଷ ଶିକ୍ଷକ ନ ଥିବାରୁ କମ୍ ପିଲା ନାମ ଲେଖାଇଛନ୍ତି। ସରକାର ଯଦି ଏହି ବିଦ୍ୟାଳୟ ପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଆଗାମୀ ବର୍ଷକୁ ଆହୁରି ପିଲା ସଂଖ୍ୟା କମିବ। ବିଦ୍ୟାଳୟ ଆରମ୍ଭରୁ ଯେଉଁ ଶିକ୍ଷକମାନେ ଏଠାରେ ଶିକ୍ଷକତା କରୁଥିଲେ ସେମାନେ ପର୍ଯ୍ୟାୟକ୍ରମେ ଅବସର ନେଇଛନ୍ତି। ଶିକ୍ଷକଙ୍କ ସହିତ ବିଦ୍ୟାଳୟରେ କିରାଣି ଓ ପିଅନ ନାହାନ୍ତି। ଅବସର ନେଇଥିବା କେତେଜଣ ଶିକ୍ଷକ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ପାଠ ପଢ଼ାଇବା ପରେ କିଛିଦିନ ହେବ ଏଠାରେ ୨ଜଣ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଯେଉଁମାନେ କି କମ୍ ଦରମାରେ ଅବସର ପରେ ଆଉ ଦୁଇବର୍ଷ ପାଇଁ ନିଯୁକ୍ତି ପାଇଥାଆନ୍ତି। ହେଲେ ଅଦ୍ୟାବଧି ନିୟମିତ (ରେଗୁଲାର) ଶିକ୍ଷକ ନିଯୁକ୍ତି ନ ହେବା ଦୁଃଖ ଓ ପରିତାପର ବିଷୟ। ବର୍ତ୍ତମାନର ସରକାର ଏ ଦିଗରେ ଧ୍ୟାନ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।



# 'ଅରୁଣ ଥିଲେ ବାଲେଶ୍ୱରର ବିକାଶ ପୁରୁଷ'

### ଝୋଟ କାରଖାନା ଶ୍ରମିକ ସଂଘ ପକ୍ଷରୁ ସ୍ମୃତିସଭା

ରୂପସା,୨।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଝୋଟ କାରଖାନା ଶ୍ରମିକ ସଂଘ ପକ୍ଷରୁ ପୂର୍ବତନ ବିଧାୟକ ତଥା ଶ୍ରମିକ ସଂଘର ସଭାପତି ସ୍ୱର୍ଗତ ଅରୁଣ ଦେଙ୍କ ତୃତୀୟ ବାର୍ଷିକୀ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଦେ ଓଡ଼ିଶା ରାଜନୀତିରେ ସେବା, ସଂଘର୍ଷର ଜନନେତା ଓ ବାଲେଶ୍ୱରର ବିକାଶ ପୁରୁଷ ଥିଲେ ବୋଲି ସଭାପତି ଦାସ ମତବ୍ୟକ୍ତ କରିଥିଲେ। ସମ୍ମାନିତ



ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ସଂଘର କର୍ମକର୍ତ୍ତାମାନେ।

ଅତିଥି କାରଖାନା ପରିଚାଳକ ହୃଷିକେଶ ରାଉତ, କାରଖାନା ଇନ୍‌ଚାର୍ଜ ସୁରେନ୍ଦ୍ର କୁମାର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ବିକାଶ ପରିଷଦ ସଭାପତି ଭଗବାନ ମହାପାତ୍ର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପୂର୍ବତନ ସମ୍ପାଦକ ହୃଷିକେଶ ମହାରଣା, ଆଚାର୍ଯ୍ୟ ବିଜୟ ଜୀ ପ୍ରମୁଖ ଯୋଗଦେଇ ଶ୍ରମିକ ନେତା ଅରୁଣ ଦେ ବାଲେଶ୍ୱର ମାଟିର ଜଣେ ବରପୁତ୍ର ଥିଲେ ବୋଲି କହିଥିଲେ। ସଂଘର ସାଧାରଣ ସମ୍ପାଦକ ରଜନୀକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଉପ-ସଭାପତି ରଘୁନାଥ ସାହୁ, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର, ସହଯୋଗୀ ସମ୍ପାଦକ ଦୀପକ କୁମାର ପଣ୍ଡା, ନିମନ୍ତ୍ରିତ ସଂଗଠକ ରାଜେଶ କୁମାର ଗିରି, ସଂଗଠନ ସମ୍ପାଦକ ସନାତନ ପ୍ରଧାନ, ତପନ ସାହୁ, ରାଜେନ୍ଦ୍ର ଦାସ ଓ ନିରଞ୍ଜନ ଦାସ, ସହ ସମ୍ପାଦକ ଜଗନ୍ନାଥ ନାୟକ, ମନୋରଞ୍ଜନ ସିଂହ, ପ୍ରଦୀପ ଜେନା ଓ ସୁକୁମାର ବାରିକ ପ୍ରମୁଖ ସ୍ୱର୍ଗତ ଦେଙ୍କ ସ୍ମୃତିଚାରଣ କରିଥିଲେ। ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଅନ୍ତର୍ଯ୍ୟାମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଭବିଷ୍ୟତରେ ବିଜେଡି ରହିବନି: ଢାଲି

- ସଙ୍ଗଠନ ଠିକ୍ ନ କଲେ ଆଗକୁ ଆହୁରି ଅଘଟଣ ଘଟିବ: ଅମର
- ବିଜେଡି ଏବେ ବି ଶକ୍ତିଶାଳୀ ଅଛି: ଉମା


ଅରବିନ୍ଦ ଢାଲି


ଅମର ଶତପଥୀ


ଉମାକାନ୍ତ ସାମନ୍ତରାୟ

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)

ରାଜ୍ୟ ସଭା ଏବଂ ବିଜେଡିରୁ ଇସ୍ତଫା ଦେଇ ମମତା ମହନ୍ତ ଭାଜପାରେ ଯୋଗଦେବା ପରେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ଜଣେ ନେତ୍ରୀ ଏଭଳି ଦଳ ଛାଡିବାକୁ ନେଇ ବିଜେଡି ସଙ୍ଗଠନ ଖରାପ ଆଡକୁ ଯାଉଥିବା ବିରୋଧୀ କହିବା ଆରମ୍ଭ କରିଦେଲେଣି। ସେହିକ୍ରମରେ ଏହି ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କରିବାକୁ ଯାଇ ଭାଜପା ନେତା ଅରବିନ୍ଦ ଢାଲି କହିଛନ୍ତି, ବିଜେଡି ବସା ଖାଲି ହୋଇଯିବ। ଭବିଷ୍ୟତରେ ବିଜେଡି ରହିବନି, ଚାହିଁଲେ ବି ରଖିପାରିବେନି। ଦଳରେ ଥିବା ନେତାଙ୍କ ମଧ୍ୟରେ ଯୁଦ୍ଧ ଚାଲିବ, ଦଳ ଖଣ୍ଡବିଖଣ୍ଡ ହୋଇଯିବ। ବିଜେଡିରେ ସମସ୍ତେ ଅସନ୍ତୁଷ୍ଟ ଅଛନ୍ତି। ଦଳ ଭିତରେ କାହାର ସ୍ୱାଧୀନତା ନାହିଁ। ବିଜେଡିରେ ଥିବାବେଳେ ତାଙ୍କୁ କୋଣଠେସା କରି ରଖାଯାଇଥିଲା। ସେହି ସମୟରେ ତାଙ୍କୁ ଅଣନିଃଶ୍ୱାସୀ ଲାଗୁଥିଲା। ସେତେବେଳେ ବିଜେଡି ସୁପ୍ରିମୋଙ୍କୁ ଭେଟିବା ସମ୍ଭବ ପର ହେଉ ନ ଥିଲା। ପାଣ୍ଡିଆନଙ୍କ ନିର୍ଦ୍ଦେଶ ହେଲେ ସୁପ୍ରିମୋଙ୍କୁ ଭେଟିବା ସମ୍ଭବ ହେଉଥିଲା। ବିଜେଡିର ପାଣ୍ଡିଆନ ସର୍ବେସର୍ବା ଥିଲେ। ଏବେ କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିବାରେ କୌଣସି ପ୍ରତିବନ୍ଧକ ନାହିଁ। ୨୫ ବର୍ଷ ଶାସନରେ ବିଜେଡି ଯାହା କରି ପାରି ନ ଥିଲା, ତାକୁ ମୋହନ ସରକାର ବର୍ତ୍ତମାନ କରି ଦେଖାଉଛନ୍ତି। ଜାତୀୟ ଦଳ ବିଲୟ ହୁଏନି। ଆଞ୍ଚଳିକ ଦଳର ବିଲୟ ହୋଇଥାଏ। ଆଞ୍ଚଳିକ ଦଳ ଯିଏ ଗଢିଥାଏ, ସେ ଥିବା ଯାଏଁ ଦଳ ଚାଲେ। ସେ ଅସୁସ୍ଥ ହେଲେ ବା ଆଉ କ'ଣ ହେଲେ ଦଳ ରହେନାହିଁ ବୋଲି ଢାଲି କହିଛନ୍ତି। ଅନ୍ୟପକ୍ଷରେ ଢାଲିଙ୍କ ଏଭଳି ମତ ପରେ ବରିଷ୍ଠ ବିଜେଡି ନେତା ଅମର ଶତପଥୀ କହିଛନ୍ତି, ସଙ୍ଗଠନକୁ ଆମୂଳ ଚୂଳ ଠିକ୍ ନ କଲେ ଆଗକୁ ଅନେକ ଅଘଟଣ ଘଟିବାର ଆଶଙ୍କା ରହିଛି। ଆମ ସମସ୍ତଙ୍କର ଏ ଦିଗରେ ଅନୁଭବ ରହିଛି। ସଙ୍ଗଠନ ଠିକ୍ କରିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଛି, ଦେଖାଯାଉ ଆଗକୁ କ'ଣ ହେଉଛି। ତେବେ ବିଜେଡି ନେତା ଉମା ସାମନ୍ତରାୟ କହିଛନ୍ତି, ଆଜି ମଧ୍ୟ ବିଜେଡି ଶକ୍ତିଶାଳୀ ଅଛି। ଢାଲିଙ୍କ ମନ୍ତବ୍ୟରେ ବିଜେଡିକୁ କିଛି ଫରକ ପଡ଼ିବନାହିଁ ।

# ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ପୌରାଧକ୍ଷା


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁକ୍ରବାର କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ଓ କାଉନ୍ସିଲରମାନେ ସାକ୍ଷାତ କରୁଛନ୍ତି।

କେନ୍ଦୁଝର, ୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁଙ୍କ ନେତୃତ୍ୱରେ କାଉନ୍ସିଲରଙ୍କ ଏକ ଦଳ ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା କେନ୍ଦୁଝରଗଡ଼ ପୌରପାଳିକା ତଥା ଜିଲା ମୁଖ୍ୟାଳୟକୁ ସୌନ୍ଦର୍ଯ୍ୟମୟ ଓ ରହଣୀବାସ ଯୋଗ୍ୟ ସହରରେ ପରିଣତ କରିବାକୁ ନିବେଦନ କରିଛନ୍ତି। ଏ ନେଇ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଏଥିସହ କେନ୍ଦୁଝରଗଡ଼ ପୌରପାଳିକାର ପରିସୀମାକୁ ସମ୍ପ୍ରସାରଣ କରି ନରଣପୁର, ଡିମ୍ବୋ, ଶଙ୍କରପୁର, ରାଇସୁଆଁକୁ ସାମିଲ କରି ବୃହତ କେନ୍ଦୁଝରଗଡ଼ ପୌରପାଳିକା ଗଠନ ଲାଗି ୫୦ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ମାଷ୍ଟର ଡ୍ରେନ୍ ଓ ସ୍ୱେରେଜ ବ୍ୟବସ୍ଥାକୁ ସୁଦୃଢ କରିବାକୁ ୨୦୦ କୋଟି ଟଙ୍କାର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା, ବେଲଦାଠାରୁ କେନ୍ଦୁଝର ସହର ଦେଇ ଜୁଡିଆ (ଏନଏଚ ୪୯) ପର୍ଯ୍ୟନ୍ତ ରାସ୍ତାକୁ ଚାରି ଥାକିଆ ରାସ୍ତା କରିବା ବାବଦକୁ ୩୦ କୋଟି, ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବଡଦାଣ୍ଡ (ପୁରୁଣାସହର) ରାସ୍ତା ବାବଦକୁ ୧୦ କୋଟି, ମେଡିକାଲ କଲେଜକୁ ସହଜରେ ରୋଗୀ ସ୍ଥାନାନ୍ତରଣ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାଠାରୁ ଗଉଡିବେଣାକୁ ନୂତନ ରାସ୍ତା ନିର୍ମାଣ ବାବଦକୁ ୫୦ କୋଟି, ଧୋବାଡିହା ଛକଠାରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ୫୦ କୋଟି, ମାଉସୀମା ମନ୍ଦିରଠାରୁ ଚଉବଟା ରାସ୍ତା ନିର୍ମାଣ ପାଇଁ ୨ କୋଟି, ଗାନ୍ଧୀଛକଠାରୁ ଧୂପଦା ରାସ୍ତା ପାଇଁ ୧୦ କୋଟି ଟଙ୍କାର ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଗାନ୍ଧୀଛକ ନିକଟରେ ଥିବା ଅବହେଳିତ ଓ ବିପଦପୂର୍ଣ୍ଣ ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ପାର୍କିଂ ବ୍ୟବସ୍ଥା ସହ ବହୁ ତଳ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ବାବଦକୁ ୩୦ କୋଟି, ଜିଲା କାରାଗରକୁ ଶିରିଶପାଳ ଅଞ୍ଚଳକୁ ସ୍ଥାନାନ୍ତରଣ କରି ଉକ୍ତ ସ୍ଥାନରେ ନୂତନ ଷ୍ଟାଡିୟମ ନିର୍ମାଣ ବାବଦକୁ ୩୦ କୋଟି ଟଙ୍କା ବ୍ୟବସ୍ଥା ସମେତ ଆଉ କେତେକ ଦାବିର ପୂରଣ ଲାଗି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ଭଞ୍ଜସେନା ମୁଖ୍ୟ କଂଗ୍ରେସ ମୁହାଁ

**ମୟୂରଭଞ୍ଜ ରାଜନୀତି ସରଗରମ**

ବାରିପଦା, ୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଧାରଣ ନିର୍ବାଚନ ପରେ ପୁଣି ମୟୂରଭଞ୍ଜ ଜିଲା ରାଜନୀତି ସରଗରମ ହେବାରେ ଲାଗିଛି। କିଛିଦିନର ବ୍ୟବଧାନ ପରେ ଏବେ ଦଳ ବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି। ୨ଦିନ ପୂର୍ବେ ବିଜେଡିର ପ୍ରାଥମିକ ସଦସ୍ୟ ଓ ରାଜ୍ୟ ସଭା ସଦସ୍ୟା ପଦରୁ ମମତା ମହାନ୍ତ ଇସ୍ତଫା ଦେଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଭାଜପାରେ ମିଶିଥିଲେ ; ଯାହି ଜିଲା ରାଜନୀତିକୁ ସରଗରମ କରିଦେଇଥିଲା। ଏହି ଚର୍ଚ୍ଚା ନ ଥମୁଣୁ ଜିଲାର ଅଗ୍ରଣୀ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା (ସଫି) କଂଗ୍ରେସ ମୁହାଁ ହୋଇଥିବା କୁହାଯାଉଛି। ରାଜ୍ୟ କଂଗ୍ରେସ ନେତୃବୃନ୍ଦ ମୟୂରଭଞ୍ଜ ଜିଲାରେ ଦଳୀୟ ସଙ୍ଗଠନକୁ ସଜାଡ଼ିବା ପ୍ରୟାସରେ ଥିବାବେଳେ ଟାଣୁଆ ନେତା କଳିଙ୍ଗ କେଶରୀଙ୍କୁ ଗୁରୁଦାୟିତ୍ୱ ଦେବା ନେଇ କୁଆଡ଼େ ନିଷ୍ପତ୍ତି ହୋଇଛି। ସେ ଦଳକୁ ସୁସଙ୍ଗଠିତ କରିବା ସହ ଆଗାମୀ ନିର୍ବାଚନରେ ସଫଳତା ଆଣିଦେବା ଲକ୍ଷ୍ୟରେ କଂଗ୍ରେସ ଶୀର୍ଷ ନେତୃବୃନ୍ଦଙ୍କ ସହ ଯୋଗସୂତ୍ରରେ ଥିବା କର୍ମୀ ମହଲରେ ଆଲୋଚନା ଚାଲିଛି। ସାଙ୍ଗଠନିକ ଦୃଷ୍ଟିରୁ କଳିଙ୍ଗ କେଶରୀଙ୍କ ଦକ୍ଷତାକୁ ନେଇ ଜିଲାବାସୀ ବେଶ୍ ଅବଗତ ରହିଛନ୍ତି । ଜିଲାର ମୌଳିକ ସମସ୍ୟାକୁ ନେଇ ସେ ଅଣରାଜନୈତିକ ସଙ୍ଗଠନ ଭାବେ ଭଞ୍ଜସେନା ପ୍ରତିଷ୍ଠା କରିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦାବି ଓ ଆନ୍ଦୋଳନ ଚଳାଇ ଆସୁଛନ୍ତି। ଜିଲାରେ ମେଡିକାଲ କଲେଜ ସ୍ଥାପନ, ରେଳ ପ୍ରକଳ୍ପର ବିକାଶ, ଅନ୍‌ଲାଇନ ଟ୍ରେନ୍ ଟିକେଟ କାଉଣ୍ଟର ପ୍ରତିଷ୍ଠା, ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ, ପର୍ଯ୍ୟଟନ ଶିଳ୍ପ, ଦ୍ୱାରଶୁଣୀ ଘାଟି ରାସ୍ତା ସମ୍ପ୍ରସାରଣ ଲାଗି ଦାବି ଉଠାଇ ସଫଳ ହୋଇଛନ୍ତି। ସେହିପରି ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ଦିଗରେ ବ୍ୟାପକ ଚାରାରୋପଣ କରିବା ଭଳି ଅନେକ କାର୍ଯ୍ୟ କରିଛନ୍ତି। ଜଣେ ଛାତ୍ରନେତା ଭାବେ ପରିଚିତ କଳିଙ୍ଗ କେଶରୀ ୧୯୯୫-୯୬ରେ ଏମ୍‌ପିସି କଲେଜର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ର କଂଗ୍ରେସର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଭାବେ ସେ କାର୍ଯ୍ୟ ତୁଲାଇଥିଲେ। ଜେଏମ୍‌ଏମ୍ ଟିକେଟରେ ମୋରଡ଼ା ବିଧାନସଭା ଆସନରୁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।


କଳିଙ୍ଗ କେଶରୀ ଜେନା

ଜିଲାରେ କଂଗ୍ରେସ ମଙ୍ଗ ସମ୍ଭାଳିବାକୁ ଜଣେ ଦକ୍ଷ ସଙ୍ଗଠକଙ୍କ ଆବଶ୍ୟକତା ଥିବାରୁ କଳିଙ୍ଗ କେଶରୀଙ୍କୁ ଦଳରେ ସାମିଲ କରାଯାଉଥିବା ନେଇ ଯୋଜନା ଚାଲିଥିବା ଦଳର ଜଣେ ବରିଷ୍ଠ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଭଞ୍ଜସେନା ମୁଖ୍ୟ କଳିଙ୍ଗ କେଶରୀଙ୍କୁ ପଚାରିବାରୁ ଅଦ୍ୟାବଧି କୌଣସି ଦଳରେ ଯୋଗଦେବା ନେଇ ନିଷ୍ପତ୍ତି ନିଆଯାଇ ନାହିଁ। କର୍ମକର୍ତ୍ତା ଓ ଶୁଭେଚ୍ଛୁଙ୍କ ସହ ବିଚାରବିମର୍ଶ ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି ।

# ଲୋକଙ୍କ ପାଇଁ କାମ କରିଚାଲ:ନବୀନ


ନବୀନ ପଟ୍ଟନାୟକଙ୍କ ସହ ମୟୂରଭଞ୍ଜର ବିଜେଡି ନେତୃବୃନ୍ଦ।

ଭୁବନେଶ୍ୱର, ୨।୮ (ଅନିଲ ଦାସ)

## ନବୀନ ନିବାସରେ ମୟୂରଭଞ୍ଜ ବିଜେଡି ନେତା

ମୟୂରଭଞ୍ଜ ବିଜେଡି ନେତୃବୃନ୍ଦ ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସଠାରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଜିଲାର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି।

ମୟୂରଭଞ୍ଜ ଜିଲାର ସାମଗ୍ରିକ ବିକାଶ ବିଶେଷକରି ଜନଜାତି ସମ୍ପ୍ରଦାୟର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିକାଶ କ୍ଷେତ୍ରରେ ବିଜେଡି ସରକାର ସମୟରେ ନିଆଯାଇଥିବା ପଦକ୍ଷେପ ପାଇଁ ନବୀନଙ୍କ ନିକଟରେ ସେମାନେ କୃତଜ୍ଞତା ପ୍ରକାଶ କରିଛନ୍ତ। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନା ଜିଲାର ବିକାଶରେ ମାଇଲଖୁଣ୍ଟି ହୋଇ ରହିବ। ସେହିପରି ସାନ୍ତାଳି ଭାଷାକୁ ସାମ୍ବିଧାନିକ ଭାଷାର ମର୍ଯ୍ୟାଦା ଦେବା ତଥା ସାନ୍ତାଳି ଭାଷାର ସୁରକ୍ଷା ଓ ପ୍ରସାର ଦିଗରେ ପୂର୍ବ ସରକାରର ଐତିହାସିକ ପଦକ୍ଷେପକୁ ଜିଲାବାସୀ ସବୁ ଦିନ ମନେ ରଖିବେ ବୋଲି ସେମାନେ କହିଛନ୍ତି ।

ମୟୂରଭଞ୍ଜର ବିକାଶ କ୍ଷେତ୍ରରେ ବିଜେଡି ସରକାରର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଜିଲାବାସୀ ସହଯୋଗ କରି ଆସିଥିବାରୁ ନବୀନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଲୋକଙ୍କ ସହିତ ସମ୍ପର୍କକୁ ଆହୁରି ମଜଭୁତ କରି ବିଜୁ ଜନତା ଦଳର ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଜିଲାରେ ବ୍ୟାପକ କରିବା ସଙ୍ଗେ ସଙ୍ଗେ ଦଳର ସଙ୍ଗଠନକୁ ଆହୁରି ଦୃଢ଼ କରିବା ପାଇଁ ନବୀନ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତିନିଧି ଦଳରେ ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ମୁର୍ମୁ, ପୂର୍ବତନ ବିଧାୟକ ରାଜକିଶୋର ଦାସ ଓ ଗଣେଶ୍ୱର ପାତ୍ର, ଜିଲା ପରିଷଦ ସଭାପତି ଭାରତୀ ହାଂସଦା, ବିଧାୟକ ପ୍ରାର୍ଥୀ ସୋମନାଥ ସୋରେନ୍, ଦେବାଶିଷ ମାର୍ଣ୍ଡି, ରାଇସେନ ମୁର୍ମୁ, ପ୍ରୀତିନନ୍ଦା କାନୁନ୍‌ଗୋ, ଅନସୂୟା ପାତ୍ର, ବାରିପଦା ମ୍ୟୁନିସିପାଲିଟିର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଦେବାଶିଷ ମହାନ୍ତି ଓ ଜିଲାର ଅନ୍ୟ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଜୁଲାଇ ୩୧ ତାରିଖରେ ମମତା ମହାନ୍ତ ରାଜ୍ୟ ସଭା ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ। ମମତାଙ୍କ ଇସ୍ତଫା ପରେ ଦଳ ଉପରେ କୌଣସି ପ୍ରଭାବ ନାହିଁ ବୋଲି ଜିଲାର ଦଳୀୟ ନେତାମାନେ ବିଜେଡି ସଭାପତିଙ୍କୁ ଭେଟି ଏହି ବାର୍ତ୍ତା ଦେଇଥିବା ନେଇ ଚର୍ଚ୍ଚା ହେଉଛି।

**OFFICE THE ROURKELA MUNICIPAL CORPORATION : ROURKELA**
**INVITATION FOR BID**
No. : 9167 Dated : 30.07.2024
**Bid Identification No. : MC/RMC/16/2024**
No.C-317: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online mode. Bid Identification **No. MC/RMC/16/2024** for **09** nos. Civil work with value of **Rs. 43.15 lakh to 2.06 Lakh**.
1. Bid documents will be available in website www.tendersorissa.gov.in from 31.07.2024.
2. Bids must be submitted on "online" on or before 12.08.2024 by 17.00 hours.
3. Bids shall be opened at 11.00 hours on 13.08.2024 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in
**Sd./- Municipal Commissioner, Rourkela Municipal Corporationk**
OIPR-13131/11/0007/2425

**OFFICE OF THE MEDICAL SUPERINTENDENT - CUM - BLOCK PUBLIC HEALTH OFFICER, CHC BALUGAON, KHORDHA**
Adv No. : 1495 Date : 01/08/2024
**TENDER CALL NOTICE**
No.E-170 : Sealed tenders are invited from any private individuals / Local registered Travel Agency only having valid GSTIN/ PAN for providing of vehicles on monthly hiring basis under the undersigned of office Superintendent, CHC Balugaon, Khordha on annual rate contract basis. The sealed tenders should reach at O/o Superintendent, CHC Balugaon, Khordha any working day by 21.08.2024 till 05.00 P.M along with all required documents by Speed post / Reg Post/Courier only by superscribing on the top of the envelope "Tender for hiring of Vehicles". The tender will be opened on 22.08.2024 at 10.30 AM in the office of the undersigned in presence of the bidders/authorized representative of the Bidders. Details regarding items and terms and condition may be download from www.khordha.nic.in. The undersigned reserves the right to accept or reject any or all the quotations without assigning any reason thereof.
Place : Balugaon
Date : 01/08/2024
**Sd./- Superintendent-Cum-BPHO CHC Balugaon, khordha**
OIPR-10147/11/0001/2425

**OFFICE OF THE COLLECTOR & DISTRICT MAGISTRATE, BHADRAK**
(Social welfare Section)
Tender Notice No. : 1587/SW Dated. : 31.07.2024
No.g-47 : Sealed tenders for appointment of Transporting Agent for Chandbali-I ICDS Project only in Bhadrak District are invited from the intending Registered Firms / Co-operative Societies / authorized licensed Transporting Contractors / Agents for undertaking transportation of Rice / Wheat from OSCSC Ltd. Godown, Charampa, Bhadrak / FCI depot, Ranital, Bhadrak to respective AWCs & WSHGs point under SNP Sceme for the period of till 31.12.2024. The Registered Firms / co - operative Societies / authorized licensed Transporting Contractors / Agents shall be made through two bid system i.e. Technical Bid (Annexure - I) and Price Bid (Annexure - II) separately. the technically qualified Bidder Firms / Agents can only participate in the Price Bid.
The Tender paper can be obtained from the office of the DSWO, Bhadrak on payment of Rs. 5,000/- Rupees (Five Thousand) Only towards cost of the tender paper from date. 01.08.2024 during the office hour or any working day till 01:00 PM on dated. 16.08.2024. In case the tender documents have been downloaded from the website, the tender documents fee of Rs. 5000/- only must be deposited along with the Bid in the Form of a Demand Draft drawn on any Nationalized Bank favouring DSWO, Bhadrak and payable at Bhadrak. The cost of tender paper is non-refundable. The tender shall be received by DSWO, Bhadrak till 01:00 P.M on date. 16.08.2024 by registered post / speed post or through sealed tender box kept in office of the DSWO, Bhadrak and will be opened on the same day i.e. on date 16.08.2024 at 03.00 PM by the tender Committee headed by Collector, Bhadrak or any officer authorized by the Collector in the Salandi Sabhagruha Collectorate, Bhadrak in the presence of the Tender Committee members and Tenderers or their authorised representatives if they desire so Similarly, the Financial Bid of those who qualified the technical bid will be opened on dated 16.08.2024 in the Salandi Sabhagruha, Collectorate, Bhadrak. The details regarding tender document are available in the website https://bhadrak.odisha.gov.in/ which can be downloaded.
Not with standing anything else contained to the contrary in this tender document, Collector reserves right to cancel / withdrawn / modify or reject any or all the tenders without assigning any reason tereof.
1. Period of issue of Tender document : 01.08.2024 to 16.08.2024 by 01.00 P.M.
2. last date of receipt of Sealed Bids on 16.08.2024 up to 01.00 P.M. through Registered / Speed Post or through sealed tender box kept in the office of the DSWO, Bhadrak.
3. Date and time for opening of
(ii) Technical & Price Bid : On dated 16.08.2024 at 03.00 P.M.
**Sd./- Collector & District Magistrate, Bhadrak**
OIPR-24017/11/0004/2425

**OFFICE OF THE MUNICIPAL COUNCIL, BALANGIR**
Address: Office of the Municipal Council Balangir, Opp. of Rajendra Park, Balangir, PIN - 767001
Ph. No.: 06652-232720, Email ID: bgrmc1972@gmail.com
Letter No. 2986 Date:
**ଅଭିବ୍ୟକ୍ତି ପ୍ରକାଶନ**
No. C-322: ବଲାଙ୍ଗିର ପୌର ପରିଷଦ ଅଧୀନରେ ଥିବା ସମସ୍ତ ପାର୍କଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନ ପତ୍ର ବଲାଙ୍ଗିର ଜିଲ୍ଲା ୱେବ୍‌ସାଇଟ୍ **(www.balangir.nic.in)**ରୁ ଡାଉନଲୋଡ କରିପାରିବେ।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବଲାଙ୍ଗିର ପୌରପାଳିକା
OIPR-13169/11/0004/2425

**Government of Odisha** No.O-157
**Office of the Superintending Engineer, Rural Works Division-II, Dhenkanal, Kamakhyanagar**
E-Mail : rw.kamakhyanagar@yahoo.co.in
**e-Procurement Notice No. 04 Building Work/2024-25**

| | | | |
|---|---|---|---|
| 1 | Name of the work | : | Building Works |
| 2 | Total No. of Works | : | 01 (One) No. |
| 3 | Tender Cost | : | Rs. 88.06 lakhs (approx.) |
| 4 | Class of Contractor | : | "B" Class |
| 5 | Period of Completion | : | 12 calendar months |
| 6 | Availability of Tender online for bidding | : | 07.08.2024 at 11.00 A.M to 21.08.2024 up to 5.00 P.M |
| 7 | Last Date & Time of seeking tender clarification | : | 20.08.2024 up to 4.00 PM |
| 8 | date & Time of opening of Technical Bid | : | 22.08.2024 at 11.00 AM |
| 9 | Date & Time of opening of Financial Bid | : | Intimated later on |

Other Details can be seen from the website http://tendersorissa.gov.in.
**Sd./- Executive Engineer R.W. Division-II, Dhenkanal, Kamakhyanagar**
OIPR-25094/11/0003/2425

**OFFICE OF THE PANCHAYAT SAMITI, PALLAHARA**
(E-Mail ID - ori-pallahara@nic.in)
Letter No - 1697 Date - 31.07.2024
**TENDER CALL NOTICE NO. PLR-01/2024-25**
No.i-54: Sealed tenders are invited from the interested bidders for the civil work under BDO, Pallahara of Angul District. The details has been uploaded in the District website www.angul.nic.in. The bidder should be a "C" or "D" class contractor. They have to submit bid documents to the undersigned in the address of "office of the BDO, Pallahara, At/P.O - Pallahara, Dist. - Angul, PIN - 759119" through Regd./Speed Post or drop in the tender box kept in the office chamber of the undersigned on or before 20.08.2024 (up to 12.00 Noon). DTCN & other details can be downloaded from the District web site www.angul.nic.in or can be obtained from the office of the undersigned from 05.08.2024 to 17.08.2024 (up to 5.00 P.M). The tender will be opened on dt. 20.08.2024 at 4.00 P.M. in the office of the undersigned in presence of the bidders/their representatives.
**Sd./- Block Development Officer, Pallahara**
OIPR-19276/11/0001/2425

**NOTICE INVITING BID (TENDER)**
**No. 402 / DSGAH, Bhubaneswar dt.31.07.2024**
**TENDER FOR SUPPLY OF RAW MATERIALS AND CONTINGENT ARTICLES TO GOVERNMENT AYURVEDIC HOSPITAL PHARMACY, BHUBANESWAR, GOVERNMENT AYURVEDIC PHARMACY, BOLANGIR AND GOPABANDHU AYURVEDA MAHAVIDYALAYA PHARMACY, PURI, ODISHA**
No.E-164 : Sealed tenders are invited from reputed manufacturers / authorized dealers including wholesale co-operative organizations and Government / Semi Govt. agencies for supply of raw materials and contingent articles to Government Ayurvedic Hospital Pharmacy, Bhubaneswar, Government Ayurvedic Pharmacy, Bolangir and Gopabandhu Ayurveda Mahavidyalaya Pharmacy, Puri for preparation of Ayurvedic Medicines for the financial year 2024-25.

| | | |
|---|---|---|
| 1 | Value of Tender | Rs. 1,05,00,000/- (One Crore Five Lakhs) only |
| 2 | Cost of Tender Book | Rs. 1,050.00 (One Thousand and Fifty rupees only including GST) |
| 3 | Availability of tender book | In the office of the Deputy Superintendent, GAH, BBSR only in shape of D.D. / Bankers Cheque in favor of the Deputy Superintendent, Government Ayurvedic Hospital, Old Town, Bhubaneswar |
| 4 | Mode of payment of cost of Tender Book | In shape of Demand Draft / Bankers Cheque in favor of Deputy Superintendent, Government Ayurvedic Hospital, Bhubaneswar, Odisha, payable at Bhubaneswar |
| 5 | Date of commencement of sale of Tender Book | Dt : 02.08.2024 at 11.00 A.M. to 22.08.2024 at 4.00 P.M. |
| 6 | Last date & time for submission of tender | Dt : 22.08.2024 at 4.00 P.M. |
| 7 | Date & time of Pre-bid meeting | dt. 07.08.2024 at 11.30 A.M Place : Office of the Deputy Superintendent, Government Ayurvedic Hospital, Bhubaneswar, Odisha |
| 8 | Mode of submission of tender | To be received through a sealed Tender box kept in the office chamber of the Deputy Superintendent, GAH, BBSR, Odisha |
| 9 | Mode of submission of sealed samples | To be received by the Deputy Superintendent, GAH, BBSR, Odisha and in his absence A.M.O., I/c - Pharmacy, Govt. Ayurvedic Hospital, Bhubaneswar will receive the samples at the time of submission of tender paper within the scheduled date and time. |
| 10 | Date, Time & Place for opening of tenders | Technical bids will be opened on dt. 29.08.2024 at 11.30 A.M. at Government Ayurvedic Hospital Pharmacy, Bhubaneswar. The date, time & place of opening of the Financial Bids of the technically qualified bidders will be intimated later on. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to **www.ayushodisha.nic.in**
**Sd./- Deputy Superintendent Govt. Ayurvedic Hospital, Bhubaneswar, Odisha**
OIPR-10053/11/0001/2425

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
**Letter No. IX-OSACS-ART-06/2024-25/2056/OSACS** **Dated: 01.08.2024**
No. E-171: The Orissa State AIDS Control Society (OSACS) on behalf of the ART Centres, Facility Integrated (FI)-ART Centres invites applications from suitable candidates to fill-up the post of Medical Officer, Counsellor, Data Manager on contract basis for implementation of HIV/AIDS programme under National AIDS Control Programme (NACP). The initial appointment should be for a period of one year and be renewed every year based on the performance. The details mentioned below:

| Sl. No. | Name of the Post | Place of Posting | No. of Post | Monthly Consolidated Remuneration (Rs.) |
|---|---|---|---|---|
| 1 | Medical Officer | ART Centre, MKCG Medical College, Berhampur (2 Nos.)/SCB Medical College, Cuttack (1 No.)/VSS Medical College, Burla (1 No.)/Capital Hospital, Bhubaneswar (2 Nos.)/RGH, Rourkela (1 No.), SLN MCH, Koraput (2 Nos.) DHH, Angul (1 No.), Balangir (1 No.), Balasore (1 No.), Nabarangpur (1 No.), Puri (1 No.), Keonjhar (1 No.), Kendrapada (1 No.)/SDH, Bhanjanagar (1 No.)/FI-ART Centre, Nayagarh (1 No.)/Rayagada (1 No.) | 19 | 72,000/- |
| 2 | Counsellor | ART Centre, Capitall Hospital, Bhubaneswar (1 No.)/VSS MCH, Burla (1 No.)/RGH, Rourkela (1 No.)/DHH, Angul (2 Nos.), Balangir (1 No.), Balasore (1 No.), Nabarangpur (1 No.), Bhadrak 1 (No.), SDH, Bhanjanagar (1 No.) | 10 | 21,000/- |
| 3 | Data Manager | ART Centre, Capital Hospital, Khordha (1 No.)/ DHH, Balangir (1 No.) | 02 | 21,000/- |

Eligible candidates for the post of Councellor, Data Manager (with minimum age of 18 years & maximum age limit of 45 years on the date of application). Further for the post of Medical Officer (minimum age limit of 25 years & maximum age limit of 69 years as on 01.07.2024) may apply directly to the Superintendent SLN MCH, Koraput CDM & PHO, Angul, Balangir, Balasore, Bhadrak, Ganjam, Cuttack, Khordha, Kendrapara, Keonjhar, Koraput, Mayurbhanj, Nayagarh, Nabarangpur, Puri, Rayagada, Sambalpur, Sundargarh as per the choice for place of posting. For other centers the candidates may apply to the Nodal Officer of ART Centres/FI-ART Centres as per the choice. Eligible candidates for the post of Medical Officer, Counsellor, Data Manager may apply to the following address by submitting their Bio-Data in the prescribed format through Registered Post/ Speed Post within 21 days of publication of the advertisement by superscription of the post for apply on the top of the envelope.
Application should not be sent to OSACS Head Quarter. Application received at OSACS Head Quarter will not be considered for short listing.
The prescribed format for submission of application, remuneration, qualification, experience, duties & responsibilities, other terms and conditions are available in the websites of **www.osacs.nic.in** and **www.orissa.gov.in**. The authority reserves the right to accept/reject any or all application(s) without assigning any reasons thereof.
**OIPR-10009/11/0002/2425** **Sd./- Project Director**
**2nd Floor, Oil Orissa Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)**
**E-mail: orissasacs@gmail.com, osacscst@gmail.com**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁପିଆଇ ମାଧ୍ୟମରେ ରେକର୍ଡ ପରିମାଣର କାରବାର

**ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)**

ଡିଜିଟାଲ ଅର୍ଥନୀତିର ବିକାଶରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୟୁପିଆଇ ମାଧ୍ୟମରେ ଆର୍ଥିକ କାରବାର ଅତି ସହଜ ହୋଇଛି। ଏଭଳି ପରିସ୍ଥିତିରେ ଏହା ଲୋକଙ୍କ ମଧ୍ୟରେ କାରବାରର ଏକ ଲୋକପ୍ରିୟ ମାଧ୍ୟମ ପାଲଟିଛି। ଜୁଲାଇର ଆର୍ଥିକ କାରବାର ଆକଳନରୁ ୟୁପିଆଇର ପ୍ରଭାବ ସ୍ପଷ୍ଟ ହୋଇଛି। ଜୁଲାଇରେ ୟୁପିଆଇ କାରବାର ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଏହି ମାସରେ, ୟୁପିଆଇ ମାଧ୍ୟମରେ ୧,୪୪୪ କୋଟି ଟଙ୍କାର କାରବାର ହୋଇଛି। ଏଗୁଡ଼ିକ ମାଧ୍ୟମରେ ୨୦.୬୪ ଲକ୍ଷ କୋଟି ଟଙ୍କା ଏକ ଆକାଉଣ୍ଟରୁ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଛି। ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ତଥ୍ୟ ଅନୁଯାୟୀ, ଜୁନ୍ ମାସରେ ୨୦.୦୭ ଲକ୍ଷ କୋଟି ଟଙ୍କାର କାରବାର ହୋଇଥିଲା। ଏଥିସହ ମେ ମାସରେ ୟୁପିଆଇ ମାଧ୍ୟମରେ ୨୦.୪୪ ଲକ୍ଷ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଥିଲା। କ୍ରମାଗତ ତୃତୀୟ ମାସରେ ୟୁପିଆଇ ମାଧ୍ୟମରେ ଆର୍ଥିକ କାରବାର ୨୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି।

ବାର୍ଷିକ ଭିତ୍ତିରେ, ୨୦୨୩ ଜୁଲାଇରେ ୟୁପିଆଇ ମାଧ୍ୟମରେ ମୋଟ ୯,୯୬୪ କୋଟି ଟଙ୍କା କାରବାର ଜରିଆରେ ୧୫.୩୩ ଲକ୍ଷ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ଗତବର୍ଷ ତୁଳନାରେ ୟୁପିଆଇ କାରବାର ସଂଖ୍ୟାରେ ୪୫ ପ୍ରତିଶତ ଏବଂ ରାଶିରେ ୩୫ ପ୍ରତିଶତ ବୃଦ୍ଧି ଘଟିଛି। ଦୈନିକ ହାରାହାରି ୪୬.୬୦ କୋଟି ଟଙ୍କାର କାରବାର ହୋଇଛି।

ସେହିପରି ଜୁନ୍‌ରେ, ୟୁପିଆଇ ମାଧ୍ୟମରେ ୧,୩୮୯ କୋଟି କାରବାର ଜରିଆରେ ୨୦.୦୭ ଲକ୍ଷ କୋଟି ଟଙ୍କାର କାରବାର କରାଯାଇଥିଲା। ଗତ ମାସ ତୁଳନାରେ ଚଳିତ ମାସରେ କାରବାର ସଂଖ୍ୟାରେ ୩.୯୬ ପ୍ରତିଶତ ଏବଂ ରାଶିରେ ୨.୮୪ ପ୍ରତିଶତ ବୃଦ୍ଧି ଘଟିଛି। ସୂଚନାଥାଉ କି, ଏନ୍‌ପିସିଆଇ ଭାରତରେ ୟୁପିଆଇକୁ ନିୟନ୍ତ୍ରଣ କରିଥାଏ। ଏହା ଏକ ଭର୍ଚୁଆଲ ପେମେଣ୍ଟ ସେବା ହୋଇଥିବାବେଳେ ଏହା ମାଧ୍ୟମରେ ଉପଭୋକ୍ତା ଏକ ଆକାଉଣ୍ଟରୁ ଅନ୍ୟ ଆକାଉଣ୍ଟକୁ ବ୍ୟାଙ୍କ ଆକାଉଣ୍ଟ ଏବଂ ନମ୍ବର ବିନା କ୍ୟୁଆର କୋଡ୍ ଜରିଆରେ ଟଙ୍କା ସ୍ଥାନାନ୍ତର କରିପାରିବେ। ବିଲ୍ ପେମେଣ୍ଟ ସହ ଅନ୍‌ଲାଇନ ଶପିଂ ପାଇଁ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ବଦଳରେ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବାକୁ ପସନ୍ଦ କରୁଛନ୍ତି। ୟୁପିଆଇକୁ ନିୟନ୍ତ୍ରଣ କରୁଥିବା ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ ପ୍ରତ୍ୟେକ ମାସ ଆରମ୍ଭରେ ସାରା ଦେଶରେ ୟୁପିଆଇ କାରବାରର ତଥ୍ୟ ପ୍ରକାଶ କରିଥାଏ।

# ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୨।୮**

ଘରୋଇ ଶେୟାର ବଜାରର ଶେଷ କାରବାରର ଦିବସରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ ଦିନ (କାର୍ଯ୍ୟ ଦିବସ) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୮୮୬ (୮୮୫.୯୫) ପଏଣ୍ଟ କମି ୮୦,୯୮୨ (୮୦,୯୮୧.୯୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୨୯୩ (୨୯୩.୨୦) ପଏଣ୍ଟ ହ୍ରାସ ଘଟି ୨୪,୭୧୮ (୨୪,୭୧୭.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସସହିତଏନଏସଇନିଫ୍ଟିମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବିଜିୟୁର ନବାଗତ ସ୍ୱାଗତ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨।୮**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ), ଭୁବନେଶ୍ୱରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ନବାଗତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବିବିଏ, ବି.କମ୍ ଓ ଏମ୍.କମ୍‌ର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ମଧ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦୁଇଟି ଅଧିବେଶନ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ କାର୍ଯ୍ୟକ୍ରମରେ ଡ. ସୁଧାଂଶୁ ଷଡ଼ଙ୍ଗୀ (ଆଇପିଏସ୍, ଡିଜି ଫାୟାର ଆଣ୍ଡ ଏମର୍ଜେନ୍ସି ସର୍ଭିସେସ୍, କମାଣ୍ଡାଣ୍ଟ ଜେନେରାଲ, ହୋମ୍ ଗାର୍ଡ୍ସ ଆଣ୍ଡ ଡାଇରେକ୍ଟର, ସିଭିଲ ଡିଫେନ୍ସ, ଓଡ଼ିଶା) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ସୌରଜିତ କର (ଜୋନାଲ ମୁଖ୍ୟ ନାଏରା ଏନର୍ଜି) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡ. ଷଡ଼ଙ୍ଗୀ ଛାତ୍ରୀଛାତ୍ରମାନଙ୍କୁ ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ଉପରେ ସମ୍ବୋଧିତ କରିଥିଲେ। ସେହିପରି ସ୍କୁଲ ଅଫ୍ କମର୍ସ କାର୍ଯ୍ୟକ୍ରମରେ ସିଏ ରାଜୀବ ଶେଖର ସାହୁ (ପ୍ରିନ୍ସିପାଲ ପାର୍ଟନର ଏସ୍‌ଆର୍‌ବି ଆଣ୍ଡ ଆସୋସିଏଟ୍ସ) ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଣିଜ୍ୟ,ଆର୍ଥିକ ସାକ୍ଷରତା ଓ ରୋଜଗାର ଅନ୍ତର୍ଗତ ବିପଦ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ, ଉଭୟ କାର୍ଯ୍ୟକ୍ରମରେ ବିଜିୟୁ କୁଳପତି ପ୍ରଫେସର ପି.ପି . ମାଥୁର, ବିଜିୟୁ ରେଜିଷ୍ଟ୍ରାର ଡ. ବି.କେ. ଦାସ ଓ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ଏବଂ ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ସାମସନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବିଜିୟୁର ବିଭିନ୍ନ ବିଭାଗର ଡିନ୍, ଫାକଲ୍ଟି ସଦସ୍ୟ, ଅଭିଭାବକ ଏବଂ ବିବିଏ, ବି.କମ୍ ଓ ଏମ୍.କମ୍ ପାଠ୍ୟକ୍ରମରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ମିଆଁ ବାଇ ତନିସ୍କର ନୂତନ ଷ୍ଟୋର



ସମ୍ବଲପୁର ସହର ବୁଢ଼ାରଜା-ଅଇଁଠାପାଲି ରାସ୍ତାରେ ମିଆଁ ବାଇ ତନିସ୍କର ସ୍ୱତନ୍ତ୍ର ଷ୍ଟୋର ଉଦଘାଟନ ଉତ୍ସବରେ ଅତିଥିମାନେ।

**ସମ୍ବଲପୁର,୨।୮(ବି.ଶଙ୍କର)**

ମିଆଁ ବାଇ ତନିସ୍କର ନୂତନ ଷ୍ଟୋର ସମ୍ବଲପୁର ସହର ବୁଢ଼ାରଜା-ଅଇଁଠାପାଲି ରାସ୍ତାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ତନିସ୍କ ଫାଇନାନ୍ସ ମୁଖ୍ୟ ବିକ୍ରମ ରେଡ୍ଡୀ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଷ୍ଟୋର୍‌କୁ ଶୁଭାରମ୍ଭ କରିଥିଲେ। ବ୍ୟବସାୟ ସହଯୋଗୀ ମଞ୍ଜିତ୍ ସିଂ ନୂତନ ଭାବେ ଉଦ୍‌ଘାଟିତ ଷ୍ଟୋର୍ ଶୁଭାରମ୍ଭ କାର୍ଯ୍ୟ ପରିଚାଳନା କରିଥିଲେ। ଭାରତର ମୂଲ୍ୟବାନ୍ ସୂକ୍ଷ୍ମ ଅଳଙ୍କାର ବ୍ରାଣ୍ଡ ମଧ୍ୟରୁ ମିଆଁ ବାଇ ତନିସ୍କ ଅନ୍ୟତମ। ଗ୍ରାହକଙ୍କ ରୁଚିକୁ ଦୃଷ୍ଟିରେ ରଖି ସମ୍ବଲପୁର ସହରରେ ଏହାର ପ୍ରଥମ ସ୍ୱତନ୍ତ୍ର ଷ୍ଟୋର ଆରମ୍ଭ କରାଇପାରିଛି। ଏହି ଷ୍ଟୋର୍‌ର ସମୁଦାୟ କ୍ଷେତ୍ର ୧୦୫୦ ବର୍ଗ ଫୁଟ ରହିଛି। ଅଳଙ୍କାରଗୁଡ଼ିକ ବିଭିନ୍ନ ରଙ୍ଗର ପଥରରେ ଖଚିତ ହୋଇ ଗ୍ରାହକମାନଙ୍କୁ ଆକୃଷ୍ଟ କରିଛି। ସୁନା, ହୀରା ଏବଂ ରୁପାର କାନଫୁଲ, ବ୍ରେସ୍‌ଲେଟ୍, ହାର, ଆଙ୍ଗୁଠି ମୁଦି, ମଙ୍ଗଳସୂତ୍ର ଏବଂ ଅନ୍ୟାନ୍ୟ ନୂତନ ଡିଜାଇନ୍‌ଗୁଡିକ ଶୋ'ରୁମ୍‌ରେ ଉପଲବ୍ଧ ରହିଛି, ଯାହା ଗ୍ରାହକଙ୍କ ପସନ୍ଦକୁ ପୂରଣ କରିଛି । ଅଳଙ୍କାରଗୁଡିକ ବେଶ୍ ମନଲୋଭା ଓ ଚମତ୍କାର ହୋଇଛି। ମିଆଁ ବାଇ ତନିସ୍କ ଷ୍ଟୋର୍‌ରେ ଗ୍ଲୋ ଉଇଥ୍ ପ୍ଲୋ, ଗ୍ଲୋ ଏବଂ କ୍ୟୁପିଡ୍ ଏଡିଟ୍ ଡିଜାଇନ୍‌ର କଲେକ୍ସନ ରହିଛି। ୧୪ କ୍ୟାରେଟ ସୁନାରେ ନିର୍ମିତ ୨୦୦ରୁ ଅଧିକ ଡିଜାଇନ୍‌ର ଅତ୍ୟାଧୁନିକ ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରିବ। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରମାଣିକ କହିଛନ୍ତି, ସମ୍ବଲପୁର ଏକ ସମୃଦ୍ଧ ସହର। ଆମେ ଆଧୁନିକ ତଥା ଫ୍ୟାଶନେବଲ ମହିଳାମାନଙ୍କୁ ଏକ ଅଦ୍ୱିତୀୟ ସୂକ୍ଷ୍ମ ଅଳଙ୍କାର ଯୋଗାଇଦେବାକୁ ଲକ୍ଷ୍ୟ ରଖିଛୁ। ପ୍ରକୃତରେ ପ୍ରମୁଖ ବଜାର ଭାବେ ଓଡ଼ିଶା ଓ ସମ୍ବଲପୁର ପ୍ରତି ଆମର ପ୍ରତିବଦ୍ଧତା ରହିଛି । ଏହାକୁ ଦୃଷ୍ଟିରେ ରଖି ଆମେ ମିଆଁ ବାଇ ତନିସ୍କ ଷ୍ଟୋର୍ ଶୁଭାରମ୍ଭ କରିଛୁ। ଅଗଷ୍ଟ ୪ ପର୍ଯ୍ୟନ୍ତ ଗ୍ରାହକମାନଙ୍କ ଲାଗି ବିଭିନ୍ନ ଅଫର ରହିଛି ବୋଲି ପ୍ରମାଣିକ କହିଥିଲେ ।

# ଟାଟା ଷ୍ଟିଲ୍‌ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨।୮**

ଟାଟା ଷ୍ଟିଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର ଆଗାମୀ ଫଳାଫଳ ଓ କାରବାର ସହିତ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଏହି ସମୟ ମଧ୍ୟରେ ୫୪,୭୭୧ କୋଟି ଟଙ୍କାର ରାଜସ୍ୱ ଏବଂ ୬୮୨୨ କୋଟି ଟଙ୍କାର ଇବିଆଇଟିଡିଏ ହାସଲ କରିଛି। ବିଶେଷକରି ଏହାର ଇବିଆଇଟିଡିଏ ମାର୍ଜିନ୍ ୧୨.୫% ରହିଥିଲାବେଳେ କମ୍ପାନୀର ନିଟ୍ ଲାଭ ୭୫% ବୃଦ୍ଧି ପାଇ ୯୧୯ କୋଟି ଟଙ୍କା ହୋଇଛି। ସେହିଭଳି ଏହି ତ୍ରୈମାସିକରେ କମ୍ପାନୀ ୩୭୭୭ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଥିବାବେଳେ କଳିଙ୍ଗନଗରଠାରେ ୫ଏମ୍‌ଟିପିଏ ବିଶିଷ୍ଟ ସମ୍ପ୍ରସାରଣକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିଛି ଏବଂ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ବ୍ଲାଷ୍ଟ ଫର୍ନେସ୍‌କୁ କାର୍ଯ୍ୟକାରୀ କରିବା ପଥରେ ଅଗ୍ରଗତି ହାସଲ କରିଛି। ଏପରିକି କମ୍ପାନୀର ନିଟ୍ ଋଣ ପରିମାଣ ୮୨,୧୬୨ କୋଟି ଟଙ୍କା ରହିଥିବା ବେଳେ ଗ୍ରୁପ୍ ପାଖରେ ନଗଦ ପରିମାଣ ୩୬,୪୬୦ କୋଟି ଟଙ୍କା ରହିଛି। ସେହିପରି ଟାଟା ଷ୍ଟିଲ୍‌ର ଭାରତ ରାଜସ୍ୱ ପରିମାଣ ୩୩,୧୯୪ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୭୦୨୯ କୋଟି ଟଙ୍କା ଏବଂ ଇବିଆଇଟିଡିଏ ମାର୍ଜିନ୍ ୨୧% ରହିଛି। ଏପରିକି କମ୍ପାନୀର ଅଶୋଧିତ ଇସ୍ପାତ ଉତ୍ପାଦନ ୫% ବୃଦ୍ଧି ପାଇ ୫.୨୭ନିୟୁତ ଟନ୍ ଏବଂ ଡେଲିଭରି ୪% ବୃଦ୍ଧି ପାଇ ୪.୯୪ ନିୟୁତ ଟନ୍ ହୋଇଛି। ଟାଟା ଟିସ୍‌କନ୍ ଡେଲିଭରିରେ ୧୫% ବୃଦ୍ଧି ଘଟିଛି। ଟାଟା ଷ୍ଟିଲ୍‌ର ବ୍ରିଟେନ୍ ରାଜସ୍ୱ ୬୪୬ ନିୟୁତ ପାଉଣ୍ଡ ହୋଇଥିବା ବେଳେ ଇବିଆଇଟିଡିଏ କ୍ଷତି ୯୧ ନିୟୁତ ପାଉଣ୍ଡ ଏବଂ ନେଦରଲାଣ୍ଡ ରାଜସ୍ୱ ୧୩୪୪ ନିୟୁତ ପାଉଣ୍ଡ ଓ ଇବିଆଇଟିଡିଏ ୪୩ ନିୟୁତ ପାଉଣ୍ଡ ହୋଇଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଟି.ଭି. ନରେନ୍ଦ୍ରନ କହିଛନ୍ତି, ବିଶ୍ୱ ଇସ୍ପାତ ମୂଲ୍ୟ ପାଇଁ ଇସ୍ପାତ ଚାହିଦା ଧିମା ରହିଥିବା ବେଳେ ଭାରତରେ ନିର୍ବାଚନ ଓ ତାତି ପ୍ରଭାବରେ ଇସ୍ପାତ ଚାହିଦା ପ୍ରାୟତଃ ସ୍ଥିର ରହିଛି। ଭାରତରେ ଆମର ଅଶୋଧିତ ଇସ୍ପାତ ଉତ୍ପାଦନ ବାର୍ଷିକ ୫% ବୃଦ୍ଧି ପାଇ ପାଖାପାଖି ୫.୩ ନିୟୁତ ଟନ୍‌ରେ ପହଞ୍ଚିଛି। ଏପରିକି ପାଖାପାଖି ୪.୯ନିୟୁତ ଟନ୍ ଡେଲିଭରି ସହ ଘରୋଇ ଡେଲିଭରିରେ ବାର୍ଷିକ ୪% ଅଭିବୃଦ୍ଧି ହୋଇଛି। ଅପରପକ୍ଷରେ ନୂଆ ଡିଲର ନିଯୁକ୍ତି, ଇ-କମର୍ସ ପୋର୍ଟାଲ ଏବଂ ପ୍ରଭାବଶାଳୀ ମାଧ୍ୟମରେ ଆମେ ଆମର ଉପସ୍ଥିତି ବିସ୍ତାର ଜାରି ରଖିଛୁ।

# ଖାଦ୍ୟ ଅପମିଶ୍ରଣ ଜାଣିବା ପାଇଁ ପତଞ୍ଜଳିର ଗବେଷଣା

**ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)**

ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ତଥା କୃଷିକ୍ଷେତ୍ରରେ ମାତ୍ରାଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଖାଦ୍ୟପଦାର୍ଥରେ ପୌଷ୍ଟିକ ତତ୍ତ୍ୱ କମୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ତେବେ ଖାଦ୍ୟପଦାର୍ଥର ଶୁଦ୍ଧତା ପରୀକ୍ଷା କରିବା ପାଇଁ ପତଞ୍ଜଳି ପକ୍ଷରୁ ଏକ ଗବେଷଣା କରାଯାଇଛି। ଏକ ପ୍ରକ୍ରିୟା ଦ୍ୱାରା ଗ୍ରାହକମାନେ ନିଜେ ଖାଦ୍ୟର ମାନ ସମ୍ପର୍କରେ ସୂଚନା ପାଇପାରିବେ ବୋଲି ପତଞ୍ଜଳି ଦାବୀ କରିଛି। ସେହିପରି ଏହି ଗବେଣୋ ପ୍ରସିଦ୍ଧ ରିସର୍ଚ୍ଚ ଜର୍ନାଲ୍ 'ମାଇକ୍ରୋ କେମିକାଲ' ଜର୍ନାଲରେ ପ୍ରକାଶ ପାଇଛି। ଏ ଅବସରରେ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ପତଞ୍ଜଳି ସର୍ବଦା ଉନ୍ନତ ମାନର ଖାଦ୍ୟ ପଦାର୍ଥ ଗ୍ରାହକଙ୍କୁ ଯୋଗାଇବକୁ ପ୍ରୟାସ କରିଆସୁଛି। ମାତ୍ର ବର୍ତ୍ତମାନ ଗ୍ରାହକ ଯେକୌଣସି କମ୍ପାନୀର ଖାଦ ପଦାର୍ଥର ମାନ ଯାଞ୍ଚ କରିପାରିବେ। ଗ୍ରାହକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି।


# Classified Everyday
**0674-2580101, 2549949**




**REAL ESTATE**

**SALE**

ଢେଙ୍କାନାଳ, କୋରିଆଁ ଛକସ୍ଥିତ ଜାତୀୟ ରାଜପଥ-୫୫କୁ ଲାଗି ୧୬ଗୁଣ୍ଠର ଏକ ଜାଗା ବିକ୍ରୟ ହେବ। ଇଚ୍ଛୁକ ବ୍ୟକ୍ତିମାନେ ଏହି No.ରେ ଯୋଗାଯୋଗ କରିବାକୁ ଅନୁରୋଧ। ୯୪୩୮୨୫୩୮୫୬, ୯୪୩୭୧୧୨୬୭୯. ଧ-୭୫୪୪୩

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

Gharabari ready-to-construct plot for sale near the North side of Dhobanala, Berhampur. The plot is 220 DCL with a boundary wall, Electricity and water supply. Genuine buyers may contact 9437062136 between 4 PM and 7PM only. D-913

**Plot for sale at Puri Konark Marine Drive (850/- per sqft.). Contact- 6371703010.** D-907

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-911




Newly open health benefits SPA special Offer @ 799 Bapujinagar. 8018429809. D-76140

**Relax, Refresh your body, mind at Saikrupa Spa with best therapies. 8984068077.** D-883

Kerala body Massage best Therapist Bhubaneswar. 9337672475. D-849

Newly open health benefits spa by expert therapist. Contact: 6371861658. D-76139

Your Classified Advertisement published in Dharitri will be listed free in Dharitri
Online Edition: **dharitriepaper.in**

**AFFIDAVIT**

By virtue of an affidavit 02.08.2024 Executive Magistrate, Darpan, I Ratnabati Jena, W/o- Late Ram Chandra Jena, Vill- Kalasree, P.O.- Kalasree Gopalpur, P.S.- Balichandrapur, Dist.- Jajpur, do hereby solemnly affirm that my actual name is Ratnabati Jena and my actual Date of Birth is 01.03.1958. It is mentioned in my Aadhaar Card bearing No.-xxxx xxxx2798 as Rati Jena, W/o- Rama Chandra Jena and D.O.B dt 01.01.1952. That I do hereby declare that Ratnabati Jena, W/o- Rama Chandra Jena and Rati Jena, W/o- Rama Chandra Jena of Vill- Kalashree is one and same person. D-912

By virtue of an affidavit No. 2434, date 24.7.2024 the Executive Magistrate, Angul, I am Subhasmita Bhutia (38), W/o- Kuna Bhutia, Vill/P.O.-Kalamachhuin, P.S.-Gopal Prasad, Dist.-Angul hereby declaration have changed my name from "Subhasmita Bhutia" to "Sangita Rout". I shall be known as "Sangita Rout" for all purposes. D-917

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

ମହକମେ ଜିଲ୍ଲା ପାରିବାରିକ, ଅଦାଲତ, ବଲାଙ୍ଗୀର Order 5 rule-20 C.P.C. ସିଭିଲ ମୋକଦ୍ଦମା ନମ୍ବର ୭୬/୨୧
ବ୍ରାହ୍ମଣି ଦିପ ....ବାଦୀ
ବନାମ
ଅଭିଷେକ ଓରଫ ଲାଲୁ ଓରଫ ଲମ୍ବୋଦର ସେନାପତି
.....ପ୍ରତିବାଦୀ

ଯେହେତୁ ବାଦୀ ଆପଣଙ୍କ ନାମରେ ବଲାଙ୍ଗୀର ପାରିବାରିକ ଅଦାଲତରେ ମୋକଦ୍ଦମା ଡାଏର କରିଛନ୍ତି। ବାରମ୍ବାର ନୋଟିସ କରିବା ସତ୍ତ୍ୱେ ଆପଣ ଉପରୋକ୍ତ ମୋକଦ୍ଦମାରେ ହାଜର ହେଉ ନ ଥିବାର ପ୍ରତୀତ ହେଉଅଛି। ଅତଏବ ଉକ୍ତ ମୋକଦ୍ଦମାରେ ଆସନ୍ତା ତା ୩୦।୦୮।୨୪ ଦିନ ୧୦.୩୦ ଘଣ୍ଟା ସମୟରେ ଧାର୍ଯ୍ୟ କରାଯାଇଅଛି।

ଏଣୁ ଉକ୍ତ ଦିନ ଆପଣ ସ୍ୱୟଂ କିମ୍ବା ଆପଣଙ୍କ ଓକିଲଙ୍କ ଜରିଆରେ ଆସ୍ତ ଇଜିଲାସରେ ଉପସ୍ଥିତ ହେବେ ବୋଲି ଉକ୍ତ ମୋକଦ୍ଦମାରେ ଉତ୍ତର ଦେବା ସକାଶେ ଏହି ନୋଟିସ ଦିଆଯାଉଅଛି। ଆପଣ ଉପରୋକ୍ତ ତାରିଖରେ ହାଜର ନ ହେଲେ ଉକ୍ତ ମୋକଦ୍ଦମା ଏକତରଫା ବିଚାର କରାଯିବ।

ସ୍ୱା./- ପାରିବାରିକ ଅଦାଲତ, ବିଚାରପତି, ବଲାଙ୍ଗୀର
ଧ-୯୧୫

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ନିଶି ରଞ୍ଜନ କର (ମିଲୁ)**
ମଳାମାଛ, କାକଟପୁର
ଆବିର୍ଭାବ- ୧୬।୦୬।୮୪ । ତିରୋଧାନ- ୦୩।୦୮।୨୨

ସବୁରି ଭାଗ୍ୟରେ ଦୀର୍ଘାୟୁ
ଭଗବାନ କାହିଁକି ଲେଖି ନ ଥାନ୍ତି?
ଅମଉଳା ଫୁଲ ଥିଲୁ ତୁହି ଧନ,
ଅଦିନେ ମଉଳି ଗଲୁ,
ରାତିରେ ଫୁଟି ସକାଳରେ
ଗଙ୍ଗଶିଉଳି ଫୁଲ ପରି ଝଡ଼ି ପଡ଼ିଲୁ।
କୁଆଡ଼େ ଗଲୁରେ ଦୁଃଖୀ ଧନ ମୋର,
ନାନୀକୁ ପାସୋରି ଦେଇ,
ଦୂରେ ବହୁ ଦୂରେ ଚାଲିଗଲୁ ତୁହି
ଆଖି ମୋର ପାଉ ନାହିଁ।
ପ୍ରଭୁ ଶ୍ରୀଜଗନ୍ନାଥ, ମା' ମଙ୍ଗଳାଙ୍କ ପାଖରେ କରୁଛି ଅଳି, ତୋ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ, ଡାକି ତାଙ୍କ ଆଶିଷକୃପାବାରି।
ହତଭାଗିନୀ ନାନୀ
ଧ-୭୬୦୧୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଡିଓଙ୍କୁ କୋର୍ଟ ଚାଲାଣ

## ସରକାରୀ ଗାଡ଼ିରୁ ୪.୯୨ ଲକ୍ଷ ଜବତ କରିଥିଲା ଭିଜିଲାନ୍ସ

ଭବାନୀପାଟଣା,୨।୮
(ଉତ୍ତମ କୁମାର ଦାଶ)


ଗିରଫ ବିଡିଓ ଅକ୍ଷମିତା କାର୍ତ୍ତିକ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବିଡିଓ ଅକ୍ଷମିତା କାର୍ତ୍ତିକଙ୍କୁ ଭିଜିଲାନ୍ସ ବିଭାଗ ଶୁକ୍ରବାର ଗିରଫ ପରେ କୋର୍ଟଚାଲାଣ କରିଛି। ଏଥିସହ ବିଭାଗ ପକ୍ଷରୁ ତାଙ୍କ ନାଁରେ ମାମଲା(ନଂ.୧୪/୨୦୨୪) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନରେ ବିଡିଓ କାର୍ତ୍ତିକ ଭବାନୀପାଟଣା ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ହେଉଥିବା ସମୀକ୍ଷା ବୈଠକରେ ଯୋଗଦେଇ ନିଜର ସହକର୍ମୀଙ୍କ ସହ ସରକାରୀ ଗାଡ଼ିରେ କୋରାପୁଟ ଫେରିବା ବେଳେ ଜାରିଙ୍ଗ ଛକଠାରେ ଭିଜିଲାନ୍ସ ଟିମ୍ ତାଙ୍କ ଗାଡ଼ିରୁ ୪ ଲକ୍ଷ ୯୨ ହଜାର ଟଙ୍କା ଜବତ କରିଥିଲା। ତେବେ ଏହି ଟଙ୍କା ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଭିଜିଲାନ୍ସ ଅଧିକାରୀ ସନ୍ଦେହ କରି ପଚରାଉଚରା ପରେ ତାଙ୍କୁ ଗିରଫ କରିଥିଲେ। ଭିଜିଲାନ୍ସ ଅଧିକାରୀଙ୍କ କହିବା ମୁତାବକ, ବିଡିଓ ଅକ୍ଷମିତାଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଅଭିଯୋଗ ରହିଛି। କୋଭିଡ୍ ଫଣ୍ଡ, ରେଡ୍‌କ୍ରସ ଫଣ୍ଡ ଆଦି ହଡ଼ପ ଅଭିଯୋଗରେ ତାଙ୍କ ବିରୋଧରେ ଦୁଇଥର ବିଭାଗୀୟ ତଦନ୍ତ ହୋଇଛି। ଏପରି କି ପୋଲିସରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଛାତ୍ରୀଙ୍କୁ ବଳାତ୍କାର, ଶିକ୍ଷକ ଅଟକ

କାଲିମେଲା, ୨।୮
(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ଜାତି ଓ ଜନଜାତି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଜନୈକ ଶିକ୍ଷକ ବଳାତ୍କାର କରିବା ସହ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଶୁକ୍ରବାର କାଲିମେଲା ଥାନାରେ ଅଭିଯୋଗ ହେବା ପରେ ଶିକ୍ଷକଙ୍କୁ ଅଟକ ରଖାଯାଇଥିବା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି। ଏନେଇ କାଲିମେଲା ଥାନାରେ ନଂ.୧୪୩/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଛି। ପୀଡ଼ିତା ଛାତ୍ରୀ ଓ ଅଭିଯୁକ୍ତ ଶିକ୍ଷକଙ୍କ ଡାକ୍ତରୀ ମାଇନା ପାଇଁ ପଠାଯାଇଛି।

ଶିକ୍ଷକ ଜଣକ ୨୦୧୧ରୁ ୧୩ ବର୍ଷଧରି ବାଳିକା ଛାତ୍ରୀନିବାସରେ ଥିବା କ୍ୱାର୍ଟର୍ସରେ ରହି ଆସୁଥିଲେ। ଗତ ରାତିରେ ସେ ମଦ୍ୟପାନ କରି ବିଦ୍ୟାଳୟ ପରିସରରେ ଥିବା କ୍ୱାର୍ଟର୍ସକୁ ଆସିଥିଲେ। ଗୁରୁବାର ରାତି ୧୨ଟାରେ ଛାତ୍ରୀନିବାସରେ ଥିବା ଉକ୍ତ ଛାତ୍ରୀଙ୍କୁ କ୍ୱାର୍ଟର୍ସକୁ ଡାକି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପରେ ଉକ୍ତ ଛାତ୍ରୀଙ୍କୁ ଶିକ୍ଷକ ଜଣକ ରାତି ୧୨ଟାରୁ ୩ ଘଣ୍ଟା ଅଟକ ରଖିଥିବା ବେଳେ ସେ କାନ୍ଦିକାନ୍ଦି ଆସି ଛାତ୍ରୀନିବାସ ଦାୟିତ୍ୱରେ ଥିବା ମାଟ୍ରନଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ମାଟ୍ରନ ଏବଂ ୱାର୍ଡେନ ଏ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ଖବର ପାଇ ପରିବାର ଲୋକେ ବିଦ୍ୟାଳୟରେ ପହଞ୍ଚି ଶିକ୍ଷକଙ୍କୁ ପୋଲିସ ଜିମା ଦେଇଥିଲେ। ଛାତ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଦାଗ ରହିଥିବା ବେଳେ ଏ ବିଷୟରେ କାହାକୁ କହିଲେ ଜୀବନରେ ମାରି ଦେବାକୁ ଶିକ୍ଷକ ଧମକ ଦେଇଥିଲେ ବୋଲି ଛାତ୍ରୀ ଜଣଙ୍କ ତାଙ୍କ ସମ୍ପର୍କୀୟଙ୍କୁ କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀଙ୍କ ସହ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

# ଅଣଶିକ୍ଷକଙ୍କ ମାଡ଼ରେ ୮ ଛାତ୍ରୀଛାତ୍ର ଆହତ

## କାର୍ଯ୍ୟାନୁଷ୍ଠାନ ପାଇଁ ଥାନାର ଦ୍ୱାରସ୍ଥ ହେଲେ ଅଭିଭାବକ

ଖଇରା, ୨।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ପଳସା ପଞ୍ଚାୟତ ଅଧୀନ ମଳିହା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଅବହେଳା ଯୋଗୁ ୫ମ ଶ୍ରେଣୀର ୮ ଜଣ ଛାତ୍ରୀଛାତ୍ରଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ପିଲାମାନଙ୍କ ସାମାନ୍ୟ ତ୍ରୁଟି ଯୋଗୁ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ଜଣେ ଅଣଶିକ୍ଷକ ପିଲାମାନଙ୍କୁ ମାଡ଼ ମାରିଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଇବାକୁ ପ୍ରଧାନଶିକ୍ଷକ ଜଣେ ଯୁବକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଗୁରୁବାର ଉକ୍ତ ଅଣଶିକ୍ଷକ ଜଣକ ଶ୍ରେଣୀ କକ୍ଷକୁ ଯାଇ କିଛି ପ୍ରଶ୍ନ ପଚାରିଥିଲେ। ପିଲାମାନେ ଉତ୍ତର ଦେଇ ନ ପାରିବାରୁ ଅଣଶିକ୍ଷକ ଜଣକ ବାଡ଼ିରେ ଉପସ୍ଥିତ ୮ ଛାତ୍ରୀଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିମଧ୍ୟରୁ ଗୁରୁତର ଥିବା ଛାତ୍ରୀ ସୌମ୍ୟାଶ୍ରୀ ବେହେରା, କ୍ରିଶ ବେହେରା ଓ ଅବିନାଶ ବେହେରାଙ୍କୁ ଚିକିତ୍ସାପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଣଶିକ୍ଷକଙ୍କ ନୃଶଂସତା ବିରୋଧରେ ବିଜୟ ବେହେରା ଓ ଅନ୍ୟ ଅଭିଭାବକମାନେ ମୁହଁ ଖୋଲିଥିବା ବେଳେ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟିର ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ପଚାରିବାରୁ ଶୁକ୍ରବାର ସେ ବୈଠକ ପାଇଁ ବାଲେଶ୍ୱରରେ ଥିବା ଯୋଗୁ ଶନିବାର ଘଟଣା ସମ୍ପର୍କରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ରାସ୍ତାରେ ଆତଙ୍କ: ବନ୍ଧୁକ ସହ ଧରାପଡ଼ିଲେ ଯୁବକ

ଭୁବନେଶ୍ୱର,୨।୮
(ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ। ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଭରତପୁର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ଦୀପକ ସ୍ୱାଇଁ ଓରଫ ବାବୁ। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ଦୁଇଟି ଗୁଳି ଜବତ କରିଛି। ଅଭିଯୁକ୍ତ ଜଣକ ବିନା ଲାଇସେନ୍ସରେ ପାଖରେ ବେଆଇନ ବନ୍ଧୁକ ରଖିଥିଲେ ବୋଲି ପୋଲିସ କହିଛି।

ସୂଚନାନୁସାରେ, ଷ୍ଟୁଡିଓ ଛକରେ ଅଭିଯୁକ୍ତ ଦୀପ ଦେଶୀ ବନ୍ଧୁକ ଦେଖାଇ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରୁଥିଲେ। ଯିଏ ପାଖକୁ ଆସିବ ତାଙ୍କୁ ଗୁଳି କରି ମାରିଦେବାକୁ ଧମକ ଦେଉଥିଲେ। ତେବେ ଯୁବକଙ୍କ ପାଖରେ ବନ୍ଧୁକ ଥିବାରୁ କେହି ଡରିକି ଯାଇ ନ ଥିଲେ। ଏନେଇ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପିସିଆର୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି କିଛି ସମୟ ଛକାପଞ୍ଝା ପରେ ଅଭିଯୁକ୍ତଙ୍କୁ କାବୁ କରିବା ସହ ବନ୍ଧୁକ ଜବତ କରିଥିଲା। ଏନେଇ ଏକ ଆର୍ମସ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସିବିଆଇ ଅଧିକାରୀ ପରିଚୟ ଦେଇ ୨୬ ଲକ୍ଷ ଠକିନେଲେ

## ସାଇବର ଠକଙ୍କ ଜାଲରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ

ବ୍ରହ୍ମପୁର,୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରେ ଜଣେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସନ୍ତୋଷ କୁମାର ବିଶ୍ୱାଳ ସାଇବର ଠକଙ୍କ ଶିକାର ହୋଇଛନ୍ତି। ସାଇବର ଠକ ସିବିଆଇ ଅଧିକାରୀ ପରିଚୟ ଦେଇ ସନ୍ତୋଷଙ୍କଠାରୁ ଶୁକ୍ରବାର ୨୬ ଲକ୍ଷ ଠକି ନେଇଛନ୍ତି। ଏ ନେଇ ସାଇବର ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି।

ବ୍ରହ୍ମପୁର ଅଳକାପୁରୀ ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସନ୍ତୋଷଙ୍କ ପାଖକୁ ଶୁକ୍ରବାର ପୂର୍ବାହ୍ନରେ ଏକ ଫୋନ ଆସିଥିଲା। 'ତୁମ ନାମରେ କୋଟିଏ ଟଙ୍କାର ଏକ ପାର୍ସଲ ଯାଇଛି। ତୁମେ ଜିଏସ୍‌ଟି ଫାଙ୍କିଛ। ଦିଲ୍ଲୀ ସିବିଆଇ ତୁମକୁ ଯାଞ୍ଚ କରିବ। ତେଣୁ ଦିଲ୍ଲୀ ସିବିଆଇ ସହ ଯୋଗାଯୋଗ କରିବାକୁ ଫୋନରେ କେହି ଜଣେ କହିଥିଲେ। ଫୋନ୍ ସୂଚନା ମୁତାବକ ସନ୍ତୋଷ ଗୁଗଲ ଜରିଆରେ ଦିଲ୍ଲୀ ସିବିଆଇର ନମ୍ବର ବାହାର କରି ଜଣେ ଯୁବକଙ୍କ ସହ ଯୋଗାଯୋଗ କରିଥିଲେ। ସେ ନିଜକୁ ସିବିଆଇ ଅଧିକାରୀ ପରିଚୟ ଦେଇ ସନ୍ତୋଷଙ୍କୁ ତାଙ୍କ ବ୍ୟାଙ୍କ କାଗଜପତ୍ର ମାଗିଥିଲେ। ସନ୍ତୋଷ ସମସ୍ତ ତଥ୍ୟ ଜଣାଇବା ପରେ ତାଙ୍କ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ୨୬ ଲକ୍ଷ ଟଙ୍କା ଗାଏବ ହୋଇଯାଇଥିଲା। ପରେ ସେ ଠକେଇର ଶିକାର ହୋଇଥିବା ଜାଣିପାରି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୧୯ ଶିକ୍ଷକଙ୍କ ସାର୍ଟିଫିକେଟ୍ ତଥ୍ୟ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ମଗାଗଲା

## ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ଘଟଣା

ରାୟଗଡ଼ା,୨।୮
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତାଲିକା ବଢ଼ି ଚାଲିଛି। ବର୍ତ୍ତମାନ ସୁଦ୍ଧା ୧୨ ଶିକ୍ଷକ ଚାକିରିରୁ ବିଦା ହୋଇଥିବାବେଳେ ଏବେ ୧୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ୍‌ର ତଥ୍ୟ ବିଶ୍ୱବିଦ୍ୟାଳୟକୁ ମଗାଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଟଙ୍କା ପଇଠକରି ଏହି ସୂଚନା ମଗାଯାଇଥିବା ଜଣାପଡ଼ିଛି।

୨୦୧୮ରେ ଶିକ୍ଷା ସହାୟକ ଚାକିରି ପାଇଥିବା ଅନେକ ଶିକ୍ଷକଙ୍କ ଚାକିରି ବର୍ତ୍ତମାନ ନିୟମିତ ହେବ। ନିୟମିତ ହେବା ପୂର୍ବରୁ ପୁନର୍ବାର ସାର୍ଟିଫିକେଟ ଯାଞ୍ଚ ନିୟମ ରହିଛି। ତେବେ ଯାଞ୍ଚ ବେଳେ ୭୨ ଜଣଙ୍କ ସାର୍ଟିଫିକେଟ ସନ୍ଦେହ ଘେରକୁ ଆସିଛି। ତେଣୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ସାର୍ଟିଫିକେଟ କପି ପଠାଇ ସତ୍ୟତା ଜାଣିବା ନେଇ ଯାଞ୍ଚ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୯ ଜଣଙ୍କ ତାଲିକା ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ପଠାଯାଇଛି। ଜଣକ ପିଛା ୧ ହଜାର ଟଙ୍କା ହିସାବରେ ଫି ମଧ୍ୟ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିଛନ୍ତି ସମଗ୍ର ଶିକ୍ଷା କର୍ତ୍ତୃପକ୍ଷ। ଏହି ୧୯ ଜଣକ ମଧ୍ୟରୁ ୯ ଜଣ ବି.ଏଡ୍. ଓ ୧୦ ଜଣ ଯୁକ୍ତ ୩ ସାର୍ଟିଫିକେଟ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଦାଖଲ କରିଛନ୍ତି। ସେମାନଙ୍କ ତଥ୍ୟ ହସ୍ତଗତ ହେବା ପରେ ଅନ୍ୟମାନଙ୍କ ପଠାଯିବ ବୋଲି ଜଣାପଡିଛି। ତେବେ ନିଯୁକ୍ତି ଦେବା ସମୟରେ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ କାହିଁକି କୌଣସି ଯାଞ୍ଚ କରାଗଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଯଦି ସାର୍ଟିଫିକେଟ ନକଲି ହୁଏ ତେବେ ସେମାନଙ୍କୁ ଚାକିରିରୁ ବିଦାକରିବା ସହ ସମଗ୍ର ଶିକ୍ଷା ବିଭାଗ ସେମାନେ ନେଇଥିବା ଦରମା ସେମାନଙ୍କଠାରୁ କିଭଳି ଆଦାୟ କରିବ ତାହା ପ୍ରଶ୍ନବାଚୀ ହୋଇଛି। ଏହି ୧୯ ଜଣଙ୍କ ବ୍ୟତୀତ ବଳକା ୫୩ ଜଣ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ସମେତ ଅନ୍ୟ ରାଜ୍ୟର ସାର୍ଟିଫିକେଟ ଦାଖଲ କରିଛନ୍ତି। ତେବେ ଏ ନେଇ ଜିଲା ଶିକ୍ଷାଧିକାରୀ ଡ.ବସନ୍ତ କୁମାର ନାୟକଙ୍କୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବପର ହୋଇପାରିନାହିଁ।

# ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଛାତ୍ରଙ୍କ ମୁଣ୍ଡ ଫାଟିଲା

## ଫାଣ୍ଡିରେ ଏତଲା ଦେଲେ ଅଭିଭାବକ

ଦେଓଗାଁ,୨।୮
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ୟୁଜିଏମ୍‌ଇ ସ୍କୁଲରେ ଜଣେ ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଙ୍କ ମୁଣ୍ଡ ଫାଟି ଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକ ସ୍ଥାନୀୟ ବନ୍ଧପଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

ଶୁକ୍ରବାର ଦେଷଣ୍ଡ ୟୁଜିଏମ୍‌ଇ ସ୍କୁଲର ଛାତ୍ର ରାଜକୁମାର ମେହେରଙ୍କୁ ସଂପୃକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ କାହିଁକି ପାଟିତୁଣ୍ଡ କରୁଛୁ ବୋଲି କହି ଧରିଥିବା ଡଷ୍ଟରକୁ ଫୋପାଡି ଦେଇଥିଲେ। ଫଳରେ ରାଜକୁମାରଙ୍କ ମୁଣ୍ଡରେ ଡଷ୍ଟର ବାଜି ରକ୍ତସ୍ରାବ ହୋଇଥିଲା। ଛାତ୍ର ଜଣକ ଘରକୁ ଆସି ତାଙ୍କ ମା' ବାପାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ଏନେଇ ଛାତ୍ରଙ୍କ ବାପା ମହାଦେବ ମେହେର ଓ ମା' ସୁମତି ବନ୍ଧପଡ଼ା ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ମମତା ମହାଡିକଙ୍କୁ ଯୋଗାଯୋଗ କରିବାରେ ତଦନ୍ତ ଜାରି ରହିଛି। ଘଟଣା ସତ୍ୟ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No.RDM-LAA-MBJ-0022-2023-24664/ R&DM, Dated 25 JUL 2024**

**No. XXI-35:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରାସଗୋବିନ୍ଦପୁର ମାଇନର ନିମନ୍ତେ ମୌଜା–ରଙ୍ଗାମାଟିଆ, ଥାନା–ମୋରଡା ନଂ.୧୭୦ ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୭.୩୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧.ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ଜାମ୍ବୀରା କେନାଲ ଡିଭିଜନ, ମୋରଡା ।
୩.କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪.ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାରିପଦା ।
୬.ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ରଙ୍ଗାମାଟିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭୦.୫୦ | ଏ. ୧୭.୩୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ–ଅର୍ଜନ ମାମଲା ସଂଖ୍ୟା–୦୬/୨୦୧୯
ଏ.୧୭.୩୮ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରାସଗୋବିନ୍ଦପୁର ମାଇନର ନିମନ୍ତେ ମୌଜା–ରଙ୍ଗାମାଟିଆ, ଥାନା–ମୋରଡା, ନଂ–୧୭୦, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୩୧୧ | ୦.୮୬ | ୦.୦୫ | ଡାହି ଏକ | ଉମାକାନ୍ତ ପଟ୍ଟନାୟକ, ତାରାକାନ୍ତ ପଟ୍ଟନାୟକ, ରତିକାନ୍ତ ପଟ୍ଟନାୟକ, ସୀତାକାନ୍ତ ପଟ୍ଟନାୟକ, କାମିନୀକାନ୍ତ ପଟ୍ଟନାୟକ, ପି:ଗୋପବନ୍ଧୁ ପଟ୍ଟନାୟକ, ଜା:କରଣ, ବା:ମୁରୁଡା, ଭାସ୍କର ଚନ୍ଦ୍ର ନାଏକ, ପି: ଶତ୍ରୁଘ୍ନ ନାଏକ, ଜା:ଖଣ୍ଡାୟତ, ବା:ପାଞ୍ଚଗଛିଆ |
| | ୩୧୫ | ୩.୩୭ | ୦.୬୭ | ଡାହି ଏକ | |
| | ୩୩୩ | ୦.୦୬ | ୦.୦୬ | ଡାହି ଦୁଇ | |
| | ୩୪୩ | ୩.୭୩ | ୦.୫୨ | ଡାହି ଦୁଇ | |
| | ୭୨୯ | ୦.୭୭ | ୦.୨୮ | ଡାହି ଦୁଇ | |
| | ୮୩୬ | ୨.୦୦ | ୦.୬୮ | ଡାହି ଦୁଇ | |
| ୧୦ | ୮୩୭ | ୨.୧୦ | ୦.୬୪ | ଡାହି ଦୁଇ | କାଳିଆ ମାଝୀ, ପି:ଭକତୁ ମାଝୀ, ରୁଣ୍‌ଡୁ ମାଝୀ, ପି:ଭାସିଆ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୮୩୯ | ୦.୮୨ | ୦.୦୩ | ଡାହି ଦୁଇ | |
| ୧୬ | ୩୧୬ | ୦.୬୮ | ୦.୦୧ | ଡାହି ଦୁଇ | କୁଅଁର ମାଝୀ, ସୁରାଇ ମାଝୀ, ଅପ ମାଝୀ, ପି:ବଡଖେଲା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୩୪୮ | ୦.୦୭ | ୦.୦୪ | ଡାହି ଦୁଇ | |
| | ୭୨୨ | ୦.୯୪ | ୦.୪୧ | ଡାହି ଦୁଇ | |
| ୧୮ | ୩୩୪ | ୦.୭୭ | ୦.୨୫ | ଡାହି ଦୁଇ | ସୁଦାମ ହେମ୍ବ୍ରମ, ପି:ଖେଲା ହେମ୍ବ୍ରମ ଓରଫ ମାଝୀ, ରବିନ୍ଦ୍ର ନାଥ ହେମ୍ବ୍ରମ, ସିଙ୍ଗରାୟ ହେମ୍ବ୍ରମ, ପି:ସୁକୁଲ ହେମ୍ବ୍ରମ, ପେକ ହେମ୍ବ୍ରମ, ସ୍ୱା:ସୁକୁଲ ହେମ୍ବ୍ରମ, ଜା:ସାନ୍ତାଳ, ବା:ନିଜଗାଁ |
| | ୩୬୭ | ୦.୦୫ | ୦.୦୫ | ଡାହି ଦୁଇ | |
| | ୪୦୭ | ୦.୫୬ | ୦.୦୩ | ଡାହି ଦୁଇ | |
| ୨୦ | ୭୪୭ | ୦.୦୪ | ୦.୦୨ | ରାସ୍ତା | ସମ୍ପି ବିନ୍ଧାଣି, ପି:ଗୋପାଲ ବିନ୍ଧାଣି, ବିନୋଦ ବିନ୍ଧାଣି, ପି:ମୁନସୀ ବିନ୍ଧାଣି, ଜା:କମାର, ବା:ନିଜଗାଁ |
| ୩୨ | ୮୩୮ | ୧.୮୬ | ୦.୬୯ | ଡାହି ଦୁଇ | ଜଟିଆ ମାଝୀ, ପି:ବାରିଆଲ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୩୩ | ୩୩୧ | ୦.୮୨ | ୦.୦୭ | ଡାହି ଦୁଇ | ରାମଚନ୍ଦ୍ର ମୁର୍ମୁ, ପି:ହୁଣ୍ଡା ମୁର୍ମୁ, ବାହ୍ଲୀ ମୁର୍ମୁ, ସ୍ୱା:ହୁଣ୍ଡା ମୁର୍ମୁ, ଜା:ସାନ୍ତାଳ, ବା:ନିଜଗାଁ |
| ୩୬ | ୩୭୧ | ୧.୪୦ | ୦.୦୪ | ଡାହି ଦୁଇ | ଡିବ ମାଝୀ, ଡମାନ ମାଝୀ, ପି:ପାଣ୍ଡୁଆ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୪୦୧ | ୧.୦୮ | ୦.୫୪ | ଡାହି ଦୁଇ | |
| | ୨୧୯ | ୧.୩୦ | ୦.୪୮ | ଡାହି ଦୁଇ | |
| | ୩୧୩ | ୧.୧୪ | ୦.୪୮ | ଡାହି ଏକ | |
| | ୩୧୨ | ୦.୮୩ | ୦.୩୪ | ଡାହି ଦୁଇ | |
| ୩୭ | ୨୨୧ | ୬.୦୭ | ୧.୪୪ | ଡାହି ଦୁଇ | ଡୁମାନ ମାଝୀ, ପି:ଭୁଡୁରା ମାଝୀ, ଜା:ସାନ୍ତାଳ, ବା:ଆଲଡିହା |
| ୪୨ | ୩୮୩ | ୦.୨୦ | ୦.୦୫ | ରାସ୍ତା | ଅନ୍ତା ହାଁସଦା, ପି:ଦୁଃଖା ମାଝୀ, ସଲମା ହାଁସଦା, ସ୍ୱା:ଦୁଃଖା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୪୪ | ୭୩୨ | ୦.୨୮ | ୦.୦୧ | ଡାହି ଦୁଇ | କିଶୁନ ମାଝୀ, ପି:ସାନଖିଲ ମାଝୀ, ଦୁର୍ଗା ହେମ୍ବ୍ରମ, ପି:ଲେପ ହେମ୍ବ୍ରମ, କିଶୁନ ହେମ୍ବ୍ରମ, ପି:ଠାକରା ହେମ୍ବ୍ରମ, ଜା:ସାନ୍ତାଳ, ବା:ନିଜଗାଁ |
| | ୭୩୪ | ୦.୭୪ | ୦.୧୫ | ଡାହି ଦୁଇ | |
| ୪୫ | ୨୪୫ | ୦.୨୦ | ୦.୦୫ | ଡାହି ଏକ | ଦୁର୍ଗା ମାଝୀ, ପି:କାରୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୨୪୬ | ୦.୧୫ | ୦.୦୭ | ଡାହି ଦୁଇ | |
| | ୨୪୭ | ୦.୨୫ | ୦.୧୧ | ଡାହି ଦୁଇ | |
| | ୨୪୮ | ୨.୮୨ | ୦.୪୭ | ଡାହି ଦୁଇ | |
| | ୧୧୫ | ୩.୧୯ | ୦.୪୩ | ଡାହି ଦୁଇ | |
| ୫୦ | ୭୩୫ | ୧.୪୮ | ୦.୩୪ | ଡାହି ଦୁଇ | ନରହରି ମହାନ୍ତି, ନରସିଂହ ଚରଣ ମହାନ୍ତି, ଶ୍ରଦ୍ଧାକର ମହାନ୍ତି, ଶ୍ରୀନିବାସ ମହାନ୍ତି, ପି:ପ୍ରାଣକୃଷ୍ଣ ମହାନ୍ତି, ଉଜ୍ଜ୍ୱଳମଣୀ ମହାନ୍ତି, ସ୍ୱା:ପ୍ରାଣକୃଷ୍ଣ ମହାନ୍ତି, ଜା:କରଣ, ବା:ନିଜଗାଁ |
| ୫୧ | ୨୨୫ | ୧.୧୬ | ୦.୪୫ | ଡାହି ଏକ | ବଡ ନାରଣ ମାଝୀ, ପି:ଚାଡରା ମାଝୀ, ସାନ ନାରଣା ମାଝୀ, ପି:ମିର୍ଜା ମାଝୀ, ଜା:ସାନ୍ତାଳ, ବା:ଆରଡିହା |
| | ୨୨୭ | ୧.୦୪ | ୦.୦୨ | ଡାହି ଦୁଇ | |
| ୫୬ | ୨୩୮ | ୦.୫୦ | ୦.୨୭ | ଶାରଦ ଦୁଇ | ପାରୋ ମାଝୀ, ପି:କାଲା ମାଝୀ, ଜବର ଦଖଲ ରାମଚନ୍ଦ୍ର ମୁର୍ମୁ, ପି:ହୁଣ୍ଡା ମୁର୍ମୁ, ବାହ୍ଲୀ ମୁର୍ମୁ, ସ୍ୱା:ହୁଣ୍ଡା ମୁର୍ମୁ, ଜା:ସାନ୍ତାଳ, ବା:ନିଜଗାଁ |
| ୬୩ | ୩୬୮ | ୦.୨୨ | ୦.୦୪ | ଡାହି ଦୁଇ | ବାଳକୃଷ୍ଣ ମହାନ୍ତି, ପି:ଗୋବିନ୍ଦ ଚରଣ ମହାନ୍ତି, ଉଜ୍ଜ୍ୱଳ ମଣୀ ମହାନ୍ତି, ସ୍ୱା:ପ୍ରାଣକୃଷ୍ଣ ମହାନ୍ତି, ନରହରି ମହାନ୍ତି, ନୃସିଂହ ମହାନ୍ତି, ଶ୍ରଦ୍ଧାକର ମହାନ୍ତି, ଶ୍ରୀନିବାସ ମହାନ୍ତି, ପି:ପ୍ରାଣକୃଷ୍ଣ ମହାନ୍ତି, ଜା:କରଣ, ବା:ନିଜଗାଁ |
| | ୪୦୪ | ୦.୦୧ | ୦.୦୧ | ଡାହି ଦୁଇ | |
| ୬୫ | ୩୮୮ | ୧.୨୦ | ୦.୧୩ | ଡାହି ଏକ | ବୁଲାଏ ମାଝୀ, ମିରିଜା ମାଝୀ, ସାବୁଆ ମାଝୀ, ପି:ଶାମ ମାଝୀ, ଜା:ସାନ୍ତାଳ, ବା:ଅନ୍ଧାରି |
| ୬୮ | ୩୩୨ | ୦.୫୭ | ୦.୨୬ | ଡାହି ଦୁଇ | ଭଗାନ ମାଝୀ, ପେଣେ ମାଝୀ, ପି:ରେଣ୍ଡା ମାଝୀ, ଟୁନୁ ମାଝୀ, କଟିଆ ମାଝୀ, ପି:ଭୀମା ମାଝୀ, ଚାନ୍ଦରାଏ ମାଝୀ, ପିଥ ମାଝୀ, ପି:ସମାଏ ମାଝୀ, ଛୋଟା ମାଝୀ, ନେଢା ମାଝୀ, ପି:ଚାନ୍ଦରାଏ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୨୧୬ | ୨.୧୨ | ୦.୩୬ | ଡାହି ଦୁଇ | |
| | ୨୧୭ | ୧.୦୮ | ୦.୨୧ | ଡାହି ଦୁଇ | |
| ୮୨ | ୩୯୪ | ୩.୨୭ | ୦.୬୩ | ଡାହି ଦୁଇ | ରେଣ୍ଡା ମାଣ୍ଡି, ସିମାଲ ମାଣ୍ଡି, ପିଥ ମାଣ୍ଡି, ମେଘରାୟ ମାଣ୍ଡି, ସାଲ ମାଣ୍ଡି, ପି:ଭୁଣ୍ଡା ମାଣ୍ଡି, ଭୀମ ମାଣ୍ଡି, ଗୋପାଳ ମାଣ୍ଡି, ଭୁଣ୍ଡା ମାଣ୍ଡି, ବାଜିନାଥ ମାଣ୍ଡି, ସିନିଗ ମାଣ୍ଡି, ପି:ସିମାଲ ମାଣ୍ଡି, ଛିତା ମାଣ୍ଡି, ସ୍ୱା:ସିମାଲ ମାଣ୍ଡି, ଜା:ସାନ୍ତାଳ, ବା:ନିଜଗାଁ |
| ୮୩ | ୭୨୧ | ୦.୦୬ | ୦.୦୧ | ଡାହି ଦୁଇ | ରାମ ମାଝୀ, ପି:ହାଡମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୮୪ | ୭୧୯ | ୦.୩୭ | ୦.୦୧ | ଡାହି ଦୁଇ | ରାମ ମାଝୀ, ପି:ହାଡିମ୍ ମାଝୀ, ସାକର ମାଝୀ, ସ୍ୱା:ହାଡିମ୍ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୨୧୫ | ୦.୬୮ | ୦.୧୧ | ଡାହି ଦୁଇ | |
| ୯୦ | ୨୨୨ | ୧.୧୦ | ୦.୩୯ | ଡାହି ଦୁଇ | ଚନ୍ଦ୍ରମୋହନ ମୁର୍ମୁ, ପି:ସାନଲକ୍ଷ୍ମଣ ମୁର୍ମୁ,ଜା:ସାନ୍ତାଳ, ବା:ନିଜଗାଁ |
| ୯୧ | ୨୨୪ | ୧.୬୮ | ୦.୦୧ | ଡାହି ଦୁଇ | ଲସ ମାଝୀ,ପି:ଲକ୍ଷ୍ମଣ ମାଝୀ,ଜା:ସାନ୍ତାଳ, ବା:ନିଜଗାଁ |
| ୯୪ | ୭୨୩ | ୦.୯୭ | ୦.୪୬ | ଡାହି ଦୁଇ | ସମାୟ ମାଝୀ ଓରଫ ସରେନ, ପି:ଲେଢା ମାଝୀ ଓରଫ ସରେନ, ସମାୟ ମାଝୀ ଓରଫ ସରେନ, ଚରଣ ମାଝୀ ଓରଫ ସରେନ, ପି:ଦୁର୍ଗା ମାଝୀ ଓରଫ ସରେନ, ଫୁଲମଣି ମାଝୀ ଓରଫ ସରେନ, ସ୍ୱା:ଦୁର୍ଗା ମାଝୀ ଓରଫ ସରେନ, ନାରାଣ ମାଝୀ ଓରଫ ସରେନ, ପି:ରତନ ମାଝୀ ଓରଫ ସରେନ, ଜାସ୍ମି ମାଝୀ ଓରଫ ସରେନ, ସ୍ୱା:ରତନ ମାଝୀ ଓରଫ ସରେନ, ସାଲ ମାଝୀ ଓରଫ ସରେନ, ରାମ ମାଝୀ ଓରଫ ସରେନ, ଲକ୍ଷ୍ମଣ ମାଝୀ ଓରଫ ସରେନ, ପି:ବୁଢାଣ ମାଝୀ ଓରଫ ସରେନ, ମାନ୍ଦେ ମାଝୀ ଓରଫ ସରେନ, ସ୍ୱା:ବୁଢାଣ ମାଝୀ ଓରଫ ସରେନ, ଜା:ସାନ୍ତାଳ, ବା:ନିଜଗାଁ |
| | ୭୨୪ | ୦.୦୯ | ୦.୦୨ | ଡାହି ଦୁଇ | |
| ୧୦୪ | ୨୩୯ | ୦.୭୦ | ୦.୩୦ | ଶାରଦ ଦୁଇ | ସାଲ ମାଝୀ, ପି:ହରି ମାଝୀ, ସିମାଲ ମାଝୀ, ପି:ସାଲ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୦୫ | ୩୬୬ | ୧.୭୧ | ୦.୦୧ | ଡାହି ଦୁଇ | ସାଲ ହେମ୍ବ୍ରମ, ପି:ସୁବୁଦା ହେମ୍ବ୍ରମ, ପାନ ମୁର୍ମୁ, ଦୁଲି ସୋରେନ, ଡୁମୁଣି ମୁର୍ମୁ, ପି:ସାଲ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୭୩୩ | ୧.୨୮ | ୦.୬୦ | ଡାହି ଦୁଇ | |
| ୧୧୪/ ୧୨ | ୮୪୦ | ୦.୩୬ | ୦.୩୬ | ଡାହି ଦୁଇ | ଦୁଲି ହାଁସଦା, ସ୍ୱା:କଙ୍କା ହାଁସଦା, ମାନି ହାଁସଦା, ସାମରାୟ ହାଁସଦା, ରାମସାଇ ହାଁସଦା, ପି:କଙ୍କା ହାଁସଦା, ଜା:ସାନ୍ତାଳ, ବା:ନିଜଗାଁ |
| ୧୧୪/ ୨୧ | ୭୪୬ | ୦.୭୮ | ୦.୫୪ | ଡାହି ଦୁଇ | ଶ୍ୟାମସୁନ୍ଦର କିସ୍କୁ, ପି:ସୁନାରାମ କିସ୍କୁ, ଗୋପାଳ କିସ୍କୁ, ପି:ଶ୍ୟାମସୁନ୍ଦର କିସ୍କୁ, ଜା:ସାନ୍ତାଳ, ବା:ନିଜଗାଁ |
| ୧୧୪/ ୪୦ | ୩୯୩ | ୧.୬୩ | ୦.୦୫ | ଡାହି ଦୁଇ | ନିମାଇଁ ମୁର୍ମୁ, ପି:ସାଲ ମୁର୍ମୁ, ଜା:ସାନ୍ତାଳ, ବା:ନିଜଗାଁ |
| ୧୧୪/ ୪୨ | ୩୯୧ | ୧.୪୮ | ୦.୬୧ | ବଗାୟତ ଦୁଇ | ଭଗାଏ ସରେନ, ଲୁଗୁ ସରେନ, ପି:ଭାଗବତ ମାଝୀ, ସୁମି ମାଝୀ, ସ୍ୱା:ଭାଗବତ ମାଝୀ, ପିରୁ ମାଝୀ, ପି:ସମାଏ ମାଝୀ, ଜା:ସାନ୍ତାଳ, ବା:ଅନ୍ଧାରି |
| | ୩୯୦ | ୦.୩୨ | ୦.୦୧ | ଡାହି ଏକ | |
| ୧୧୪/ ୫୩ | ୨୧୩ | ୦.୧୮ | ୦.୧୨ | ଡାହି ଦୁଇ | ରାମ ମାଝୀ, ପି:ପରଧାନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୧୪/ ୫୪ | ୨୧୩/ ୧୫୨୫ | ୦.୧୭ | ୦.୧୪ | ଡାହି ଦୁଇ | ଅନନ୍ତ ମାଝୀ, ପି:ପରଧାନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୧୪/ ୫୫ | ୬୭୭ | ୦.୧୮ | ୦.୦୭ | ରାସ୍ତା | ସୁକୁଲ ମାଝୀ, ଧାଉଣେ ମାଝୀ, ରାମ ମାଝୀ, ଅନନ୍ତ ମାଝୀ, ପି:ପରଧାନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୧୪/ ୯୪ | ୮୧୦ | ୦.୭୪ | ୦.୧୭ | ଘରବାରି | ଲୁସୁକୁ ହାଁସଦା, ଶୁକୁଲ ହାଁସଦା, ପି:କାନ୍ଦନ ମାଝୀ, ମଙ୍ଗଲ ହାଁସଦା, ପି:ତିଲକ ମାଝୀ, ଦେଉଳା ହାଁସଦା, ସ୍ୱା:ତିଲକ ହାଁସଦା, ରାମଦାସ ହାଁସଦା, ଲୁସୁକୁ ହାଁସଦା, ଗୋପାଳ ହାଁସଦା, ଗୁହ୍ୟା ହାଁସଦା, ଗୁରୁ ହାଁସଦା, ପି:ମଙ୍ଗଲ ମାଝୀ, ଲକ୍ଷ୍ମୀ ହାଁସଦା, ସ୍ୱା:ମଙ୍ଗଲ ମାଝୀ, ଧନୁ ହାଁସଦା, ପି:ତିଲକ ହାଁସଦା, ତିଲକ ହାଁସଦା, ପି:ଧିରେନ ହାଁସଦା, ଜା:ସାନ୍ତାଳ, ବା:ନିଜଗାଁ |
| | ୭୪୫ | ୦.୮୭ | ୦.୦୮ | ଡାହି ଦୁଇ | |
| ୧୧୪/ ୯୬ | ୮୦୮ | ୦.୩୩ | ୦.୦୩ | ଘରବାରି | ସିଦ୍ଧେଶ୍ୱର ହାଁସଦା, ଅନପା ହାଁସଦା, ଅର୍ଜୁନ ହାଁସଦା, ଗାପାଳ ହାଁସଦା, ପି:ମାଧ ମାଝୀ, ସଲମା ହାଁସଦା, ସ୍ୱା:ମାଧ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୧୪/ ୧୧୯ | ୩୪୨/ ୧୬୬୮ | ୦.୭୪ | ୦.୪୩ | ଡାହି ଦୁଇ | ରବିନାରାୟଣ ମହାନ୍ତି, ପି:ଛାୟାକାନ୍ତ ମହାନ୍ତି, ଜା:କରଣ, ବା:ନିଜଗାଁ |
| | ୪୦୨/ ୧୬୬୯ | ୦.୫୧ | ୦.୨୪ | ଡାହି ଦୁଇ | |
| ୧୧୪/ ୧୨୦ | ୩୪୨ | ୦.୭୪ | ୦.୨୧ | ଡାହି ଦୁଇ | ବିରଞ୍ଚି ନାରାୟଣ ମହାନ୍ତି, ପି:ଛାୟାକାନ୍ତ ମହାନ୍ତି, ଜା:କରଣ, ବା:ନିଜଗାଁ |
| | ୪୦୨ | ୦.୫୧ | ୦.୧୪ | ଡାହି ଦୁଇ | |
| ୧୧୪/ ୧୨୨ | ୭୩୧ | ୦.୪୨ | ୦.୨୮ | ଡାହି ଦୁଇ | ମଧୁ ମୁର୍ମୁ, ପି:ପାଲ ମୁର୍ମୁ ଓରଫ ମାଝୀ, ଜା:ସାନ୍ତାଳ, ବା:ରଙ୍ଗିଆମ ସାମିଲ ତେଲକୁଣ୍ଡି |
| ମୋଟ | ୬୮ ପ୍ଲଟକୁ | ଏ. ୭୦.୫୦ ଡେ.ମି | ଏ. ୧୭.୩୮ ଡେ.ମି. | | |

Sd./-
Amin
Deuli Zone

Sd./-
Revenue Inspector
Deuli Zone

Sd./-
Zone Officer-cum-
L.A. Collector
S.I.P., Deuli Zone

Sd./-
Spl. Land
Acquisition Officer
S.I.P. Baripada


OIPR-24001/14/0085/2425

# ଇତିହାସରୁ ଗୋଟିଏ ପାଦ ଦୂରରେ

ଚାଟେରକ୍ସ, ୨।୮ (ପି.ଟି.)

ଭାରତୀୟ ଶୁଟିଂ ସେନ୍‌ସେସନ୍ ମନୁ ଭାକର ଇତିହାସ ରଚିବାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି। ଶୁକ୍ରବାର ମନୁ ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲ ଇଭେଣ୍ଟର ଫାଇନାଲରେ ପହଞ୍ଚିବା ସହ ଗୋଟିଏ ସଂସ୍କରଣରେ ତୃତୀୟ ପଦକ ଜିତିବାର ନିକଟତର ହୋଇଛନ୍ତି। ୨୨ ବର୍ଷୀୟା ମନୁ ପୂର୍ବରୁ ୧୦ ମିଟର ପିସ୍ତଲ ମହିଳା ଓ ମିକ୍ସଡ ଟିମ୍ ଇଭେଣ୍ଟରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରି ସାରିଛନ୍ତି। ଶୁକ୍ରବାର ମନୁ ୫୯୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ମନୁ ପ୍ରିସିସନ୍ ରାଉଣ୍ଡରେ ୨୯୪ ପଏଣ୍ଟ ସ୍କୋର କରିଥିବା ବେଳେ ର୍‍ୟାପିଡ୍ ରାଉଣ୍ଡରେ ୨୯୬ ପଏଣ୍ଟ ସ୍କୋର କରିଥିଲେ। ଏହି ଇଭେଣ୍ଟରେ ହଙ୍ଗେରୀର ଭେରୋନିକା ମେଜର ମୋଟ ୫୯୨ (୨୯୪+୨୯୮) ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିଲେ। ଭେରୋନିକା ଏହା ସହ ଅଲିମ୍ପିକ୍ସରେ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି। ଅନ୍ୟତମ ଭାରତୀୟ ଇଶା ସିଂ ଦଶମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ।

## ୨୫ ମିଟର ପିସ୍ତଲ ଫାଇନାଲରେ ମନୁ ଭାକର



ମନୁ ଭାକର

## ୨୩ରେ ବଲରାଜ

ଭାରତୀୟ ରୋୟର ବଲରାଜ ପନୱର ୨୩ ତମ ସ୍ଥାନରେ ରହି ଅଲିମ୍ପିକ୍ସରେ ଅଭିଯାନ ଶେଷ କରିଛନ୍ତି। ହରିୟାଣାର ୨୫ ବର୍ଷୀୟ ଯୁବକ ଶୁକ୍ରବାର ୧୯-୨୪ତମ ପ୍ଲେ ଅଫ୍‌ରେ ମୁକାବିଲା କରୁଥିଲେ। ଚଳିତ ଗେମ୍ସରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବା ସହିତ ବଲରାଜ ୭:୦୨.୩୭ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ରିପିଚେଜ୍ ରାଉଣ୍ଡରେ ବିଜୟ ଆଧାରରେ ବଲରାଜ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ତେବେ ପଞ୍ଚମ ସ୍ଥାନରେ ରହି ସେ ମେଡାଲ ଦୌଡ଼ରୁ ବାଦ ପଡ଼ିଥିଲେ।

### ଭାରତର କାର୍ଯ୍ୟସୂଚୀ (ଶନିବାର)

**ଶୁଟିଂ**: ୨୫ ମିଟର ପିସ୍ତଲ ଫାଇନାଲ
ମନୁ ଭାକର (ଅପରାହ୍ନ ୧.୦୦)
ମହିଳା ସ୍କିଟ୍ କ୍ୱାଲିଫିକେଶନ
ରାଇଜା ଧିଲୋନ୍, ମହେଶ୍ୱରୀ ଚୌହାନ୍ (ଅପରାହ୍ନ ୧୨.୩୦)।
**ଆର୍ଚେରୀ**: ମହିଳା ବ୍ୟକ୍ତିଗତ ରାଉଣ୍ଡ
ଦୀପିକା କୁମାରୀ ବନାମ ମିଚେଲ କ୍ରୋପେନ (ଅପରାହ୍ନ ୧.୫୨)
ଭଜନ କୌର ବନାମ ଡିଆଣ୍ଡା କୌରିନିସା (ଅପରାହ୍ନ ୨.୦୫)।
**ସେଲିଂ**: ପୁରୁଷ ଡିଙ୍ଗି ରେସ୍-୫
ବିଷ୍ଣୁ ସର୍ବାନନ (ଅପରାହ୍ନ ୩.୪୫)।
ମହିଳା ଡିଙ୍ଗି ରେସ୍-୫
ନେତ୍ର କୁମାନନ (ସନ୍ଧ୍ୟା ୫.୫୫)।
**ବକ୍ସିଂ**: ପୁରୁଷ ୭୧ କିଗ୍ରା ବକ୍ସିଂ
ନିଶାନ୍ତ ଦେବ ବନାମ ମାର୍କୋ ଭେର୍ଡେ।

# ପକ୍ଷାଘାତରୁ ଅଲିମ୍ପିକ୍ସ ପଦକ

ଚାଟେରକ୍ସ, ୨।୮ (ପି.ଟି.)

ଗୁଆଟେମାଲା ପାଇଁ ଟ୍ରାପ୍ ଶୁଟିଂରେ ପ୍ରଥମ ଅଲିମ୍ପିକ୍ସ ପଦକ ବିଜୟୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗୁଆଟେମାଲା ଦେଶ ପକ୍ଷରୁ ଏହା ତୃତୀୟ ଅଲିମ୍ପିକ୍ସ ପଦକ ହୋଇଥିବା ବେଳେ ବିଜେତା ଆଡ୍ରିଆନା ରୁଆନୋ ଅଲିଭାଙ୍କ ପାଇଁ ଏହା ଏକ ସ୍ମରଣୀୟ ଯାତ୍ରା। ଏକଦା ପକ୍ଷାଘାତର ଶିକାର ହୋଇଥିବା ଏହି ଆଥ୍‌ଲେଟ ଜଣକ ଟ୍ରାପ୍ ଶୁଟିଂରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆରମ୍ଭରୁ ଜିମ୍ନାଷ୍ଟିକ୍ସ ପ୍ରତି ଆଡ୍ରିଆନାଙ୍କ ରହିଥିଲା ଅହେତୁକ ଦୁର୍ବଳତା। ତେବେ ଅଭ୍ୟାସ ସମୟରେ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ପକ୍ଷାଘାତର ଶିକାର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସୁସ୍ଥ ହୋଇଥିଲେ। ତେବେ ମେରୁଦଣ୍ଡର ୬ଟି ସ୍ଥାନରେ ଆଘାତ କାରଣରୁ ସେ ଆଉ ଜିମ୍ନାଷ୍ଟିକ୍ସ ଅଭ୍ୟାସ କରିପାରିବେ ନାହିଁ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ଆଡ୍ରିଆନା ଶୁଟିଂକୁ ଚୟନ କରିବା ସହ ଇତିହାସ ରଚିଛନ୍ତି।

ସ୍କୁଲ ସମୟରୁ ଆଡ୍ରିଆନା ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍‌ରେ ସକ୍ରିୟ ରହିଥିଲେ। ଏପରି କି ଆଘାତ ପରେ ମଧ୍ୟ ସେ କ୍ରୀଡ଼ା ସହ ଯୋଡ଼ି ହୋଇ ରହିବାକୁ ଚାହିଁଥିଲେ। ତେବେ ସେ କେବଳ ଶୁଟିଂରେ ଭାଗ ନେଇପାରିବେ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଜଣେ ଭାଇଙ୍କ ସାଙ୍ଗ ସ୍କିଟ୍ ଶୁଟର ରହିଥିବା ବେଳେ ତାଙ୍କ ସହାୟତାରେ ଅଭ୍ୟାସ ଆରମ୍ଭ କରିଥିଲେ ଆଡ୍ରିଆନା। ଆରମ୍ଭରୁ ସେ ଶୁଟିଂ ପ୍ରତି ଆଦୌ ଆଗ୍ରହୀ ନ ଥିଲେ। ମାନସିକ ଦୁଶ୍ଚିନ୍ତାରୁ ନିଜକୁ ଦୂରେଇ ରଖିବା ପାଇଁ ଶୁଟିଂକୁ ଅଭ୍ୟାସ କରିଥିବା ଆଡ୍ରିଆନା ୨୦୨୦ରେ ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ତେବେ ଏହା ପୂର୍ବରୁ ୨୦୧୬ ରିଓ ଡି ଜେନେରିଓରେ ସେ ଜଣେ ଭଲ୍ୟୁଣ୍ଟର ଭାବରେ ଅଂଶଗ୍ରହଣ କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅନ୍ତିମ ସ୍ଥାନରେ ରହିଥିଲେ ମଧ୍ୟ କଠିନ ପରିଶ୍ରମ କରି ୩ ବର୍ଷ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏପରି କି ଅଲିମ୍ପିକ ଗେମ୍ସର ୪ ସପ୍ତାହ ପୂର୍ବରୁ ଆଡ୍ରିଆନାଙ୍କ ପିତାଙ୍କ ପରଲୋକ ହୋଇଥିଲା। ତେବେ ସମସ୍ତ ଦୁଃଖକୁ ପଛରେ ପକାଇ ସେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସ୍ପାନିଶ ଟେନିସ୍ ତାରକା ରାଫେଲ ନାଡାଲଙ୍କୁ ସେ ନିଜର ଆଦର୍ଶ ମନେକରନ୍ତି ବୋଲି କୁହନ୍ତି ଆଡ୍ରିଆନା।


ଆଡ୍ରିଆନା ରୁଆନୋ ଅଲିଭା

# ଅଳ୍ପକେ ପଦକ ହରାଇଲା ଆର୍ଚେରୀ ଦଳ

ପ୍ୟାରିସ୍, ୨।୮ (ପି.ଟି.)

ଭାରତୀୟ ମିକ୍ସଡ ଟିମ୍ ଆର୍ଚେରୀ ଦଳ ଅଲିମ୍ପିକ୍ସ ସେମି ଫାଇନାଲରେ ପହଞ୍ଚି ଇତିହାସ ରଚିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛି। ଅଙ୍କିତା ଭକତ ଓ ଧୀରଜ ବୋମ୍ମାଦେବରାଙ୍କ ଭାରତୀୟ ମିକ୍ସଡ ଟିମ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଆମେରିକା ଠାରୁ ୬-୨ରେ ପରାଜିତ ହୋଇଥିଲା। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା କେସି କଫୋଲ୍ଡ ଓ ୩ ଥରର ଅଲିମ୍ପିକ୍ସ ପଦକ ବିଜେତା ବ୍ରାଡି ଏଲିସନଙ୍କ ଯୋଡି ଏହି ମ୍ୟାଚ୍‌କୁ ୩୭-୩୮, ୩୫-୩୭, ୩୮-୩୪ ଓ ୩୫-୩୭ରେ ଜିତି ନେଇଥିଲେ। ଡିଫେଣ୍ଡିଂ ଚାମ୍ପିୟନ କୋରିଆ ସହ ଭାରତର ମୁକାବିଲା ହୋଇଥିବା ବେଳେ ଭାରତ ୬-୨ରେ ପରାଜିତ ହୋଇଥିଲା। କୋରିଆ ୩୮-୩୬, ୩୫-୩୮, ୩୭-୩୮ ଓ ୩୮-୩୯ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା।

ଏହା ପୂର୍ବରୁ ଭାରତ ଇଣ୍ଡୋନେସିଆକୁ ୫-୧ରେ ଓ ସ୍ପେନ୍‌କୁ ୫-୩ରେ ହରାଇ ସେମି ଫାଇନାଲରେ ପହଞ୍ଚିଥିଲା। ପ୍ରଥମ ଥର ସେମି ଫାଇନାଲରେ ପହଞ୍ଚି ଭାରତୀୟ ଯୋଡି ଇତିହାସ ରଚିଥିଲେ। ପ୍ରଥମ ଥର ପାଇଁ ଆର୍ଚେରୀର କୌଣସି ଇଭେଣ୍ଟରେ ଭାରତ ସେମିରେ ପ୍ରବେଶ କରିଥିଲା। ଉଭୟ ସେମି ଫାଇନାଲ ଓ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଧୀରଜ ବୋମ୍ମାଦେବରା ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ଅଙ୍କିତାଙ୍କ ଏକାଧିକ ଶଟ୍‌ରେ ୮ ପଏଣ୍ଟ ଆସିବା କାରଣରୁ ଆର୍ଚେରୀରେ ଭାରତ ଏହାର ପଦକ ସମ୍ଭାବନା ହରାଇଥିଲା। ଧୀରଜ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ୪ ଥର ୧୦ ପଏଣ୍ଟର ସ୍କୋର କରିଥିଲେ।




ପ୍ୟାରିସ ଅଲିମ୍ପିକ୍ସର ମିକ୍ସଡ ଟିମ ଆର୍ଚେରୀ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଅବସରରେ ଭାରତର ଅଙ୍କିତା ଭକତ ଓ ଧୀରଜ ବୋମ୍ମାଦେବରା।

# ରୋଇଂ ପୋଡିୟମରେ ୩ ମା'


ନ୍ୟୁଜିଲାଣ୍ଡର ଲୁସି ସ୍ପୁର୍ର ଓ ବ୍ରୁକ୍ ଫ୍ରାନ୍ସିସ।

ପ୍ୟାରିସ୍, ୨।୮ (ପି.ଟି.)

ମାତୃତ୍ୱ ଲାଭ କରିବା ପରେ କ୍ରୀଡ଼ାବିତମାନଙ୍କ କ୍ୟାରିୟର ସାଧାରଣତଃ ପଛେଇ ଯାଇଥାଏ। ତେବେ ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ମାତୃତ୍ୱ ଲାଭ କରିଥିବା ୩ ଜଣ ଖେଳାଳି ରୋଇଂ ଇଭେଣ୍ଟରେ ପୋଡିୟମରେ ଛିଡ଼ା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବ୍ରିଟେନ୍‌ର ହେଲେନ୍ ଗ୍ଲୋଭର, ନ୍ୟୁଜିଲାଣ୍ଡର ଲୁସି ସ୍ପୁର୍ର ଓ ବ୍ରୁକ୍ ଫ୍ରାନ୍ସିସ ଏହି ନିଆରା କୃତିତ୍ୱ ହାସଲ କରିଛନ୍ତି।

ବ୍ରିଟେନର ଭେଟେରାନ୍ ହେଲେନ୍ ଗ୍ଲୋଭର ୩ଟି ସନ୍ତାନର ମା'। ଓମେନ୍ସ ୪ ଇଭେଣ୍ଟରେ ରୌପ୍ୟ ବିଜୟୀ ଇଂଲଣ୍ଡ ଦଳର ସେ ଅନ୍ୟତମ ସଦସ୍ୟ। ସେହିପରି ଲୁସି ସ୍ପୁର୍ର ଓ ବ୍ରୁକ୍ ଫ୍ରାନ୍ସିସ ନ୍ୟୁଜିଲାଣ୍ଡ ଡବଲ୍ ସ୍କଲ୍ ଦଳର ସଦସ୍ୟ ଭାବରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଭୟ ବିଜୟୀ ହେବା ପରେ ଡଗ୍‌ଆଉଟରେ ନିଜ ଛୁଆଙ୍କ ସହ ସମୟ ବିତାଉଥିବା ଦେଖିବାକୁ ମିଳିଥିଲା। ଲୁସି ସ୍ପୁର୍ର ଓ ବ୍ରୁକ୍ ଫ୍ରାନ୍ସିସ ଅଭ୍ୟାସ ସମୟରେ ନିଜ ଶିଶୁମାନଙ୍କ ଲୋରି ଶୁଣୁଥିବା ପ୍ରକାଶ କରିଛନ୍ତି।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୩ | ୭ | ୭ | ୨୭ |
| ଆମେରିକା | ୯ | ୧୭ | ୧୫ | ୪୧ |
| ଫ୍ରାନ୍ସ | ୯ | ୧୧ | ୧୧ | ୩୧ |
| ବ୍ରିଟେନ | ୯ | ୮ | ୮ | ୨୫ |
| ଅଷ୍ଟ୍ରେଲିଆ | ୮ | ୬ | ୫ | ୧୯ |
| ଜାପାନ | ୮ | ୩ | ୬ | ୧୭ |
| ଦ.କୋରିଆ | ୭ | ୫ | ୪ | ୧୬ |
| ଇଟାଲୀ | ୫ | ୮ | ୪ | ୧୭ |
| ନେଦରଲାଣ୍ଡ୍ସ | ୪ | ୨ | ୨ | ୮ |
| କାନାଡା | ୩ | ୨ | ୪ | ୯ |
| ଜର୍ମାନୀ | ୨ | ୩ | ୨ | ୭ |
| ନ୍ୟୁଜିଲାଣ୍ଡ | ୨ | ୩ | ୧ | ୬ |
| ରୋମାନିଆ | ୨ | ୩ | ୧ | ୬ |
| ହଂକଂ | ୨ | ୦ | ୨ | ୪ |
| ଭାରତ | ୦ | ୦ | ୩ | ୩ |

(ରାତି ୧୦ଟା ସୁଦ୍ଧା)



ଜିମ୍ନାଷ୍ଟିକ୍ସ ଅଲରାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାପରେ ଉଲ୍ଲସିତ ଆମେରିକାର ସିମୋନ ବାଇଲ୍ସ।

## ଇତିହାସ ରଚିଲେ ସିମୋନ୍ ବାଇଲ୍ସ

**ପ୍ୟାରିସ୍, ୨।୮ (ପି.ଟି.)**: ଆମେରିକୀୟ ଜିମ୍ନାଷ୍ଟ ସିମୋନ ବାଇଲ୍ସ ଇତିହାସ ରଚିଛନ୍ତି। ଅଲରାଉଣ୍ଡ ଇଭେଣ୍ଟରେ ଦୀର୍ଘ ୮ ବର୍ଷ ଦ୍ୱିତୀୟ ଥର ପାଇଁ ଏକ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ଅଲିମ୍ପିକ୍ସ ଇତିହାସର ତୃତୀୟ ଜିମ୍ନାଷ୍ଟ ଭାବରେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ସୋଭିଏତ୍ ରୁଷିଆର ଲାରିସା ଲାଟେନିନା (୧୯୫୬ ଓ ୧୯୬୦) ଓ ଚେକୋସ୍ଲୋଭାକିଆର ଭେରା କାସ୍ଲାଭସ୍କା (୧୯୬୪ ଓ ୧୯୬୮)ରେ ଏହି ସଫଳତା ହାସଲ କରିଛନ୍ତି। ୮ ବର୍ଷ ତଳେ ରିଓ ଅଲିମ୍ପିକ୍ସରେ ବାଇଲ୍ସ ପ୍ରଥମ ଥର ଅଲରାଉଣ୍ଡ ଇଭେଣ୍ଟରେ ବିଜୟୀ ହୋଇଥିଲେ। ଏହା ସହ ଅଲିମ୍ପିକ୍ସରେ ବାଇଲ୍ସ ନିଜର ନବମ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୬ଟି ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ରହିଛି।

## ସଂଜ୍ଞାହୀନ ହୋଇପଡ଼ିଲେ ମହିଳା ସନ୍ତରଣକାରୀ

**ନାଣ୍ଟେରେ, ୨।୮ (ଏପି)**: ପ୍ୟାରିସ ଅଲିମ୍ପିକ୍ସରେ ଶୁକ୍ରବାର ସକାଳେ ମହିଳା ୨୦୦ମିଟର ବ୍ୟକ୍ତିଗତ ମିଡ୍‌ଲେର ଏକ କ୍ୱାଲିଫାଇଂ ହିଟ୍ ପରେ ଟାମାରା ପଟୋକା ନାମ୍ନୀ ଜଣେ ସନ୍ତରଣକାରୀ ସଂଜ୍ଞାହୀନ ହୋଇପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏକ ଷ୍ଟ୍ରେଚରରେ ନିଆଯାଇଥିଲା। ସ୍ଲୋଭାକିଆର ପଟୋକାଙ୍କୁ ଏକ ଅକ୍ସିଜେନ ମାସ୍କ ସହିତ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ସେ ହୋସ୍ ଫେରିପାଇଛନ୍ତି ବୋଲି ସନ୍ତରଣାଗାର ନିକଟରେ ଉପସ୍ଥିତ ଥିବା ଡାକ୍ତରୀ ଦଳ କହିଛନ୍ତି।

# ଭାରତୀୟ ଆଥ୍‌ଲେଟଙ୍କ ଲାଗି ପଠାଗଲା ୪୦ ଏୟାରକଣ୍ଡିଶନର

ନୂଆଦିଲ୍ଲୀ, ୨।୮ (ପି.ଟି.)

ପ୍ୟାରିସରେ ତାପମାତ୍ରା ସାଙ୍ଗକୁ ଆର୍ଦ୍ରତା ବୃଦ୍ଧି ପାଇବାରେ ଲାଗିଛି। ଅଲିମ୍ପିକ ଗେମ୍ସ ଭିଲେଜର ରୁମ୍‌ଗୁଡ଼ିକରେ କୁଲିଂ ବ୍ୟବସ୍ଥାରେ ଅଭାବ ରହିଥିବାରୁ ସେଠାରେ ଅବସ୍ଥାନ କରୁଥିବା ଭାରତୀୟ ଆଥଲେଟମାନଙ୍କ ସୁବିଧା ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ୪୦ଟି ଏୟାରକଣ୍ଡିଶନର ପଠାଇଛି। ଭାରତୀୟ ଅଲିମ୍ପିକ ଆସୋସିଏଶନ ଏବଂ ସ୍ଥାନୀୟ ଫ୍ରେଞ୍ଚ୍ ଦୂତାବାସ ସହ ଆଲୋଚନା ପରେ ଏହି ପଦକ୍ଷେପ ନିଆଯାଇଛି। ଅଲିମ୍ପିକ ଗେମ୍ସର ଦୁଇ ପ୍ରମୁଖ ଭେନ୍ୟୁ ପ୍ୟାରିସ ଓ ଚାଟେରକ୍ସରେ ତାପମାତ୍ରା ବୃଦ୍ଧି ପାଉଛି। ଚାଟେରକ୍ସ ଶୁଟିଂ ରେଞ୍ଜ୍‌ରେ ପୁରୁଷ ୫୦ମିଟର ରାଇଫଲ ୩-ପୋଜିଶନ ଇଭେଣ୍ଟ ବେଳେ ଭାରତର ବ୍ରୋଞ୍ଜ-ବିଜେତା ସ୍ୱପ୍ନିଲ କୁସାଲେଙ୍କ ସମେତ ସମସ୍ତ ୮ ଫାଇନାଲିଷ୍ଟ ଝାଳରେ ବୁଡ଼ିଯାଇଥିବା ଲକ୍ଷ୍ୟ କରାଯାଇଥିଲା। ଖବର ଅନୁସାରେ ପ୍ୟାରିସରେ ଏଇ କିଛି ଦିନ ହେଲା ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଛି ଏବଂ ଅସହ୍ୟ ପରିସ୍ଥିତି ସୃଷ୍ଟି କରିଛି।

# ସନ୍ତରଣର ସାମ୍ରାଜ୍ଞୀ କେଟି ଲେଡେକି

ନାନଟେରେ, ୨।୮ (ପି.ଟି.)

ମହିଳା ସନ୍ତରଣରେ ନିଜର ୧୩ତମ ଅଲିମ୍ପିକ୍ସ ପଦକ ସହ ଆମେରିକାର କେଟି ଲେଡେକି ନିଜକୁ ସନ୍ତରଣର ସାମ୍ରାଜ୍ଞୀ ଭାବରେ ପ୍ରତିପାଦିତ କରିଛନ୍ତି। ମହିଳା ଖେଳାଳି ଭାବରେ ନିଜ ଦେଶର ଜେନି ଥମ୍ପସନ, ଡାରା ଟରେସ୍, ନାଟାଲି କଫଲିନ୍ ଓ ଅଷ୍ଟ୍ରେଲିଆର ଏମା ମେକନ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହି ୪ ଖେଳାଳି ୧୨ଟି ଲେଖାଏ ଅଲିମ୍ପିକ୍ସ ପଦକ ଜିତି ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଥିଲେ। ତେବେ ଗୁରୁବାର ୪x୨୦୦ ମିଟର ଫ୍ରିଷ୍ଟାଇଲ ମହିଳା ରିଲେ ଇଭେଣ୍ଟରେ ଆମେରିକା ରୌପ୍ୟ ପଦକ ଜିତିବା ସହ ଏହି ସମସ୍ତ ଖେଳାଳିଙ୍କୁ ଅତିକ୍ରମ କରିଥିଲେ କେଟି। ୪x୨୦୦ ମିଟର ମହିଳା ରିଲେରେ ଆମେରିକା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ୪ଟି ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିଥିବା କେଟି ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ମୋଟ ୧୩ ପଦକ ହାସଲ କରିଛନ୍ତି। ଅଲିମ୍ପିକ୍ସ ଇତିହାସର ସର୍ବାଧିକ ପଦକ ହାସଲକାରୀଙ୍କ ମଧ୍ୟରେ ସେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଆମେରିକୀୟ ସନ୍ତରଣକାରୀ ମାଇକେଲ ଫେଲପ୍ସ ୨୮ ପଦକ ସହିତ ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି। ସୋଭିଏତ୍ ରୁଷିଆର ଜିମ୍ନାଷ୍ଟ ଲାରିସା ଲାଟେନିନା ୧୮ ପଦକ ସହ ଦ୍ୱିତୀୟ ଓ ଅନ୍ୟତମ ସୋଭିଏତ୍ ଖେଳାଳି ନିକୋଲାଇ ଆଣ୍ଡ୍ରିଆନୋଭ୍ ୧୫ ପଦକ ସହ ତୃତୀୟ ସ୍ଥାନରେ ରହିଛନ୍ତି।





**ନନ୍ଦିନୀ ଶତପଥୀ**ଙ୍କ ଜନ୍ମ ୯ ଜୁନ୍ ୧୯୩୧ରେ, କଟକରେ ଓ ପରଲୋକ ୪ ଅଗଷ୍ଟ ୨୦୦୬ରେ ଭୁବନେଶ୍ୱରରେ। ଭାରତୀୟ ରାଜନୀତିରେ ସେ ଅପରିହାର୍ଯ୍ୟ ହୋଇପଡ଼ିଥିଲେ ତାଙ୍କ ତାରୁଣ୍ୟରେ ଓ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ପ୍ରମାଣ କରିଦେଇଥିଲେ ପ୍ରଶାସନର ସାମର୍ଥ୍ୟ। ଲୋକଙ୍କର ଛୋଟଛୋଟ ଦୁଃଖ, ଛୋଟଛୋଟ ପ୍ରତ୍ୟାଶାକୁ ପଢ଼ିବାର ଉଜ୍ଜ୍ୱଳ ଆଖି ଥିଲା ଏହି ରାଷ୍ଟ୍ରନାୟିକାଙ୍କର ଓ ଜାଣିଥିଲେ ତା'ର ପରିପୂର୍ତ୍ତି। ରାଜନୀତିରୁ ସମୟ ବାହାର କରି ସେ ସଅଁପି ଦେଇଥିଲେ ସାହିତ୍ୟକୁ। ଗଳ୍ପ ଓ କବିତାରେ ସମ୍ପାଦି ଯାଇଥିଲେ ମଣିଷଙ୍କ ପ୍ରତି ହୃଦୟର ଅସୁମାରି ଦରଦ। ସରଳ, ଅଥଚ ଭାବ ଗଭୀର ନନ୍ଦିନୀଦେବୀଙ୍କ ଲେଖାର ଭାଷା। ଅକ୍ଷରେ ଅକ୍ଷରେ, ଶବ୍ଦେ ଶବ୍ଦେ ଧ୍ୱନିତ ଲାଞ୍ଛନାର ପ୍ରତିବାଦ। ତାଙ୍କର ଦୁଇଟି ଅସାମାନ୍ୟ କବିତା ଏଠି ପତ୍ରସ୍ଥ, ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କରି ପୁଣ୍ୟତିଥିରେ।

## ଅଭିଶପ୍ତା ନାରୀ

ଶ୍ରାବଣର ଏକ ବର୍ଷାରାତି
ପଥଘାଟ କର୍ଦ୍ଦମାକ୍ତ
ଯାନ ଆଦି ନାହିଁ ଚଳେ
ଲିଭିଅଛି ଚଉଦିଗୁଁ ବତି।

ସେପାରିର ଶମଶାନ ଦେହୁ
ଶ୍ୱାନ ଶୃଗାଳର ରାବ
ଥରି ଥରି ଆସେ ଭାସି
ଗଛ ତଳେ ଚିତା ଜଳେ ଧୂ ଧୂ।

ସହରର ଦୋମହଲା ଘରୁ
ଖାଦ୍ୟର ସୁମିଷ୍ଟ ଗନ୍ଧ
ପବନରେ ଭାସିଆସେ
ଭାଗ୍ୟବାନ ସେମାନେ ଜନ୍ମରୁ।

ଘର ପାଶେ ମଟର ଗ୍ୟାରେଜ
ବସିଅଛି ନାରୀ ଏକ
କ୍ଷୁଧାରେ ବିବର୍ଣ୍ଣ ମୁଖ
ଦେହେ ନାହିଁ ବସ୍ତ୍ର ତା'ର
ଢାଙ୍କିବାକୁ ଲାଜ।

ନିକଟରେ ବସି ଶିଶୁ ଏକ
ଶୃଙ୍ଖଳା ଚମ ଓଟାରି
ପାଟିରେ ଭରତି କରି
କ୍ଷୀର ବିନା କାନ୍ଦି କହେ
ଭୋକ ମା' ଭୋକ।

## ମୃତ୍ୟୁ ତୁମରେ ଚାହେଁ

ହତାଶେ ଯେବେ ପ୍ରାଣ ମୋ ପୂରେ
ଦୁଃଖ ଯେବେ ନିବିଡ଼ ହୁଏ
ବିପଦ ଘନ ଅମାଅନ୍ଧାରେ
ପ୍ରାଣ ଯେ ମୋରେ ତୁମରେ ଚାହେଁ।

କଳ୍ପନାର ରାଇଜେ ବୁଲି
ବାସ୍ତବେ ମୁଁ ଯେବେ ଗୋ ଫେରେ
ଦୁନିଆ ସାରା ବିପଦ ଖାଲି
ମୃତ୍ୟୁ, ମୁଁ ଯେ ତୁମରେ ଲୋଡ଼େ।

ଜୀବନେ ଯେତେ ବିପଦ ଢେଉ
କରମ ପଥେ ବାଧା ମୋ ସୃଜେ
ସହି ନ ପାରେ ସେ ଝଞ୍ଜା ଆଉ
ମୃତ୍ୟୁ, ମୁଁ ଯେ ତୁମରେ ଖୋଜେ।

କହିବେ ମୋତେ ଶାନ୍ତିକାମୀ
ଭୟ ମୁଁ ପାଏ ସଂଗ୍ରାମରେ
ବିଶ୍ୱ ଯେବେ ପ୍ରଳୟମୁଖୀ
ଭୀରୁ ମୁଁ ଆଜି ତୁମରେ ଲୋଡ଼େ।

ଉତ୍ତର ତା ଦେବିନି କିଛି
ଗୋଟିଏ ଖାଲି କହିବା କଥା
ପାରେନି କରି ଯା ଥିଲି ଇଚ୍ଛି
(ତେଣୁ) ମୃତ୍ୟୁ, ତୁମେ
ହର ମୋ ବ୍ୟଥା।

# ବିପ୍ଳବର ଆଦି ବାଣୀ: ବିବିଧ ପ୍ରସଙ୍ଗ

**ମୋହିନୀମୋହନ ସେନାପତିଙ୍କ 'ବିବିଧ ପ୍ରସଙ୍ଗ' ଏକ ଭିନ୍ନ ସ୍ୱାଦର ପ୍ରବନ୍ଧ ପୁସ୍ତକ। ଏହା ଓଡ଼ିଆ ସାହିତ୍ୟରେ ବିପ୍ଳବାତ୍ମକ ଚିନ୍ତାଧାରା ଓ ସ୍ୱାଧୀନ ମତର ସଂସ୍ଥାପକ। ଫକୀରମୋହନ ସେନାପତିଙ୍କ ପୁଅ ଜଣେ ନାସ୍ତିକ ଏବଂ ବାପାଙ୍କ ସମସ୍ତ କୃତିର ଅଙ୍ଗ କର୍ତ୍ତନ ପାଇଁ ସେ ଏତେ ପ୍ରଚାରିତ ଯେ ତାଙ୍କ ସାରସ୍ୱତ ସୃଷ୍ଟିର ନିରପେକ୍ଷ ଆକଳନ ଦୃଷ୍ଟିଗୋଚର ହୁଏନାହିଁ। ୧୧ ଅକ୍ଟୋବର ୧୮୮୧ରେ ଫକୀରମୋହନ ଢେଙ୍କାନାଳରେ ଆସିଷ୍ଟାଣ୍ଟ ମ୍ୟାନେଜର ଥିଲାବେଳେ ସେ ଜନ୍ମଗ୍ରହଣ କରିଥିଲେ ଏବଂ ୧୩ ଜୁଲାଇ ୧୯୪୫ରେ ତାଙ୍କର ତିରୋଧାନ ଘଟିଥିଲା।**

## ଅତୀତର ବହି

### ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ମୋହିନୀମୋହନଙ୍କର ଶିକ୍ଷାପ୍ରାପ୍ତି ମୁଖ୍ୟତଃ କଟକଠାରେ ହୋଇଥିଲା। ୧୯୦୨ରେ ସେ ବି.ଏ. ପାସ୍ କରିଥିଲେ। ପରେ ପରେ ସବ୍‌ଡେପୁଟି ଭାବେ କାର୍ଯ୍ୟନିର୍ବାହ କରିଥିଲେ। ୧୯୦୮ରେ ସବ୍‌ଡେପୁଟି ଥାଇ ଏମ୍.ଏ. ପାସ୍ କରିଥିଲେ। ତା'ପରେ ସେ ରେଭେନ୍ସା କଲେଜରେ ଦର୍ଶନ ବିଭାଗର ଅଧ୍ୟାପକଭାବେ ଯୋଗଦାନ କରି ୧୯୩୬ରେ ଅବସର ଗ୍ରହଣ କରିଥିଲେ। ତାଙ୍କର ଅନେକ ପ୍ରବନ୍ଧ ଉତ୍କଳ ସାହିତ୍ୟ, ମୁକୁର, ସହକାର, ନବଭାରତ ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶିତ ହୋଇ ବହୁଭାବେ ଲୋକଚିତ୍ତକୁ ଆନ୍ଦୋଳିତ କରିଥିଲା। ସେ ଭିତରୁ ୧୨ଗୋଟି ପ୍ରବନ୍ଧ 'ବିବିଧ ପ୍ରସଙ୍ଗ' ପୁସ୍ତକରେ ସ୍ଥାନିତ ହୋଇ ନବଭାରତ ପ୍ରେସ୍, କଟକରୁ ୧୯୩୯ରେ ପ୍ରକାଶିତ। ଏହି ପ୍ରବନ୍ଧଗୁଡ଼ିକରେ ରୁଢ଼ିବାଦୀ ଚିନ୍ତାଧାରାକୁ ଖଣ୍ଡନକରି ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ବୈଜ୍ଞାନିକ ଓ ସତ୍ୟନିଷ୍ଠ ଧାରାକୁ ପ୍ରତିଷ୍ଠା ଦିଆଯାଇଛି। ସେ ସର୍ବଧର୍ମ ସମନ୍ୱୟରେ ବିଶ୍ୱାସୀ ଓ ମୁଖ୍ୟତଃ ନାସ୍ତିକ ଭାବରେ ବିଦିତ।

ପିତା ଫକୀରମୋହନ ଈଶ୍ୱର, ପରକାଳ ଓ ଆତ୍ମା ଉପରେ ବିଶ୍ୱାସୀ ଥିଲାବେଳେ ମୋହିନୀମୋହନ ଥିଲେ ଠିକ୍ ତା'ର ବିପରୀତ। କଟକରେ ଶିକ୍ଷାଲାଭ ସମୟରେ ସେ ଭକ୍ତକବି ମଧୁସୂଦନ ରାଓଙ୍କ ଘରେ ରହୁଥିଲେ ଏବଂ ତାଙ୍କରି ସଂସ୍ପର୍ଶରେ ଆସି ବ୍ରାହ୍ମଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଅଧ୍ୟୟନ ଓ ବିଦେଶୀ ଦାର୍ଶନିକମାନଙ୍କର ମତବାଦକୁ ବିଶ୍ଳେଷଣ କଲାପରେ ତାଙ୍କ ଭିତରେ ହେତୁବାଦୀ ଚିନ୍ତନର ଉଦ୍ଭବ ହୋଇଥିଲା। ମୋହିନୀମୋହନଙ୍କ ମତରେ ପ୍ରାଚୀନ ଯୁଗ ଥିଲା ଧର୍ମପ୍ରଧାନ ଏବଂ ବର୍ତ୍ତମାନ ଯୁଗ ବିଜ୍ଞାନପ୍ରଧାନ। ପ୍ରାଚୀନ ଯୁଗର ଆଜ୍ଞା ଥିଲା ଧାର୍ମିକ ହୁଅ ଏବଂ ବର୍ତ୍ତମାନ ଯୁଗର ଆଜ୍ଞା ପ୍ରକୃତିର ଅନୁଗାମୀ ହୁଅ।




ମୋହିନୀମୋହନ ସେନାପତି (୧୮୮୧ – ୧୯୪୫)

ମୋହିନୀମୋହନଙ୍କର ଏହି ସମସ୍ତ ଚିନ୍ତାଧାରା ଅନୁବାଦିତ ହୋଇ ଇଂଲିଶ୍ ଓ ବଙ୍ଗଳାଭାଷାରେ ବହୁ ପ୍ରଚାରିତ ହୋଇଥିଲା। ତାଙ୍କର ମତବାଦ ଓ ସ୍ୱାଧୀନ ଚିନ୍ତାକୁ ଅଗ୍ରାଧିକାର ଦେଇ ବିଶ୍ୱନାଥ କର ଉତ୍କଳ ସାହିତ୍ୟରେ ସେ ସବୁକୁ ଆଗ୍ରହର ସହ ପ୍ରକାଶ କରୁଥିଲେ। ଏହି ମତବାଦ ବିରୁଦ୍ଧରେ ସମକାଳୀନ ପତ୍ରପତ୍ରିକାରେ ଅନେକ ଆନ୍ଦୋଳନ ଦେଖାଯାଇଥିଲା। ତାଙ୍କ ମତବାଦକୁ କେତେକ ବୁଦ୍ଧିଜୀବୀ ସମର୍ଥନ କଲାବେଳେ ଆଉ କେତେକ ତାହାର ପ୍ରତିବାଦରେ ପ୍ରବନ୍ଧମାନ ରଚନା କରିଥିଲେ।

ମୋହିନୀମୋହନଙ୍କ ତିରୋଧାନରେ ବିଶିଷ୍ଟ କବି ମାୟାଧର ମାନ୍‌ସିଂ ସ୍ମୃତିଚାରଣ କରି କୁହନ୍ତି, "...କେବଳ ଗୋଟିଏ ଦରମାଖିଆ ଦର୍ଶନର ଅଧ୍ୟାପକ ନ ଥିଲେ, ସେ ଥିଲେ ପ୍ରକୃତରେ ଦାର୍ଶନିକ। ତାଙ୍କର ଚିନ୍ତାରେ ମୌଳିକତା ଥିଲା, ଯଦିଓ ସେଥିରେ ନ ଥିଲା ପୂର୍ଣ୍ଣତା ବା ହୃଦୟସ୍ପର୍ଶୀ ଆଦର୍ଶ। ଆମ୍ଭେମାନେ ମୋହିନୀମୋହନ ବାବୁଙ୍କୁ ତାଙ୍କର ମୌଳିକତା ଓ ଅସାଂସାରିକ ହାବଭାବ ପାଇଁ ବରାବର ସମ୍ମାନର ଦୃଷ୍ଟିରେ ଦେଖିଆସୁଥିଲୁ। ତାଙ୍କର ମୃତ୍ୟୁ ଫଳରେ ଉତ୍କଳର ଚିନ୍ତା ଜଗତରୁ ଏକ ସ୍ତମ୍ଭ ଖସିପଡ଼ିଲା।" (ସମ୍ପାଦକୀୟ, ଶଙ୍ଖ–୧/୨, ୧୯୪୫)

'ବିବିଧ ପ୍ରସଙ୍ଗ'ରେ ଆମେରିକା ଆବିଷ୍କାର, ଜୀବଜନ୍ତୁର ଅଧିକାର, ଭାଗ୍ୟ, ଓଡ଼ିଆ କାହାଣୀ, ମିଟ୍‌ଜେଙ୍କ ଦାର୍ଶନିକ ମତ, ବ୍ରାହ୍ମ ସମାଜ, ବସନ୍ତଗାଥା, ବିବାହର ଇତିହାସ, ବିବାହ, ସ୍ତ୍ରୀ ଜାତିର ସ୍ୱାଧୀନ ଜୀବିକା, ବିବେକ, ଭାରତରେ ବିବାହ ସଂସ୍କାର ପ୍ରଭୃତି ପ୍ରବନ୍ଧ ସ୍ଥାନିତ। ପୁସ୍ତକରେ ଏକ ପ୍ରାମାଣିକ ଅବତରଣିକା ଲେଖକ ଲେଖିଛନ୍ତି। ଏଥିରୁ ତାଙ୍କର ସାରସ୍ୱତ ମୂଲ୍ୟବୋଧ ଜ୍ଞାତ ହୋଇଥାଏ। ଫେବୃଆରୀ ୧୯୧୬ରେ ବାମଣ୍ଡାର ସୁରତରଙ୍ଗିଣୀ ସାରସ୍ୱତ ସମିତି ଦ୍ୱାରା ଫକୀରମୋହନଙ୍କୁ ଦିଆଯାଇଥିବା ସରସ୍ୱତୀ ଉପାଧି ପ୍ରାପ୍ତିର ଦୁର୍ଲଭ ମାନପତ୍ରଟି ପୁସ୍ତକର ଗରିମାକୁ ବହୁଗୁଣିତ କରିଛି।




ପଲ୍ଲୀକବି ନନ୍ଦକିଶୋର ବଳ ମୋହିନୀମୋହନଙ୍କ ସହପାଠୀ ଥିଲେ। ତାଙ୍କ ସାହଚର୍ଯ୍ୟ ଯୋଗୁ ସେ କବିତା ପ୍ରତି ଆକୃଷ୍ଟ ହୋଇଥିଲେ। ମଧୁ ରାଓଙ୍କ ସଂସ୍ପର୍ଶରେ ଆସି ତାଙ୍କ କବିତା ବିଶେଷଭାବେ ପ୍ରଭାବିତ ହୋଇଥିଲା। ମଧୁ ରାଓଙ୍କ 'ବସନ୍ତଗାଥା' ଉପରେ ଲିଖିତ ଆଲୋଚନାଟି ଏହି ପୁସ୍ତକରେ ସ୍ଥାନିତ ହେବା ପୂର୍ବରୁ ଉତ୍କଳ ସାହିତ୍ୟରେ 'ବସନ୍ତଗାଥା ଏବଂ ତଦୀୟକବି' ଓ 'ବସନ୍ତଗାଥାର ସମାଲୋଚନା' ଶୀର୍ଷକରେ ପ୍ରକାଶ ପାଇଥିଲା। ଏହି ଆଲୋଚନାରେ ମିଲ୍‌ଟନ୍, ସେକ୍ସପିଅର, ଦାନ୍ତେ ପ୍ରମୁଖ ପାଶ୍ଚାତ୍ୟ କବିମାନଙ୍କର ଚତୁର୍ଦ୍ଦଶପଦୀ କବିତା ସହିତ ମଧୁ ରାଓଙ୍କ କବିତାର ତୁଳନାତ୍ମକ ବିଶ୍ଳେଷଣ କରାଯାଇଛି। ମୋହିନୀମୋହନଙ୍କର ଏହି ଆଲୋଚନାଟିକୁ ପ୍ରକାଶକରି ତା'ର ଉଚ୍ଛ୍ୱସିତ ପ୍ରଶଂସା କରନ୍ତି ବିଶ୍ୱନାଥ କର। ସେ କୁହନ୍ତି, ମଧୁ ରାଓଙ୍କର ବିଶେଷତ୍ୱ ପ୍ରଖ୍ୟାପନ କରିବାରେ ସର୍ବାଦୌ ସଫଳ ହୋଇଛନ୍ତି ମୋହିନୀମୋହନ।

ଗ୍ରନ୍ଥସ୍ଥ 'ବ୍ରାହ୍ମ ସମାଜ' ପ୍ରବନ୍ଧଟି ଏକ ବିତର୍କିତ ପ୍ରବନ୍ଧ। ଏହି ପ୍ରବନ୍ଧଟି 'ବ୍ରାହ୍ମ ସମାଜର ଭୂତ ଓ ଭବିଷ୍ୟତ' ଶୀର୍ଷକରେ ସହକାରରେ ପ୍ରକାଶ ପାଇଥିଲା। ସ୍ତ୍ରୀ ଜାତିର ସ୍ୱାଧୀନ ଜୀବିକା, ବିବାହର ଇତିହାସ, ବିବାହ ଓ ଭାରତରେ ବିବାହ ସଂସ୍କାର ପ୍ରଭୃତି ଆଲୋଚନା ତାଙ୍କର କ୍ରାନ୍ତିକାରୀ ଆଭିମୁଖ୍ୟକୁ ସ୍ପଷ୍ଟ କରେ। ପୁସ୍ତକର ଅବତରଣିକାରେ ଲେଖକ ଘୋଷଣା କରନ୍ତି, "ମୋର ମନେହୁଏ ଉତ୍କଳ ସାହିତ୍ୟ ପୁସ୍ତକରେ ମୋ ପୂର୍ବେ ଏପରି ସାହସର କର୍ମ କେହି କରିନଥିଲେ। ମୁଁ ଉତ୍କଳକୁ ପ୍ରଥମେ ବିପ୍ଳବର ବାଣୀ ଶୁଣାଇଅଛି।"


ମୋହିନୀମୋହନ ସମାଜରୁ ଈଶ୍ୱର ବିଶ୍ୱାସକୁ ଉନ୍ମୂଳନ କରି ନାସ୍ତିକବାଦର ପ୍ରଚାର କଲାବେଳେ ବିବାହ ପ୍ରକ୍ରିୟାରେ ଅବାଧ ଯୌନ ସ୍ୱାଧୀନତା ଓ ଉଚ୍ଛୃଙ୍ଖଳତାକୁ ସମର୍ଥନ କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କର ବୈଜ୍ଞାନିକ ଯୁକ୍ତିନିଷ୍ଠ ମତବାଦର ନିର୍ଭୀକ ପ୍ରତିଫଳନ ଦୃଷ୍ଟିଗୋଚର ହୁଏ। 'ଭାଗ୍ୟ' ପ୍ରବନ୍ଧରେ ଜନ୍ମାନ୍ତରବାଦକୁ ସେ ଅସ୍ୱୀକାର କରିଛନ୍ତି। ସେ ଭାଗ୍ୟବାଦୀ ନୁହନ୍ତି, ମୁଖ୍ୟତଃ କର୍ମବାଦୀ। 'ଜୀବଜନ୍ତୁର ଅଧିକାର' ପ୍ରବନ୍ଧରେ ଜୀବଜନ୍ତୁଙ୍କ ପ୍ରତି ତାଙ୍କର ନିର୍ମୋହ ସମର୍ଥନ ପ୍ରକାଶିତ। 'ମିଟ୍‌ଜେଙ୍କ ଦାର୍ଶନିକ ମତ' ପ୍ରବନ୍ଧରେ ସେ ମିଟ୍‌ଜେଙ୍କର ମତବାଦକୁ ସ୍ୱୀକାର କରନ୍ତି ଓ କହନ୍ତି: "ମାନବ ମଧ୍ୟରେ ଆତ୍ମା ନାହିଁ କିମ୍ବା ଜଗତ ମଧ୍ୟରେ ପରମାତ୍ମା ନାହିଁ। ବରଂ ମାନବ ଜଡ଼ ପରମାଣୁର ଏକ ସମଷ୍ଟି ମାତ୍ର।"

'ଆମେରିକା ଆବିଷ୍କାର' ପ୍ରବନ୍ଧରେ କଲମ୍ବସ୍‌ଙ୍କ ବୀରତ୍ୱ ଓ ଆମେରିକା ଆବିଷ୍କାରର କାହାଣୀ ବର୍ଣ୍ଣିତ ହୁଏ। ମୋହିନୀମୋହନଙ୍କ ପ୍ରତିଭାର ଦାର୍ଶନିକ ଦିଗ ଓ ଯୁକ୍ତିବାଦୀ ମତବାଦର ଅପୂର୍ବ ପ୍ରତିଫଳନ 'ବିବିଧ ପ୍ରସଙ୍ଗ'।

ମୋ: ୯୪୩୭୨୫୬୧୭୬

## କାଳକାଳକୁ

**"ଯାହା ଗୁରୁତ୍ୱପୂର୍ଣ୍ଣ ତହିଁରୁ ଶିଖ, ବାକ୍‌ବାକି ହସରେ ଉଡ଼ାଇଦିଅ।"**
**–ହରମାନ୍ ହେସ୍**



**ହରମାନ୍ କାର୍ଲ ହେସ୍‌ଙ୍କ** ଜନ୍ମ ୨ ଜୁଲାଇ ୧୮୭୭ରେ ଜର୍ମାନ୍‌ରେ ଓ ପରଲୋକ ୯ ଅଗଷ୍ଟ ୧୯୬୨ରେ, ସୁଇଜରଲାଣ୍ଡରେ। ଏକାଧାରରେ ସେ ଔପନ୍ୟାସିକ, କଥାକାର, ପ୍ରାବନ୍ଧିକ, କବି ଓ ପେଣ୍ଟର। ଜର୍ମାନ୍ ଓ ସୁଇଜରଲାଣ୍ଡର ଦ୍ୱୈତ ନାଗରିକତା ଗ୍ରହଣ କରିଥିବା ହେସ୍‌ଙ୍କ ବିଶିଷ୍ଟ ସାହିତ୍ୟକୃତିଗୁଡ଼ିକ ମଧ୍ୟରେ 'ଦ ଗ୍ଲାସ୍ ବିଡ୍ ଗେମ୍' (୧୯୪୩), 'ସିଦ୍ଧାର୍ଥ' (୧୯୨୨), 'ଷ୍ଟିପେନ୍ ଓଲ୍‌ଫ' (୧୯୨୭), 'ନାର୍ସିସସ୍ ଆଣ୍ଡ୍ ଗୋଲ୍ଡମଣ୍ଡ୍' (୧୯୩୦) ଓ 'ଡେମିଆନ୍' (୧୯୧୯) ଆଦି ପ୍ରଧାନ। ବିଶ୍ୱ ସାହିତ୍ୟକୁ ପ୍ରମୁଖ ଅବଦାନ ପାଇଁ ୧୯୪୬ରେ ତାଙ୍କୁ ମିଳିଛି ଗ୍ୟେଟେ ପ୍ରାଇଜ୍ ଓ ନୋବେଲ ପୁରସ୍କାର। ହେସ୍‌ଙ୍କ ରଚନାରେ ଜୀବନର ଅତି ସୂକ୍ଷ୍ମ ଅବବୋଧ ପ୍ରଭାବଶାଳୀ ଢଙ୍ଗରେ କଏଦ୍ ହୋଇଥାଏ, ଯାହା ପାଠକଙ୍କୁ ଅଭିଭୂତ କରେ।

## ବସ୍ତାନି

### ବିପ୍ଳବ

ସଉରା ମନ ଭଲ ନାହିଁ। ସୁକୁମାରୀ ତା' ସାଙ୍ଗରେ ଝୁଙ୍କେ ଲଗେଇଲା ଯେ ଅଧାଖିଆରୁ ଉଠି ଚାଲିଆସିଲା। ଝିଅ ସ୍କୁଲକୁ ଗଲାବେଳେ ରୁଟି ଦି'ପଟ କୋଉଠି ଗଳେଇ ଦେଲା। ଖାଇବାଛୁଟିରେ ଖାଇବ କ'ଣ? ପାଣି ଟିକକ ପି' ଉପାସରେ ଆସି ଘରେ କାନ୍ଦିଲା।

ସଉରାର ସବୁ ଦୋଷ। ସୁକୁମାରୀ ସେଥିପାଇଁ ରାଗିଚି। ଝିଅ ବ୍ୟାଗ୍‌ଟି କୋଉ ଦିନରୁ ଚିରି ଗଲାଣି। ସୁକୁମାରୀ ଅନେକ ଥର କହିଲାଣି ନୂଆ ବ୍ୟାଗ୍ ଗୋଟେ ଆଣ ତା' ପାଇଁ। ଟଙ୍କା ତିନି ଶ' କି ଚାରି ଶ' ଏକାଠି କରିପାରୁନି। କ'ଣ କରିବ ସେ?

ଆଜି ଝିଅ ରୁଟି ଗଳିପଡ଼ିବାରୁ ଗାଳି ଶୁଣିଲା ସଉରା। ସେଇ ଅଧାଖିଆରୁ ଉଠି ଚିରା ବ୍ୟାଗ୍‌ଟି ଗୋଟିଏ ଜରି ବେଗ୍‌ରେ ପୂରେଇ ସିଲେଇ କରିବାକୁ ବାହାରିଗଲା।

ତା' ପିଲାଦିନ କଥା ବହୁତ ମନେପଡୁଥିଲା। ସ୍କୁଲ ଯିବା ପାଇଁ ଭଲ ପ୍ୟାଣ୍ଟ ଶାର୍ଟ ହଲେ ନଥିଲା। ଧାନରୁଆ ହେବା ସମୟକୁ ସେ ଚାତକ ପରି ଚାହିଁ ରହୁଥିଲା। କ୍ଷେତରେ ପଡ଼ିବା ପାଇଁ ସେଇ ସମୟରେ ଯୁରିଆ ପ୍ୟାକେଟ ଦରିଆ କିଣା ହେଉଥିଲା। ବିଲରେ ସାର ପଡ଼ି ସାରିବା ପରେ ସେଇ ଅଖାକୁ ନେଇ ସେ ନୂଆ ବ୍ୟାଗ୍ କରି ଆଣୁଥିଲା। ସେଇ ଖୁସିକୁ ମାସେ ଯାଏଁ ସେ ପାଳୁଥିଲା। ସବୁ ପିଲାଙ୍କୁ ଦେଖାଉଥିଲା ନୂଆ ବ୍ୟାଗ୍ କହି।




ଭାବନା ଭିତରେ ସେ ବ୍ୟାଗ୍ ସିଲେଇ ଦୋକାନ ପାଖରେ ପହଞ୍ଚି ସାରିଥିଲା। ଅଣ୍ଟାରେ ହାତ ମାରିଲା। ଚାଳିଶ ପଚାଶ ଟଙ୍କା ମାତ୍ର ଅଛି। କ'ଣ କରିବ? ଦୋକାନୀକୁ ବ୍ୟାଗ୍‌ଟି ଦେଇ ପାଣି ଟୋପେ ପିଇବ ବୋଲି ପାଖ ନଳକୂଅ ପାଖକୁ ଗଲା। ପାଣି ଦି' ଆଞ୍ଜୁଳା ପି' ସାରି ପାଖରେ ଥିବା ଆମ୍ବଗଛ ଛାଇରେ ଟିକେ ବସିଲା। ଥକା ମେଣ୍ଟେଇ କିଛି ସମୟ ପରେ ଆସିଲା। ଦୋକାନୀ ବ୍ୟାଗ୍‌ଟିକୁ ସଉରା ହାତକୁ ବଢ଼େଇ ଦେଉ ଦେଉ କହିଲା: ଚେନ୍ ଠିକ୍ ଅଛି। ତେଲ ଟିକେ ଦେଇଦେଲି। ସାଇଁ ସାଇଁ ଚାଲୁଛି। ତଳ ସିଲେଇ ମାରିଦେଇଚି। ଭଲ ନିଦା କପଡ଼ା ଆହୁରି ବର୍ଷେ ହନ୍ତିରି ଯିବ। ହଉ ଦଶ ଟଙ୍କା ଦିଅ।

ସଉରା କୃତକୃତ୍ୟ ହୋଇଗଲା। ଅଣ୍ଟାରୁ ମୁଣ୍ଡା ପାଞ୍ଚ ଟଙ୍କିଆ ଦି'ଟି କାଢ଼ି ଦୋକାନୀ ହାତକୁ ବଢ଼େଇ କୃତଜ୍ଞତା ମୁଦ୍ରାରେ ଚାହିଁଲା। ଏବେ ଦୋକାନୀର ମୁହଁ ତାକୁ ଈଶ୍ୱରଙ୍କ ମୁହଁ ପରି ଲାଗୁଥିଲା।


ମୋ: ୯୪୩୭୪୬୮୦୧୬

## ପୁସ୍ତକ ପରିଚୟ



ରାଷ୍ଟ୍ରନାୟକ
### ମଧୁସୂଦନ ଦାସ
**ସମ୍ପାଦନା:** ଡ. ବାୟାମନୁ ଚର୍ଚ୍ଚି
**ପ୍ରକାଶକ:** ଉତ୍କଳ ସମ୍ମିଳନୀ, ଭୁବନେଶ୍ୱର–୧୮
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/–

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଓ କୃତିକୁ ନେଇ ଆଲୋଚ୍ୟ ପୁସ୍ତକଟି ସମ୍ପାଦିତ। ଏଥିରେ ମୋଟ ୨୭ଜଣ ପ୍ରାବନ୍ଧିକଙ୍କ ପ୍ରବନ୍ଧ ସ୍ଥାନ ପାଇଛି ଓ ଗ୍ରନ୍ଥର ଅନ୍ତିମ ଭାଗରେ ମଧୁବାବୁଙ୍କ ରଚିତ କବିତାବଳୀକୁ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁ ବିଶିଷ୍ଟ ଲେଖିକାଲେଖକମାନେ ଏଥିରେ ଲେଖିଛନ୍ତି, ସେମାନଙ୍କ ମଧ୍ୟରୁ କେଇଜଣ କୃତବିଦ୍ୟ ଗବେଷକ ହେଲେ ବ୍ରଜବନ୍ଧୁ ଦାସ, ମାୟାଧର ମାନସିଂହ, ପରମାନନ୍ଦ ଆଚାର୍ଯ୍ୟ, ସୁରସିଂହ ପଟ୍ଟନାୟକ, ପ୍ରହ୍ଲାଦ କୁମାର ସିଂହ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଡ. ସୋମା ଚାନ୍ଦ, ରଜତ କୁମାର କର ଓ ଅଦ୍ୱୈତ କୁମାର ପାତ୍ର। ଅଗ୍ରଲେଖରେ ପ୍ରଫେସର ଅଦ୍ୱୈତ କୁମାର ପାତ୍ର ଲେଖିଛନ୍ତି: "ମଧୁସୂଦନଙ୍କ ଜୀବନଚର୍ଯ୍ୟା, ନାରୀ ସଶକ୍ତୀକରଣ, ସମବାୟ ଆନ୍ଦୋଳନ, ସ୍ୱଦେଶୀ ଆନ୍ଦୋଳନ, ସାଂସ୍କୃତିକ ଜାଗରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆଦି ପ୍ରତ୍ୟେକ ଦିଗ ପ୍ରତି ଏହି ସଂକଳନରେ ଧ୍ୟାନ ଦିଆଯାଇଛି। ପ୍ରକାରାନ୍ତରେ ପରିସ୍ଫୁଟ ହୋଇଛି ଓଡ଼ିଶାର ତତ୍କାଳୀନ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ରୂପଚିତ୍ର।" ମହାତ୍ମା ଗାନ୍ଧୀ ମଧୁବାବୁଙ୍କ ସମ୍ବନ୍ଧରେ କହିଛନ୍ତି: "ସେ ଶ୍ରମ ମର୍ଯ୍ୟାଦାର କେବଳ ପ୍ରତୀକ ନ ଥିଲେ, ଦେଶବାସୀଙ୍କୁ ଏହି ସନ୍ଦେଶରେ ଅନୁପ୍ରାଣିତ କରିବାକୁ ଯାଇ ନିଜକୁ ନିଃଶେଷ କରିଦେଇଥିଲେ। ଶ୍ରମ ମର୍ଯ୍ୟାଦାକୁ ପ୍ରମାଣିତ କରିବା ଲାଗି ବହୁ ସ୍ୱାର୍ଥତ୍ୟାଗ ମଧ୍ୟରେ କଟକରେ ଟ୍ୟାନେରୀ ପ୍ରତିଷ୍ଠା କରିଥିଲେ।" ସବୁ ଦୃଷ୍ଟିରୁ ଦେଖିଲେ ପ୍ରାୟ ୨୫୦ ପୃଷ୍ଠାର ଏହି ବହିଟି ରାଷ୍ଟ୍ରନାୟକ ମଧୁସୂଦନ ଦାସଙ୍କ ସମ୍ପର୍କରେ ଯେ ଏକ ତଥ୍ୟପୂର୍ଣ୍ଣ ଗ୍ରନ୍ଥ, ଏଥିରେ ସନ୍ଦେହ ନାହିଁ।



### ପ୍ରିୟ ପୁରୁଷ
**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୪୫/–

ଆଲୋଚ୍ୟ ଗଳ୍ପଗ୍ରନ୍ଥଟି ହେଉଛି ଏକ ପ୍ରେମକଥା ସଂକଳନ। ଏଥିରେ ମୋଟ ୧୨ଟି ଗଳ୍ପ ସ୍ଥାନିତ। ସେଗୁଡ଼ିକ ହେଲା– ରହସ୍ୟମୟୀ, ବର୍ଷାସିକ୍ତ ରାସ୍ତା, ପୁନଶ୍ଚ ରେବତୀ, କିଶୋରୀ ଗଳିରେ ସର୍ଜିକାଲ ଷ୍ଟ୍ରାଇକ୍, ଧୀବରୀର ନୈଶାଭିସାର, ପ୍ରିୟ ପୁରୁଷ, କୀଟ, ଗ୍ରହବିଗ୍ରହ, ଜହ୍ନର ହତ୍ୟା ସମ୍ପର୍କରେ, ଜହ୍ନରାତି: କ୍ରୌଞ୍ଚମିଥୁନ, ପ୍ରତିମାର ଭିତରବାହାର ଓ ଶ୍ୟାମଳୀର ରାତି। ରମେଶଙ୍କ ପ୍ରେମଗଳ୍ପର ବୃତ୍ତ ମଧ୍ୟରେ କେନ୍ଦ୍ରୀୟ ବିନ୍ଦୁ ହୋଇ ବରାବର ରହିଥାଏ ରହସ୍ୟ। ପ୍ରେମ ବୁଝିହୁଏ, ବୁଝାଇ ହୁଏନା। ଏହି ଆଧାରରେ ଗ୍ରନ୍ଥର ୧୨ଟିଯାକ ଗଳ୍ପ ପଢ଼ିଲେ ପାଠକ ପ୍ରେମର ଏକ କୁହୁଡ଼ିଆ ଆବେଗ ମଧ୍ୟରେ ନିଜକୁ ହଜେଇ ବସେ। ପୁସ୍ତକର ଶୀର୍ଷକ ଗଳ୍ପ 'ପ୍ରିୟ ପୁରୁଷ' ଆରମ୍ଭ ହୁଏ ଏହିପରି: "ମୁଁ ସୁଧାର ପ୍ରିୟ ପୁରୁଷ ଥିଲି କି? ଏବେ ବି ମୋର ସନ୍ଦେହ ହେଉଛି।" 'ଜହ୍ନର ହତ୍ୟା ସମ୍ପର୍କରେ' ଶୀର୍ଷକ ଗଳ୍ପର ପ୍ରଥମ କେଇଟି ଧାଡ଼ି ଏହିପରି: "ମୋହିନୀପୁରରେ ମୋର ଜଣେ ଶତ୍ରୁ ଅଛି। କିଏ? ସେ ଗାଁରେ ନିତି ଅସ୍ତ ଯାଉଥିବା ଜହ୍ନ। ସେ ଲୁଟିନିଏ ମୋର ଗୋପନୀୟତା। ଏ ହେତୁ କି ପଦ୍ମା ସହ ମୋ ନିବୁଜ ସମ୍ପର୍କକୁ ଧରାପକେଇଦିଏ ତା'ର କିରଣ। ମନ ଭିତରେ ସେ ଗୋପନୀୟ ଦୁଆର ହିଁ ଜହ୍ନ।" ୧୨ଟି ଯାକ ଗଳ୍ପରେ ରମେଶ ପ୍ରେମାନୁଭବର ଯେଉଁ ଛାୟାଛନ୍ନ ଯାଦୁଘରମାନ ଗଢ଼ିବସନ୍ତି, ସେସବୁ ଖୁବ୍ ଛୋଟଛୋଟ; ଅଥଚ ତା'ର ପ୍ରଭାବ ସହଜରେ ପାଠକର ମନରୁ ଯାଏନାହିଁ। ଗଳ୍ପଗୁଡ଼ିକର ଭାଷା ସରଳ, ଭାବବାହୀ ଓ କାହାଣୀର ଚରିତ୍ରମାନଙ୍କଠୁଁ ଆରମ୍ଭ ହୋଇ ପାଠକର ନିଜସ୍ୱ ଜୀବନଯାଏ ସେ ଭାଷାର ଇଙ୍ଗିତ ଆମୋଦିତ କରେ। ଆଶା, ବହିଟି ପାଠକୀୟ ଆଦୃତି ପାଇବ।

## ବୋଉ

### ଦେବେନ୍ଦ୍ର କର

**ଲଘୁଗଳ୍ପ**

କାଲୁଆ ପବନରେ ଦେହ ହାତ ଥରି ଉଠୁଥାଏ। ଦୀପକ ଫିଟ୍‌ଫାଟ୍ ହୋଇ ବାହାରିପଡ଼ିଲା ଅଫିସ। ଦାଣ୍ଡଘର ଖଟ ଉପରେ ଜାକିଜୁକି ହୋଇ ବସିଥିଲେ ବୋଉ। ଦେହରେ କୋଉ କାଳର ସାତସିଆଁ ଚାଦର ଖଣ୍ଡେ। ବୋଉଙ୍କୁ ଦେଖୁଦେଖୁ ମନଟା ମାଡ଼ିମାଡ଼ି ପଡ଼ିଲା। ଆଗରୁ ଥରେ ଦି'ଥର କହିଛି କମ୍ବଳ ଖଣ୍ଡେ ଆଣି ଦେବ ବୋଲି, ହେଲେ ଏ ନିଅଣ୍ଟିଆ ବଜେଟ ଭିତରେ କିଛି ବି ସମ୍ଭବ ହେଉନି। ଦୀପକ ମନେମନେ ସ୍ଥିର କଲା ଆଜି ଯେମିତି ହେଲେ ବୋଉଙ୍କ ପାଇଁ ଖଣ୍ଡେ କମ୍ବଳ କିଣି ଆଣିବ। ବୋଉଲୋ ତୋ' କଥା ମୋର ମନେଅଛି, ଆଉ ଦିନେ ଦୁଇ ଦିନ ମତେ ସମୟ ଦେ। ବୋଉ କହିଲେ ଆରେ କାହିଁକି ଚିନ୍ତା କରୁଛୁ, ସେସବୁ କିଛି ମୋର ଦରକାର ନାହିଁ। ଆଉ ଦିନ କେଇଟା ପରେ ଶୀତ ଲେଉଟି ଯାଇଥିବ। ନାଇଁ ନାଇଁ ମୁଁ ଆଣିଦେବି ଏତିକି କହି ଦୀପକ ଦାଣ୍ଡ ଆଡ଼କୁ ପାଦ ବଢ଼େଇଲା। ମାସ ଶେଷ ହେବାକୁ ବସିଲାଣି, ଟଙ୍କା ଶହେ ବି ପାଖରେ ନାହିଁ। ଏଣୁତେଣୁ ଭାବିଭାବି ଦୀପକ ଦାଣ୍ଡ ଫାଟକ ଖୋଲିଲା। ଏଇ ସମୟରେ ଧର୍ମପତ୍ନୀ ସୁନେନା ଦାଣ୍ଡରେ ହାଜର। ପୁଅର ଆଉ ମୋର ନୂଆ ସ୍ୱେଟର୍ କିଣାହେବ। ଗଲାବର୍ଷ ଆଣିବା ଆଣିବା କହି ଠକିଦେଲ। ଏବେ କାହାର କ'ଣ କିଣା ହେବ ତୁମ ଦାୟିତ୍ୱ, ସୁନେନା ତାଗିଦା କରିବା ପରି କହିଲେ। ଏ କଥାରେ ଦୀପକ କୌଣସି ପ୍ରତିକ୍ରିୟା ଦେଲାନି। ଚୁପ୍‌ଚାପ୍ ଦାଣ୍ଡ ରାସ୍ତାରେ ପାଦ ବଢ଼େଇଲା।

ଦିନ ବୁଡ଼ି ସଞ୍ଜ ନଇଁଲା। ସେଦିନ ଅଫିସରେ ଟିକେ ଅଧିକ କାମ ପଡ଼ିଗଲା। ଦୀପକ ଟିକେ ଡେରିରେ ଘରେ ପହଞ୍ଚିଲା ପୁଣି ଖାଲି ହାତରେ। ବୋଉଙ୍କୁ ଦେଖାକରିବାକୁ ଆଉ ଗଲା ନାହିଁ। ଖାଇ ପିଇ ରାତିରେ ଶୋଇବାକୁ ଗଲା। ସକାଳୁ ସକାଳୁ ଚାଉଁକିନା ନିଦ ଭାଙ୍ଗିଗଲା। ଦାଣ୍ଡରେ କୋଉଠି କାନ୍ଦବୋବାଳି ପଡ଼ିଥାଏ। ଅଜଣା ଭୟ ଆଶଙ୍କାରେ ଦେହ ହାତ ଥରି ଉଠିଲା। କାହାକୁ କିଛି ନ ପଚାରି ମଶାରିରୁ ବାହାରି ଦୌଡ଼ିଲା ଦାଣ୍ଡକୁ। ତାଙ୍କ ଘରଠାରୁ ଚାରିପାଞ୍ଚ ଘର ଛାଡ଼ି ରହୁଥିବା ମାନସ ବାବୁଙ୍କ ମା' କାଲିରାତିରେ ଚାଲିଗଲେ। ଲୋକେ କୁହାକୁହି ହେଉଥିଲେ ଥଣ୍ଡା ସହି ନ ପାରି ସେ ଚାଲିଗଲେ। ଦୀପକ ମନକୁ ଦୃଢ଼ କରିନେଲା ଆଜି ଯାହା ହେଉ ପଛେ ବୋଉଙ୍କ ପାଇଁ ଖଣ୍ଡେ କମ୍ବଳ କିଣି ଆଣିବି। ସେ ଲାଗି ଧାର କରିବାକୁ ପଡୁନା କାହିଁକି। ସନ୍ଧ୍ୟାରେ ଅଫିସରୁ ବାହାରି ଦୀପକ ପହଞ୍ଚିଲା ଶୀତବସ୍ତ୍ର ମାର୍କେଟରେ। ଭଳିକିଭଳି ନାନା ରକମର ଶୀତବସ୍ତ୍ରର ପସରା ମେଲିଥାଏ। ବାଛି ବାଛିକି ବୋଉଙ୍କ ପାଇଁ ଗୋଟେ କମ୍ବଳ କିଣିଲା।

ବୋଉଙ୍କ ହାତକୁ କମ୍ବଳଟା ବଢ଼େଇ ଦେଇ ଦୀପକ କହିଲା, ବୋଉଲୋ! ନେ ଏଇଟା ତୋ' ପାଇଁ। ଭଲ ହେଇଛି ନା! ବୋଉ କହିଲେ ଆରେ କାହିଁକି ଏତେ ଟଙ୍କା ଏଠି ମାଡ଼ିଦେଲୁ, ତୋ' ପାଖରେ ପଇସା ଥିବ ନ ଥିବ। ମାସ ଶେଷ ହେବାକୁ ବସିଛି। ମୋର ତ ଏଇ ପୁରୁଣା ଚାଦରରେ କାମ ଚଳିଯାଉଥିଲା। ହସହସ ମୁହଁରେ ଦୀପକ ବୋଉଙ୍କ ପାଖରୁ ଲେଉଟି ଆସୁଥିଲା, ଦୁଆରବନ୍ଧରେ ହାଣ୍ଡିପରିକା ମୁହଁ କରି ଛିଡ଼ା ହୋଇଥିଲେ ସୁନେନା। ଏଇ ସମୟରେ ବୋଉ ଡାକ ଦେଲେ ଦୀପୁ, ଦୀପୁ ଶୁଣୁରେ। ସଙ୍ଗେ ସଙ୍ଗେ ବୋଉ ତାଙ୍କ ଟିଣବାକ୍ସରୁ ଦି'ଟା ପାଞ୍ଚଶହ ଟଙ୍କିଆ ନୋଟ୍ କାଢ଼ି ଦୀପକ ହାତକୁ ବଢ଼େଇ ଦେଇ କହିଲେ ନେ ରଖିଥା। ଆରେ ତୋ' ମାମୁ ମତେ ଦେଇଥିଲା। ଫଳ ଆଣିବୁ କହିଥିଲା। ମୋର ତ ସେସବୁରେ ଟିକିଏ ହେଲେ ରୁଚି ନାହିଁ। ମୁଁ ବି କୋଉ ଦିନରୁ ଭାବୁଛି ତତେ ଦେବି ବୋଲି, ତା'ପରେ ପଇସା ପାଖରେ ରହିଲେ କ'ଣ ହେବ ଗୋଟେ କାମରେ ହେଲେ ଲାଗୁ। ସୁନେନା କହୁଥିଲା ତା'ର ଆଉ ପୁଅର ସ୍ୱେଟର୍ ନାହିଁ ବୋଲି। ନେ ରଖିଥା, କେତେବେଳେ ଶୀତବସ୍ତ୍ର ନେଇଆସିବୁ ସେମାନଙ୍କର। ବୋଉଙ୍କ ମୁହଁରୁ ସବୁକଥା ଶୁଣି ଦୀପକ ପୂରାପୂରି ନିରବ ପଡ଼ିଗଲା। ନଜର ଟାଣି ହେଇଗଲା ସୁନେନାଙ୍କ ଆଡ଼କୁ। ମଉଳା ଫୁଲ ପରି ସୁନେନାଙ୍କ ମୁହଁଟା ତଳକୁ ନଇଁ ଆସିଥାଏ।

ମୋ: ୯୯୩୭୯୬୩୯୧୦



ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩/୨୦୨୪ Bhubaneswar, Saturday, August 3/ 2024

# ଅଷ୍ଟ୍ରେଲିଆକୁ ହରାଇଲା ଭାରତ

## ଅଲିମ୍ପିକ୍ସରେ ୫୨ ବର୍ଷରେ ପ୍ରଥମ



ଗୋଲ ଦେବାପରେ ଉଲ୍ଲସିତ ହରମନପ୍ରୀତ ସିଂ (ବାମ)।

ପ୍ୟାରିସ, ୨।୮ (ପି.ଟି.)

ଅଧିନାୟକ ହରମନପ୍ରୀତ୍‌ଙ୍କ ଡବଲ ଗୋଲ ବଳରେ ଭାରତ ପ୍ୟାରିସ ଅଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ପୁରୁଷ ହକି ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୩-୨ ଗୋଲରେ ପରାସ୍ତ କରିଛି। ଟୋକିଓ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ରୌପ୍ୟ ପଦକ ଜିତିଥିଲା। କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଥିବା ଭାରତ ଦୀର୍ଘ ୫୨ ବର୍ଷ ବ୍ୟବଧାନରେ ଅଷ୍ଟ୍ରେଲିଆକୁ ଅଲିମ୍ପିକ୍ସରେ ହରାଇବାରେ ସକ୍ଷମ ହୋଇଛି। ଶେଷଥର ପାଇଁ ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍ସରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ କରିଥିଲା।

ମ୍ୟାଚ୍‌ଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଭିଷେକ (୧୨ଶ ମିନିଟ୍) ଓ ହରମନପ୍ରୀତ୍ (୧୩)ଙ୍କ ଗୋଲ ବଳରେ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ଭାରତ ୨-୦ରେ ଅଗ୍ରଣୀ ନେଇଥିଲା। ଅଭିଷେକ ଫିଲ୍ଡ ଗୋଲ ଦେଇଥିବାବେଳେ ପେନାଲ୍ଟି କର୍ନରରୁ ହରମନପ୍ରୀତ୍ ଫାଇଦା ଉଠାଇଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୨୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆର ଟମ୍ କ୍ରେଗ୍ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିବାରୁ ଭାରତ ୨-୧ରେ ଆଗୁଆ ରହି ପ୍ରଥମାର୍ଦ୍ଧ ଶେଷ କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ହରମନପ୍ରୀତ୍ ଏହାକୁ ଗୋଲରେ ପରିଣତ କରିବାରୁ ଭାରତର ଅଗ୍ରଣୀ ବ୍ୟବଧାନ ପୁଣି ବୃଦ୍ଧି ପାଇଥିଲା। ଶେଷ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ଖେଳ ଶେଷ ହେବାର ୫ ମିନିଟ ପୂର୍ବରୁ ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ବ୍ଲେକ୍ ଗୋଭର୍ସ ଏହାର ସଦୁପଯୋଗ କରି ଗୋଲ ପରିଶୋଧ କରିବାରୁ ଉତ୍କଣ୍ଠା ବଢ଼ିଥିଲା। ମାତ୍ର ଶେଷ ପର୍ଯ୍ୟାୟରେ ଭାରତୀୟ ଖେଳାଳିମାନେ ଦକ୍ଷତାର ସହ ଅଷ୍ଟ୍ରେଲିଆ ଆକ୍ରମଣକୁ ପ୍ରତିହତ କରି ବିଜୟ ସ୍ୱାଦ ପାଇଥିଲେ। ଏହି ବିଜୟ ସହ ଭାରତ ଗ୍ରୁପ୍ 'ବି'ରେ ଏହାର ଲିଗ୍ ପର୍ଯ୍ୟାୟ ଶେଷ କରିଛି। ନ୍ୟୁଜିଲାଣ୍ଡକୁ ୩-୨ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚକୁ ଆର୍ଜେଣ୍ଟିନା ବିପକ୍ଷରେ ଡ୍ର ରଖିଥିଲା। ଆୟର୍ଲାଣ୍ଡ ବିପକ୍ଷରେ ୨-୦ରେ ବିଜୟ ସହ କ୍ୱାର୍ଟର ଫାଇନାଲ ପ୍ରବେଶ ନିଶ୍ଚିତ କରିଥିବାବେଳେ ବେଲଜିୟମ ନିକଟରୁ ୧-୨ ଗୋଲରେ ହାରି ଯାଇଥିଲା। ତେବେ ଅଷ୍ଟ୍ରେଲିଆ ବିପକ୍ଷ ବିଜୟ କ୍ୱାର୍ଟର ଫାଇନାଲ ପୂର୍ବରୁ ଭାରତର ମନୋବଳକୁ ଦୃଢ଼ କରିଛି।

# ଖେଳିଫଙ୍କୁ ନେଇ ବିବାଦ ବଢୁଛି

## ଆଇନଗତ ଚ୍ୟାଲେଞ୍ଜ କରିବ ହଙ୍ଗେରୀ




ଆଞ୍ଜେଲା କାରିନି (ଡାହାଣ)ଙ୍କ ବିପକ୍ଷରେ ବିଜୟୀ ଘୋଷଣା ହେବା ଅବସରରେ ଇମାନେ ଖେଳିଫ୍ (ବାମ)।

ଭିଲେପିଣ୍ଟେ, ୨।୮ (ଏପି)

ବିବାଦରେ ଥିବା ଆଲଜେରିଆ ମହିଳା ବକ୍ସର ଇମାନେ ଖେଳିଫ୍‌ଙ୍କୁ ନେଇ ବିବାଦ ବଢ଼ିବାରେ ଲାଗିଛି। ହଙ୍ଗେରୀର ଆନ୍ନା ଲୁକା ହାମୋରି ପ୍ରତିପକ୍ଷ ଖେଳିଫ୍‌ଙ୍କୁ ଭେଟିବା ପୂର୍ବରୁ ତାଙ୍କ ଦେଶର ବକ୍ସିଂ ମହାସଂଘ ଆଲଜେରିଆନ ବକ୍ସରଙ୍କ ବିରୋଧରେ ଏକ ଚିଠି ମାଧ୍ୟମରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ନିକଟରେ ଆପତ୍ତି ଉଠାଇଛି। ଏପରିକି ଖେଳିଫଙ୍କ ଉପସ୍ଥିତିକୁ ନେଇ ଆଇନଗତ ଚ୍ୟାଲେଞ୍ଜ କରିବା ଲାଗି ଯୋଜନା ଚଳାଇଥିବା ଆସୋସିଏଶନର କାର୍ଯ୍ୟନିର୍ବାହୀ ବୋର୍ଡର ଜଣେ ସଦସ୍ୟ ଲାଜୋସ ବର୍କୋ ପ୍ରକାଶ କରିଛନ୍ତି। ହାମୋରି ହେଉଛନ୍ତି ଅଲିମ୍ପିକ୍ସରେ ହଙ୍ଗେରୀର ପ୍ରଥମ ବକ୍ସର। ୬୬ କିଲୋଗ୍ରାମ ଡିଭିଜନରେ ଅଷ୍ଟ୍ରେଲିଆର ମାରିସା ୱିଲିୟମସନ ପୋହଲମାନଙ୍କୁ ପରାସ୍ତ କରି ସେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ କହିଛନ୍ତି ଫେଲିପଙ୍କୁ ନେଇ ସେ ଭୟଭୀତ ନୁହଁନ୍ତି। ତାଙ୍କୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି।

## ଇଟାଲିଆନ ବକ୍ସର ଆଞ୍ଜେଲା କାରିନିଙ୍କ ସମ୍ପର୍କରେ...

ପ୍ୟାରିସ, ୨।୮ (ଏପି)

ଇଟାଲିଆନ ବକ୍ସର ଆଞ୍ଜେଲା କାରିନି ତାଙ୍କ ସ୍ୱର୍ଗତ ପିତା ତଥା କୋଚ୍‌ଙ୍କ ସମ୍ମାନାର୍ଥେ ପ୍ୟାରିସ ଅଲିମ୍ପିକ୍ସକୁ ଏକ ପଦକ ଜିତିବା ଲକ୍ଷ୍ୟ ନେଇ ଆସିଥିଲେ। ୩ ବର୍ଷ ପୂର୍ବେ ସେ ଟୋକିଓ ଗେମ୍ସରେ ଅଂଶଗ୍ରହଣ କରିବାର କିଛି ସମୟ ପରେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଯାଇଥିଲା। ପ୍ୟାରିସରେ କାରିନିଙ୍କ ପ୍ରଦର୍ଶନ ମାତ୍ର ୪୬ ସେକେଣ୍ଡରେ ଶେଷ ହୋଇଥିଲା। ଗୁରୁବାର ଆଲଜେରୀୟ ପ୍ରତିଦ୍ୱନ୍ଦ୍ୱୀ ଇମାନେ ଖେଳିଫ୍‌ଙ୍କ ବାଉଟ ଅଧାରୁ ସେ ରିଙ୍ଗ ଛାଡ଼ି ପଳାଇଥିଲେ। ଖେଳିଫଙ୍କ ପଞ୍ଚରେ ତାଙ୍କ ନାକରୁ ରକ୍ତ ସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଲିଙ୍ଗଗତ ଯୋଗ୍ୟତା ଟେଷ୍ଟରେ ଖେଳିଫ ବିଫଳ ହୋଇଥିଲେ। ଖେଳିଫଙ୍କ ବିରୋଧରେ କାରିନି କୌଣସି ରାଜନୈତିକ ମନ୍ତବ୍ୟ ଦେଇ ନ ଥିବା କହିଥିଲେ ମଧ୍ୟ ଏହି ବାଉଟ ପରେ ଖେଳିଫ୍‌ଙ୍କ ଷ୍ଟାଟସକୁ ନେଇ ବିତର୍କ ପାଇଁ ପଥ ଉନ୍ମୁକ୍ତ ହୋଇଛି।

### ପରିଚୟ

୨୫ ବର୍ଷୀୟା କାରିନି ୱେଲଟରୱେଟ ଭାବେ ପରିଚିତ ୬୬ କିଲୋଗ୍ରାମ (୧୪୫. ୫ ପାଉଣ୍ଡ) ଶ୍ରେଣୀରେ ଭାଗ ନେଇଥାନ୍ତି। ସେ ୨୦୧୯ରେ ଉଭୟ ବିଶ୍ୱ ଓ ୟୁରୋପିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ସେ ଆହୁରି ମଧ୍ୟ ୟୁରୋପିଆନ ୟୁଥ୍ ଚାମ୍ପିୟନଶିପ୍‌ର ଜଣେ ସ୍ୱର୍ଣ୍ଣ ପଦକ ବିଜେତା। ଟୋକିଓରେ ସେ ତାଙ୍କ ଓପନିଂ ଫାଇଟ୍ ହାରିଯାଇଥିଲେ। କାରିନିଙ୍କ ଡାକନାମ ହେଉଛି 'ଟାଇଗର' ତାଙ୍କ ପିତା ଗ୍ୟୁସେପି ଦେଇଥିଲେ।

### ପୃଷ୍ଠଭୂମି

କାରିନି ହେଉଛନ୍ତି କ୍ଲେ ପିଜନ ଶୁଟିଂରେ ଜଣେ ଇଟାଲିଆନ ଚାମ୍ପିୟନ। ସେ ତାଙ୍କ ଭାଇଙ୍କ ପଦାଙ୍କ ଅନୁକରଣ କରି ଶୁଟିଂ ଛାଡ଼ି ବକ୍ସିଂରେ ଯୋଗଦେଇଥିଲେ। ଭାଇ ଓ ପିତା ତାଙ୍କୁ ବକ୍ସିଂ ଶିଖାଇଥିଲେ। ବକ୍ସିଂରେ ସଫଳତା ପାଇଁ ଶ୍ରେୟ ସେ ଉଭୟଙ୍କୁ ଦେବେ।

### ଖେଳିଫ୍‌ଙ୍କ ବିପକ୍ଷ ବାଉଟରେ କ'ଣ ଘଟିଲା

କାରିନି ଓ ଖେଳିଫ୍‌ଙ୍କ ମଧ୍ୟରେ ବାଉଟ ୪୬ ସେକେଣ୍ଡରେ ଶେଷ ହୋଇଥିଲା। ଉଭୟଙ୍କ ମଧ୍ୟରେ ଅଳ୍ପ କେତେକ ପଞ୍ଚ ବିନିମୟ ପରେ କାରିନି ଆଘାତପ୍ରାପ୍ତ ହୋଇ ଫାଇଟ୍‌ରୁ ଓହରିଯାଇଥିଲେ। ଫଳରେ ରେଫରି ଖେଳିଫ୍‌ଙ୍କୁ ବିଜେତା ଘୋଷଣା କରିଥିଲେ। ପରମ୍ପରା ଅନୁସାରେ ବାଉଟ୍ ପରେ ଉଭୟ ବକ୍ସର ପରସ୍ପର ସହ କରମର୍ଦ୍ଦନ କରିଥାନ୍ତି। କାରିନି କିନ୍ତୁ ତାହା କରି ନ ଥିଲେ, ବରଂ ରିଙ୍ଗ୍‌ରେ ଦୁଇ ଆଣ୍ଠୁ ମଝିରେ ମୁଣ୍ଡ ରଖି ସେ କ୍ରନ୍ଦନ କରିଥିଲେ। ତାଙ୍କର ଏହି କାର୍ଯ୍ୟକୁ ନେଇ ବର୍ତ୍ତମାନ ବାସନ୍ଦ ଥିବା ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ ଦ୍ୱାରା ଲିଙ୍ଗଗତ ଯୋଗ୍ୟତା ପରୀକ୍ଷାରେ ବିଫଳ ହୋଇଥିବା ଖେଳିଫ୍‌ଙ୍କୁ ପ୍ରତିଯୋଗିତାରେ ଭାଗ ନେବା ଲାଗି ଅନୁମତି ଦିଆଯିବା ଉଚିତ ହେବ କି ନା ସେ ନେଇ ପ୍ୟାରିସ ବାହାରେ ଚର୍ଚ୍ଚା ଆରମ୍ଭ ହେବାରେ ଲାଗିଛି। ପ୍ୟାରିସରେ ଶୁକ୍ରବାର ଏହି ପ୍ରସଙ୍ଗକୁ ନେଇ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବାକ୍‌ଙ୍କ ସହ ଆଲୋଚନା କରିଛନ୍ତି। ଆଇଓସି ବାରମ୍ବାର ଖେଳିଫ୍‌ଙ୍କ ଅଂଶଗ୍ରହଣ ସପକ୍ଷରେ ଜବାବ ରଖିଥିଲା। ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ଏହି ବକ୍ସର ଜଣକ ସମସ୍ତ ମାନଦଣ୍ଡ ହାସଲ କରିଥିବା ଆଇଓସି କହିଥିଲା।

## ଲିନ୍ ମଧ୍ୟ ସହଜରେ ଜିତିଲେ

**ଭିଲେପିଣ୍ଟ୍ (ଫ୍ରାନ୍ସ), ୨।୮ (ଏପି):** ଲିଙ୍ଗଗତ ଯୋଗ୍ୟତା ପରୀକ୍ଷଣ ନେଇ ବିବାଦରେ ଥିବା ଆଲଜେରିଆ ମହିଳା ବକ୍ସର ଇମାନେ ଖେଳିଫ୍‌ଙ୍କ ଭଳି ଅନ୍ୟ ଜଣେ ତାଇୱାନର ଲିନ୍ ୟୁ-ତିଙ୍ଗ ମଧ୍ୟ ଶୁକ୍ରବାର ତାଙ୍କ ବାଉଟ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ୫୭ କେଜି ଶ୍ରେଣୀ ଫାଇଟ୍‌ରେ ସେ ଉଜବେକିସ୍ତାନର ସିତୋରା ତୁର୍ଦ୍ଦିବେକୋଭାଙ୍କୁ ୫:୦ରେ ହରାଇ ଦେଇଛନ୍ତି। ଗତବର୍ଷ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବିଏ) ଦ୍ୱାରା ଆୟୋଜିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଲିଙ୍ଗଗତ ଯୋଗ୍ୟତା ପରୀକ୍ଷଣରେ ଉଭୟ ଲିନ୍ ଓ ଖେଳିଫ ବିଫଳ ହୋଇଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ସେମାନଙ୍କ ଉପସ୍ଥିତି ଏକ ବିଭାଜିତ ପ୍ରସଙ୍ଗ ଭାବେ ଉଭା ହୋଇଛି।



ଲିନ୍ ୟୁ-ତିଙ୍ଗ

# ଜାପାନ କରାଟେରେ ଭାରତକୁ ସଫଳତା

ଭୁବନେଶ୍ୱର, ୨।୮
(ତପନ ସ୍ୱାଇଁ)

ଜାପାନର ଟୋଚୋରିଠାରେ ଅନୁଷ୍ଠିତ ଇନୋହୁଆ ଶିଟୋର୍‍ୟୁ କରାଟେ କେଇଶିନ୍-କାଇ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ କରାଟେ ଦଳ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛି। ପ୍ରତିଯୋଗିତାରେ ୧୧ ଦେଶର ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କେରଳର ମହମ୍ମଦ ଫୈଜଲ ୭୫ କେଜିରୁ କମ୍ କୁମିତେ ବର୍ଗରେ ରୌପ୍ୟ ଓ ଓଡ଼ିଶାର ପୃଥ୍ୱୀରାଜ ହରିଚନ୍ଦନ ୭୫ କେଜିରୁ ଉର୍ଦ୍ଧ୍ୱ କୁମିତେରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତା ଅବସରରେ ବିଶ୍ୱର ପ୍ରତିଷ୍ଠିତ କୋଚ୍ ରିକା ଉସାମି ଓ ଆଣ୍ଟୋନିଓ ଡିଆଜଙ୍କ ତତ୍ତ୍ୱାବଧାନରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ସେହିପରି ସୋକେ ମାସାହିରୋ ଓକାମୁରାଙ୍କ ଦ୍ୱାରା ହୋଇଥିବା ଡାନ୍ ପ୍ରମୋଶନ ଟେଷ୍ଟରେ ପୃଥ୍ୱୀରାଜଙ୍କୁ ୪ର୍ଥ ଡାନ୍ ପ୍ରଦାନ କରାଯାଇଥିଲା। ଭାରତର ପ୍ରତିଷ୍ଠିତ ରେଫରି ଏସ.ଏସ. ହରିଚନ୍ଦନଙ୍କୁ ଟୁର୍ନାମେଣ୍ଟ ପରିଚାଳନା ପାଇଁ ନିମନ୍ତ୍ରଣ କରାଯାଇଥିଲା।

# ଭାରତ-ଶ୍ରୀଲଙ୍କା ପ୍ରଥମ ମ୍ୟାଚ ଟାଇ

କଲମ୍ବୋ, ୨।୮

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ ଟାଇରେ ଶେଷ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୮ ଉଇକେଟ ହରାଇ ୨୩୦ ରନ କରିଥିବାବେଳେ ଭାରତ ୪୭.୫ ଓଭରରେ ୨୩୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ କୌଣସି ଦଳ ଅଗ୍ରଣୀ ନେବାରେ ସକ୍ଷମ ହୋଇ ନାହାନ୍ତି।

ଭାରତର ଆରମ୍ଭ ଭଲ ହୋଇଥିଲା। ଅଧିନାୟକ ରୋହିତ ଶର୍ମା ଆକ୍ରମଣାତ୍ମକ ବ୍ୟାଟିଂ କରି ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ଶୁବମନ ଗିଲ୍ ଧିମା ଖେଳିଥିଲେ ହେଁ ଓପନିଂ ଯୋଡ଼ିରେ ଭାରତ ୭୫ ରନ ସଂଗ୍ରହ କରି ବଢ଼ିଆ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। ଗିଲ୍ ୩୫ ବଲ୍‌ରୁ ୧୬ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଟି୨୦ ଷ୍ଟାଇଲରେ ବ୍ୟାଟିଂକରି ୩୩ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ରୋହିତ ୪୭ ବଲ୍‌ରୁ ୭ ଚୌକା ଓ ୩ ଛକା ସହାୟତାରେ ୫୮ ରନକରି ପ୍ୟାଭିଲିୟନ ଫେରିଥିଲେ। ୪ ନମ୍ବରରେ ଆସିଥିବା ୱାଶିଂଟନ ସୁନ୍ଦର ମାତ୍ର ୫ ରନକରି ଆଉଟ ହୋଇଥିଲେ। ବିରାଟ କୋହଲି ଓ ଶ୍ରେୟସ ଆୟର ଭଲ ଆରମ୍ଭ କରିଥିଲେ ହେଁ ବଡ଼ ସ୍କୋର କରିବା ପୂର୍ବରୁ ଆଉଟ ହେବା ଭାରତକୁ ଝଟ୍‌କା ସଦୃଶ ହୋଇଥିଲା। କୋହଲି ୨୪ ଓ ଆୟର ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡିଲ ଅର୍ଡରରେ ଅକ୍ଷର ପଟେଲ ୩୩, ଲୋକେଶ ରାହୁଲ ୩୧ ଓ ଶିବମ୍ ଦୁବେ ୨୬ ରନକରି ଆଉଟ ହୋଇଥିଲେ। ୧୮ ବଲ୍‌ରେ ଭାରତ ବିଜୟ ପାଇଁ ୫ ରନ ଆବଶ୍ୟକ ହେଉଥିଲା। ୪୮ତମ ଓଭର ବୋଲିଂ କରିଥିବା ଚରିଥ ଆସାଲଙ୍କାଙ୍କ ୩ୟ ବଲ୍‌କୁ ଦୁବେ ଚୌକାରେ ପରିଣତ କରିବାରୁ ସ୍କୋର ସମାନ ହୋଇ ଯାଇଥିଲା। ମାତ୍ର ଏହାର ପର ୨ଟି ବଲ୍‌ରେ ଦୁବେ ଓ ଅର୍ଶଦୀପ ସିଂ ଆଉଟ ହେବାରୁ ଭାରତର ବିଜୟ ଆଶା ଧୂଳିସାତ ହୋଇ ଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ ୱାନିନ୍ଦୁ ହସରଙ୍ଗା ଓ ଚରିଥ ଆସାଲଙ୍କା ୩ଟି ଲେଖାଏ, ଦୁନିଥ ୱାଲାଲାଗେ ୨ଟି ଏବଂ ଅସିଥା ଫର୍ନାଣ୍ଡୋ ଓ ଆକିଲା ଦନଞ୍ଜୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ଦଳ ମାତ୍ର ୭ ରନରେ ଅଭିଷେକ ଫର୍ନାଣ୍ଡୋଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ପଥୁମ ନିସଙ୍କା ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ଟପ୍ ଓ ମିଡିଲ ଅର୍ଡରରେ କୁସାଲ ମେଣ୍ଡିସ (୧୪), ସାଦିରା ସମରବିକ୍ରମା (୮), ଅଧିନାୟକ ଚରିଥ ଆସାଲଙ୍କା (୧୪) ଓ ଜନିଥ ଲିୟାଙ୍ଗେ (୨୦) ବିଫଳ ହେବାରୁ ଦଳ ବଡ଼ ସ୍କୋର ଆଶା ମଉଳିଥିଲା। ତେବେ ଲୋୟର ଅର୍ଡରରେ ଦୁନିଥ ୱେଲାଲାଗେଙ୍କ ଅପରାଜିତ ୬୭ ରନଯୋଗୁ ଘରୋଇ ଦଳ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଓପନର ନିସଙ୍କା ୫୬ ରନ ସ୍କୋର କରିଥିଲେ। ଭାରତ ପକ୍ଷରୁ ସମସ୍ତ ବୋଲର ଭଲ ବୋଲିଂ କରିଥିଲେ। ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ ୨ଟି ଲେଖାଏ ଏବଂ ମହମ୍ମଦ ସିରାଜ, ଶିବମ ଦୁବେ, କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଦିନିକିଆ ସିରିଜ

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୩୦/୮ (ଦୁନିଥ ୱେଲାଲାଗେ-୬୭*, ପଥୁମ ନିସଙ୍କା-୫୬, ଅର୍ଶଦୀପ ସିଂ-୨/୪୭, ଅକ୍ଷର ପଟେଲ-୨/୩୩, ମହମ୍ମଦ ସିରାଜ-୧/୩୬, ଶିବମ୍ ଦୁବେ-୧/୧୯, କୁଲଦୀପ ଯାଦବ-୧/୩୩, ୱାଶିଂଟନ ସୁନ୍ଦର-୧/୪୬)। ଭାରତ ୪୭.୫ ଓଭରରେ ୨୩୦/ଅଲ୍‌ଆଉଟ (ରୋହିତ ଶର୍ମା-୫୮, ଅକ୍ଷର ପଟେଲ-୩୩, ଲୋକେଶ ରାହୁଲ-୩୧, ବିରାଟ କୋହଲି-୨୪, ୱାନିନ୍ଦୁ ହସରଙ୍ଗା-୩/୫୮, ଚରିଥ ଆସାଲଙ୍କା-୩/୩୦, ଦୁନିଥ ୱାଲାଲାଗେ-୨/୩୯, ଅସିଥା ଫର୍ନାଣ୍ଡୋ-୧/୩୪, ଆକିଲା ଦନଞ୍ଜୟ-୧/୪୦)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ